

ଅଭିନେତ୍ରୀରୁ ଫିଲ୍ମ ନିର୍ମାତା

▶ପୃଷ୍ଠା ୧୧ ଦେଖନ୍ତୁ...

RNI REGD NO: 42041/83

www.sakalaepaper.com

/sakalanews

/sakalanews

www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-57 ◆THURSDAY ◆21 AUGUST 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୫୭ ◆ଗୁରୁବାର ◆୨୧ ଅଗଷ୍ଟ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦

## ଆଫଗାନିସ୍ତାନରେ ଜଳିଗଲା ବସ୍; ୭୯ ଦଗ୍ଧ


■ କାବୁଲ, ୨୦ା୮ (ଏଜେନ୍ସି): ଆଫଗାନିସ୍ତାନର ପଶ୍ଚିମରେ ଥିବା ହେରାତ ଅଞ୍ଚଳରେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ଅତିକମ୍‌ରେ ୭୯ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି । ଇରାନରୁ ନିର୍ବାସିତ ପ୍ରବାସୀଙ୍କୁ ନେଇ ଆସୁଥିବା ଏହି ବସ କାବୁଲ ଯାଉଥିଲା ବେଳେ ଟ୍ରକ୍ ଓ ମୋଟର ସାଇକଲକୁ ଧକ୍କା ଦେଇଥିଲା । ଏହାପରେ ବସ୍ ଓଲଟି ପଡ଼ିବାରୁ ଏଥିରେ ନିଆଁ ଲାଗିଯାଇଥିଲା । ନିଆଁ ଏତ ଭୟଙ୍କର ଥିଲା ଯେ ଯାତ୍ରୀମାନଙ୍କୁ ଉଦ୍ଧାର କରିବା ସମ୍ଭବ ହୋଇନଥିଲା । ୭୯ ଜଣ ଯାତ୍ରୀଙ୍କ ମଧ୍ୟରେ ୧୭ଜଣ ଛୋଟ ପିଲା ଅଛନ୍ତି । ବସ ଦ୍ରୁତଗତିରେ ଆସୁଥିଲା ଓ ଡ୍ରାଇଭର ବେପରୁଆ ଢ଼ଙ୍ଗରେ ବସ ଚଳାଉଥିବାରୁ ଦୁର୍ଘଟଣା ଘଟିଥିଲା ବୋଲି ସ୍ଥାନୀୟ ଲୋକ ତଥା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି । ଯାଞ୍ଚ ଶେଷ ହେବା ପରେ ସବୁ କିଛି ସ୍ପଷ୍ଟ ହେବ ବୋଲି ସରକାରୀ ମୁଖପାତ୍ର ଅହମ୍ମତୁଲ୍ଲା ମୁତାକି ସାମାଜିକ ଗଣମାଧ୍ୟମରେ ଏକ୍ସରେ ପୋଷ୍ଟ କରି ସୂଚନା ଦେଇଛନ୍ତି ।



ଇରାନ୍ ଏହି ପ୍ରବାସୀମାନଙ୍କୁ ବିଦା କରିବା ପରେ ବସ୍ ସେମାନଙ୍କୁ ଆଫଗାନିସ୍ତାନ ଫେରାଇ ଆଣୁଥିଲା ।

## ଏକତରଫା ପ୍ରେମ: ଶିକ୍ଷୟିତ୍ରୀଙ୍କୁ ଜାଳିଦେଲା ଛାତ୍ର

■ ଭୋପାଳ, ୨୦ା୮ (ଏଜେନ୍ସି): ମଧ୍ୟପ୍ରଦେଶର ନରସିଂହପୁର ଜିଲ୍ଲାର କୋଟୱାଲି ଥାନ ଅଞ୍ଚଳରେ ଚକିତ କଲା ଭଳି ଏକ ଘଟଣା ସାମ୍ନାକୁ ଆସିଛି । ଜଣେ ୧୮ ବର୍ଷୀୟ ଛାତ୍ର ଗତ ସୋମବାର ୨୬ ବର୍ଷୀୟା ଜଣେ ଶିକ୍ଷୟିତ୍ରୀଙ୍କ ଉପରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଛି । ଅଭିଯୁକ୍ତ ହେଉଛି ସୂର୍ଯ୍ୟାଂଶ କୋଚର । ସେ ଏକ୍ସିଲେନ୍ସ ସ୍କୁଲ (ଉତ୍କୃଷ୍ଟ ବିଦ୍ୟାଳୟ)ର ପୂର୍ବତନ ଛାତ୍ର । ନିଆଁରେ ଶିକ୍ଷୟିତ୍ରୀଙ୍କ ଶରୀରର ୨୫ ପ୍ରତିଶତ ଅଂଶ ଜଳିଯାଇଛି । ଦୁଇବର୍ଷ ହେବ ଦୁହେଁ ପରସ୍ପରକୁ ଜାଣିଥିଲେ ବୋଲି ଅଭିଯୁକ୍ତର ପିତା ବିରେନ୍ଦ୍ର କୋଚର କହିଛନ୍ତି । ଅଗଷ୍ଟ ୧୫ରେ ସ୍ୱାଧୀନତା ଦିବସ ଉତ୍ସବ ପାଳନ ବେଳେ ଶିକ୍ଷୟିତ୍ରୀ ଜଣକ ଏକ ସାଢ଼ି ପିନ୍ଧିଥିଲେ । ଏହାଉପରେ ଅଭିଯୁକ୍ତ ଜଣକ ଆପତ୍ତିଜନକ ଟିପ୍ପଣୀ ଦେଇଥିଲା ।



ଏଥିପାଇଁ ଶିକ୍ଷୟିତ୍ରୀ ଥାନାରେ ଅଭିଯୋଗ କରିଥିଲେ । ଏଥିରେ ସୂର୍ଯ୍ୟାଂଶ ରାଗିଯାଇ ଏହି କାଣ୍ଡ ଘଟାଇଛି ବୋଲି କୁହାଯାଉଛି । ଘଟଣା ଦିନ ଅପରାହ୍ଣ ୩.୩୦ରେ ଶିକ୍ଷୟିତ୍ରୀଙ୍କ ଘରକୁ ଯାଇ ଅଭିଯୁକ୍ତ ଏକ ବୋତଲରେ ପେଟ୍ରୋଲ ନେଇ ତାଙ୍କ ଉପରେ ଢାଳି ନିଆଁ ଲଗାଇବା ପରେ ସେଠାରୁ ଫେରାର ହୋଇଯାଇଥିଲା ।

ପୀଡିତାଙ୍କୁ ତୁରନ୍ତ ଜିଲ୍ଲା ହସ୍ପିଟାଲକୁ ନଆଯାଇଥିଲା ଓ ତାଙ୍କର ଚିକିତ୍ସା କରାଯାଇଥିଲା । ଶିକ୍ଷୟିତ୍ରୀଙ୍କ ଅବସ୍ଥା ଗୁରୁତର ଅଛି । କିନ୍ତୁ ତାଙ୍କ ଜୀବନ ପ୍ରତି କୌଣସି ବିପଦ ନାହିଁ ବୋଲି ଡାକ୍ତର କହିଛନ୍ତି । ଶିକ୍ଷୟିତ୍ରୀଙ୍କୁ ଅଭିଯୁକ୍ତ ଛାତ୍ର ଏକତରଫା ପ୍ରେମ କରୁଥିଲା ବୋଲି ଏସ୍‌ଡିପିଓ ମନୋଜ ଗୁପ୍ତା କହିଛନ୍ତି । ଏକାଧିକ ଅଭିଯୋଗ ଆସିବାରୁ ତାକୁ ସ୍କୁଲରୁ ବାହାର କରି ଦିଆଯାଇଥିଲା । ତାକୁ ପୁଲିସ ଗିରଫ କରିଛି ।

### ଜେଲ୍‌ରେ ୩୦ ଦିନ ରହିଲେ ପଦ ହରାଇବେ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ

## ସଂସଦରେ ହଙ୍ଗାମା ବିଲ୍ ଚିରି ଫିଙ୍ଗିଲେ ବିରୋଧୀ

■ ନୂଆଦିଲ୍ଲୀ, ୨୦ା୮ (ଏଜେନ୍ସି): ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ କିମ୍ବା ମନ୍ତ୍ରୀ କୌଣସି ଦୁର୍ନୀତି ବା ଗୁରୁତର ଅପରାଧିକ ମାମଲାରେ ଗିରଫ ହୋଇ ୩୦ ଦିନ ପର୍ଯ୍ୟନ୍ତ ଜେଲରେ ରହିଲେ ସେମାନେ ମନ୍ତ୍ରୀପଦ ହରାଇବେ । ଏଭଳି ବ୍ୟବସ୍ଥା କରିବା ଲାଗି ସମ୍ବିଧାନରେ ସଂଶୋଧନ କରିବାକୁ ଯାଇ ସରକାର ଏକ ବିଲ୍ ଆଜି ଲୋକସଭାରେ ଆଗତ କରିଛନ୍ତି । ଏହାକୁ ନେଇ ଲୋକସଭାରେ ପ୍ରବଳ ହଟ୍ଟଗୋଳ ହୋଇଛି । ଏହାକୁ ଗଣତନ୍ତ୍ରର ହତ୍ୟା ବର୍ଣ୍ଣନା କରି ବିରୋଧୀ ଦଳ ଆଜି ଲୋକସଭାରେ ଜବରଦସ୍ତ ହଙ୍ଗାମା କରିଛନ୍ତି । ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଏହି ବିଲ୍ ଆଗତ କରୁଥିବା ବେଳେ ଏହାର ବିରୋଧ କରି ବିରୋଧୀ ସାଂସଦ ବିଲ୍ ଚିରିବା ସହିତ ଏହାର ଟୁକୁଡ଼ାଗୁଡ଼ିକୁ ଶାହଙ୍କ ଆଡ଼କୁ ଫୋପାଡ଼ିଥିଲେ । ପରିସ୍ଥିତି ଏମିତି ହୋଇଥିଲା ଯେ ଗୃହ ମଧ୍ୟଭାଗରେ ତୃଣମୂଳ କଂଗ୍ରେସ ଓ ବିଜେପି ସାଂସଦ ମୁହାଁମୁହିଁ ହୋଇଥିଲେ । ଟିଏମସି ପକ୍ଷରୁ ଅଭିଯୋଗ କରାଯାଇଛି ଯେ ବିଜେପିର କେତେକ ସାଂସଦ ଏହାର ଦୁଇ ମହିଳା ସାଂସଦଙ୍କୁ ଠେଲାପେଲା କରିଛନ୍ତି । ପ୍ରବଳ ହଟ୍ଟଗୋଳ ଯୋଗୁଁ ବିଲକୁ ଅନୁଧ୍ୟାନ ପାଇଁ ସଂସଦର ଯୁଗ୍ମ କମିଟିକୁ ପଠାଇ ଦିଆଯିବା ସହିତ ଗୃହକୁ ଆସନ୍ତାକାଲି ପର୍ଯ୍ୟନ୍ତ ମୁଲତବୀ କରାଯାଇଛି ।



### ଲୋକସଭାରେ ଟିଏମ୍‌ସି-ବିଜେପି ସାଂସଦ ମୁହାଁମୁହିଁ

ସରକାର ଆଜି ଏଭଳି ବିଲ୍ ଆଗତ କରିବାକୁ ଯାଉଛନ୍ତି ବୋଲି ସୂଚନା ମିଳିବା ପରେ ବିରୋଧୀ ଦଳ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ । ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ବିଲ୍ ଆଗତ କରିବାକୁ ଠିଆ ହେବା ମାତ୍ରେ ହଙ୍ଗାମା ଆରମ୍ଭ ହୋଇଯାଇଥିଲା । ବିରୋଧୀ ଦଳ ଅଭିଯୋଗ କରିଥିଲେ ଯେ ଅଣ-ବିଜେପି ସରକାରର ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀମାନଙ୍କୁ ଟାର୍ଗେଟ କରି ସରକାର ଏଭଳି ବିଲ୍ ଆଗତ କରିଛନ୍ତି । ସରକାର ଚାହିଁଲେ ଯେକୌଣସି ଅଣବିଜେପି ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀଙ୍କୁ ମିଥ୍ୟା କେସରେ ଫସାଇ ଜେଲରେ ପୂରାଇଦେବେ । ୩୦ ଦିନ ଜେଲରେ ରହିବା ପରେ ସେମାନେ ତାଙ୍କୁ ମନ୍ତ୍ରୀ ପଦରୁ ହଟାଇଦେବେ । ଦିଲ୍ଲୀର ତତ୍କାଳୀନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ କେନ୍ଦ୍ର ସରକାର କିପରି ମିଥ୍ୟା ମାମଲାରେ ଫସାଇ ଜେଲରେ ରଖିଥିଲେ, ତାହାର ସେମାନେ ଉଦାହରଣ ଦେଇଥିଲେ । ରାଜନୀତି ଓ ପ୍ରଶାସନରେ ସ୍ୱଚ୍ଛତା ଓ ସଚ୍ଚୋଟତା ଆଣିବା ଲାଗି ଏଭଳି ପଦକ୍ଷେପ ଜରୁରୀ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ଯୁକ୍ତିକୁ ବିରୋଧୀ ସାଂସଦ ପ୍ରତ୍ୟାଖ୍ୟାନ କରିଦେଇଥିଲେ । ସେମାନେ କହିଥିଲେ ଯେ କେବଳ ଅଣବିଜେପି ସରକାରରେ ଅସ୍ଥିରତା ସୃଷ୍ଟି କରିବା ଲାଗି ସରକାର ଏଭଳି ବଡ଼ ଧରଣର ଷଡ଼ଯନ୍ତ୍ର ଚଳାଇଛନ୍ତି । ଏହାକୁ ସମସ୍ତ ଶକ୍ତି ଖଟାଇ ବିରୋଧ କରାଯିବ ବୋଲି ସେମାନେ କହିଥିଲେ । ସମ୍ବିଧାନର ମୌଳିକ ଢାଞ୍ଚା ଓ ଦେଶର ସଂଘୀୟ ▶ପୃଷ୍ଠା-୭

## ସୁସ୍ଥ ହୋଇ ଫେରିଲେ ନବୀନ

### ଫୋନ୍ କରି ସୁସ୍ୱାସ୍ଥ୍ୟ କାମନା ସହ ଦିଲ୍ଲୀ ଡାକିଲେ ମୋଦୀ

■ ଭୁବନେଶ୍ୱର, ୨୦ା୮ (ସମିସ): ଡିହାଇଡ୍ରେସନ ଜନିତ ଅସୁସ୍ଥତା ପାଇଁ ଚିକିତ୍ସାଧୀନ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ସମ୍ପୂର୍ଣ୍ଣ ସୁସ୍ଥ ହୋଇ ନବୀନ ନିବାସ ଫେରିଛନ୍ତି । ଆଜି ସନ୍ଧ୍ୟାରେ ନବୀନ ହସ୍ପିଟାଲ୍‌ରୁ ଡିସ୍‌ଚାର୍ଜ ହେବା ସମୟରେ ହସ୍ପିଟାଲ୍ କର୍ତ୍ତୃପକ୍ଷ ଓ ନର୍ସମାନେ ତାଙ୍କୁ ଫୁଲ ଦେଇ ସୁସ୍ୱାସ୍ଥ୍ୟ କାମନା କରିଥିଲେ । କିଛି ନର୍ସ ନବୀନଙ୍କ ପାଦ ଛୁଇଁ ଆଶୀର୍ବାଦ ମଧ୍ୟ ନେଇଥିଲେ । ଏହି ଅବସରରେ ତାଙ୍କ ଚିକିତ୍ସାରେ ନିୟୋଜିତ ଡାକ୍ତରୀ ଟିମ୍‌କୁ ନବୀନ ଧନ୍ୟବାଦ ଜଣାଇଥିଲେ ।

ଅନ୍ୟପକ୍ଷରେ ନବୀନ ହସ୍ପିଟାଲ୍‌ରେ ଥିବାବେଳେ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଫୋନ୍ ଯୋଗେ ତାଙ୍କ ସହ କଥାହୋଇ ସୁସ୍ୱାସ୍ଥ୍ୟ ଓ ଦୀର୍ଘ ନିରାମୟ ଜୀବନ କାମନା କରିଥିଲେ । ନବୀନଙ୍କ ସହ ପ୍ରଧାନମନ୍ତ୍ରୀ ଦୀର୍ଘ ସମୟ ବାର୍ତ୍ତାଳାପ କରିବା ସହ ତାଙ୍କର ଚିକିତ୍ସା ଓ ସ୍ୱାସ୍ଥ୍ୟ ସମ୍ପର୍କରେ ପଚାରି ବୁଝିଥିଲେ । କିଛିଦିନ ବିଶ୍ରାମ ନେବା ପରେ ଦିଲ୍ଲୀ ଯିବା ନିମନ୍ତେ ପ୍ରଧାନମନ୍ତ୍ରୀ ଏହି ଅବସରରେ ନବୀନଙ୍କୁ ନିମନ୍ତ୍ରଣ କରିଥିଲେ ।



### ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଲେ ଖଡ଼୍‌ଗେ

### ମୋଦୀ, ଖଡ଼୍‌ଗେଙ୍କୁ ନବୀନଙ୍କ ଧନ୍ୟବାଦ

ଏଆଇସିସି ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ ମଧ୍ୟ ନବୀନଙ୍କ ସହ ଫୋନ ଯୋଗେ କଥା ହୋଇ ତାଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିବା ସହ ତାଙ୍କ ଉତ୍ତମ ସ୍ୱାସ୍ଥ୍ୟ ଏବଂ ଦ୍ରୁତ ଆରୋଗ୍ୟ କାମନା କରିଥିଲେ । ▶ପୃଷ୍ଠା-୭

### ମୁଁ ସମ୍ପୂର୍ଣ୍ଣ ସୁସ୍ଥ; ରାଜ୍ୟବାସୀଙ୍କୁ କୃତଜ୍ଞତା

■ ଭୁବନେଶ୍ୱର: ହସ୍ପିଟାଲରୁ ଡିସ୍‌ଚାର୍ଜ ପରେ ରାଜ୍ୟବାସୀଙ୍କୁ ଧନ୍ୟବାଦ ଜଣାଇଛନ୍ତି ନବୀନ ପଟ୍ଟନାୟକ । ସେ କହିଛନ୍ତି, 'ମୋ ଅସୁସ୍ଥତା ସମୟରେ ଓଡ଼ିଶାର ମୋର ପ୍ରିୟ ଭାଇ ଓ ଭଉଣୀମାନେ ପ୍ରାର୍ଥନା କରିଛନ୍ତି ଓ ମୋତେ ଆଶୀର୍ବାଦ ଦେଇଛନ୍ତି । ସେଥିପାଇଁ ସମସ୍ତଙ୍କୁ ଧନ୍ୟବାଦ । ଏହାସହ ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ ମଧ୍ୟ ଉତ୍ତମ ଚିକିତ୍ସା ଓ ତାଙ୍କ ଯତ୍ନ ନେବା ପାଇଁ ଧନ୍ୟବାଦ ଜଣାଇବା ସହ 'ବିଲ୍‌କୁଲ ଭଲ ଅଛି' ବୋଲି ନବୀନ କହିଛନ୍ତି ।

## ୨୪ରେ ଆଉ ଏକ ଲଘୁଚାପ

■ ଭୁବନେଶ୍ୱର, ୨୦ା୮ (ସମିସ): ରାଜ୍ୟର ବିଭିନ୍ନ ସ୍ଥାନରେ ମୌସୁମୀ ଜନିତ ବର୍ଷା ଜାରି ରହିଛି । ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ରାଜ୍ୟରେ ପ୍ରବଳ ବର୍ଷା କରାଇବା ପରେ ଏବେ ଓଡ଼ିଶାଠାରୁ ଦୂରକୁ ଯାଇଛି । ମାତ୍ର ମୌସୁମୀ ସକ୍ରିୟ ଥିବାରୁ ଏହା ପ୍ରଭାବରେ କିଛି କିଛି ସ୍ଥାନରେ ବର୍ଷା ଜାରି ରହିଛି । ଆଗକୁ ଅର୍ଥାତ ୨୪ ବେଳକୁ ଆଉ ଏକ ଲଘୁଚାପ ସମ୍ଭାବନା ଥିଲେ ମଧ୍ୟ ପ୍ରାୟ ସେ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ବର୍ଷା ଲାଗି ରହିବାର ସମ୍ଭାବନା ରହିଛି । ଏହି ସମୟରେ ବିଶେଷ କରି ଉତ୍ତର ଓଡ଼ିଶାରେ ବର୍ଷା ନେଇ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି । କେନ୍ଦ୍ର ପକ୍ଷରୁ କୁହାଯାଇଛି ଯେ ରାଜ୍ୟରେ ମୌସୁମୀ ଜନିତ ବର୍ଷା ଜାରି ରହିଛି । ଆଗାମୀ ୭ ଦିନ ରାଜ୍ୟର ବିଭିନ୍ନ ଜିଲ୍ଲାରେ ହାଲୁକାରୁ ମଧ୍ୟମ ଧରଣ ବର୍ଷା ଜାରି ରହିବ । ଗୁରୁବାର କେନ୍ଦୁଝର, ମୟୂରଭଞ୍ଜ, ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ବାଲେଶ୍ୱର ଓ ବରଗଡ଼ ଜିଲ୍ଲାକୁ ସତର୍କତା ଜାରି ହୋଇଛି ।

## ସିବିଆଇ ଜାଲରେ ଲାଞ୍ଚୁଆ ଅଫିସର

■ ଭୁବନେଶ୍ୱର, ୨୦ା୮ (ସମିସ): ସିବିଆଇ ଜାଲରେ ପଡ଼ିଛନ୍ତି ଲାଞ୍ଚୁଆ ଅଫିସର । ଲାଞ୍ଚ ନେବା ବେଳେ ମାଡ଼ି ବସିଛି ସିବିଆଇ । ଲାଞ୍ଚୁଆ ଅଫିସର ହେଉଛନ୍ତି ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ସ୍ଥିତ ଏମସିଏଲ୍ କୋଇଲା ଖଣିର ରାମପୁର ସବ୍-ଏରିଆ ମ୍ୟାନେଜର ଅସିତ୍ କୁମାର । ଆଜି ସନ୍ଧ୍ୟାରେ ୨୦ ହଜାର ଟଙ୍କା ଲାଞ୍ଚ ନେବା ବେଳେ ସିବିଆଇ ହାବୁଡ଼ରେ ପଡ଼ିଛନ୍ତି । ମିଳିଥିବା ସୂଚନା ଅନୁସାରେ, ବ୍ରଜରାଜନଗର କୋଇଲା ଖଣିର ରାମପୁର ଅଞ୍ଚଳର ଜଣେ ବିସ୍ଥାପିତ ବକେୟା ଟଙ୍କା ପାଇଁ ବାରମ୍ବାର ଦୌଡ଼ି ନିରାଶ ହୋଇଥିଲେ । ବକେୟା ଟଙ୍କା ପାଇବା ଲାଗି ଅସିତ୍ ତାଙ୍କୁ ଲାଞ୍ଚ ମାଗିଥିଲେ । ଶେଷରେ ୨୦ ହଜାର ଟଙ୍କାରେ କଥା ଛିଡ଼ି ଥିଲା । ଆଜି ସନ୍ଧ୍ୟାରେ ବିସ୍ଥାପିତଙ୍କ ଠାରୁ ଲାଞ୍ଚ ନେଉଥିବା ସମୟରେ ଭୁବନେଶ୍ୱର ସିବିଆଇର ଏକ ଟିମ୍ ତାଙ୍କୁ କାବୁ କରିଥିଲା । ସିବିଆଇ ତାଙ୍କୁ ଅଟକ ରଖି ପଚରାଉଚୁରା ଚଳାଇଛି ।

## କୋଦଳା ଜେଲ୍‌ରେ କଏଦୀଙ୍କ ମୃତ୍ୟୁ

■ ଖଲ୍ଲିକୋଟ/କୋଦଳା, ୨୦ା୮ (ସମିସ): ଖଲ୍ଲିକୋଟ ଅବକାରୀ ବିଭାଗ ଦ୍ୱାରା ଗିରଫ ହୋଇ ଜେଲ୍ ଯାଇଥିବା ଜଣେ ବିଚାରାଧୀନ କଏଦୀଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ବେଗୁନିଆପଡ଼ା ସାନସାହିର ବି.ଲିଙ୍ଗରାଜ ପାତ୍ର (୬୦) । ଅଫିମ ଚାଲାଣ ମାମଲାରେ ଅବକାରୀ ବିଭାଗ ମଙ୍ଗଳବାର ତାଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା । ବୁଧବାର ପୂର୍ବାହ୍ନ ସାଢେ ଗୋଟାଏ ବେଳେ ଜେଲ୍ ଭିତରେ ହଠାତ୍ ଲିଙ୍ଗରାଜଙ୍କ ଛାତିରେ ଯନ୍ତ୍ରଣା ହୋଇଥିଲା । ତାଙ୍କୁ ତୁରନ୍ତ କୋଦଳା ମେଡିକାଲରେ ଭର୍ତ୍ତି କରାଯାଇଥିବାବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ମଙ୍ଗଳବାର ଖଲ୍ଲିକୋଟ ଅବକାରୀ ଆଦର୍ଶ ଥାନା ଅଧିକାରୀ ତେଜସ୍ୱୀନି ପ୍ରଧାନଙ୍କ ନେତୃତ୍ୱରେ ଥାନା ▶ପୃଷ୍ଠା-୭

## 'ଅଗ୍ନି-୫'ର ସଫଳ ପରୀକ୍ଷଣ




■ ବାଲେଶ୍ୱର, ୨୦ା୮ (ସମିସ): ପ୍ରତିରକ୍ଷା ଗବେଷଣା ଉନ୍ନୟନ ସଂସ୍ଥାନ (ଡିଆରଡିଓ) ସହଯୋଗରେ ଭାରତୀୟ ସେନା ବାହିନୀର ଷ୍ଟ୍ରାଟେଜିକ ଫୋର୍ସ କମାଣ୍ଡ ପକ୍ଷରୁ ମଧ୍ୟମ ଦୂରଗାମୀ ବାଲିଷ୍ଟିକ ମିସାଇଲ ଅଗ୍ନି-୫ ସଫଳ ପରୀକ୍ଷଣ ହୋଇଯାଇଛି । ଧାମରାସ୍ଥିତ ଅବଦୁଲ କାଲାମ ଦୀପର ଏକୀକୃତ ପରୀକ୍ଷଣ କେନ୍ଦ୍ର ଲଞ୍ଚ କମ୍ପ୍ଲେକ୍ସରୁ ଏହି ପରୀକ୍ଷଣ ହୋଇଥିଲା । ତେବେ ଅଗ୍ନି-୫ ବାଲାଷ୍ଟିକ ମିସାଇଲର ଏହା ଥିଲା ୨୬ତମ ପରୀକ୍ଷଣ । ଅଗ୍ନୀ-୫ରେ ୧୫୦୦ କିଲୋଗ୍ରାମ ପର୍ଯ୍ୟନ୍ତ ଉଭୟ ପାରମ୍ପରିକ ଓ ଆଣବିକ ଯୁଦ୍ଧାସ୍ତ୍ର ବ୍ୟବହାର କରାଯାଇ ପାରିବ । ଉତ୍‌କ୍ଷେପଣ ସ୍ଥାନ ଠାରୁ ଏହା ୫ ହଜାର କିଲୋମିଟର ପର୍ଯ୍ୟନ୍ତ ଟାର୍ଗେଟ୍‌କୁ ହିଟ୍ କରିପାରିବ । ଏହାର ଓଜନ ୫୬୦୦ କିଲୋଗ୍ରାମ ଥିବାବେଳେ ଲମ୍ବ ୧୭.୫ ମିଟର, ମୋଟେଇ ୨ ମିଟର ରହିଛି । ଅଗ୍ନୀ-୫ କ୍ଷେପଣାସ୍ତ୍ର ଘଂଟା ପ୍ରତି ୩୦,୬୦୦ କିଲୋମିଟର ବେଗରେ ଗତି କରି ଶତ୍ରୁପକ୍ଷର ଟାର୍ଗେଟ୍‌କୁ ଧ୍ୱଂସ କରିପାରିବାର ଦକ୍ଷତା ରହିଛି । ଅଗ୍ନୀ-୫ କ୍ଷେପଣାସ୍ତ୍ର ଉତ୍‌କ୍ଷେପଣ ପରେ ବାୟୁ ମଣ୍ଡଳର ଉପରକୁ ଯାଇ ▶ପୃଷ୍ଠା-୭

## ନିଷିଦ୍ଧ ହେବ ଅନ୍‌ଲାଇନ୍ ଗେମ୍

### କଟକଣା ଲଂଘିଲେ ୩ ବର୍ଷ ଜେଲ, ୧ କୋଟି ଟଙ୍କା ଜରିମାନା

■ ନୂଆଦିଲ୍ଲୀ, ୨୦ା୮ (ଏଜେନ୍ସି): ଦେଶରେ ଆର୍ଥିକ ଓ ମାନସିକ ଅସ୍ଥିରତା ସୃଷ୍ଟି କରୁଥିବା ଅନଲାଇନ୍ ମନି ଗେମ୍‌କୁ ନିଷିଦ୍ଧ କରାଯିବ । ଆଜି ଲୋକସଭାରେ ଏସଂକ୍ରାନ୍ତ ବିଲ୍ ଗୃହୀତ ହୋଇଛି । ଏଭଳି ଅନଲାଇନ ଗେମ୍ ଯୋଗୁଁ ପ୍ରତିବର୍ଷ ୪୫ କୋଟି ଲୋକ ଠକାମିର ଶିକାର ହେବା ସହିତ ୨୦ ହଜାର କୋଟି ଟଙ୍କା ହରାଉଛନ୍ତି । ଅନଲାଇନ ଗେମ୍ ଯୋଗୁଁ ଟଙ୍କା ହେରଫେର ସହିତ ଆର୍ଥିକ ଜାଲିଆତି ବି ହେଉଛି ଏବଂ ଲୋକ ଏତେ ନିଶାସକ୍ତ ହୋଇଯାଉଛନ୍ତି ଯେ ସେମାନେ ମାନସିକ ସନ୍ତୁଳନ ହରାଇ ଆତ୍ମହତ୍ୟା କରିବାକୁ ପଛାଉ ନାହାନ୍ତି । ଏହି ଗେମରୁ ସରକାରଙ୍କୁ ବିପୁଳ ପରିମାଣର ରାଜସ୍ୱ ମିଳୁଥିଲେ ମଧ୍ୟ ଲୋକମାନଙ୍କ କଲ୍ୟାଣ ଦୃଷ୍ଟିରୁ ଏଭଳି କଟକଣା ଜରୁରି ବୋଲି ସରକାର କହିଛନ୍ତି ।



### ପ୍ରତିବର୍ଷ ୪୫ କୋଟି ଲୋକ ହରାଉଛନ୍ତି ୨୦ ହଜାର କୋଟି

ଅନ୍‌ଲାଇନ୍ ମନି ଗେମ୍ ହେଉଛି ଏପରି ଖେଳ ଯେଉଁଥିରେ କି ଲୋକମାନେ ବିପୁଳ ଅର୍ଥ ଓ ଅନ୍ୟ ସବୁିଧା ପାଇବା ଆଶାରେ ବିପୁଳ ଅର୍ଥ ଖଟାଉଛନ୍ତି । ଅନେକ ସଂସ୍ଥା ଏଭଳି ଏକାଧିକ ଗେମ୍ ବାହାର କରିଛନ୍ତି ଏବଂ ଏହାକୁ ଖେଳିବା ଲାଗି ଲୋକମାନଙ୍କୁ ଉତ୍ସାହିତ କରୁଛନ୍ତି । ସେମାନେ ଏଭଳି ବିଜ୍ଞାପନ ଦେଉଛନ୍ତି, ଯେଉଁଥିରେ କି ଫିଲ୍ମ ତାରକା ଓ କ୍ରୀଡ଼ାବିତମାନେ ଲୋକମାନଙ୍କୁ ପ୍ରୋତ୍ସାହିତ କରୁଛନ୍ତି । ଏଥିରେ ପ୍ରଭାବିତ ହୋଇ ଲୋକେ କୋଟି କୋଟି ଟଙ୍କା ଖଟାଉଛନ୍ତି । ତେବେ ଏହା ଏବେ ବିପଜ୍ଜନକ ସ୍ଥିତି ସୃଷ୍ଟି କରୁଥିବାରୁ ଏହାକୁ ନିଷିଦ୍ଧ କରିବା ଲାଗି ସରକାର ଆଇନ ପ୍ରଣୟନ କରିବାକୁ ବାଧ୍ୟ ହୋଇଛନ୍ତି ।

ଲୋକସଭାରେ ଗୃହୀତ ବିଲ୍ ରାଜ୍ୟସଭାରେ ପାସ୍ ହୋଇଗଲେ ଏହା ଆଇନରେ ପରିଣତ ହୋଇଯିବ । ଏହାସହିତ ସବୁ ପ୍ରକାର ସଟ୍ଟା ଓ ଜୁଆ କାର୍ଯ୍ୟକଳାପ ନିଷିଦ୍ଧ ହୋଇଯିବ । ଫାନଟାସି ସ୍ପୋର୍ଟ୍ସ ▶ପୃଷ୍ଠା-୭

## ବିପର୍ଯ୍ୟୟ ମୁକାବିଲା ନବୀନଙ୍କ ଦାବି ଦୋହରାଇଲେ ସୁରେଶ

### ୧୦୫୦୦ କୋଟିର ଆର୍ଥିକ ସହାୟତା ଦାବିକଲା ଓଡ଼ିଶା

### ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ, ବିପର୍ଯ୍ୟୟ ପ୍ରତିରୋଧୀ ବିଦ୍ୟୁତ୍ ଭିତ୍ତିଭୂମି ପାଇଁ ମିଳୁ ସହାୟତା



■ ଭୁବନେଶ୍ୱର, ୨୦ା୮ (ସମିସ): ବିପର୍ଯ୍ୟୟ ମୁକାବିଲା ଓ ରାଜ୍ୟବାସୀଙ୍କ ଧନଜୀବନ ସୁରକ୍ଷା ପାଇଁ କେନ୍ଦ୍ର ସରକାରଙ୍କୁ ୧୦ ହଜାର ୫୦୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ସହାୟତା ମାଗିଛନ୍ତି ରାଜ୍ୟ ସରକାର । ପ୍ରାକୃତିକ ବିପର୍ଯ୍ୟୟପ୍ରବଣ ଓଡ଼ିଶାର ଉପକୂଳର ସୁରକ୍ଷା, ବିପର୍ଯ୍ୟୟ ପ୍ରତିରୋଧୀ ବିଦ୍ୟୁତ୍ ଭିତ୍ତିଭୂମିର ବିକାଶ ଓ ବାତ୍ୟା ଆଶ୍ରୟସ୍ଥଳ ନିର୍ମାଣ ନିମନ୍ତେ ସହାୟତା ଦେବାକୁ ରାଜ୍ୟ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କେନ୍ଦ୍ର ଗୃହମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି ।

ରାଜସ୍ୱ ମନ୍ତ୍ରୀ ନିଜ ଚିଠିରେ ପ୍ରମୁଖ ୫ ଟି ଦିଗ ଉପରେ ଗୁରୁତ୍ୱାରୋପ କରିଛନ୍ତି । ସେ କହିଛନ୍ତି ଯେ ରାଜ୍ୟର ସମ୍ବେଦନଶୀଳ ଅଞ୍ଚଳଗୁଡ଼ିକରେ ଲୋକଙ୍କ ସୁରକ୍ଷା ପାଇଁ ୨ ବର୍ଷ ମଧ୍ୟରେ ୫୦୦ ଟି ବହୁମୁଖୀ ବାତ୍ୟା/ବନ୍ୟା ଆଶ୍ରୟସ୍ଥଳୀ ନିର୍ମାଣର ଆବଶ୍ୟକତା ରହିଛି । ଏଥିପାଇଁ ସେ ୨୦୦୦ କୋଟି ଟଙ୍କା ଆବଶ୍ୟକ । ସେହିପରି ବର୍ତ୍ତମାନ ରହିଥିବା ପୂର୍ବ ସତର୍କ ସୂଚନା ଜାରି ବ୍ୟବସ୍ଥାର ଉନ୍ନତିକରଣ କରି ସାରା ରାଜ୍ୟରେ ଏହାର ବିସ୍ତାର ପାଇଁ ୨୦୦ କୋଟି ଟଙ୍କା ଦାବି କରିଛନ୍ତି । ସେହିପରି ଦୀର୍ଘଦିନ ହେଲା ରାଜ୍ୟ ଦାବି କରିଆସୁଥିବା ବିପର୍ଯ୍ୟୟ ପ୍ରତିରୋଧୀ ବିଦ୍ୟୁତ୍ ବ୍ୟବସ୍ଥା ନିମନ୍ତେ ରାଜ୍ୟର ଆବଶ୍ୟକତାକୁ ରାଜସ୍ୱମନ୍ତ୍ରୀ ପୁନର୍ବାର ଦୋହରାଇଛନ୍ତି । ସେ କହିଛନ୍ତି ଯେ ରାଜ୍ୟରେ ବିପର୍ଯ୍ୟୟ ପ୍ରତିରୋଧୀ ଶକ୍ତି ପରିବହନ ଏବଂ ବଣ୍ଟନ ଭିତ୍ତିଭୂମି ବିକଶିତ କରିବାର ଆବଶ୍ୟକତା ରହିଛି । ଏଥିପାଇଁ ୮୩୬୩ କୋଟି ଟଙ୍କା ଆବଶ୍ୟକ । ସେହିପରି ରାଜ୍ୟର ଉପକୂଳବର୍ତ୍ତୀ ଅଞ୍ଚଳରେ ଉପକୂଳ କ୍ଷୟ ଘଟୁଥିବାରୁ ଏହାର ନିରାକରଣ ପାଇଁ ଉପକୂଳ ଜୀବିକା, ଇକୋସିଷ୍ଟମର ସୁରକ୍ଷା ଏବଂ ସମୁଦ୍ର କୂଳ ଖାଉଥିବା ଅଞ୍ଚଳର ସୁରକ୍ଷା ପାଇଁ କେନ୍ଦ୍ରୀୟ ଯୋଜନାରେ ଅନୁଦାନ ପ୍ରଦାନ ସହ ଏହାର ବୈଜ୍ଞାନିକ ସର୍ଭେ ପାଇଁ କେନ୍ଦ୍ରୀୟ ସଂସ୍ଥାକୁ ଦାୟିତ୍ୱ ଦେଇ ସମ୍ବେଦନଶୀଳ ଅଞ୍ଚଳ ଚିହ୍ନଟ କରିବାକୁ ଅନୁରୋଧ କରିଛନ୍ତି । ଏହାବ୍ୟତୀତ ବିପର୍ଯ୍ୟୟ ପରିଚାଳନା ପାଇଁ ଉତ୍ତମ ସମନ୍ୱୟ ସହ ଜାତୀୟ, ଆନ୍ତର୍ଜାତୀୟ ସଂସ୍ଥାର ସେ ସହଯୋଗ ଲୋଡ଼ିଛନ୍ତି ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ବହୁ ପୂର୍ବରୁ ତତ୍କାଳୀନ ବିଜେଡି ସରକାର ମଧ୍ୟ ଅନୁରୂପ ଦାବି କେନ୍ଦ୍ର ▶ପୃଷ୍ଠା-୭

## ଦୁଇ ବାଇକ୍ ମୁହାଁମୁହିଁ; ୨ ମୃତ

■ କୋଟଗଡ଼/ବାଲିଗୁଡା, ୨୦ା୮ (ସମିସ): କନ୍ଧମାଳ ଜିଲ୍ଲା କୋଟଗଡ଼ ଥାନା ଲାସେରି ଗାଁ ନିକଟରେ ବୁଧବାର ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ଘଟଣା ସ୍ଥଳରେ ୨ ଜଣଙ୍କର ମୃତ୍ୟୁ ଘଟିଛି । ମୃତକ ହେଲେ ବ୍ୟବସାୟୀ ସନ୍ତୋଷ ସାହୁ ଓ ବାଇକ ଚଳାଉଥିବା କଲେଜ ଛାତ୍ର ଅନନ୍ଦ ପ୍ରଧାନୀ । ଅନ୍ୟଜଣେ ଗୁରୁତର ଆହତ ହୋଇଛନ୍ତି ।

ସୂଚନା ଅନୁଯାୟୀ ତୁମୁଡିବନ୍ଧ ସ୍ଥିତ ନେତାଜୀ ସୁଭାଷ ବୋଷ ଡିଗ୍ରୀ କଲେଜରେ ପଢୁଥିବା କୋଟଗଡ଼ ଥାନା ଅନ୍ତର୍ଗତ ଗେଟାବାଲି ଗ୍ରାମର ୨ ଜଣ ଛାତ୍ର ଓ ସନ୍ଥ ଶ୍ରୀ ଆଶାରାମ ବାପୁ କଲେଜର ଜଣେ ଛାତ୍ର ଗୋଟିଏ ବାଇକ୍‌ରେ କଲେଜ ସାରି ଘରକୁ ଫେରୁଥିଲେ । ବିପରୀତ ଦିଗରୁ ବଣ୍ଡାପିପିଲି ଗ୍ରାମର ବ୍ୟବସାୟୀ ସନ୍ତୋଷ ସାହୁ ପ୍ରତିଦିନ ଭଳି କୋଟଗଡ଼ ବଜାର ଅଭିମୁଖେ ଆସୁଥିଲେ । ଏହି ▶ପୃଷ୍ଠା-୭

ସମ୍ପୂର୍ଣ୍ଣା

ସକାଳ THE SAKALA
www.sakalaepaper.com

## ଆଜି ବାହୁଡ଼ିଥିଲେ

# ଜନତାର କବି ସଚ୍ଚିଦାନନ୍ଦ ରାଉତରାୟ




ଗାଁମାଟିକୁ ପ୍ରାଣଭରି ଭଲ ପାଉଥିବା ମଣିଷଟିଏ ଥିଲେ ସଚ୍ଚି ରାଉତରାୟ। ଆଧୁନିକ ଓଡ଼ିଆ ସାହିତ୍ୟରେ ନବଦିଗନ୍ତର ବରେଣ୍ୟ କବି ଭାବେ ସେ ଥିଲେ ପରିଚିତ। ଅଳଙ୍କାର, ଶ୍ଳେଷ, ଛନ୍ଦ ପ୍ରଭୃତିରେ କାବ୍ୟକୁ ସଜ୍ଜିତ ନ କରି ସେ ଚିତ୍ରକଳ୍ପ, ମିଥ୍ ଓ ପ୍ରତୀକର ବ୍ୟବହାର କରି ରଚିଥିଲେ ଅସୁମାରି କାବ୍ୟ କବିତା। ସେ ସାହିତ୍ୟର ବିଭିନ୍ନ ଦିଗକୁ ପରୀକ୍ଷା ନିରୀକ୍ଷା କରି ଏଥିରେ ସଫଳ ହୋଇଥିଲେ। ତାଙ୍କ କବିତାରେ ବିପ୍ଳବାତ୍ମକ ପ୍ରଗତିବାଦୀ ଚିନ୍ତାଧାରା ସ୍ପଷ୍ଟ ପ୍ରତିଫଳିତ ହୋଇଥାଏ। କବିତାର ବିଷୟବସ୍ତୁ ଓ ଆଙ୍ଗିକ ସ୍ୱରଦୃଷ୍ଟିରୁ ମଧ୍ୟ ସମାଜ ସଚେତନତା, ମାନବବାଦ, ବୈପ୍ଳବିକ ଚେତନା ଓ ବାମପନ୍ଥୀ ସାମ୍ୟବାଦର ପ୍ରାଚୁର୍ଯ୍ୟରେ ଓଡ଼ିଆ କବିତାକୁ ସେ ଦେଇଥିଲେ ଏକ ନୂତନ ଉତ୍ତାପ। ସ୍ୱାଧୀନତା ପରବର୍ତ୍ତୀ ବହୁ ଓଡ଼ିଆ କବିଙ୍କ ଲାଗି ସେ ଥିଲେ କାବ୍ୟ-ଗୁରୁ, ମାଟିର ଦ୍ରୋଣ। ଛୋଟ ମୋର ଗାଁ'ଟି ଗୀତଟି ପ୍ରଖ୍ୟାତ କବି ସଚ୍ଚି ରାଉତରାୟଙ୍କର ଏକ ଅନବଦ୍ୟ ଏବଂ ଅଭୁଲା ସୃଷ୍ଟି। ଦେଶବିଦେଶରେ ଥିବା ଓଡ଼ିଆଙ୍କ ପ୍ରାଣରେ ଆଜିବି ଏହା ବେଶ୍ ଆବେଗ ଆଣିଦିଏ। ସେହିଭଳି ପରାଧୀନ ଭାରତବର୍ଷରେ ଗରିବଙ୍କ ଦୁଃଖ ଦର୍ଶାଇଥିଲା ତାଙ୍କର ଚିର ସ୍ମରଣୀୟ କବିତା 'ରେଙ୍ଗୁନ ଯାତ୍ରୀ'। ଦୀର୍ଘ ସାତ ଦଶନ୍ଧି ଧରି ତାଙ୍କ କଲମ ନିରବଚ୍ଛିନ୍ନ ଭାବେ ସକ୍ରିୟ ଥିଲା। ଓଡ଼ିଆ ସାହିତ୍ୟରେ ଅତ୍ୟାଧୁନିକତା ପ୍ରବର୍ତ୍ତନର ଶ୍ରେୟ ସଚ୍ଚି ରାଉତରାୟଙ୍କୁ ଯାଇଥାଏ। ଓଡ଼ିଆ ସାହିତ୍ୟର ଏହି ପ୍ରବାଦ ପୁରୁଷ ୧୯୧୬ ମସିହା ମେ ୧୩ ତାରିଖରେ ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ଗୁରୁଜଙ୍ଗରେ ଜନ୍ମଗ୍ରହଣ କରିଥିଲେ। ଚାଟଶାଳୀରେ ପଢ଼ିବା ଦିନଠାରୁ ସେ ସ୍ୱାଧୀନତା ଆନ୍ଦୋଳନରେ ଝାସ ଦେଇଥିଲେ। ସେ ଇଂରେଜ ସରକାରଙ୍କ ବିରୋଧରେ ଲଢ଼ି ଖୋର୍ଦ୍ଧା ଉଚ୍ଚ ବିଦ୍ୟାଳୟରୁ ବିତାଡ଼ିତ ହୋଇଥିଲେ। ସଚ୍ଚିଦାନନ୍ଦଙ୍କ କବି ଜୀବନ ୧୫ ବର୍ଷ ବୟସରୁ ଆରମ୍ଭ ହୋଇଥିଲା। ୧୯୨୮ ରେ 'ପଞ୍ଚାମୃତ' ପତ୍ରିକାରେ ପ୍ରକାଶିତ ହୋଇଥିଲା, ତାଙ୍କର ପ୍ରଥମ କବିତା। ସେ ଓଡ଼ିଆ ଓ ଇଂରାଜୀ ଭାଷାରେ ଶତାଧିକ କବିତା, କ୍ଷୁଦ୍ର ଗଳ୍ପ ଓ ଉପନ୍ୟାସ ଆଦି ଲେଖିଯାଇଛନ୍ତି। 'କବିତା-୧୯୬୨' ଶୀର୍ଷକ କବିତା ସଂକଳନ ପାଇଁ ସେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିଲେ। ୧୯୬୨ରେ ତାଙ୍କୁ 'ପଦ୍ମଶ୍ରୀ' ଉପାଧିରେ ସମ୍ମାନିତ କରାଯାଇଥିଲା। ୧୯୮୬ରେ ତାଙ୍କୁ ଜ୍ଞାନପୀଠ ପୁରସ୍କାର ମିଳିଥିଲା। 'ପଲ୍ଲିଶ୍ରୀ' ଓ 'ବାଜିରାଉତ' କବିଙ୍କର ସ୍ମରଣୀୟ କୃତି। କବିଙ୍କର କ୍ଷୁଦ୍ରଗଳ୍ପ ମଧ୍ୟରେ 'ମଶାଣିର ଫୁଲ', 'ମାଟିର ତେଜ' 'ଛାଇ' ଆଦି ପ୍ରସିଦ୍ଧ। ତାଙ୍କର ଏକମାତ୍ର ଉପନ୍ୟାସ 'ଚିତ୍ରଗ୍ରୀବ'। ସଚ୍ଚି ରାଉତରାୟଙ୍କୁ 'ଜନତାର କବି' ମଧ୍ୟ କୁହାଯାଏ। ସେ ତାଙ୍କ କବିତାଗୁଡ଼ିକରେ ମାନବିକତାବୋଧକୁ ଗୁରୁତ୍ୱ ଦେଉଥିଲେ। ସ୍ୱାଧୀନତା ଆନ୍ଦୋଳନ ସମେତ ଗଡ଼ଜାତ ଆନ୍ଦୋଳନ, ଛାତ୍ର ଓ କୃଷକ ଆନ୍ଦୋଳନରେ ଭାଗ ନେଇ ସେ ଅନେକବାର ଜେଲ୍ ଯାଇଥିଲେ। ବ୍ରିଟିଶ୍ ଶାସନ ସମୟରେ ତାଙ୍କର ଅନେକ କବିତାକୁ ନିଷିଦ୍ଧ କରାଯାଇଥିଲା। ଏହି ଯୋଗଜନ୍ମା କାବ୍ୟପୁରୁଷଙ୍କର ୨୦୦୪ ମସିହାରେ ଆଜିର ଦିନରେ ଦେହାବସାନ ହୋଇଥିଲା।

## ଆଜିର ଇତିହାସ

- ୧୯୧୫-ପ୍ରଥମ ବିଶ୍ୱଯୁଦ୍ଧରେ ଇଟାଲୀ ତୁର୍କୀ ବିରୋଧରେ ଯୁଦ୍ଧ ଘୋଷଣା କଲା।
- ୧୯୭୨- ବନ୍ୟ ଜୀବ ସଂରକ୍ଷଣ ଆଇନ ସଂସଦରେ ପାରିତ ହେଲା।
- ୧୯୮୮ - ଭାରତ-ନେପାଳ ସୀମାରେ ଆସିଥିବା ଭୂମିକମ୍ପରେ ପାଖାପାଖି ହଜାରେ ଲୋକଙ୍କ ପ୍ରାଣହାନି।
- ୧୯୯୧- ଲାଟଭିଆ ସୋଭିଏତ୍ ସଂଘରୁ ଅଲଗା ହେବାକୁ ଘୋଷଣା କଲା।
- ୧୯୯୭- ପୂର୍ବ ଚୀନ୍‌ରେ ଆସିଥିବା ଝଡ଼ବାତ୍ୟାରେ ୧୪୦ ଜଣଙ୍କ ମୃତ୍ୟୁ ଓ ୩ ହଜାର ଲୋକ ଆହତ।
- ୨୦୦୬- ପ୍ରଖ୍ୟାତ ସେହନାଇ ବାଦକ ଉସ୍ତାଦ ବିସ୍‌ମିଲ୍ଲା ଖାନ୍‌ଙ୍କ ପରଲୋକ।
- ୨୦୦୮ - 'ମୁନ୍ ମିଶନ୍'ରେ ଭାରତ 'ନାସା' ସହିତ ହାତ ମିଳାଇଲା।

# ୩୦ ବର୍ଷ ପରେ ଯଶରାଜ ଷ୍ଟୁଡିଓରେ ସନ୍ନି



ବଲିଉଡ୍‌ର ଆକ୍ସନ୍ କିଙ୍ଗ୍ ସନ୍ନି ଦେଓଲ ଏବେ 'ବର୍ଡର-୨' ଫିଲ୍ମକୁ ନେଇ ବ୍ୟସ୍ତ ଅଛନ୍ତି। ନିକଟରେ ଫିଲ୍ମର ପୋଷ୍ଟର୍ ରିଲିଜ୍ ହୋଇଛି, ଯାହାକୁ ଦର୍ଶକେ ଖୁବ୍ ପସନ୍ଦ କରିଛନ୍ତି। ନିକଟରେ ସନ୍ନିଙ୍କୁ ଯଶରାଜ ଷ୍ଟୁଡିଓରେ ଦେଖାଯାଇଥିଲା। ତେବେ ୩୦ ବର୍ଷର ବିବାଦକୁ ଭୁଲି କ'ଣ ସନ୍ନି ଯଶରାଜ ବ୍ୟାନର୍‌ର ଫିଲ୍ମ ସାଇନ୍ କରୁଛନ୍ତି କି ବୋଲି ଚର୍ଚ୍ଚା ହେବାକୁ ଲାଗିଲା। କିନ୍ତୁ ଏହା ପଛର କାରଣ ଅଲଗା ରହିଛି। ସନ୍ନି ଗାୟକ ତଥା ମ୍ୟୁଜିକ୍ କମ୍ପୋଜର ମିଥୁନଙ୍କୁ ଦେଖା କରିବାକୁ ଯଶରାଜ ଷ୍ଟୁଡିଓ ଯାଇଥିଲେ। ସନ୍ନି ଏହା ପୂର୍ବରୁ ମିଥୁନ୍‌ଙ୍କୁ ତାଙ୍କ ଷ୍ଟୁଡିଓକୁ ଡାକି ଥିଲେ। ମିଥୁନ୍ ୮୦ ଜଣ ଗାୟକଙ୍କ ସହ ଏକ ରେକର୍ଡିଂରେ ବ୍ୟସ୍ତ ଥିବାରୁ ସେ ଯାଇ ପାରି ନ ଥିଲେ। ଏହାପରେ ସନ୍ନି ଯଶରାଜ ଷ୍ଟୁଡିଓରେ ପହଞ୍ଚି ଯାଇଥିଲେ। ମିଥୁନ ସନ୍ନିଙ୍କ ଫିଲ୍ମ 'ଗଦ୍ଦର-୨' ଓ 'ବର୍ଡର-୨' ପାଇଁ ଗୀତ ସଂଯୋଜନା କରିଛନ୍ତି। ଯାହା ସନ୍ନିଙ୍କ ହୃଦୟକୁ ଛୁଇଁ ଯାଇଛି। ତାଙ୍କର ଆଗାମୀ ଫିଲ୍ମ 'ଗବରୁ'ରେ ମଧ୍ୟ ମିଥୁନ ସଙ୍ଗୀତ ସଂଯୋଜନା କରନ୍ତୁ ବୋଲି ସନ୍ନି ଚାହୁଁଛନ୍ତି। ଖାସ୍ ଏଥିପାଇଁ ସନ୍ନି ୩୦ ବର୍ଷର ବିବାଦକୁ ଭୁଲି ଯଶରାଜ ଷ୍ଟୁଡିଓରେ ପହଞ୍ଚିଥିଲେ।

ଏଠାରେ ପ୍ରକାଶ ଥାଉ କି, ୩୦ ବର୍ଷ ପୂର୍ବରୁ ଯଶରାଜ ଷ୍ଟୁଡିଓ ଓ ସନ୍ନିଙ୍କ ମଧ୍ୟରେ 'ଡର୍' ଫିଲ୍ମକୁ ନେଇ ବିବାଦ ଦେଖାଦେଇଥିଲା। ଏଥିରେ ଶାହାରୁଖ୍ ଖାନ୍ ଓ ଜୁହି ଚାୱଲା ଲିଡ୍ ରୋଲରେ ନଜର ଆସିଥିଲେ। ସନ୍ନି ଦେଓଲ ଏହି ଫିଲ୍ମର ହିରୋ ଥିଲେ। ଏହି ଫିଲ୍ମରେ ଶାହାରୁଖ୍ ନେଗେଟିଭ ଚରିତ୍ରରେ ଅଭିନୟ କରି ସୁଦ୍ଧା ସ୍ପଟ୍‌ଲାଇଟ୍‌ରେ ରହିଥିଲେ। ଏହାକୁ ନେଇ ସନ୍ନି, ଯଶରାଜ ଫିଲ୍ମସ୍ ଓ ଯଶ୍ ଚୋପ୍ରାଙ୍କ ଉପରେ ରାଗି ଯାଇଥିଲେ। ଏହାପରେ ସନ୍ନି ଯଶରାଜ ଫିଲ୍ମସ୍ ସହ କୌଣସି ଫିଲ୍ମ ଦୀର୍ଘ ୩୦ ବର୍ଷ ହେଲା କରିନାହାନ୍ତି। ସେହିଭଳି ଏହି ଫିଲ୍ମକୁ ନେଇ ଶାହାରୁଖ୍ ଓ ସନ୍ନିଙ୍କ ମଧ୍ୟରେ ସେତେବେଳେ ବିବାଦ ଦେଖା ହୋଇଥିଲା। ପରେ ଆଉ ଦୁଇଜଣ କେବେ ବି କୌଣସି ଫିଲ୍ମରେ ଏକାଠି ଆସି ନଥିଲେ। ଅବଶ୍ୟ 'ଗଦ୍ଦର-୨' ଫିଲ୍ମର ସକ୍‌ସେସ୍ ପାର୍ଟିରେ ସନ୍ନି ଓ ଶାହାରୁଖ୍‌ଙ୍କୁ ଏକାଠି ଦେଖିବାକୁ ମିଳିଥିଲା।

# ଗୋରୁଗାଈଙ୍କ ପାଇଁ ସାପ୍ତାହିକ ଛୁଟି


ସରକାରୀ ଚାକିରି ହେଉ ବା ବେସରକାରୀ, ସବୁଠି କର୍ମଚାରୀମାନେ ସପ୍ତାହରେ ଗୋଟିଏ ଦିନ ଛୁଟି ନେଇଥାନ୍ତି। ଏହି କ୍ରମରେ ଆମ ଦେଶରେ ଏମିତି ଏକ ସ୍ଥାନ ରହିଛି ଯେଉଁଠି କୃଷକମାନେ ଗୋରୁଗାଈଙ୍କୁ ଆରାମ ଦେବାକୁ ଯାଇ ସେମାନଙ୍କୁ ସପ୍ତାହକୁ ଗୋଟିଏ ଦିନ ଛୁଟି ଦେଇଥାନ୍ତି। ଝାରଖଣ୍ଡ, ଲାତେହାର ଜିଲ୍ଲାର ପାଖାପାଖି ୨୦ଟି ଗାଁରେ ବର୍ଷ ବର୍ଷ ଧରି ଏଭଳି ଏକ ନିଆରା ପରମ୍ପରା ପାଳନ ହୋଇଆସୁଛି। ଏଠାରେ ଗାଈ, ବଳଦ, ମଇଁଷି ଆଦିଙ୍କୁ ରବିବାର ଦିନ ଛୁଟି ଦିଆଯାଏ। ଏହି ପରମ୍ପରାକୁ ସବୁ ଧର୍ମର ଲୋକେ ପାଳନ କରନ୍ତି। ସେହିପରି ରବିବାର ଦିନ ଗାଈ, ମଇଁଷିଙ୍କଠାରୁ କ୍ଷୀର ମଧ୍ୟ ଦୁହାଁ ହୋଇ ନ ଥାଏ। ଏହି ଦିନ ଯେତେ ଜରୁରୀ କାର୍ଯ୍ୟ ଥିଲେ ବି କେହି ଗାଈ, କିମ୍ବା ବଳଦଙ୍କ ଦ୍ୱାରା କୌଣସି କାର୍ଯ୍ୟ କରନ୍ତାନି; ବରଂ ନିଜେ ସେ କାମ କରି ଦିଅନ୍ତି। ଏନେଇ ସ୍ଥାନୀୟ ଅଞ୍ଚଳର ଜଣେ ଚାଷୀ ରାଜକୁମାରଙ୍କ କହିବା କଥା, 'ଶତାଧିକ ବର୍ଷ ଧରି ଏହି ପରମ୍ପରା ପାଳନ ହୋଇ ଆସୁଛି। ଲଗାତାର କାମ କରିବା ଦ୍ୱାରା ଗାଈ, ବଳଦ, ମଇଁଷି ଆଦି ରୋଗଗ୍ରସ୍ତ ହେବା ଆଶଙ୍କା ଥାଏ। ଗୋଟିଏ ଦିନ ବିଶ୍ରାମ ନେବା ଦ୍ୱାରା ସେମାନେ ସୁସ୍ଥ ଅନୁଭବ କରନ୍ତି। ତେବେ ଏଭଳି ପରମ୍ପରାର ଆରମ୍ଭ ଏକ ଦୁଃଖଦ ଘଟଣାରୁ ହୋଇଥିଲା। ପାଖାପାଖି ୧୦୦ ବର୍ଷ ପୂର୍ବରୁ ଜଣେ କୃଷକ ଜମିରେ ବଳଦ ଦ୍ୱାରା ହଳ କରୁଥିଲେ। ଏହି ସମୟରେ ବଳଦଟିଏ ବେହୋସ ହୋଇଗଲା। ପରେ ତାର ମୃତ୍ୟୁ ହୋଇ ଯାଇଥିଲା। ଏହି ଘଟଣା ସେତେବେଳେ ଗ୍ରାମବାସୀମାନଙ୍କୁ ବହୁତ ଦୁଃଖ ଦେଇଥିଲା। ଉକ୍ତ ଘଟଣା ପରେ ଗ୍ରାମବାସୀମାନେ ଗାଈ ମଇଁଷିମାନଙ୍କୁ ଗୋଟିଏ ଦିନ ଛୁଟି ଦେବା ପାଇଁ ଭାବିଥିଲେ। ସେବେଠାରୁ ଏହି ପରମ୍ପରା ଚାଲି ଆସୁଛି।' ରବିବାର ଦିନ ଗାଈ, ମଇଁଷିମାନଙ୍କୁ ଭଲ ଭାବେ ଗାଧୋଇ ଦିଆଯାଇ ସେମାନଙ୍କର ପୂଜାର୍ଚ୍ଚନା କରାଯାଏ। ସେମାନଙ୍କୁ ସ୍ୱାଦିଷ୍ଟ ଭୋଜନ ପରଷା ଯାଏ। ଏହାପରେ ସେମାନଙ୍କୁ ବୁଲିବା ପାଇଁ ଗୋଟିଏ ସ୍ଥାନରେ ନେଇ ଛାଡ଼ି ଦିଆଯାଏ।



# ଏଠାରେ ହନୁମାନଙ୍କ ପୂଜା ମନା

ରାମ ଭକ୍ତ ହନୁମାନଙ୍କୁ କଳିଯୁଗର ପ୍ରତ୍ୟକ୍ଷ ଦେବତା ବୋଲି କୁହାଯାଏ। ଭାରତର କୋଣ ଅନୁକୋଣରେ ହନୁମାନଙ୍କର ଅନେକ ମନ୍ଦିର ରହିଛି। ହେଲେ ଉତ୍ତରାଖଣ୍ଡର ଏକ ଗାଁରେ ହନୁମାନଙ୍କ ପୂଜା ତ ଦୂରର କଥା ତାଙ୍କ ନାମ ମଧ୍ୟ ଉଚ୍ଚାରଣ କରିବାକୁ ଗ୍ରାମବାସୀ ପସନ୍ଦ କରନ୍ତି ନାହିଁ। ଚମୋଲି ଜିଲ୍ଲାର ପାହାଡ଼ ମଝିରେ ଦ୍ରୋଣାଗିରି ନାଁରେ ଗାଁଟିଏ ଅଛି। ଦ୍ରୋଣାଗିରିରେ ଭଗବାନ ହନୁମାନଙ୍କୁ ପୂଜା କରାଯାଏ ନାହିଁ। ଏପରିକି ଗାଁରେ ହନୁମାନ ମନ୍ଦିର ମଧ୍ୟ ନାହିଁ। କୁହାଯାଏ ଯେ, ଏହି ଗାଁର ଲୋକମାନେ ହନୁମାନଙ୍କ ଉପରେ ଏବେ ବି ରାଗିଛନ୍ତି। ତେବେ ଗ୍ରାମବାସୀ ବଜରଙ୍ଗବାଲୀଙ୍କୁ ପୂଜା ନ କରିବା ପଛରେ ଏକ ପୌରାଣିକ କାହାଣୀ ଥିବା କୁହାଯାଏ। ଲକ୍ଷ୍ମଣଙ୍କ ପାଇଁ ସଞ୍ଜୀବନୀ ବୁଟି ନେବା ପାଇଁ ହନୁମାନ ଯେଉଁ ପର୍ବତ ଉଠାଇ ନେଇଥିଲେ, ତାହା ଏହି ଗ୍ରାମରେ ଅବସ୍ଥିତ ଥିଲା ବୋଲି କୁହାଯାଏ। ଏହି ପର୍ବତକୁ ଦ୍ରୋଣାଗିରି ଗ୍ରାମର ଲୋକ ପୂଜାର୍ଚ୍ଚନା କରୁଥିଲେ। ଦ୍ରୋଣାଗିରି ଗ୍ରାମବାସୀଙ୍କ କହିବା ଅନୁଯାୟୀ, ଯେତେବେଳେ ହନୁମାନ ସଞ୍ଜୀବନୀ ବୁଟି ସଂଗ୍ରହ କରିବାକୁ ଆସିଥିଲେ, ସେତେବେଳେ ପର୍ବତା ଦେବତା ଧ୍ୟାନରେ ଥିଲେ। ସଞ୍ଜୀବନୀ ନେବା ସମୟରେ ହନୁମାନ ପର୍ବତ ଦେବତାଙ୍କ ଠାରୁ ଅନୁମତି ନେଇ ନ ଥିଲେ କିମ୍ବା ତାଙ୍କର ଧ୍ୟାନ ସମାପ୍ତ ହେବା ପର୍ଯ୍ୟନ୍ତ ଅପେକ୍ଷା କରି ନଥିଲେ। ସଞ୍ଜୀବନୀ ବୁଟି ପାଇଁ ହନୁମାନ ପର୍ବତକୁ ଉଠାଇ ନେଇଥିଲେ। ଯାହା ପରେ ଆଜି ପର୍ଯ୍ୟନ୍ତ ଏଠାକାର ଲୋକ ହନୁମାନଙ୍କ ଉପରେ ରାଗିଛନ୍ତି। ଗ୍ରାମବାସୀ ବିଶ୍ୱାସ କରନ୍ତି ଯେ, ହନୁମାନ ପର୍ବତ ଦେବତାଙ୍କ ସାଧନା ଭଙ୍ଗ କରିଥିଲେ। କେବଳ ସେତିକି ନୁହେଁ, ଦ୍ରୋଣାଗିରି ପର୍ବତ ନେବାବେଳେ ହନୁମାନ ମଧ୍ୟ ପର୍ବତ୍ୟ ଦେବତାଙ୍କ ଡାହାଣ ବାହୁକୁ ଉପାଡ଼ି ଦେଇଥିଲେ। ବିଶ୍ୱାସ କରାଯାଏ ଯେ, ଆଜି ମଧ୍ୟ ଏହି ପର୍ବତରୁ ଲାଲ ରଙ୍ଗର ରକ୍ତ ପ୍ରବାହିତ ହେଉଛି। ଏହି କାରଣରୁ ଦ୍ରୋଣାଗିରି ଗ୍ରାମର ଲୋକେ ହନୁମାନଙ୍କୁ ପୂଜା କରନ୍ତି ନାହିଁ।





# ବୟସ୍କ ବ୍ୟବହାର କରୁଛନ୍ତି ପାସିଫାୟାର୍

ସାଧାରଣତଃ ଛୋଟ ପିଲାଙ୍କୁ ଶାନ୍ତ କରିବା, ଶୁଆଇବା ଉଦ୍ଦେଶ୍ୟରେ ମୁହଁରେ ପାସିଫାୟାର୍ କ୍ଲିପ୍ ଲଗାଯାଏ। ପିଲାଟି ବଡ଼ ହେବା ପରେ ଧୀରେ ଧୀରେ ଏହି ଅଭ୍ୟାସ ଛାଡ଼ିଯାଏ। ଏବେ ଚୀନ୍‌ରେ ଏକ ନିଆରା ଟ୍ରେଣ୍ଡ ଦେଖିବାକୁ ମିଳିଛି। ଏଠାରେ ବୟସ୍କ ଲୋକେ ମଧ୍ୟ କୁନି କୁନି ପିଲାଙ୍କ ଭଳି ପାସିଫାୟାର୍ ବ୍ୟବହାର କରୁଥିବା ଦେଖାଯାଇଛି। ଏହି ଉତ୍ପାଦ ବ୍ୟବହାର କରିବା ଦ୍ୱାରା, ଚିନ୍ତା ଦୂର ହେବା ସହ ଭଲ ନିଦ ହୋଇଥାଏ ବୋଲି ବୟସ୍କ ଲୋକେ କହୁଛନ୍ତି। ସେହିଭଳି ଏହାର ଚାହିଦା ମଧ୍ୟ ଏଠାରେ ବଢ଼ିବାରେ ଲାଗିଛି। ଏକ ଅନ୍‌ଲାଇନ୍ ବିକ୍ରେତାଙ୍କ କହିବାନୁଯାୟୀ, ସେ ମାସରେ ପାଖାପାଖି ୨୦୦୦ ବୟସ୍କ ପାସିଫାୟାର୍ ବିକ୍ରି କରୁଛନ୍ତି। ତେବେ ବୟସ୍କ ପାଇଁ ଉଦ୍ଦିଷ୍ଟ ପାସିଫାୟାରଗୁଡ଼ିକ ପିଲାଙ୍କଠାରୁ ଅପେକ୍ଷାକୃତ ବଡ଼ ହୋଇଥାଏ। ଏହାର ଦାମ୍ ୧୨୧ ଟଙ୍କାରୁ ୬୦୬୦ ଟଙ୍କା ମଧ୍ୟରେ ହୋଇଥାଏ। ଭିନ୍ନ ଭିନ୍ନ ରଙ୍ଗରେ ମଧ୍ୟ ଏଗୁଡ଼ିକ ଉପଲବ୍ଧ ହେଉଛି। ଏହା ଚିନ୍ତା ହ୍ରାସ କରିବା ସହ ଧୂମପାନ ଛାଡ଼ିବାରେ ସହାୟକ ହେବ ବୋଲି କହି ବିକ୍ରେତାମାନେ ବିକ୍ରି କରୁଛନ୍ତି। ସେହିପରି ଏହା ଠିକ୍‌ସେ ଶ୍ୱାସକ୍ରିୟା କରିବାରେ ମଧ୍ୟ ସହାୟକ ହୋଇପାରିଛି। ଚୀନ୍‌ର ବୟସ୍କ ଲୋକମାନଙ୍କର ଏପରି ଅଭ୍ୟାସ ଦେଖି ସାମାଜିକ ଗଣମାଧ୍ୟମରେ ଲୋକେ ଖୁବ୍ ସମାଲୋଚନା କରୁଛନ୍ତି। ଇତିମଧ୍ୟରେ କିଛି ସ୍ୱାସ୍ଥ୍ୟ ବିଶେଷଜ୍ଞ ଏହାକୁ ନେଇ ଲୋକଙ୍କୁ ସଚେତନ ମଧ୍ୟ କରିଛନ୍ତି। ସ୍ୱାସ୍ଥ୍ୟ ବିଶେଷଜ୍ଞମାନଙ୍କ କହିବା ଅନୁଯାୟୀ, ଦୀର୍ଘ ସମୟ ଧରି ଏଭଳି ପାସିଫାୟାର ବ୍ୟବହାର କରିବା ଦ୍ୱାରା ମୁହଁର ଆକାର ସଙ୍କୁଚିତ ହୋଇଯାଏ। ସେହିଭଳି ଦୈନିକ ତିନି ଘଣ୍ଟାରୁ ଅଧିକ ସମୟ ପାସିଫାୟାର ବ୍ୟବହାର କରିବା ଦ୍ୱାରା ବର୍ଷେ ପରେ ଦାନ୍ତର ଆକାର ମଧ୍ୟ ପରିବର୍ତ୍ତନ ହେବାର ଆଶଙ୍କା ଥାଏ।

## ବିରଳ ବନ୍ଧୁତ୍ୱ

# ଏକାଠି ରହୁଛନ୍ତି ଚାରିପିଢ଼ି

ଆଧୁନିକ ଜୀବନଶୈଳୀରେ ବନ୍ଧୁତାର ପରିଭାଷା ବଦଳି ଯାଇଥିଲେ ମଧ୍ୟ ଏହାର ମହତ୍ତ୍ୱ ଆଜି ବି ଅତୁଟ ରହିଛି। ଏହାର ଏକ ଜ୍ୱଳନ୍ତ ଗୁଜରାଟର ସୁରଟ ସହରରେ ଦେଖିବାକୁ ମିଳିଛି। ଦୁଇ ବନ୍ଧୁଙ୍କ ପରିବାର ଗୋଟିଏ ଛାତତଳେ ଦୀର୍ଘ ୮୦ ବର୍ଷ ଏକାଠି ବିତାଇ ପ୍ରକୃତ ବନ୍ଧୁତ୍ୱର ପ୍ରମାଣ ଦେଇଛନ୍ତି। ଏହି ବନ୍ଧୁତା ସ୍ୱାଧୀନତା ପୂର୍ବରୁ ଆରମ୍ଭ ହୋଇଥିଲା, ଆଜିବି ଏହି ଦୁଇ ପରିବାରର ଚତୁର୍ଥ ପିଢ଼ି ଏହାକୁ ଯୋଡ଼ି ରଖିଛନ୍ତି। ୧୯୪୦ ମସିହାରେ ସୁରଟର ସାଗରମପୁରା ଅଞ୍ଚଳରେ ରହୁଥିଲେ ଗୁଣବନ୍ତ ଦେଶାଇ ଏବଂ ବିପିନ ଦେଶାଇ। ସ୍କୁଲରେ ପଢୁଥିବା ସମୟରେ ଉଭୟଙ୍କ ମଧ୍ୟରେ ବନ୍ଧୁତା ଆରମ୍ଭ ହୋଇଥିଲା। ଉଭୟ ସ୍ୱାଧୀନତା ଆନ୍ଦୋଳନରେ ଅଂଶଗ୍ରହଣ କରି ଜେଲ ମଧ୍ୟ ଯାଇଥିଲେ। ପୁଣେର ଏକ କୃଷି ବିଶ୍ୱବିଦ୍ୟାଳୟରେ ସ୍ନାତକ ପଢ଼ା ସାରି ଉଭୟ ସୁରଟ ଆସି ଏକାଠି କୃଷି ଏବଂ ଦୁଗ୍ଧଜାତ ଦ୍ରବ୍ୟର ବ୍ୟବସାୟ ଆରମ୍ଭ କଲେ। ଯେତେ ବାଧାବିଘ୍ନ ଆସିଲେ ବି ଉଭୟଙ୍କ ମନରେ କେବେ ବି ଅଲଗା ହେବା ଚିନ୍ତାଧାରା ଆସି ନ ଥିଲା। ତେବେ ଉଭୟଙ୍କ ପରିବାର ବଢ଼ିବାରୁ ସେମାନେ ଏକ ବଡ଼ ଘରେ ରହିବା ପାଇଁ ସ୍ଥିର କରିଥିଲେ। ଏହାପରେ ଦୁହେଁ ମିଶି 'ମୈତ୍ରୀ' ନାମକ ଡୁପ୍ଲେକ୍ସ ଘର ନିର୍ମାଣ କରିଥିଲେ। ଏଥିରେ ଅଲଗା ଅଲଗା ରୋଷେଇଘର, ଶୟନ କକ୍ଷ ଥିଲା। ହେଲେ ଉଭୟଙ୍କର ଗୋଟିଏ ଡ୍ରଇଂରୁମ୍ ଥିଲା। ଏଇଠି ହିଁ ଦୁଇପରିବାର ସଦସ୍ୟ ଏକତ୍ରିତ ହୋଇ ମିଳିମିଶି ସମୟ ଅତିବାହିତ କରନ୍ତି। ବିପିନଙ୍କ ପୁଅ ଗୌତମ ଦେଶାଇ (୭୦) କୁହନ୍ତି, ଆମ ବାପା ଓ ତାଙ୍କ ସାଙ୍ଗଙ୍କ ମଧ୍ୟରେ ସମ୍ପର୍କ ଏତେ ମଜଭୁତ ଥିଲା ଯେ, ଲୋକେ ତାଙ୍କୁ ଭାଇ-ଭାଇ ବୋଲି ଭାବନ୍ତି। ତେବେ ବିପିନ ଓ ଗୁଣବନ୍ତଙ୍କ ଏହି ବନ୍ଧୁତାକୁ ତାଙ୍କ ଅଣନାତି ନାତୁଣୀମାନେ ଏବେ ବି ଅତୁଟ ରଖିଛନ୍ତି। କେବଳ ସେତିକି ନୁହେଁ, ଏହି ଦୁଇ ପରିବାର ମିଳିତ ଭାବେ 'ମୈତ୍ରୀ ଟ୍ରଷ୍ଟ' ସଞ୍ଚାଳନ କରୁଛନ୍ତି। ଗୁଣବନ୍ତ ଏବଂ ବିପିନ ୧୯୯୦ ମସିହାରେ ଗାନ୍ଧୀବାଦୀ ଆଦର୍ଶକୁ ପ୍ରୋତ୍ସାହିତ କରିବା ପାଇଁ ଏହାର ସ୍ଥାପନା କରିଥିଲେ। ବିପିନ୍ ୨୦୧୨ ମସିହାରେ ୮୭ ବର୍ଷ ବୟସରେ ଦୁନିଆରୁ ବିଦାୟ ନେଇଥିବାବେଳେ ଗୁଣବନ୍ତଙ୍କର ୨୦୧୩ ମସିହାରେ ୮୮ ବର୍ଷ ବୟସରେ ଦେହାନ୍ତ ହୋଇଥିଲା। ଉଭୟ ବନ୍ଧୁ ମୃତ୍ୟୁ ପୂର୍ବରୁ ଚିକିତ୍ସା ଗବେଷଣା ପାଇଁ ସେମାନଙ୍କ ଶରୀରକୁ ଦାନ କରିବାକୁ ଏକାଠି ପ୍ରତିଜ୍ଞା କରିଥିଲେ।



## ଆଜିର ରାଶିଫଳ

**ମେଷ:** ବ୍ୟବସାୟରେ ଆଶାଜନକ ପରିଣାମ ମିଳିବ ନାହିଁ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଆର୍ଥିକ ସ୍ଥିତି ଭଲ ରହିବ। ବନ୍ଧୁଙ୍କ ସହାୟତା ମିଳିବ। ନକାରାତ୍ମକ ଚିନ୍ତା ଦୂର ହେବ।

**ବୃଷ:** ଯାତ୍ରା ଯୋଗ ଅଛି। ଯାନବାହନ କିଣିବେ। ନିବେଶରୁ ଦୂରେଇ ରୁହନ୍ତୁ। ଛାତ୍ରଛାତ୍ରୀ ମନପସନ୍ଦ କାର୍ଯ୍ୟରେ ସମୟ ଅତିବାହିତ କରିବେ। ବନ୍ଧୁଙ୍କ ସହ ମନୋମାଳିନ୍ୟ ଦେଖା ଦେବ।

**ମିଥୁନ:** ଧାର୍ମିକ ପୁସ୍ତକ ପ୍ରତି ଆଗ୍ରହ ବଢ଼ିବ। ମନ ପ୍ରସନ୍ନ ରହିବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ପରୋପକାର କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ। ଘରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ।

**କର୍କଟ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। କୌଣସି କାର୍ଯ୍ୟରେ ସମସ୍ୟା ଦେଖା ଦେବ। ବିବାହରେ ସମସ୍ୟା ଆସିବ। ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

**ସିଂହ:** ଚାକିରିରେ ସଫଳତା ମିଳିବ। ଜୀବନସାଥୀଙ୍କ ସହଯୋଗ ମିଳିବ। ବାପାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କନ୍ୟା:** ଚାକିରିକୁ ନେଇ କୌଣସି ସମସ୍ୟା ଦେଖା ଦେବ। ପାରିବାରିକ ଜୀବନ ସୁଖମୟ ହେବ। ଘରେ ପୂଜାପାଠ ଆୟୋଜନ କରିବେ। ଅଟକିଥିବା କାର୍ଯ୍ୟ ପୂରା ହେବ। ଆୟର ନୂଆ ଅବସର ପ୍ରାପ୍ତ ହେବ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଆର୍ଥିକ ସ୍ଥିତି ମଜଭୁତ୍ ହେବ। ବିବାହ ପ୍ରସ୍ତାବ ଆସିବ। ରାଜନୀତିରେ ସଫଳତା ମିଳିବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ।

**ବିଛା:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ବୈବାହିକ ଜୀବନ ସୁଖଶାନ୍ତିରେ କଟିବ। ବିଦ୍ୟାର୍ଥୀ ପଢ଼ାରେ ମନୋନିବେଶ କରିବେ।

**ଧନୁ:** ପରିବାର ଲୋକଙ୍କ ସହଯୋଗ ମିଳିବ। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଆୟ ତୁଳନାରେ ବ୍ୟୟ ଅଧିକ ହେବ। କଥାରେ ମଧୁରତା ରକ୍ଷା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ। ବ୍ୟବସାୟରେ ଲାଭ ମିଳିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ହେବ। ପୈତୃକ ସମ୍ପତ୍ତିରୁ ଲାଭ ମିଳିବ। ପ୍ରେମ ସମ୍ବନ୍ଧ ସୁଖମୟ ହେବ।

**କୁମ୍ଭ:** ବ୍ୟବସାୟକୁ ନେଇ ଦୂରସ୍ଥାନକୁ ଯାତ୍ରା କରିବେ। ନିବେଶରୁ ଦୂରେଇ ରୁହନ୍ତୁ। ଘରେ ପୂଜାପାଠ ଆୟୋଜନ ହେବ। ବିବାହ ସମସ୍ୟା ସମାଧାନ ହେବ। ଯାନବାହନ କ୍ରୟର ଯୋଗ ଅଛି।

**ମୀନ:** ଆର୍ଥିକ ମାମଲାରେ ସୁଧାର ଆସିବ। ମାଆଙ୍କ ସ୍ୱାସ୍ଥ୍ୟାବସ୍ଥା ପାଇଁ ଚିନ୍ତାରେ ରହିବେ। ଅଫିସ୍ କାମ ପାଇଁ ଦୂରଯାତ୍ରା କରିପାରନ୍ତି। ଦାନଧର୍ମ କରନ୍ତୁ। ମହିଳାମାନେ ଘରକାମରେ ବ୍ୟସ୍ତ ରହିବେ।

# ପଦ୍ମଶ୍ରୀ ବିନୋଦ ପଶାୟତଙ୍କ ପରଲୋକ

ସମ୍ବଲପୁର,୨୦।୮ (ସମିସ): ବିଶିଷ୍ଟ ସମ୍ବଲପୁରୀ ଗୀତିକାର ପଦ୍ମଶ୍ରୀ ବିନୋଦ ପଶାୟତଙ୍କ ଆଜି ପୂର୍ବାହ୍ଣରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୯୧ ବର୍ଷ ବୟସ ହୋଇଥିଲା। ସେ ବାର୍ଦ୍ଧକ୍ୟଜନିତ ରୋଗରେ ପିଡ଼ିତ ଥିଲେ। ଗତ କିଛିଦିନ ହେବ ଅସୁସ୍ଥ ଥିବାବେଳେ ସେନପାର୍କ ନିକଟସ୍ଥ ତାଙ୍କ ବାସଭବନରେ ଚିକିତ୍ସିତ ହେଉଥିଲେ। ଆଜି ସକାଳେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପରିବାରଲୋକ ନେଇଥିଲେ। ସେଠାରେ ଡାକ୍ତରଙ୍କ ଚିକିତ୍ସା ସତ୍ତ୍ୱେ ଶ୍ରୀ ପଶାୟତଙ୍କ ଦେହାନ୍ତ ହୋଇଥିଲା। ଏହି ଖବର ପ୍ରସାରିତ ହେବାପରେ ସମ୍ବଲପୁର ତଥା ସମଗ୍ର ପଶ୍ଚିମାଞ୍ଚଳରେ ଶୋକର ଲହରୀ ଖେଳିଯାଇଛି। ଆଜି ଅପରାହ୍ଣରେ ସ୍ଥାନୀୟ ରାଜଘାଟରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ସମ୍ବଲପୁର ପୋଲିସ ପକ୍ଷରୁ ତାଙ୍କୁ ଗାର୍ଡ ଅଫ୍ ଅନର୍ ଦିଆଯାଇଥିଲା। ପୁଅ ବିଶ୍ୱଜିତ ପଶାୟତ ମୁଖାଗ୍ନି ଦେଇଥିଲେ। ତାଙ୍କ ପଛରେ ପୁଅ ବିଶ୍ୱଜିତ, ପୁତ୍ରବଧୂ ସଦ୍ୟାରାଣୀ ଓ ମୋହିନୀ, ଝିଅ ସଙ୍ଗୀତା ଓ ଆରତୀ, ଜ୍ୱାଇଁ ଏବଂ ନାତିନାତୁଣୀ ଅଛନ୍ତି। ୨୦୨୪ ମସିହା ଜାନୁଆରୀ ୨୫ ତାରିଖ ବିଶିଷ୍ଟ ସମ୍ବଲପୁରୀ ଗୀତିକାର ଓ ନାଟ୍ୟକାର ବିନୋଦ କୁମାର ପଶାୟତଙ୍କ ସହ ଓଡ଼ିଶାରୁ ବିନୋଦ ମହାରଣା, ଭାଗବତ ପ୍ରଧାନ ଓ ଗୋପୀନାଥ ସ୍ୱାଇଁଙ୍କୁ ପଦ୍ମଶ୍ରୀ ପୁରସ୍କାର ପାଇଁ ମନୋନୀତ କରାଯାଇଥିଲା। ସେହିବର୍ଷ ଏପ୍ରିଲ ୨୪ ତାରିଖ ଶ୍ରୀ ପଶାୟତଙ୍କୁ ରାଷ୍ଟ୍ରପତି ଭବନରେ ଏକ ସ୍ୱତନ୍ତ୍ର ଉତ୍ସବରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପଦ୍ମଶ୍ରୀ ସମ୍ମାନ ପ୍ରଦାନ କରିଥିଲେ।



୧୯୩୫ ମସିହା ଡିସେମ୍ବର ୩ ତାରିଖରେ ବଲାଙ୍ଗିରରେ ଜନ୍ମିତ ଶ୍ରୀ ପଶାୟତ ୧୯ ବର୍ଷ ବୟସରେ ସମ୍ବଲପୁରକୁ ଚାଲି ଆସିଥିଲେ। ସମ୍ବଲପୁର ସହର ତାଙ୍କ କର୍ମଭୂମି ସହିତ ସାହିତ୍ୟ ସାଧନାର ପୀଠ ସାଜିଥିଲା। ଜୀବିକା ନିର୍ବାହ ପାଇଁ କୌଳିକ ବୃତ୍ତି ସହ ସେ ସାହିତ୍ୟ ସାଧନା ଜାରି ରଖିଥିଲେ। ୧୯୫୯ ମସିହାରୁ ସେ ଆକାଶବାଣୀର ମାନ୍ୟତାପ୍ରାପ୍ତ ସମ୍ବଲପୁରୀ ଗୀତିକାର ରହିଛନ୍ତି। ଗୀତିକାର ଶ୍ରୀ ପଶାୟତ 'ଲିଟି ଉଡ଼େ ପୁରୁପୁରୁ', 'ହାଏ କୃଷ୍ଣ ହାଏ କୃଷ୍ଣ ବଲି', ଏ ନନି ସୁଲୋଚନା' ସମେତ ଶତାଧିକ ସମ୍ବଲପୁରୀ ଗୀତର ସ୍ରଷ୍ଟା ତଥା "ଉଖୀ", 'ମୁଇଁ ନାଇଁ ମରେ', "ଅଲାର' ଭଳି ବହୁ ସଫଳ ନାଟକର ସଫଳ ନାଟ୍ୟକାର ଭାବେ ଜଣାଶୁଣା। ଗୀତ ଓ ନାଟକ ସହ ରାମ ରାଏଜର୍ କଥା, ଚୁଟ୍‌କୁଚୁଟା ଭଳି କେତେକ ଉପନ୍ୟାସ ମଧ୍ୟ ଶ୍ରୀ ପଶାୟତଙ୍କ ସୃଷ୍ଟି ସମ୍ଭାରକୁ ଋଦ୍ଧିମନ୍ତ କରିଛି। ଶ୍ରୀ ପଶାୟତ ବହୁ ରାଜ୍ୟ ତଥା ଜାତୀୟସ୍ତରର ଅନୁଷ୍ଠାନ ଦ୍ୱାରା ସମ୍ବର୍ଦ୍ଧିତ ଓ ପୁରସ୍କୃତ ହୋଇଛନ୍ତି।

ସମ୍ବଲପୁରୀ ଗୀତିକାର ପଦ୍ମଶ୍ରୀ ବିନୋଦ ପଶାୟତଙ୍କ ବିୟୋଗରେ ରାଜ୍ୟପାଳ ହରିବାବୁ କମ୍ଭମପଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି, କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ, ରେଢ଼ାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ, ପୂର୍ବତନ ମନ୍ତ୍ରୀ ତଥା ବିଜେଡି ଜିଲ୍ଲା ସଭାପତି ରୋହିତ ପୂଜାରୀ ପ୍ରମୁଖ ଶୋକପ୍ରକାଶ କରିଛନ୍ତି।

## ପୋଲାଭରମ୍ ପ୍ରକଳ୍ପ ବିବାଦ

### କେନ୍ଦ୍ରୀୟ ଜଳ ଆୟୋଗ ଓ ଜଳଶକ୍ତି ମନ୍ତ୍ରୀଙ୍କୁ ଭେଟିଲା ବିଜେଡି ପ୍ରତିନିଧିଦଳ

# ଦାବି ବିଚାର ନ ହେବା ଯାଏ ଜାରିହେଉ କାର୍ଯ୍ୟବନ୍ଦ ଆଦେଶ



ଭୁବନେଶ୍ୱର,୨୦।୮ (ସମିସ): ଆନ୍ଧ୍ର ପ୍ରଦେଶରେ ପୋଲାଭରମ୍ ପ୍ରକଳ୍ପ ଓଡିଶା ପାଇଁ ବିପଦ ଆଣିବ। ଏକତରଫା ଭାବେ ପ୍ରକଳ୍ପ କ୍ଷମତା ବୃଦ୍ଧି କରାଯାଇଛି। ଓଡ଼ିଶାର ମାଲକାନଗିରି ଜିଲ୍ଲାର କେତେ ଅଞ୍ଚଳ ଜଳାର୍ଣ୍ଣବ ହେବ ତାହାର ଆକଳନ ମଧ୍ୟ କରାଯାଇ ନାହିଁ। ଅପରପକ୍ଷେ କେନ୍ଦ୍ର ସରକାର ପ୍ରକଳ୍ପର ତ୍ୱରିତ୍ କାର୍ଯ୍ୟାନ୍ୱୟନ ପାଇଁ ୧୭ ୯୩୬ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଏହି ପ୍ରସଙ୍ଗରେ ବୁଧବାର କେନ୍ଦ୍ରୀୟ ଜଳ ଆୟୋଗ ଓ କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ସି.ଆର୍.ପାଟିଲଙ୍କୁ ଭେଟି ଉଦବେଗ ଜଣାଇଛି ବିଜେଡିର ଏକ ଉଚ୍ଚସ୍ତରୀୟ ପ୍ରତିନିଧି ମଣ୍ଡଳୀ। ଆୟୋଗ ଓ ଜଳଶକ୍ତି ମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ ସହ ପ୍ରତିନିଧି ମଣ୍ଡଳୀ୧୦ ସୂତ୍ରୀ ଦାବି ପତ୍ର ମଧ୍ୟ ପ୍ରଦାନ କରିଛି। ପ୍ରକଳ୍ପ କାରଣରୁ ଓଡ଼ିଶାର ମାଲକାନଗିରି ଜିଲ୍ଲାର ବୃହତ୍ ଅଞ୍ଚଳ ଜଳମଗ୍ନ ହେବ। ତେଣୁ ସ୍ଥାନୀ ଅଞ୍ଚଳର ଆଦିବାସୀ ତଥା ଦୁର୍ବଳ ବର୍ଗଙ୍କ ଜୀବନ ଜୀବିକାର ସୁରକ୍ଷା ପାଇଁ ତୁରନ୍ତ ଏବଂ ପ୍ରତିକାରମୂଳକ ପଦକ୍ଷେପ ଦାବି କରିଛି ବିଜେଡି।

ପ୍ରତିନିଧି ମଣ୍ଡଳୀର ଯୁକ୍ତି ଅନୁଯାୟୀ ଗତ ଡିସେମ୍ବର ୫ ତାରିଖରେ ବିଜେଡିର ଏକ ଦଳ ସିଡବ୍ଲ୍ୟୁସିଙ୍କୁ ଭେଟି ଏସଂକ୍ରାନ୍ତରେ ଏକ ଦାବି ପତ୍ର ପ୍ରଦାନ କରିଥିଲେ। ମାତ୍ର ଏଯାବତ୍ ଆୟୋଗଙ୍କ ପକ୍ଷରୁ ଏହାକୁ ବିଚାରକୁ ନିଆଗଲା ନାହିଁ। ସୁପ୍ରିମକୋର୍ଟ ୨୦୨୨ ମସିହା ସେପ୍ଟେମ୍ବର ୬ ତାରିଖରେ ନିଜ ରାୟରେ ନର୍ଦ୍ଦିଷ୍ଟ ଭାବେ କହିଥିଲେ ଯେ ପ୍ରକଳ୍ପ ସମ୍ବନ୍ଧୀୟ କେତେକ ବୈଷୟିକ ରିପୋର୍ଟ ଆମ ପାଖରେ ଉପଲବ୍ଧ ଅଛି। ପ୍ରକଳ୍ପର ସମ୍ପ୍ରସାରଣ ଆଧାରରେ ଆଉ କିଛି ରିପୋର୍ଟର ଆବଶ୍ୟକତା ପଡ଼ିପାରେ। ସେହିପରି ପ୍ରକଳ୍ପକୁ ନେଇ ଥିବା ପରୀବେଶ ମଞ୍ଜୁରୀ ଜନିତ ପ୍ରସଙ୍ଗ ଉପରେ ମଧ୍ୟ ଧ୍ୟାନ ଦେବାକୁ ସୁପ୍ରିମକୋର୍ଟ ପରାମର୍ଶ ଦେଇଥିଲେ। ଅତଏବ ଆୟୋଗ ପ୍ରକଳ୍ପ ସହ ଜଡ଼ିତ ସମସ୍ତ ଅଂଶୀଦାରଙ୍କୁ ଡକାଇ ଏକ ବୈଠକ କରିବାର ଆବଶ୍ୟକତା ରହିଛି ବୋଲି ପ୍ରତିନିଧି ଦଳ ଦାବି କରିଛି। ପ୍ରକଳ୍ପର ପଛୁଆ ପାଣି ଯୋଗୁଁ ଏହା ମାଲକାନଗିରି ଜିଲ୍ଲା ଉପରେ କଣ ପ୍ରଭାବ ପକାଇବ ସେନେଇ ବିଶେଷ ରୂପେ ଅଧ୍ୟୟନ କରିବାକୁ ସିଡବ୍ଲ୍ୟୁସି ଆଶ୍ୱାସନା ଦେଇଥିଲେ ହେଁ କୌଣସି ସକ୍ରିୟ ପଦକ୍ଷେପ କରିନାହିଁ। ପ୍ରକଳ୍ପର ତ୍ୱରିତ୍ କାର୍ଯ୍ୟାନ୍ୱୟନ ପାଇଁ କେନ୍ଦ୍ର ସରକାର ନିକଟରେ ୧୭ ୯୩୬ କୋଟି ଟଙ୍କା ମଞ୍ଜୁର କରିଛନ୍ତି, ଯାହା ଓଡ଼ିଶାର ଚିନ୍ତାକୁ ବୃଦ୍ଧି କରିଛି। ଏହା ଆମର ସ୍ଥାନୀୟ ଲୋକଙ୍କ ଜମି, ଜୀବିକା ଓ ସୁରକ୍ଷାକୁ ପ୍ରଭାବିତ କରୁଛି, ଯେଉଁମାନଙ୍କ ମଧ୍ୟରେ ଅଧିକାଂଶ

■ ମାଲକାନଗିରି ଜିଲ୍ଲାର ବୃହତ୍ ଅଞ୍ଚଳଜଳମଗ୍ନ କରିବ ପୋଲାଭରମ୍
■ ୧୦ଦାବି ରଖିଲେ ପ୍ରତିନିଧି ମଣ୍ଡଳୀ, ଆକଳନ ହେଉ ପଛୁଆ ଜଳର ପ୍ରଭାବ

ଆଦିବାସୀ ଅଟନ୍ତି। ଏହି ପ୍ରକଳ୍ପ ଗୋଦାବରୀ ଜଳ ବିବାଦ ଟ୍ରିବ୍ୟୁନାଲର ନିଷ୍ପତ୍ତି ଅନୁଯାୟୀ ପରିକଳ୍ପନା କରାଯାଇଥିଲା। ଯାହା ଆନ୍ଧ୍ର ପ୍ରଦେଶ, ଓଡ଼ିଶା ଏବଂ ମଧ୍ୟ ପ୍ରଦେଶ ମଧ୍ୟରେ ଚୁକ୍ତିନାମାକୁ ରୂପରେଖ ଦେଇଥିଲା। ତେବେ ପ୍ରକଳ୍ପର ମୂଳ ଡିଜାଇନରେ ଅନେକ ପରିବର୍ତ୍ତନ ଅଣାଯାଇ ଏକତରଫା ଭାବେ ଏହାର କ୍ଷମତାକୁ ୩୬ ଲକ୍ଷ କ୍ୟୁସେକରୁ ୫୦ ଲକ୍ଷ କ୍ୟୁସେକକୁ ବୃଦ୍ଧି କରି ଦିଆଯାଇଛି। ଉପରମୁଣ୍ଡରେ ଥିବା ରାଜ୍ୟ ଯଥା ଓଡ଼ିଶା ଏବଂ ଛତିଶଗଡ଼ ଉପରେ ପଛୁଆ ଜଳର ପ୍ରଭାବ କଣ ରହିବ,. ତାହା ବିଚାରକୁ ନିଆନଯାଇ ଡିଜାଇନରେ ଏପରି ପରିବର୍ତ୍ତନ ଅଣାଯାଇଚି ବୋଲି ଅଭିଯୋଗ କରିଛି ପ୍ରତିନିଧି ମଣ୍ଡଳୀ।

ଏହି ସମସ୍ୟାର ସମାଧାନ ପାଇଁ ବିଜେଡି ପକ୍ଷରୁ ଉଭୟକେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ଓ ଜଳ ଆୟୋଗଙ୍କ ନିକଟରେ ୧୦ ଦଫା ଦାବି ଉପସ୍ଥାପନ କରାଯାଇଛି। ସୁପ୍ରିମକୋର୍ଟ ୨୦୨୨ ମସିହାରେ ଦେଇଥିବା ଦୁଇଟି ରାୟକୁ ଦୃଷ୍ଟିରେ ରଖି କେନ୍ଦ୍ର ଜଳଶକ୍ତି ମନ୍ତ୍ରାଳୟ ଏବଂ ଆୟୋଗ ତୁରନ୍ତ ପ୍ରକଳ୍ପ ସହ ଜଡ଼ିତ ସମସ୍ତ ଅଂଶୀଦାରଙ୍କୁ ନେଇ ଆଲୋଚନା କରନ୍ତୁ। କେନ୍ଦ୍ରୀୟ ଜଳ ଆୟୋଗଙ୍କ ଦ୍ୱାରା ସଂପୃକ୍ତ ସମସ୍ତ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ ନେଇ ପରାମର୍ଶ ପ୍ରକ୍ରିୟା ଆରମ୍ଭ କରାଯାଉ। ଓଡ଼ିଶାର ଦାବି ପୂରଣ ନହେବା ପର୍ଯ୍ୟନ୍ତ ପ୍ରକଳ୍ପ କାର୍ଯ୍ୟ ବନ୍ଦ ପାଇଁ ନିର୍ଦ୍ଦେଶନାମା ଜାରି ହେଉ। ସେହିପରି ଓଡ଼ିଶା ଦ୍ୱାରା ଉଠାଯାଇଥିବା ଦାବି ବିଚାର କରା ନ ଯିବା ପର୍ଯ୍ୟନ୍ତ ପ୍ରକଳ୍ପର ମୂଳ ଡିଜାଇନ ପରିବର୍ତ୍ତନ ନ ହେବା ନେଇ ଆୟୋଗ ନିଶ୍ଚିତ କରନ୍ତୁ ବୋଲି ସ୍ମାରକପତ୍ରରେ ଉଲ୍ଲେଖ ରହିଛି। ଏହାସହ ପ୍ରକଳ୍ପ ଯୋଗୁଁ ପଛୁଆ ଜଳର ପ୍ରଭାବ ସମ୍ପର୍କରେ ଅଧ୍ୟୟନ ସହ ମାଲକାନଗିରି ଜିଲ୍ଲାର ଜଳମଗ୍ନ ହେବାକୁ ଥିବା ଅଞ୍ଚଳର ସବିଶେଷ ଅଧ୍ୟୟନ କରାଯାଉ। ଅଧ୍ୟୟନ ବେଳେ ଆଇଆଇଟି ରୁର୍କୀ ଦ୍ୱାରା କରାଯାଇଥିବା ସର୍ଭେକୁ ମଧ୍ୟ ବିଚାରକୁ ନିଆଯାଉ।

ଯାହ୍ୱାଦାରା ସେଠାକାର ଜନଜାତିଙ୍କ ଜୀବନ, ଜୀବିକାର ସୁରକ୍ଷା କରାଯାଇପାରିବ। ସେହିପରି ଓଡ଼ିଶା ସରକାରଙ୍କ ସହ ଆଲୋଚନା କରାଯାଇ ସ୍ଥାନୀୟ ଅଞ୍ଚଳରେ ପୁନଃର୍ବାସ ଏବଂ ଥଇଥାନ ନୀତି କାର୍ଯ୍ୟକାରୀ କରିବାକୁ ଦାବି କରିଛି ପ୍ରତିନିଧି ମଣ୍ଡଳୀ। ଏତଦ୍‌ବ୍ୟତୀତ ଜଳମଗ୍ନସ୍ତରର ପୁନଃମୂଲ୍ୟାୟନ କରି ସେହି ଅନୁଯାୟୀ ପୋଲାଭରମ ପ୍ରକଳ୍ପକୁ ସଂଶୋଧନ କରାଯାଉ ବୋଲି ପ୍ରତିନିଧି ଦଳ ଦାବି କରିଛି। ଏହି ପ୍ରତିନିଧି ମଣ୍ଡଳୀରେ ବିଜେଡିର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ବରିଷ୍ଠ ନେତ୍ରୀ ପ୍ରମିଳା ମଲ୍ଲିକ, ବରିଷ୍ଠ ନେତା ନିରଞ୍ଜନ ପୂଜାରୀ, ସାଂସଦ ମାନସ ରଞ୍ଜନ ମଙ୍ଗରାଜ, ଡ. ସସ୍ମିତ ପାତ୍ର, ସୁଲତା ଦେଓ, ମୁଜିବୁଲ୍ଲା ଖାନ, ସୁଭାଶିଷ ଖୁଣ୍ଟିଆ, ନିରଞ୍ଜନ ବିଶିଙ୍କ ସହ ବରିଷ୍ଠ ନେତା ଭୃଗୁ ବକ୍ସିପାତ୍ର, ରମେଶ ଚନ୍ଦ୍ର ମାଝୀ, ମାନସ ମାଡକାମୀ, ପ୍ରିୟବ୍ରତ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

# ଦେଶର ୩ ସ୍ଥାନରେ ନିର୍ମାଣ ହେବ ଓଡ଼ିଶା ଭବନ

ଭୁବନେଶ୍ୱର,୨୦।୮ (ସମିସ): ଅଯୋଧ୍ୟା, ହାଇଦରାବାଦ ଓ ସୁରଟରେ ଓଡ଼ିଶା ଭବନ ନିର୍ମାଣ ହେବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନରେ ବୁଧବାର ନୂଆଦିଲ୍ଲୀର ନୂତନ ଓଡ଼ିଶା ଭବନ ନିର୍ମାଣ କାର୍ଯ୍ୟ ସମୀକ୍ଷା

■ ଅଯୋଧ୍ୟା, ହାଇଦରାବାଦ ଓ ସୁରଟରେ ହେବ ଓଡ଼ିଶା ଭବନ
■ ନୂଆଦିଲ୍ଲୀରେ ଓଡ଼ିଶା ଭବନ ନିର୍ମାଣ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା



ବେଳେ ଉପରୋକ୍ତ ତଥ୍ୟ ସାମ୍ନାକୁ ଆସିଛି। ନିଜେ ମୁଖ୍ୟମନ୍ତ୍ରୀ ଏନେଇ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଓଡ଼ିଶାରୁ ଅଯୋଧ୍ୟାକୁ ଅଧିକ ସଂଖ୍ୟକ ଭକ୍ତ ଓ ଶ୍ରଦ୍ଧାଳୁ ଯାଉଥିବାରୁ ଏବଂ ହାଇଦରାବାଦ ଓ ସୁରଟରେ ବହୁଳ ଭାବେ ଓଡ଼ିଆ ଲୋକ ରହୁଥିବାରୁ ମୁଖ୍ୟମନ୍ତ୍ରୀ ଏପରି ନିଷ୍ପତ୍ତି ନେଇଛନ୍ତି।

ଉଲ୍ଲେଖଯୋଗ୍ୟ ଯେ ନୂଆଦିଲ୍ଲୀର ଚାଣକ୍ୟପୁରୀରେ ବର୍ତ୍ତମାନ ଓଡ଼ିଶା ଭବନରୁ ପୁନଃନିର୍ମାଣ କରାଯାଉଛି। ଏହି ନୂଆ ଭବନରେ ଓଡ଼ିଶାର ସମୃଦ୍ଧ ପ୍ରସ୍ତର କାରୁକାର୍ଯ୍ୟ, ସମ୍ବଲପୁରୀ ଇକତ, ଓଡ଼ିଆ ପରମ୍ପରା ଓ ସଂସ୍କୃତିର ଝଲକ ପ୍ରତିଫଳିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଆର୍କିଟେକ୍ଟଙ୍କୁ ପରାମର୍ଶ ଦେଇଛନ୍ତି। ଏହି ନିର୍ମାଣ ପ୍ରକ୍ରିୟା ଯଥାଶୀଘ୍ର ଆରମ୍ଭ କରିବା ପାଇଁ ମୁଖ୍ୟମନ୍ତ୍ରୀ ବୈଠକରେ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ବୈଠକରୁ ଜଣାଯାଇଛି ଯେ ସମୁଦାୟ ୪,୭୬୧ ବର୍ଗ ମିଟର ନିର୍ମାଣ ଅଞ୍ଚଳରେ ଏହି ଏ+୬ ଭବନ ନିର୍ମାଣ କରାଯିବ ଏବଂ ଏଥିରେ ସମୁଦାୟ ୪୫ଟି ବିଭିନ୍ନ ବର୍ଗର ସୁଇଟ୍ ଉପଲବ୍ଧ ହେବ। ଭବନରେ ଏକ ସମ୍ମିଳନୀ କକ୍ଷର ମଧ୍ୟ ବ୍ୟବସ୍ଥା କରାଯାଇଛି। ସେହିଭଳି ମୁମ୍ବାଇକୁ ଯେହେତୁ ଓଡ଼ିଶାରୁ ଅଧିକ ସଂଖ୍ୟକ କର୍କଟ ରୋଗୀ ଚିକିତ୍ସିତ ହେବାକୁ ଯାଉଛନ୍ତି। ତେଣୁ ମୁମ୍ବାଇ ଓଡ଼ିଶା ଭବନରେ ଅଧିକ କୋଠରି ବ୍ୟବସ୍ଥା କରିବାକୁ ଉପସ୍ଥିତ ଅଧିକାରୀମାନଙ୍କୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୀବ ମିଶ୍ର ଓ ପୂର୍ତ୍ତ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

### ନବୀନଙ୍କ ବିରୋଧରେ ଅପମାନଜନକ, ଅଶାଳୀନ, ମିଥ୍ୟା ଭିଡିଓ ପ୍ରସାରଣ

# ଡିଜିଙ୍କୁ ଚିଠି ଲେଖିଲେ ଅମର

ଭୁବନେଶ୍ୱର,୨୦।୮ (ସମିସ): ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ବିରୋଧରେ ଘୃଣ୍ୟ, ମିଥ୍ୟା, ଅପମାନଜନକ ତଥା ମନଗଢ଼ା ଭିଡିଓ ପ୍ରସାରଣ ବିରୋଧରେ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ ୱାଇ. ବି ଖୁରାନିଆଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ବିଜେଡି ଆଇଟି ଓ ସୋସିଆଲ ମିଡିଆ ସେଲ ଆବାହକ ଡ. ଅମର ପଟ୍ଟନାୟକ। ଏନେଇ ସେ ଡିଜିଙ୍କୁ ଚିଠି ଲେଖି ଦୁଇଟି ଭିଡିଓ ସମ୍ପର୍କରେ ବିଶଦ ତଥ୍ୟ ପ୍ରଦାନ ସହ ଦୋଷୀଙ୍କୁ ଚିହ୍ନଟ ସହ ୨୪ ଘଣ୍ଟା ମଧ୍ୟରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି।

ଲେଖିଥିବା ଚିଠିରେ ଡ. ପଟ୍ଟନାୟକ ଉଲ୍ଲେଖ କରିଛନ୍ତି ଯେ ଦେଶର ଜଣେ ପ୍ରତିଷ୍ଠିତ ଅନନ୍ୟ ରାଜନେତା ତଥା ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ଏବଂ ତାଙ୍କ ଘନିଷ୍ଠ ସହଯୋଗୀଙ୍କ ବିରୋଧରେ ଓଡ଼ିଆଙ୍କ ଛତା ନାମରେ ଏକ ଫେସବୁକ ଆକାଉଣ୍ଟରେ ଏହି ଆପତ୍ତିଜନକ ଓ ଦୁର୍ଭାବନାପୂର୍ଣ୍ଣ ଭିଡିଓ ପ୍ରସାରିତ କରାଯାଉଛି। ଏହି ଭିଡିଓର ବିଷୟବସ୍ତୁ ଗୁଡ଼ିକ କେବଳ ଅତ୍ୟନ୍ତ ମାନହାନୀକାରକ ତଥା ନିନ୍ଦନୀୟ ନୁହେଁ; ବରଂ ଏହା ସ୍ପଷ୍ଟ ଭାବେ ନବୀନ ପଟ୍ଟନାୟକ, ଭି. କେ ପାଣ୍ଡିଆନ ଏବଂ ସୁଜାତା କାର୍ତ୍ତିକେୟନ ପାଣ୍ଡିଆନଙ୍କ ସାମାଜିକ ପ୍ରତିଷ୍ଠାକୁ ଖରାପ କରିବା ସାଧୁତାକୁ ପ୍ରଶ୍ନ କରିବା ଏବଂ ମାନସିକ ଯନ୍ତ୍ରଣା ଦେବା

■ ତୁରନ୍ତ ଦୋଷୀଙ୍କ ବିରୋଧରେ ମାମଲା ସହ ୨୪ ଘଣ୍ଟା ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଦାବି
■ କ୍ୟାପିଟାଲ ଥାନାରେ ଏତଲା ଦେଲା ବିଜେଡି ଆଇଟି ସେଲ୍

ସହ ସାମାଜିକ ବିଶୃଙ୍ଖଳା ଏବଂ ଜନସାଧାରଣଙ୍କ ମଧ୍ୟରେ କ୍ରୋଧ ସୃଷ୍ଟି କରିବା ପାଇଁ ଉଦ୍ଦିଷ୍ଟ ବୋଲି ଡ. ପଟ୍ଟନାୟକ ଚିଠିରେ ଉଲ୍ଲେଖ କରିଛନ୍ତି।

ତେଣୁ ଡିଜି ଏହି ଘଟଣାକୁ ଗୁରୁତ୍ୱର ଭାବେ ଗ୍ରହଣ କରି ଫେସବୁକ ଆକାଉଣ୍ଟ 'ଓଡ଼ିଆ ଛାଟ' ପରିଚାଳକଙ୍କ ବିରୋଧରେ ମାମଲା ରୁଜୁ କରିବା ସହ ମେଟା ତୁରନ୍ତ ଉକ୍ତ ବ୍ୟକ୍ତିବିଶେଷଙ୍କୁ ଚିହ୍ନଟ ପାଇଁ ପଦକ୍ଷେପ ନେବାକୁ ଡ. ପଟ୍ଟନାୟକ ଦାବି କରିଛନ୍ତି। ଏପରି ଅପମାନଜନକ ଭିଡିଓକୁ ତୁରନ୍ତ ସାମାଜିକ ଗଣମାଧ୍ୟମରୁ ହଟାଇବା ସହ ଘଟଣାରେ ଜଡ଼ିତ ଦୋଷୀଙ୍କ ବିରୋଧରେ ଆଗାମୀ ୨୪ ଘଣ୍ଟା ମଧ୍ୟରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ଡ. ପଟ୍ଟନାୟକ କହିଛନ୍ତି।

ଅନ୍ୟପକ୍ଷରେ ବିଜେଡି ଆଇଟି ସେଲ୍ ମଧ୍ୟ କ୍ୟାପିଟାଲ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଛାତ୍ର ବିଜେଡି ନେତା ରକି ଦାସଙ୍କ ସମେତ ଅନ୍ୟ ନେତାମାନେ ଥାନାରେ ଏତଲା ଦେଇଛନ୍ତି। ବିରୋଧୀ ଦଳ ନେତା, ଭିକେ ପାଣ୍ଡିଆନ ଓ ସୁଜାତା ରାଉତଙ୍କ ମାନହାନି କରିବା ଏଆଇ ମାଧ୍ୟମରେ ଭିଡିଓ କରି ସାମାଜିକ ଗଣମାଧ୍ୟମରେ ଭାଇରାଲ କରାଯାଉଛି। ସଂପୃକ୍ତ ଫେସବୁକ ଆଇଡି ପରିଚାଳକଙ୍କ ବିରୋଧ ମାମଲା ରୁଜୁ କରି କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରାଯାଇଛି।

### ନିଟ୍ ମେଡିକାଲ ପିଜି ପ୍ରବେଶିକା ପରୀକ୍ଷା

# ଏସ୍‌ସିବି ଛାତ୍ର ପୁଶନ୍ ଟପ୍ପର

କଟକ,୨୦।୮ (ସମିସ): ସର୍ବଭାରତୀୟ ନିଟ୍ ମେଡିକାଲ ପିଜି ପ୍ରବେଶିକା ପରୀକ୍ଷାରେ ଏସ୍‌ସିବି ମେଡିକାଲ କଲେଜ ଛାତ୍ର ଡାକ୍ତର ପୁଶନ ମହାପାତ୍ର ଟପ୍ପର ହୋଇଛନ୍ତି। ପିଜି ନାମଲେଖା ନିମନ୍ତେ ପ୍ରକ୍ରିୟା ଆଗାମୀ ଦିନରେ ହେବାକୁ ଥିବା ବେଳେ ଦିଲ୍ଲୀ ଯାଇ ଡାକ୍ତରୀ ପାଠପଢ଼ାରେ ଉଚ୍ଚଶିକ୍ଷା ହାସଲ କରିବା ପୁଶନଙ୍କ ଲକ୍ଷ୍ୟ ରହିଛି। କଟକ କାଳିଗଳି ଅଞ୍ଚଳର ଜୟକୃଷ୍ଣ ମହାପାତ୍ର ଏବଂ ରଚିତା ମହାପାତ୍ରଙ୍କ ପୁଅ ପୁଶନ ଷ୍ଟିୱାର୍ଟ ସ୍କୁଲରୁ ଦଶମ ଏବଂ ଏଲଆର ଡିଏଭିରୁ ଯୁକ୍ତ ଦୁଇ ପଢ଼ା ଶେଷ କରିବା ପରେ ଏସ୍‌ସିବି ମେଡିକାଲ କଲେଜରେ ଏମବିବିଏସ୍ ପାଠ୍ୟକ୍ରମରେ ନାମ ଲେଖାଇଥିଲେ।

# ଲିଜ୍‌ଧାରୀଙ୍କ ନିର୍ମାଣ ଉପରେ ଲିଜ୍‌ଦାତା ଦାବିଦାର ନୁହନ୍ତି: ହାଇକୋର୍ଟ

କଟକ,୨୦।୮ (ସମିସ): ଲିଜ୍ ସୂତ୍ରରେ ନେଇଥିବା ଜମି ଉପରେ ଲିଜଧାରୀ କରିଥିବା ନିର୍ମାଣର ସେ ହିଁ ପ୍ରକୃତ ମାଲିକ ଅଟନ୍ତି। ଏହାଉପରେ ଲିଜ୍‌ଦାତା କିନ୍ତୁ ନିଜର ମାଲିକାନା ଦାବି କରିପାରିବେ ନାହିଁ ବୋଲି ଓଡିଶା ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଲିଜ୍ ଜମି ଉପରେ ନିର୍ମିତ ଏକ ମୋବାଇଲ୍ ଟାୱାର ସମ୍ପର୍କିତ ବିବାଦକୁ ନେଇ ନିର୍ମଳା ସାହୁଙ୍କ ପକ୍ଷରୁ ରୁଜୁ ଆବେଦନର ବିଚାର କରି ଜଷ୍ଟିସ୍ ଦୀକ୍ଷିତ କୃଷ୍ଣା ଶ୍ରୀପାଦ ଏପରି ରାୟ ଦେଇଛନ୍ତି। ମାମଲାରୁ ପ୍ରକାଶ ଯେ ଗତ ୨୦୧୪ ମେ ୫ ତାରିଖରେ ହୋଇଥିବା ଏକ ଲିଜ୍ ଡିଡ୍ ଅନୁସାରେ ଆବେଦନକାରୀ ମାଲିକ ହୋଇଥିବାରୁ ସମ୍ପୃକ୍ତ ଜମିକୁ ୫ନମ୍ବର ପ୍ରତିପକ୍ଷ ତଥା ଲିଜଧାରୀଙ୍କୁ ଦେଇଥିଲେ। ଲିଜଧାରୀ ଜମି ଉପରେ ଏକ ମୋବାଇଲ୍ ଟାୱାର ନିର୍ମାଣ କରିଥିଲେ, ଯାହା ପରବର୍ତ୍ତୀ ସମୟରେ ଅକାମୀ ହୋଇଗଲା। ୨୦୧୫ଜୁଲାଇ୧ରେ କେନ୍ଦ୍ରାପଡା ଜିଲ୍ଲାପାଳ ଏହାକୁ ଭାଙ୍ଗିବାକୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ଚାଲେଞ୍ଜ କରି ଆବେଦନକାରୀ ଲିଜ୍ ଦାତା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀଙ୍କ ପକ୍ଷରୁ ଯୁକ୍ତି ଦର୍ଶାଯାଇଥିଲା ଯେ ଜିଲ୍ଲାପାଳଙ୍କ ଉକ୍ତ ବିବାଦିତ ଆଦେଶ ଆବେଦନକାରୀଙ୍କ ସ୍ୱାର୍ଥ ଉପରେ ନକାରାତ୍ମକ ପ୍ରଭାବ ପକାଇଛି, ଯାହା ଆଇନଗତ ଭାବରେ ସ୍ଥାୟୀ ନୁହେଁ। ହେଲେ ଲିଜଧାରୀ ସମେତ ବିପରୀତ ପକ୍ଷମାନେ ଜିଲ୍ଲାପାଳଙ୍କ ଆଦେଶକୁ ଯଥାର୍ଥ ଦର୍ଶାଇ ଉକ୍ତ ଆବେଦନକୁ ବିରୋଧ କରିଥିଲେ। ଲିଜ ଅନୁସାରେ ହୋଇଥିବା ନିର୍ମାଣ ଉପରେ ସେ ହିଁ ପ୍ରକୃତ ମାଲିକ ବୋଲି ଅଦାଲତ ବିଭିନ୍ନ ଆଇନର ତର୍ଜମା କରି ମତ ଦେଇଛନ୍ତି। କେନ୍ଦ୍ରାପଡ଼ାର ସିଭିଲ୍ ଜଜ୍ ଅଦାଲତରେ ଏକ ମାମଲା ବିଚାରାଧୀନ ଥିବା ବେଳେ ଏହାକୁ ଏକ ବର୍ଷ ମଧ୍ୟରେ ଫଇସଲା କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଜାରି କରିଛନ୍ତି।

# ଗୋରୁଙ୍କ ଜୀବନ ନେଉଛି ଲମ୍ପି ସ୍କିନ୍

ଭୁବନେଶ୍ୱର, ୨୦।୮ (ସମିସ): ସମ୍ପ୍ରତି ରାଜ୍ୟର ଗୋସମ୍ପଦ ପାଇଁ ଏବେ ଘାତକ ହୋଇଛି ଲମ୍ପି ସ୍କିନ୍(ଚର୍ମ ବିଣ୍ଡି) ରୋଗ। ଏପର୍ଯ୍ୟନ୍ତ ଏହି ରୋଗ ପାଇଁ କୌଣସି ଟିକା ଉପଲବ୍ଧ ହୋଇ ନ ଥିବାରୁ ଗାଇ ଗୋରୁମାନଙ୍କ ନିରାକରଣ କରାଯାଇପାରୁନି। କିଛି ଗୋରୀଙ୍କୁ ଛେଳିଙ୍କ ପାଇଁ ଉଦ୍ଦିଷ୍ଟ ଗୋଟ୍ ପକ୍ସ ଦେଇ ଚିକିତ୍ସିତ କରାଯାଉଥିବାବେଳେ ଆଉ କିଛିଙ୍କୁ କେବଳ ଭିଟାମିନ୍ ଔଷଧ ଦିଆଯାଉଛି। କେତେକାଂଶରେ ଏହା ଫଳପ୍ରଦ ହେଉଥିବାବେଳେ ଅଧିକାଂଶ ଗୋରୁଙ୍କ କ୍ଷେତ୍ରରେ ଏହା କାମ କରୁନଥିବା ଅଭିଯୋଗ ହେଉଛି। ଏହି ରୋଗ ପଶ୍ଚିମବଙ୍ଗରୁ ଓଡ଼ିଶାକୁ ବ୍ୟାପିଛି। ଏବେ ଉପକୂଳ ଓଡ଼ିଶା ସମେତ ପଶ୍ଚିମ ଓଡ଼ିଶାରେ ଗାଇ ଓ ବଳଦମାନଙ୍କ କ୍ଷେତ୍ରରେ ମାତ୍ରାଧିକ ଦେଖାଯାଉଛି। ଗାଁ ଗହଳିରେ ଏବେ ଏହି ରୋଗ ମାତ୍ରାଧିକ ଭାବେ ବ୍ୟାପିବା ଯୋଗୁଁ ଗୋପାଳକଙ୍କ ଭିତରେ ଭୟର ବାତାବରଣ ସୃଷ୍ଟି ହେଉଛି। ରାଜ୍ୟରେ ଏବେ ଅଢ଼େଇ କୋଟିରୁ ଊର୍ଦ୍ଧ୍ୱ ଗୃହପାଳିତ ପଶୁ ଅଛନ୍ତି। ଏମାନଙ୍କ ମଧ୍ୟରେ ଗାଇ ଓ ବଳଦଙ୍କ ସଂଖ୍ୟା ସର୍ବାଧିକ। ତା'ତଳକୁ ଛେଳି, ମେଣ୍ଢା ଆଦି ରହିଛନ୍ତି। ମାତ୍ର ଗାଇଙ୍କ କ୍ଷେତ୍ରରେ ଏବେ ଚର୍ମ ବିଣ୍ଡି ରୋଗ ବହୁ ପରିମାଣରେ ଦେଖାଯାଉଛି। ଏହି ରୋଗ ହେଲେ ପ୍ରଥମେ ଗାଇଙ୍କୁ ଜ୍ୱର ହେବାସହ ଶରୀରରେ ଫୋଟକା ଭଳି ଫୁଲି ଯାଉଛି। ପରେ ଏସବୁ ଫୋଟକା ଫାଟି ଘା' ହେଉଛି। ଛେଳିମାନଙ୍କ ପାଇଁ ବ୍ୟବହାର ହେଉଥିବା ଗୋଟ୍ ପକ୍ସ୍ ଟିକାକୁ ପରୀକ୍ଷାମୂଳକ ଭାବେ ଦିଆଯାଉଥିବାବେଳେ ଏହା ସଠିକ୍ ଭାବେ କାମ କରୁନଥିବା ଗୋପାଳକମାନେ ଅଭିଯୋଗ କରିଛନ୍ତି। ଏହା ଏକ ବାୟୁବାହିତ ଓ ଭୁତାଣୁ ଜନିତ ରୋଗ ଏବଂ ମଶା, ମାଛି, ଡାଆଁସ



ଦ୍ୱାରା ବ୍ୟାପୁଥିବାରୁ କ୍ରମଶଃ ଗୋଟିଏ ଗୁହାଳରୁ ଅନ୍ୟ ଜାଗାକୁ ସହଜରେ ବ୍ୟାପୁଛି। ଯେଉଁ ଗୋରୁମାନଙ୍କଠାରେ ରୋଗ ପ୍ରତିଶୋଧକ ଶକ୍ତି କମ୍ ରହୁଛି, ସେହି ଗୋରୁମାନଙ୍କୁ ଏହି ରୋଗ ବିଶେଷ ଭାବେ ଆକ୍ରାନ୍ତ କରୁଛି। ଏହି ରୋଗ ସାଧାରଣତଃ ବାଛୁରୀ ଓ ଗର୍ଭବତୀ ଗାଇମାନଙ୍କୁ ପ୍ରଭାବିତ କରୁଛି। ରୋଗରେ ଆକ୍ରାନ୍ତ ପ୍ରାଣୀମାନଙ୍କ ଚର୍ମରେ ବିଣ୍ଡି ଭଳି ଗଣ୍ଠି ସୃଷ୍ଟି ହେଉଛି। ସେହି ଗଣ୍ଠି ଫାଟି ରକ୍ତ ଝରୁଥିବା ଲକ୍ଷ୍ୟ କରାଯାଉଛି। ଏହି ରୋଗରେ ଆକ୍ରାନ୍ତ ପଶୁମାନଙ୍କ ପାଟିରୁ ନାଳ ଗଡୁଛି, ଖାଇବା ଛାଡି ଦେଉଛନ୍ତି ଓ ଘୁମାଇବା ସ୍ଥିତି ଦେଖାଯାଉଛି। ଏଭଳି ସ୍ଥିତି ଲାଗି ରହିବାର ୩ରୁ ୪ଦିନ ପରେ ଆକ୍ରାନ୍ତ ଗୋରୁର ମୃତ୍ୟୁ ଘଟୁଛି।

ପ୍ରାଣୀଧନ ଚିକିତ୍ସକଙ୍କ କହିବାନୁସାରେ, ଆବଶ୍ୟକ ଔଷଧ ସେବନ କରାଗଲେ ଆକ୍ରାନ୍ତ ପଶୁମାନେ ସପ୍ତାହକ ପରେ ସୁସ୍ଥ

■ ବିପଦରେ ଲକ୍ଷାଧିକ ଗୃହପାଳିତ ପଶୁ
■ ସଂକ୍ରମଣକୁ ନେଇ ଭୟର ବାତାବରଣ

ହୋଇ ଯାଉଛନ୍ତି। ଅର୍ଥାତ୍ ରୋଗ ପ୍ରତିଶେଧକ ଶକ୍ତି ଅଧିକ ଥିବା ଗାଇ ବାଛୁରୀ ଏହି ରୋଗରେ ଆକ୍ରାନ୍ତ ହେଲେ ଆରୋଗ୍ୟ ହେବାର ସମ୍ଭାବନା ଅଧିକ ରହୁଛି। ଏହି ସମୟରେ ଗୋ-ପାଳକମାନେ ସେମାନଙ୍କ ଗାଇଗୋରୁଙ୍କୁ ଭିଟାମିନ ଯୁକ୍ତ ଖାଦ୍ୟ ଦେବାକୁ ସେ ପରାମର୍ଶ ଦେଉଛନ୍ତି। ଏତଦବ୍ୟତୀତ ଯେଉଁଠି ଡାକ୍ତର ପହଞ୍ଚିବାରେ ବିଳମ୍ବ ହେଉଛି, ହଳଦୀ ଓ ଲିମ୍ବପତ୍ରକୁ ଆକ୍ରାନ୍ତ ଗୋରୁମାନଙ୍କ ଚର୍ମରେ ଲେପନ କରିବାକୁ ପରାମର୍ଶ ଦିଆଯାଇଛି ।

### ଛାତ୍ର ସଂସଦ ନିର୍ବାଚନ ନ କରିବାକୁ ଚାଲିଛି ସରକାରୀ ଷଡ଼ଯନ୍ତ୍ର

# ଛାତ୍ର କଂଗ୍ରେସର 'କ୍ୟାମ୍ପସ୍ ଚଲୋ' ଅଭିଯାନ ଆରମ୍ଭ



ଭୁବନେଶ୍ୱର,୨୦।୮ (ସମିସ): ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ବିଶ୍ୱବିଦ୍ୟାଳୟର ଛାତ୍ରୀ ମୃତ୍ୟୁ ପଛରେ ଏବିଭିପିର ସଂପୂର୍ଣ୍ଣ ହାତ ରହିଥିବାର ଜଣାପଡ଼ିବା ପରେ ସାରା ଓଡ଼ିଶାର ଶିକ୍ଷାନୁଷ୍ଠାନର କ୍ୟାମ୍ପସରେ ଏବିଭିପି ବଦନାମ ହୋଇଯାଇଛି। କ୍ୟାମ୍ପସ ଭିତରେ ହିଂସା ଏବଂ ଅପରାଧିକ କାର୍ଯ୍ୟ କରିବାପାଇଁ ଏବିଭିପିର ଷଡ଼ଯନ୍ତ୍ରକୁ ଓଡ଼ିଶାର ଛାତ୍ର ସମାଜ, ଅଭିଭାବକ ଏବଂ ବୁଦ୍ଧିଜୀବୀ ମାନେ ଅନୁଭବ

■ କ୍ୟାମ୍ପସରେ ଜୋରଦାର ହେବ ଲଢ଼େଇ

କରିସାରିଛନ୍ତି। ତେଣୁ ଛାତ୍ରଛାତ୍ରୀ ମାନଙ୍କର ସମର୍ଥନ ନ ପାଇବାର ଆଭାସ ପାଇ ବିଜେପି ସରକାର ଛାତ୍ର ସଂସଦ ନିର୍ବାଚନ ନ କରାଇ ଦେବାପାଇଁ ଷଡ଼ଯନ୍ତ୍ର ଆରମ୍ଭ କରିଛି ବୋଲି ଛାତ୍ର କଂଗ୍ରେସ ଅଭିଯୋଗ କରିଛି।

ମଙ୍ଗଳବାର କଂଗ୍ରେସ ଭବନଠାରେ ଛାତ୍ର କଂଗ୍ରେସର ରାଷ୍ଟ୍ରୀୟ ସମ୍ପାଦକ ତଥା ଓଡ଼ିଶା ପ୍ରଭାରୀ କରଣ ତାମସେତୱାର କହିଛନ୍ତି ଯେ ରାଜ୍ୟ ସରକାରଙ୍କ ଏହି ଷଡ଼ଯନ୍ତ୍ର ବିରୋଧରେ ଛାତ୍ର କଂଗ୍ରେସ ଲଢ଼େଇ ଜୋରଦାର କରିବ। ଏହି ଅବସରରେ ଆଜି ଛାତ୍ର କଂଗ୍ରେସର 'କ୍ୟାମ୍ପସ ଚଲୋ ଅଭିଯାନ' ର ଶୁଭାରମ୍ଭ ହୋଇଛି। ଏହି ଅଭିଯାନ ମାଧ୍ୟମରେ ଏନଏସୟୁଆଇ (ଛାତ୍ର କଂଗ୍ରେସ)ର କର୍ମକର୍ତ୍ତା ଓ ସଭ୍ୟମାନେ ଓଡ଼ିଶାର ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରେ କ୍ୟାମ୍ପସକୁ ଯିବେ। ଛାତ୍ର ସଂସଦ ନିର୍ବାଚନ ପାଇଁ ଆନ୍ଦୋଳନ ହେବ। କ୍ୟାମ୍ପସ ଭିତରେ ଅଶାନ୍ତି ଏବଂ ଅପରାଧିକ କାର୍ଯ୍ୟକୁ ପ୍ରତିବାଦ କରାଯିବ। ବିଶେଷକରି ଛାତ୍ରୀମାନଙ୍କର ସୁରକ୍ଷା ଉପରେ ଦୃଷ୍ଟି ଦିଆଯିବ। ସରକାରୀ ଶିକ୍ଷାନୁଷ୍ଠାନରେ ହେଉଥିବା ଦୁର୍ନୀତିର ଦୃଢ଼ ପ୍ରତିବାଦ କରାଯିବ।

ଓଡ଼ିଶାର ସରକାରୀ ଶିକ୍ଷା ବ୍ୟବସ୍ଥା ବର୍ତ୍ତମାନ ସମ୍ପୂର୍ଣ୍ଣ ଭୁଷୁଡ଼ି ପଡ଼ୁଛି। ସରକାରୀ ମହା ବିଦ୍ୟାଳୟ ଏବଂ ସ୍ୱୟଂଶାସିତ ମହାବିଦ୍ୟାଳୟର ଶିକ୍ଷକ ପଦବୀର ଚିତ୍ର ଅତ୍ୟନ୍ତ ନୈରାଶ୍ୟଜନକ ରହିଛି। ପ୍ରାଥମିକ ବିଦ୍ୟାଳୟ ଠାରୁ ଉଚ୍ଚ ବିଦ୍ୟାଳୟ ପର୍ଯ୍ୟନ୍ତ ସବୁଠାରେ ଉତ୍କଟ ଶିକ୍ଷକ ଅଭାବ ଶିକ୍ଷା ବ୍ୟବସ୍ଥାକୁ ବିପର୍ଯ୍ୟସ୍ତ କରିଦେଇଛି। ସରକାରୀ ଶିକ୍ଷା ବ୍ୟବସ୍ଥାକୁ ହତାଦର କରାଯାଇ ବେସରକାରୀ ଶିକ୍ଷାନୁଷ୍ଠାନକୁ ପ୍ରୋତ୍ସାହନ ଦିଆଯାଉଛି। ଅନ୍ୟପକ୍ଷରେ 'ଭୋଟ ଚୋରୀ' ବିରୋଧରେ ଛାତ୍ର ଛାତ୍ରୀମାନଙ୍କ ସହ ଆଲୋଚନା ହେବ ଏବଂ ନୂଆ ଭୋଟର ମାନଙ୍କୁ ଭୋଟ ଚୋରି ବିଷୟରେ ସଚେତନ କରାଯିବ ବୋଲି ଛାତ୍ର କଂଗ୍ରେସ ସୂଚନା ଦେଇଛି। ଏହି କାର୍ଯ୍ୟକ୍ରମରେ ପିସିସି ସାଧାରଣ ସମ୍ପାଦକ ସୟଦ ୟାସିର ନୱାଜ, ମନୋଜ ବିଶ୍ୱାଳ, ବିଭୁତି ଭୂଷଣ ମହାପାତ୍ର, ସାଗର ପଟ୍ଟନାୟକ, ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ଅଣଅନୁଦାନପ୍ରାପ୍ତ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି




ରାଜକନିକା,୨୦।୮ (ସମିସ): ରାଜ୍ୟ ଅଣଅନୁଦାନପ୍ରାପ୍ତ କର୍ମଚାରୀ ସଙ୍ଘର ଆହ୍ୱାନକ୍ରମେ ରାଜକନିକା ବ୍ଲକ୍ ଏସ୍‌ଏନ୍ କଲେଜର ଏହି ବର୍ଗର ୨୦ ଜଣ କର୍ମଚାରୀ ଗତ ୧୬ ତାରିଖ ଠାରୁ କାର୍ଯ୍ୟବନ୍ଦ ଜାରି ରଖିଛନ୍ତି । ରାଜକନିକାର ଏହି କଲେଜରେ ୨୦୦୮ ମସିହାରୁ ୨୦୧୮ ମସିହା ଯାଏ ପରିଚାଳନା କମିଟି ଦ୍ୱାରା ନିଯୁକ୍ତ ୨୦ ଜଣ କର୍ମଚାରୀ ସ୍ୱଳ୍ପ ବେତନରେ ବର୍ଷ ବର୍ଷ ଧରି କାର୍ଯ୍ୟ କରୁଥିବା ବେଳେ ସେମାନଙ୍କ ପାଇଁ ସ୍ୱତନ୍ତ୍ର ସରକାରୀ ଆଦେଶ ପ୍ରକାଶ କରି ଏମାନଙ୍କୁ ସରକାରୀ କର୍ମଚାରୀ ମାନ୍ୟତା ଦେବାକୁ ବାରମ୍ବାର ଦାବି କରାଯାଇ ଆସୁଥିଲେ ବି ସରକାର ଏମାନଙ୍କ ପ୍ରତି ବୈମାତୃକ ମନୋଭାବ ପ୍ରଦର୍ଶନ କରୁଛନ୍ତି । ତେଣୁ ଏହା ବିରୋଧରେ ଆନ୍ଦୋଳନ ଜାରି ରହିଛି । ଦାବି ପୂରଣ ନ ହେବା ଯାଏ ଧାରଣା ଜାରି ରହିବ ବୋଲି କୁହାଯାଇଛି ।

# ଠକେଇ ଅଭିଯୋଗରେ ମହିଳା ଗିରଫ




ରାଜନଗର,୨୦।୮ (ସମିସ): ଠକେଇ ଅଭିଯୋଗରେ ରାଜନଗର ପୁଲିସ ଜଣେ ମହିଳାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସୂଚନା ମୁତାବକ ରାଜନଗର ଥାନା ଅନ୍ତର୍ଗତ କେରେଡାଗଡ ଗାଁର ରୂପାଲି ମାଝୀ, କବିତା ମାଝୀ, ସବିତା ମାଝୀ, ଫୁଲରାଣୀ ମାଝୀ, ଶାନ୍ତିଲତା ମାଝୀ, ମିନା ମାଝୀ, ସାବିତ୍ରୀ ମାଝୀ ଓ ବାଲିସାହିପାଟଣା ଗାଁର କୁନିଲତା ମାଝୀଙ୍କୁ ଗତ ନଭେମ୍ବର ୧୯ ତାରିଖରେ ଚଞ୍ଚକତା କରି ଓ ମିଥ୍ୟା ପ୍ରଲୋଭନ ଦେଖାଇ କେରେଡ଼ାଗଡ଼ ଗାଁର ମମତା ମାଝୀ ୧୪ ଲକ୍ଷ ୧୫ ହଜାର ଟଙ୍କା ଠକି ନେଇଥିଲେ ବୋଲି ଅଭିଯୋଗ ହୋଇଥିଲା । ରାଜନଗର ଥାନାରେ କେସ ନମ୍ବର ୪୧୮/୨୦୨୪ ରେ ମାମଲା ରୁଜୁ ହୋଇଥିଲା । ଗତକାଲି ରାଜନଗର ପୁଲିସ ମମତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ବୋଲି ଆଇଆଇସି ନରେଶ କୁମାର ସାହୁ ସୂଚନା ଦେଇଛନ୍ତି ।

# ଡ୍ରେନ୍ ନିର୍ମାଣ ଯୋଗୁଁ ରାସ୍ତା ସଂକୀର୍ଣ୍ଣ; ଗମନାଗମନରେ ବାଧା

■ ଜିଲ୍ଲାପାଳଙ୍କୁ ଦାବିପତ୍ର

ପଟ୍ଟାମୁଣ୍ଡାଇ,୨୦।୮ (ସମିସ): ପଟ୍ଟାମୁଣ୍ଡାଇ ପୌର ପରିଷଦ ୨୦ନଂ ୱାର୍ଡ ବନ୍ଧପଡ଼ା ଗ୍ରାମର ବୁଢ଼ୀ ଜାଗୁଳାଇ ଠାକୁରାଣୀ ପୀଠ, ଏଏନ୍‌ଏମ୍ ସେଣ୍ଟର ନିକଟରେ ଥିବା ଅଣ ଓସାରିଆ ରାସ୍ତାରେ ଡ୍ରେନ୍ ନିର୍ମାଣ ଯୋଗୁଁ ରାସ୍ତା ଅଧିକ ସଂକୀର୍ଣ୍ଣ ହୋଇଛି । ଫଳରେ ଜନସାଧାରଣ ଯାତାୟାତ କ୍ଷେତ୍ରରେ ଅସୁବିଧା ଭୋଗ କରୁଛନ୍ତି । ଏଥି ନେଇ କିଛି ବାସିନ୍ଦା ପଟ୍ଟାମୁଣ୍ଡାଇ ପୌର ପରିଷଦ କାର୍ଯ୍ୟାଳୟରେ ଅଭିଯୋଗ କରି ଡ୍ରେନ ନିର୍ମାଣ ବନ୍ଦ ପାଇଁ ଦାବି କରିଥିଲେ ଓ ମାତ୍ର ପୌର ପରିଷଦ ଏ ଦିଗରେ କୌଣସି ପଦକ୍ଷେପ ନନେବାରୁ ବାଧ ହୋଇ ବନ୍ଧପଡା ଗ୍ରାମର କିଛି ଅଧିବାସୀ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ । ସରକାର ଓ ପୌର ପରିଷଦ ଜନସାଧାରଣଙ୍କ ଗମନାଗମନ ସମସ୍ୟା ପ୍ରତି ଧ୍ୟାନ ଦେଇ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି ।

# ବିଜୟ ମହାପାତ୍ରଙ୍କ ବୀର ନୀଳକଣ୍ଠପୁର ଗସ୍ତ

■ ସଂଗ୍ରାମଙ୍କ ପରିବାରକୁ ଜଣାଇଲେ ସମବେଦନା



ପଞ୍ଚୁପାଣ୍ଡବ,୨୦।୮ (ସମିସ): ଡେରାବିଶ ବ୍ଲକ୍ ନହଙ୍ଗ ପଞ୍ଚାୟତ ବୀର ନୀଳକଣ୍ଠ ଗ୍ରାମର ପୁରୁଷୋତ୍ତମ ସେଠୀଙ୍କ ଏକ ମାତ୍ର ପୁଅ ସଂଗ୍ରାମ କେଶରୀ ସେଠୀ( ୩୮ )ଙ୍କ ଦୁର୍ଘଟଣାରେ ମୃତ୍ୟୁ ହୋଇଥିଲା । ଏହି ଖବର ପାଇ ପୂର୍ବତନ ମନ୍ତ୍ରୀ ବିଜୟ ମହାପାତ୍ର ସଂଗ୍ରାମଙ୍କ ଘରେ ପହଞ୍ଚି ପରିବାର ସଦସ୍ୟଙ୍କୁ ସମବେଦନା ଜଣାଇଛନ୍ତି । ମହାପ୍ରଭୁ ଜଗନ୍ନାଥଙ୍କ ଦର୍ଶନ ପାଇଁ ମଧ୍ୟପ୍ରଦେଶରୁ ପୁରୀକୁ ଏକ କାର୍ ଯୋଗେ ଆସୁଥିବାବେଳେ ଓଡ଼ିଶା ସୀମାନ୍ତରେ ଦୁର୍ଘଟଣା ଘଟି ୬ ଯୁବକଙ୍କ ମୃତ୍ୟୁ ହୋଇଥିଲା । ସଂଗ୍ରାମଙ୍କ ବ୍ୟତୀତ ଅନ୍ୟ ୫ ଜଣଙ୍କ ଘର ମଧ୍ୟପ୍ରଦେଶରେ । ସେ ମଧ୍ୟପ୍ରଦେଶର ଇନ୍ଦୋରଠାରେ ରିଲାଏନ୍ସ ଜେନେରାଲ ଇନ୍ସୁରାନ୍ସ କମ୍ପାନୀରେ ଅପରେସନ ମ୍ୟାନେଜର ଭାବେ ଚାକିରି କରିଥିଲେ । ଘରେ ବିଧବା ପତ୍ନୀଙ୍କ ସମେତ ୩ ବର୍ଷର ପୁଅ ଥିବା ଜଣାଯାଇଛି । ସଂଗ୍ରାମଙ୍କ ବିୟୋଗରେ ଅଞ୍ଚଳରେ ଶୋକ ର ଛାୟା ଖେଳିଯାଇଛି ।

# ମାଛ ସଙ୍କଟ; ଆଇଁଷ ଖାଇବା ଲୋକେ ହତାଶ

ରାଜକନିକା,୨୦।୮ (ସମିସ):



ନଦୀ ନାଳ ଘେରା ରାଜକନିକା ବ୍ଲକ୍ ଦିନେ ମାଛ, କଙ୍କଡ଼ାର ମୁଖ୍ୟ ଉତ୍ପାଦନସ୍ଥଳ ଥିଲା । ଏବେ କିନ୍ତୁ ଏହି ଅଞ୍ଚଳରେ ମାଛ ମିଳୁନି । ଆଜି ବୁଧବାର ଆମିଷ ବାରିରେ ଲୋକେ ଆମିଷ ଦୋକାନରେ ଭିଡ଼ ଜମାଉଥିବାବେଳେ କାଁ ଭାଁ ସ୍ଥାନରେ ମାଛ ମିଳୁଥିଲା । ଆଇଁଷ ଚାହିଦା ମେଣ୍ଟାଇବାକୁ ବଜାରରେ ମାଛ ସଙ୍କଟ ଦେଖି ଲୋକେ ହତାଶ ହୋଇଥିଲେ । ରାଜକନିକା ବ୍ଲକ୍‌ର ପ୍ରାୟ ପ୍ରତି ଦଶଟି ପରିବାର ମଧ୍ୟରେ ୪ଟି ପୋଖରୀ ଓ ଗାଡ଼ିଆ ଥିବା ବେଳେ ପ୍ରାକୃତିକ ଉପାୟରେ ନଦୀ ନାଳ, ନିଲାମ ଯୋଗ୍ୟ ମତ୍ସ୍ୟଦିଆ ଗୁଡ଼ିକରେ ମାଛ ଉତ୍ପାଦନ ହେଉଥିବା କୁହାଯାଉଥିବାବେଳେ ରାଜକନିକାର ସବୁ ବଜାରରେ କିନ୍ତୁ ଆନ୍ଧ୍ର ମାଛ, କୁକୁଡ଼ା ଓ ଅଣ୍ଡା ଉପରେ ନିର୍ଭର କରିବାକୁ ପଡୁଛି ।

ଅନୁସନ୍ଧାନ ମୁତାବକ ରାଜକନିକା ବ୍ଲକର କଣ୍ଟପଡ଼ା, ବରାଡ଼ିଆ, ଜୟନଗର, କାଟଣା, ଭାରିଗଦା, ଓଳାଭର, ନହୁଲିଆ ଛକ, କଣ୍ଡିଆହାଟ ସହ ପ୍ରତି ଆମିଷ ବାରି ଦିନ ଶହ ଶହ ସଂଖ୍ୟାରେ ବୁଲା ମାଛ ବେପାରୀ ଗାଁ ଗଣ୍ଡାରେ ପଶି ମାଛ ବିକି ଗୁଜୁରାଣ ମେଣ୍ଟାଇଥାନ୍ତି । ତେବେ ସପ୍ତାହର ରବିବାର, ବୁଧବାର ଓ ଶୁକ୍ରବାର ରାଜକନିକା ବ୍ଲକ୍‌ର ବଜାରକୁ ପ୍ରାୟ ୮ ଶହ କ୍ୱିଣ୍ଟାଲ ଆନ୍ଧ୍ର ଓ ଚିଲିକା ଅଞ୍ଚଳର ମାଛ ଆସି ବିକ୍ରି ହେଉଛି । ବ୍ଲକ୍‌ର ବହୁ ଅଞ୍ଚଳରେ ମତ୍ସ୍ୟ ଉତ୍ପାଦକ ସଙ୍ଘ, ଜାଆଁଳ ଉତ୍ପାଦନ କେନ୍ଦ୍ର, ଟାଙ୍କିରେ ମାଛ ଚାଷ, ସ୍ୱୟଂସହାୟକ ଗୋଷ୍ଠୀ ଦ୍ୱାରା ପଞ୍ଚାୟତ ପୋଖରୀ ନିଲାମ କରି ମାଛ

■ ଚାହିଦା ମେଣ୍ଟାଉଛି ଆନ୍ଧ୍ର ମାଛ, ବାହାବାଃ ନେଉଛି ମତ୍ସ୍ୟ ବିଭାଗ

■ ହଡ଼ପ ହେଉଛି ପ୍ରୋତ୍ସାହନ ଅର୍ଥ, ବଢୁନି ଉତ୍ପାଦନ

ଚାଷ ପାଇଁ ପ୍ରୋତ୍ସାହନ, ନଦୀ, ନାଳ, ଯୋର ଭଳି ସରକାରୀ ମତ୍ସ୍ୟଦିଆ ଥାଇ ତାହା ନିୟମିତ ନିଲାମ ଦେଇ ମାଛ ଉତ୍ପାଦନ ହେଉଥିବା କଥା ରେକର୍ଡ କରିଥିବା ବେଳେ ବାସ୍ତବରେ ରାଜକନିକାର ସବୁ ବଜାର ଓ ଗାଁରେ ପ୍ରତିଦିନ ଆନ୍ଧ୍ର ମାଛର ରାଜୁତି ଚାଲିଛି । ଆଇଁଷ ଖାଉଥିବା ଲୋକଙ୍କ ପାଇଁ ପଇସା ଦୃଷ୍ଟିରୁ ମଟନ ଚିକେନ ଠାରୁ ମାଛ କମ ମୂଲ୍ୟର ଥିବାରୁ ଲୋକେ ମାଛ ଉପରେ ବେଶୀ ଭରସା କରିଥାନ୍ତି । ହେଲେ ବ୍ଲକ୍ ମତ୍ସ୍ୟ ସମ୍ପ୍ରସାରଣ ବିଭାଗର ଅପାରଗତାରୁ ସରକାରୀ ରେକର୍ଡରେ ଲକ୍ଷ ଲକ୍ଷ ଟଙ୍କା ମାଛ ଚାଷକୁ ଉତ୍ସାହିତ କରିବା ପାଇଁ ଆର୍ଥିକ ସହାୟତା ଦେଉ ଥିଲେ ବି ଏହାର କାଣିଚାଏ ପ୍ରଭାବ ମାଛ ଉତ୍ପାଦନରେ ପଡୁନାହିଁ । କେବଳ ସରକାରୀ ସବ୍‌ସିଡି ହଡ଼ପ ପାଇଁ ଏହି ବିଭାଗର ତଥାକଥିତ ଅଧିକାରୀ ଦିନ ରାତି ଲାଗି ଥିବାରୁ କୌଣସି ପୋଖରୀରୁ କିଛି ବି ମାଛ ବଜାରକୁ ଆସୁନାହିଁ । ପୁନଶ୍ଚ ରେକର୍ଡ ଅନୁସାରେ ଏହି ବ୍ଲକ୍‌ରେ ୩୫ଟି ଫାର୍ମ ପଣ୍ଡ ଥିବା ବେଳେ ନଦୀକୂଳର ହଜାର ହଜାର ଏକର ଜମିରେ ଲୁଣି ପାଣି ଚିଙ୍ଗୁଡ଼ି ଚାଷ କରାଯାଇ ବିଦେଶକୁ ମଧ୍ୟ ରପ୍ତାନି କରାଯାଉଥିବା କୁହାଯାଉଥିବା ବେଳେ ଗାଁ ଗହଳିର ଖାଉଟିଙ୍କ ପାଇଁ ଆଜି ବଜାରର ମାଛ ସଙ୍କଟ ବଡ଼ ଅଜବ ଲାଗିଛି । ଗତ ଶ୍ରାବଣ ମାସରେ ବିଶେଷ କରି ବୋଲବମ ପାଇଁ ଅଧିକାଂଶ ଲୋକେ ଆଇଁଷ ତ୍ୟାଗ କରିଥିବା ବେଳେ ଆଜି ଭାଦ୍ରବ ମାସର ବୁଧବାର ଥିବାରୁ ସମସ୍ତେ ଆଇଁଷ ଖାଇବାକୁ ଇଚ୍ଛା କରି ବଜାରକୁ ଆସିଥିବା ବେଳେ ବଜାରରେ ମାଛ ସଙ୍କଟ ଦେଖି ନିରାଶ ହୋଇଥିଲେ । ବୈତରଣୀ, ଖରସ୍ରୋତା, ବ୍ରାହ୍ମଣୀ, ବେଙ୍ଗା ନଦୀ ସହ ଶତାଧିକ ଜୋର ଓ ନାଳରେ ଭର୍ତ୍ତି ରାଜକନିକା ବ୍ଲକ୍‌ର ଆଇଁଷ ଚାହିଦା ପୂରଣ କରିବାରେ ମଧ୍ୟ ବାହାର ମାଛର ଅଭାବ ରହିବା ଚିନ୍ତାଜନକ ସାବ୍ୟସ୍ତ ହୋଇଛି । ଧର୍ମକୁ ଆଖିଠାର ମାରି କେବଳ ରେକର୍ଡପତ୍ରରେ ମାଛ ଚାଷକୁ ସରକାରୀ ତଥ୍ୟରେ ଆଗୁଆ ରଖିଥିବା ମତ୍ସ୍ୟ ବିଭାଗର ଅପାରଗତା ଏବଂ ସରକାରୀ ଯୋଜନାକୁ ଚଲୁ କରିବା ପାଇଁ ଉଦ୍ଦିଷ୍ଟ ମିଛିମିଛିକା ମାଛ ଚାଷ ପୋଖରୀ ଯୋଜନା ସବୁ ଫେଲ ମାରି ଥିବା ଆଜି ବୁଦ୍ଧିଜୀବୀ ମହଲରେ ଆଲୋଚନାର ଖୋରାକ ଯୋଗାଇଥିଲା । ପର ରାଜ୍ୟର ମାଛ ଉପରେ ନିର୍ଭର କରୁଥିବା ଆମ ଆଇଁଷଖିଆ ପ୍ରକୃତିରୁ ବେଶ ଫାଇଦା ନେଉଥିବା ଆମ ମତ୍ସ୍ୟ ସମ୍ପ୍ରସାରଣ ଯୋଜନାର ସମୀକ୍ଷା ହୋଇ ଆଞ୍ଚଳିକ ମାର୍କେଟରେ ସ୍ଥାନୀୟ ଉତ୍ପାଦନ ମାଛ ବିକ୍ରି ପାଇଁ ଏକ ଆକ୍ସନପ୍ଲାନ କରାଗଲେ ସମସ୍ତେ ଉପକୃତ ହୁଅନ୍ତେ ବୋଲି ମତ ପ୍ରକାଶ ପାଉଛି ।

# ବନମାଳୀ ସାମଲ ମେଧା ସମ୍ମାନ ଉତ୍ସବ



ପଟ୍ଟାମୁଣ୍ଡାଇ,୨୦।୮ (ସମିସ): ପଟ୍ଟାମୁଣ୍ଡାଇ ବ୍ଲକ୍ ବାଛରା ପଞ୍ଚାୟତ ମଣ୍ଡପଡ଼ା ଭଜନେଶ୍ୱର ହାଇସ୍କୁଲ ପରିସରରେ ସ୍ୱାଧୀନତା ଦିବସ ଅବସରରେ ଅନ୍ୟାନ୍ୟ କାର୍ଯ୍ୟକ୍ରମ ସହିତ ସ୍କୁଲର ପ୍ରତିଷ୍ଠାତା ସମ୍ପାଦକ ଶିକ୍ଷାବିତ ବନମାଳୀ ସାମଲଙ୍କ ଅମ୍ଳାନ ସ୍ମୃତିରେ ଗଠିତ ବନମାଳୀ ସାମଲ ସ୍ମୃତି ସଂସଦ ପକ୍ଷରୁ ଚଳିତ ବର୍ଷର ମେଧା ସମ୍ମାନ ପ୍ରଦାନ କରାଯାଇଛି । ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଗୋଲକ ବିହାରୀ ଭୂୟାଁଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ସ୍କୁଲର ଅନ୍ୟତମ ପ୍ରତିଷ୍ଠାତା ସମାଜସେବୀ ବରାହ ଚରଣ ସାମଲ, ସିଆର୍‌ସିସି ନମିତା ସାହୁ, ନୋଡାଲ ଉପ୍ରା ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅମରେନ୍ଦ୍ର ଜେନା, ଗଗନ ବିହାରୀ ସାହୁ ଓ ବ୍ରଜକିଶୋର ସ୍ୱାଇଁ ଅତିଥି ଭାବରେ ଯୋଗ ଦେଇଥିଲେ । ଗତ ମାଟ୍ରିକ୍ ପରୀକ୍ଷାରେ ଭଜନେଶ୍ୱର ହାଇସ୍କୁଲର ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀ ବିଶାଖା ଗେରୁଙ୍କୁ ପୁଷ୍ପଗୁଚ୍ଛ, ମାନପତ୍ର ସହିତ ପ୍ରୋତ୍ସାହନ ରାଶି ୧୦ହଜାର ଟଙ୍କା ପ୍ରଦାନ କରାଯାଇଥିଲା । ସହକାରୀ ଶିକ୍ଷକ ତରୁଣ କୁମାର ଜେନା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶିକ୍ଷକ ହେମନ୍ତ କୁମାର ମଲ୍ଲିକ ଧନ୍ୟବାଦ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ କ୍ରୀଡ଼ା ଶିକ୍ଷକ କୃଷ୍ଣଚନ୍ଦ୍ର ସାହୁ, ରୋହିତ କୁମାର ସ୍ୱାଇଁ, ସଂଗୀତା ମଲ୍ଲିକ, ବିଦ୍ୟୁତପ୍ରଭା ସିଂ, ନିରୋଦନଳିନୀ ମହାନ୍ତି ଓ ଅକ୍ଷୟ କୁମାର ଦାସ ପ୍ରମୁଖ ପରିଚାଳନା କରିଥିଲେ ।

# ବେସରକାରୀ ଅଧ୍ୟାପକ ଓ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ




ରାଜନଗର,୨୦।୮ (ସମିସ): ରାଜ୍ୟ ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଂଘର ଆହ୍ୱାନକ୍ରମେ ଆଜି ରାଜନଗରସ୍ଥିତ ଶ୍ରୀଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ଓ ଅଣଶିକ୍ଷକ ଆନ୍ଦୋଳନରେ ସାମିଲ ହୋଇଛନ୍ତି । ପରିଚାଳନା କମିଟି ପକ୍ଷରୁ ୨୦୦୮ରୁ ୨୦୧୮ ମସିହା ପର୍ଯ୍ୟନ୍ତ ନିଯୁକ୍ତି ସମସ୍ତ ଅଧ୍ୟାପକ ଓ କର୍ମଚାରୀଙ୍କୁ ସରକାରୀ ଅନୁଦାନ ପ୍ରଦାନ ନିମନ୍ତେ ସଂଘ ସଭାପତି ବିଶ୍ୱରଞ୍ଜନ ଦାଶଙ୍କ ନିର୍ଦ୍ଦେଶକ୍ରମେ ସମଗ୍ର ରାଜ୍ୟରେ ଆନ୍ଦୋଳନ ଚାଲୁରହିଛି । ମହାବିଦ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖରେ ଆନ୍ଦୋଳନକାରୀମାନେ ନାରାବାଜି କରିଛନ୍ତି । ଆନ୍ଦୋଳନରେ ଅଧ୍ୟାପକ ବଳରାମ ଦାସ, ସରୋଜ କୁମାର ବେହେରା, ଅବିନାଶ ରାଉତ, ଅଭିଜିତ ଖୁଣ୍ଟିଆ, ରାଧାକାନ୍ତ ରାଉତରାୟ, ବିନୋଦ କୁମାର ସେଠୀ, ସୂର୍ଯ୍ୟକାନ୍ତ ସ୍ୱାଇଁ, ଅଧ୍ୟାପିକା ସାଗରିକା କର, ଶୁଭଦର୍ଶନୀ ପ୍ରଧାନ, ମାମିନାରାଣୀ ନାୟକ, କବିତା ସାମନ୍ତରାୟ, କିରଣ ସେଠୀ, ନିରଞ୍ଜନ ମଳିକ ପ୍ରମୁଖ କାର୍ଯ୍ୟବନ୍ଦ କରି ଧାରଣାରେ ବସିଥିଲେ । ଅନ୍ୟପକ୍ଷେ ୨୦୦୮ ରୁ ୨୦୧୮ ପର୍ଯ୍ୟନ୍ତ ନୂତନ ଜିଆଇ ୬ ବାହାର କରାଯାଉ । ଯଦି ସରକାର ନୂତନ ଜିଆଇ ୬ ବାହାର ନକରନ୍ତି ତେବେ ଅନିର୍ଦ୍ଦିଷ୍ଟ କାଳ ପାଇଁ କାର୍ଯ୍ୟବନ୍ଦ କରାଯିବ ବୋଲି ଅଧ୍ୟାପକ ବଳରାମ ଦାସ କହିଛନ୍ତି ।

# କଖାରୁଖିଆ ହାଇସ୍କୁଲରେ 'ଆସ ସ୍କୁଲ ଯିବା' ଅଭିଯାନ



ପଟ୍ଟାମୁଣ୍ଡାଇ/ଦାଣ୍ଡିସାହି,୨୦।୮ (ସମିସ): ପଟ୍ଟାମୁଣ୍ଡାଇ ବ୍ଲକ୍ ଅମୃତ ମଣୋହି ପଞ୍ଚାୟତ ସିଦ୍ଧବାଲି ସିଦ୍ଧ କଖାରୁଖିଆ ସରକାରୀ ଉଚ୍ଚ ବିଦ୍ୟାଳୟରେ ଆସ ସ୍କୁଲ ଯିବା ଅଭିଯାନ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନଶିକ୍ଷକ ସନ୍ତୋଷ କୁମାର ମଲିକ, ସହକାରୀ ଶିକ୍ଷକ ଅମର ବେହେରା, ଶ୍ରୀକାନ୍ତ କୁମାର ମଲିକ, ହେମଲତା ଆଚାର୍ଯ୍ୟ, ନମିତା ସେନାପତି, ମାମାଲିସା ପରିଡ଼ା, ମିହିର କୁମାର ଜେନା ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଏହି ଅଭିଯାନରେ ସାମିଲ ହୋଇ ସ୍କୁଲ ପରିସରରୁ ଏକ ଶୋଭାଯାତ୍ରାରେ ବାହାରିଥିଲେ । ଆମ ଭବିଷ୍ୟତ ଆମରି ହାତେ ସ୍କୁଲ ଯିବା ଆସ ଆମେ ସମସ୍ତେ ଆଦି ନାରା ଦେଇଥିଲେ ।

# ବରିଷ୍ଠ ନାଗରିକ ମଞ୍ଚର କାର୍ଯ୍ୟନିର୍ବାହୀ କମିଟି ବୈଠକ



ଗରଦପୁର,୨୦।୮ (ସମିସ): ଗରଦପୁର ଉଚ୍ଚ ବିଦ୍ୟାଳୟ ପରିସରରେ ବରିଷ୍ଠ ନାଗରିକ ମଞ୍ଚର କାର୍ଯ୍ୟ ନିର୍ବାହୀ କମିଟି ବୈଠକ ସଭାପତି ତଥା ପ୍ରକୃତିବନ୍ଧୁ ଦ୍ୱାରିକାନାଥ ସେନାପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ଅତିଥିମାନେ ଶ୍ରୀଜଗନ୍ନାଥଙ୍କ ଫଟୋଚିତ୍ର ନିକଟରେ ପ୍ରଦୀପ ପ୍ରଜ୍ୱଳନ କରିଥିବାବେଳେ ପଣ୍ଡିତ ସାରଦା ପ୍ରସାଦ ଶତପଥୀ ବେଦପାଠ କରିଥିଲେ । ବୈଠକରେ ଗରଦପୁର ବ୍ଲକ ଅଧ୍ୟକ୍ଷ ଅଭୟ କୁମାର ମହାରାଜ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଏହି ପରିପ୍ରେକ୍ଷୀରେ ବରିଷ୍ଠ ନାଗରିକମାନଙ୍କର ସମସ୍ତ କାର୍ଯ୍ୟକ୍ରମରେ ସାହାଯ୍ୟ ଓ ସହଯୋଗ କରିବା ସହିତ ମଞ୍ଚର କାର୍ଯ୍ୟାଳୟ ନିମନ୍ତେ ଏକ ଗୃହ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ । ଏପରିକି ବରିଷ୍ଠ ନାଗରିକ ମାନଙ୍କର ସମସ୍ୟା ସମ୍ପର୍କରେ ଗରଦପୁର ବିଡିଓ ଏବଂ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ ନିମନ୍ତେ ସଭାପତିଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଥିଲା । ବୈଠକରେ ମଞ୍ଚର ଉପ ସଭାପତି ଶରତ ଚନ୍ଦ୍ର ରାଉତ, ସହ ସମ୍ପାଦକ ଗଙ୍ଗାଧର ଭୋଳ, ମହେଶ୍ୱର ପାଣି, ଶିକ୍ଷାବିତ୍ ଡ. ଲିଙ୍ଗରାଜ ଶତପଥୀ, ପଣ୍ଡିତ ହରିହର ପଣ୍ଡା, ପବିତ୍ର କୁମାର ସେନାପତି, ରମେଶ ଚନ୍ଦ୍ର ସ୍ୱାଇଁ, ଯୁଗ୍ମ ସମ୍ପାଦକ ଅନାଦି ଚରଣ ସାମଲ, ଚାରୁଚନ୍ଦ୍ର ସେନାପତି, ଶିଶିର ମହାନ୍ତି, ଉପଦେଷ୍ଟା ତ୍ରୈଲୋକ୍ୟନାଥ ଲେଙ୍କା, ଶିଶିର ପରିଡ଼ା, ପ୍ରଭାତ ପରିଡ଼ା, ବିମଳ ପ୍ରସାଦ ଜେନା, ଶୈଳେନ୍ଦ୍ର ପତି, ଅବସରପ୍ରାପ୍ତ ଶିକ୍ଷକ ଅଜିତ କୁମାର ପଣ୍ଡା ପ୍ରମୁଖ ବରିଷ୍ଠ ନାଗରିକମାନଙ୍କର ବିଭିନ୍ନ ସମସ୍ୟା ଓ ମଞ୍ଚର ଉନ୍ନତି ନିମନ୍ତେ ଗଠନମୂଳକ ପ୍ରସ୍ତାବ ଦେଇଥିଲେ । ଏହାପରେ ବିଦ୍ୟାଳୟ ପରିସରରେ ବିଭିନ୍ନ ପ୍ରକାରର ବୃକ୍ଷ ରୋପଣ କରାଯାଇଥିଲା । ଅବସରପ୍ରାପ୍ତ ଅଧ୍ୟକ୍ଷ ଗଗନ ବିହାରୀ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ । ଗରଦପୁର ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ମଧୁସ୍ମିତା ଦାସ, ଶିଶିର ନାୟକ, ଶିଶିର ମହାନ୍ତି, ଉମେଶ ଚନ୍ଦ୍ର ଓଝା, ପୂର୍ଣ୍ଣଚନ୍ଦ୍ର ନାୟକ, ଗୋଲକ ବିହାରୀ ସ୍ୱାଇଁ, ନବାବ ପଣ୍ଡା, ଉମାକାନ୍ତ ସାହୁ, ପର୍ଶୁରାମ ମଲ୍ଲିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# କେନ୍ଦ୍ରାପଡ଼ା କଲେଜରେ ଆଣ୍ଟିରାଗିଂ ସପ୍ତାହ

କେନ୍ଦ୍ରାପଡ଼ା,୨୦।୮ (ସମିସ): କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ବାଣିଜ୍ୟ ବିଭାଗ ଆନୁକୂଲ୍ୟରେ ଆଣ୍ଟିରାଗିଂ ସପ୍ତାହ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଅଧ୍ୟକ୍ଷ ପ୍ରଫେସର ଶାନ୍ତନୁ କୁମାର ଜେନାଙ୍କ ସଭାପତିତ୍ୱରେ ଏବଂ ବାଣିଜ୍ୟ ବିଭାଗ ଅଧ୍ୟାପକ ବିକାଶ କୁମାର ନାୟକଙ୍କ ସଂଯୋଜନାରେ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଥିଲା । ଏଥିରେ ଉପସ୍ଥିତ ତିନିଶହରୁ ଊର୍ଦ୍ଧ୍ୱ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ରାଗିଂ ସମ୍ପର୍କରେ ସଚେତନ କରାଯାଇଥିଲା । ଯଦି କୌଣସି ଛାତ୍ର ବା ଛାତ୍ରୀ ରାଗିଂର ସମ୍ମୁଖୀନ ହୁଅନ୍ତି ତେବେ ତୁରନ୍ତ ଏ ସମ୍ପର୍କରେ ମହାବିଦ୍ୟାଳୟର ଆଣ୍ଟି ରାଗିଂ ସେଲ୍‌କୁ ଜଣାଇବାକୁ ପରାମର୍ଶ ଦିଆଯାଇଥିଲା । କାର୍ଯ୍ୟକ୍ରମରେ ଆଇକ୍ୟୁଏସି ସଂଯୋଜକ ଡ. ଦୀପ୍ତି ରାୟ, ବାଣିଜ୍ୟ ବିଭାଗ ମୁଖ୍ୟ ୱାଇ. ପଦ୍ମାବତୀ, ଲେଫ୍ଟନାଣ୍ଟ ରଜନୀକାନ୍ତ ତ୍ରିପାଠୀ, ଡ. ସୁରେଶ ଚନ୍ଦ୍ର ଦାସ, ମନୋଜ ପ୍ରଧାନ, ବାବୁଲା ବେହେରା, ଗିରିଶ କୁମାର ସାହୁ ପ୍ରମୁଖ ଅଧ୍ୟାପକ ଓ ଅଧ୍ୟାପିକାମାନେ ଉପସ୍ଥିତ ରହି ସଚେତନ କରାଇଥିଲେ ।

# ମୃତ ମଇଁଷି ପୋତିବା ପ୍ରକ୍ରିୟା ଆରମ୍ଭ, ୫୦ କର୍ମଚାରୀ ସାମିଲ

ରାଜନଗର,୨୦।୮ (ସମିସ):



କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ୍ ଏକମାଣିଆ ଗାଁ ନିକଟରେ ପ୍ରବାହିତ ନଦୀରେ ୪ ଦିନ ହେଲା ମରି ଭାସୁଥିବା ୭୩ଟି ମଇଁଷିଙ୍କୁ ସ୍ଥାନାନ୍ତର ଓ ପୋତିବା ପ୍ରକ୍ରିୟା ଆରମ୍ଭ ହୋଇଛି । କେନ୍ଦ୍ରାପଡ଼ା ଜିଲପାଳ ଏହାକୁ ଗୁରୁତର ସହ ନେଇଛନ୍ତି । ବୋଟ ମାଧ୍ୟମରେ ନଦୀରୁ ମଇଁଷିଙ୍କୁ ଟାଣି ଟାଣି ନେଇ ପୋତିବାକୁ ସ୍ଥିର ହୋଇଥିବା ସ୍ଥାନକୁ ଅଣାଯାଉଛି । ଜେସିବି ମାଧ୍ୟମରେ ଗାତ ଖୋଳାଯାଇଛି । ଗାତ ମଧ୍ୟରେ ମୃତ ମଇଁଷିଙ୍କୁ ପୋତାଯିବ । ୪ ଦିନ ତଳୁ ମଇଁଷିଗୁଡ଼ିକ ମରି ଭାସୁଥିବାରୁ ଦୁର୍ଗନ୍ଧରେ ସେଠାକୁ ଯାଇ ହେଉନାହିଁ । ବ୍ରାହ୍ମଣୀ ନଦୀର ଶାଖା ଗଳିଆ ନଦୀରେ ଗଛର ଡାଳ କାଟି ନଦୀ ଭିତରକୁ ଯାଇ ମଇଁଷି ଗୁଡ଼ିକୁ ବୋଟ ମାଧ୍ୟମରେ ଟାଣି ଟାଣି ଅଣାଯାଉଛି । ବନ ବିଭାଗର ୩ଟି ବୋଟ ମଇଁଷି ଟାଣି ଆଣିବା କାର୍ଯ୍ୟରେ ନିୟୋଜିତ ହୋଇଥିବାବେଳେ ବନ ବିଭାଗର ୩୫ ଜଣ ଓ ଅଗ୍ନିଶମ ବାହିନୀର ୧୦ ଜଣ କର୍ମଚାରୀଙ୍କ ସହିତ ଅଧିକାରୀମାନେ ନିୟୋଜିତ ଅଛନ୍ତି । ଘଟଣାସ୍ଥଳରେ କେନ୍ଦ୍ରାପଡ଼ା ଉପଜିଲ୍ଲାପାଳ, ଏସିଏଫ୍ ଗଗନ କୁମାର ମଲ୍ଲିକ, ରାଜନଗର ରେଞ୍ଜ ଅଫିସର ଚିତ୍ତରଞ୍ଜନ ବେହୁରା, ଆଳି ତହସିଲଦାର, ରାଜସ୍ୱ ନିରୀକ୍ଷକ, ଆଳି ବ୍ଲକ୍ ପ୍ରାଣୀ ଚିକିତ୍ସା ଅଧିକାରୀ ଉପସ୍ଥିତ ରହି ସ୍ଥିତି ଅନୁଧ୍ୟାନ କରୁଛନ୍ତି । ସମୁଦାୟ ୭୩ ମଇଁଷି ମରିଥିବାବେଳେ ୧୮ ତାରିଖରେ ୪୪ ମୃତ ମଇଁଷିଙ୍କୁ ଗଣନା କରାଯାଇଥିଲା । ଅନ୍ୟ ମୃତ ମଇଁଷି ନଦୀ ସ୍ରୋତରେ ଭାସି ଯାଇଥିଲେ । ଆଜି ୨୭ଟି ମୃତ ମଇଁଷି ଉଦ୍ଧାର କରାଯାଇ ପୋତା ଯାଇଛି । ଆସନ୍ତାକାଲି ଏହି ପ୍ରକ୍ରିୟା ଜାରି ରହିବ ବୋଲି ବନବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

# ଧାନେଶ୍ୱରୀ ପୀଠରେ ବ୍ରହ୍ମ ଏକାକ୍ଷର ମେଳା

ପଟ୍ଟାମୁଣ୍ଡାଇ/ଦାଣ୍ଡିସାହି,୨୦।୮ (ସମିସ): ପଟ୍ଟାମୁଣ୍ଡାଇ ବ୍ଲକ୍ ଅଳପୁଆ ପଞ୍ଚାୟତ ଧାନେଶ୍ୱରୀ ପୀଠରେ ଅଚ୍ୟୁତାନନ୍ଦ ମହାପୁରୁଷଙ୍କ ଗାଦି ଓ କଳ୍କୀ ଅବତାରଙ୍କ ବ୍ରହ୍ମ ଏକାକ୍ଷର ମେଳା ଅନୁଷ୍ଠିତ ହୋଇଯାଇଛି । ପୀଠର ପିଠାଧୀଶ ପ୍ରଫୁଲ୍ଲ ଚନ୍ଦ୍ର ପଣ୍ଡା, ସେବକ ଗଗନ ମହାଳିକଙ୍କ ତତ୍ତ୍ୱାବଧାନରେ ଓ ଉମାକାନ୍ତ ରାଉତଙ୍କ ପୌରୋହିତ୍ୟରେ ଆୟୋଜିତ ମେଳାରେ ଗ୍ରାମର ଶତାଧିକ ଶ୍ରଦ୍ଧାଳୁ ଓ ଜନସାଧାରଣ ଯୋଗଦେଇ ପୂଜା ପାଠ କରିଥିଲେ । ୧୫ନଂ ଜୋନର ପୂର୍ବତନ



ଜିଲ୍ଲା ପରିଷଦ ସଦସ୍ୟ ନାରଦ ଚନ୍ଦ୍ର ବିଶ୍ୱାଳ, ରତିକାନ୍ତ ଧଳ, କିଶୋର ରାଉତ, ସୁକାନ୍ତ ରାଉତ, ଶିକ୍ଷାବିତ ବିଚିତ୍ରାନନ୍ଦ ବେହେରା, ଭିକାରୀ ବାରିକ, ଘନଶ୍ୟାମ ମଳିକ, କୁଳମଣି ଧଳ, ପଦ୍ମନାଭ ନାୟକ ପ୍ରମୁଖ ଯୋଗ ଦେଇ ଭଗବତ କାର୍ଯ୍ୟରେ ଭାଗ ନେଇଥିଲେ । ପଣ୍ଡିତ ପ୍ରଫୁଲ୍ଲ ଚନ୍ଦ୍ର ପଣ୍ଡାଙ୍କ ତତ୍ତ୍ୱାବଧାନରେ ପୂଜାର ନୀତିକାନ୍ତି ସମ୍ପନ୍ନ ହୋଇଥିଲା । ଶେଷରେ ଗଗନ ମହାଳିକ, ଉମାକାନ୍ତ ରାଉତ ପୂର୍ଣ୍ଣାହୁତି ଦେଇଥିଲେ ।

## ଶଙ୍କରପୁର କ୍ଲଷ୍ଟର ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା

ଢେଙ୍କାନାଳ,୨୦।୮ (ସମିସ): ସ୍ଥାନୀୟ ଶଙ୍କରପୁର ଆଞ୍ଚଳିକ ସାଧନ କେନ୍ଦ୍ରରେ କ୍ଲଷ୍ଟର ଅଧୀନ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପକ୍ଷରୁ ଶଙ୍କରପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ମିଶ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। କ୍ଲଷ୍ଟରର ବରିଷ୍ଠ ଶିକ୍ଷକ ପ୍ରଦୀପ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ସଦର ବିଇଓ ଦିବ୍ୟପ୍ରକାଶ ପ୍ରଧାନ, ମୁଖ୍ୟବକ୍ତା ଭାବେ ବିଆର୍‌ସିସି ଦେବବ୍ରତ ନାଥ ଯୋଗଦେଇ ଶିକ୍ଷା କ୍ଷେତ୍ରରେ ବିଦାୟୀ ଶିକ୍ଷୟିତ୍ରୀ ମିଶ୍ରଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଏବିଇଓ ଭଗବାନ ବେହେରା ଓ କମିଟି ସଭାପତି ସୁଶାନ୍ତ କୁମାର ସାହୁ ଯୋଗଦେଇଥିଲେ। ଏହି ଅବସରରେ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ତରଫରୁ ଶିକ୍ଷୟିତ୍ରୀ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାରମ୍ଭରେ କଳା ଶିକ୍ଷକ ସୁଶାନ୍ତ କୁମାର ସେନାପତିଙ୍କ ନିର୍ଦ୍ଦେଶନାରେ ବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ସିଆରସିସି କାମଦେବ ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ପ୍ରଧାନଶିକ୍ଷୟିତ୍ରୀ ପ୍ରଭାତୀ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ରଜନୀକାନ୍ତ ସାହୁ ଅତିଥି ପରିଚୟ ପ୍ରଦାନ ଓ ମଞ୍ଚ ସଞ୍ଚାଳନ କରିଥିଲେ।

## ପଛରୁ ଧକ୍କାଦେଲା କାର୍, ସ୍କୁଟି ଆରୋହୀ ମୃତ

ଛେଣ୍ଡିପଦା,୨୦।୮ (ସମିସ): କଟକ-ସମ୍ବଲପୁର ୫୫ନଂ ଜାତୀୟ ରାଜପଥର ଅନୁଗୋଳ ଜିଲ୍ଲା ଜରପଡ଼ା ଥାନା କତଡ଼ାଠାରେ ସ୍କୁଟିକୁ ପଛରୁ ଏକ ଇନୋଭା କାର୍ ଧକ୍କା ଦେବାରୁ ସ୍କୁଟି ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ କତଡ଼ା ଗାଁର ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ଶ୍ରୀନିବାସ ପ୍ରଧାନ। ଶ୍ରୀନିବାସ ପ୍ରଧାନ ଗାଡ଼ିରେ ତେଲ ପକାଇ ଜାତୀୟ ରାଜପଥରେ ଘରକୁ ଫେରୁଥିବା ବେଳେ ସମ୍ବଲପୁରରୁ ଅନୁଗୋଳ ଆସୁଥିବା ଇନୋଭା କାର ତାଙ୍କୁ ପଛରୁ ଧକ୍କା ଦେଇଥିଲା। ଫଳରେ ଶ୍ରୀନିବାସ ଗୁରୁତର ଆହତ ହୋଇ ରାସ୍ତାରେ ପଡ଼ିଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ପୁଲିସ ତାଙ୍କୁ ଉଦ୍ଧାର କରି ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ଦୁର୍ଘଟଣାଗ୍ରସ୍ତ ଉଭୟ ଗାଡ଼ି ଜବତ କରିବା ସହ ଇନୋଭା ଚାଳକଙ୍କୁ ଅଟକ ରଖି ତଦନ୍ତ ଚଳାଇଥିବା ଥାନା ଅଧିକାରୀ ମନୋଜ ପ୍ରଧାନ ସୂଚନା ଦେଇଛନ୍ତି।

## ତେଜରାତି ଦୋକାନରୁ ନାଗସାପ ଉଦ୍ଧାର



କଣିହାଁ,୨୦।୮ (ସମିସ): କଣିହାଁ ଥାନା ସମୁଖ ଏକ ତେଜରାତି ଦୋକାନରୁ ମଙ୍ଗଳବାର ରାତିରେ ୫ଫୁଟ ଲମ୍ବ ନାଗସାପ ଉଦ୍ଧାର କରାଯାଇଛି। ସର୍ପମିତ୍ର ସୌରଭ ପ୍ରଧାନ ସାପକୁ ଉଦ୍ଧାର କରି କଣିହାଁ ବନ ବିଭାଗକୁ ହସ୍ତାନ୍ତର କରିଥିଲେ। ପରେ ବନ ବିଭାଗ ସାପକୁ ସ୍ଥାନୀୟ ଜଙ୍ଗଲରେ ଛାଡ଼ିଛି। ସୂଚନାଯୋଗ୍ୟ ସର୍ପମିତ୍ର ସୌରଭ କଣିହାଁ ବ୍ଲକ ସମେତ ବିଭିନ୍ନ ଅଞ୍ଚଳରୁ ଏକ ହଜାରରୁ ଊର୍ଦ୍ଧ୍ୱ ସାପ ଉଦ୍ଧାର କରିସାରିଲେଣି।

## ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ପବିତ୍ରନଗର,୨୦।୮ (ସମିସ): କଣିହାଁ ବ୍ଲକ ବୁରୁକୁନା ପଞ୍ଚାୟତ ଶରଧାପୁର ଗ୍ରାମ ସରକାରୀ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ପ୍ରଭାକର ମହାନ୍ତି ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ଏହି ଉପଲକ୍ଷେ ଆୟୋଜିତ ଅବସରକାଳୀନ ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ଭାବେ ପୂର୍ବତନ ଢେଙ୍କାନାଳ ସାଂସଦ ମହେଶ ସାହୁ, ସମ୍ମାନିତ ଅତିଥି ଭାବେ ପାଲଲହଡ଼ା ପୂର୍ବତନ ବିଧାୟକ ମୁକେଶ ପାଲ, ପବିତ୍ରନଗର ଡିଗ୍ରୀ ମହାବିଦ୍ୟାଳୟ ଅଧକ୍ଷ ବନୋଜ ପ୍ରଧାନ, ଶରଧାପୁର ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ରଞ୍ଜନ କୁମାର ସେଠୀ, ଅବସରପ୍ରାପ୍ତ ଶିକ୍ଷକ ବୀରବର ସାହୁ, ଗଣେଶ୍ୱର ମହାପାତ୍ର, ଶିକ୍ଷକ ସଂଘ ଜିଲ୍ଲା ସଭାପତି ଲଳିତ କୁମାର ଧିର, ପୂର୍ବତନ ସରପଞ୍ଚ ନିତ୍ୟାନନ୍ଦ ମହାନ୍ତି, ବୁରୁକୁନା ସମିତି ସଭ୍ୟ ଯୁଗଳ କିଶୋର ସାହୁ, କଣିହାଁ ବ୍ଲକ ଶିକ୍ଷକ ସଂଘ ସଭାପତି କିଶୋର ଚନ୍ଦ୍ର ସାହୁ, ସିଆରସିସି କିଶୋର ଚନ୍ଦ୍ର ବାଜିଗର, ଶରତ ଚନ୍ଦ୍ର ଗଡ଼ନାୟକ, ପୂର୍ବତନ ସିଆରସିସି ସୁମନ୍ତ କୁମାର ନାୟକ ପ୍ରମୁଖ ଯୋଗଦେଇଥିଲେ। ଏକ ଭାବବିହ୍ୱଳ ପରିବେଶରେ ଅତିଥିମାନେ ଅବସରପ୍ରାପ୍ତ ଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ସୁରେଶ ଚନ୍ଦ୍ର ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ପୂର୍ବତନ ଛାତ୍ରମାନେ ସହଯୋଗ କରିଥିଲେ। ଶେଷରେ ଅବସରପ୍ରାପ୍ତ ଶିକ୍ଷକ ମହାନ୍ତିଙ୍କୁ ସମସ୍ତ ଛାତ୍ରଛାତ୍ରୀ, ପୂର୍ବତନ ଛାତ୍ରଛାତ୍ରୀ, ଗ୍ରାମବାସୀ, ଶିକ୍ଷକ, ଶିକ୍ଷୟିତ୍ରୀ, ଅଭିଭାବକ, ଅଞ୍ଚଳର ବୁଦ୍ଧିଜୀବୀ ପଟୁଆରରେ ଗ୍ରାମ ପରିକ୍ରମା କରାଇଥିଲେ।

# ମା' ହିଙ୍ଗୁଳା ଓ ବାଟମଙ୍ଗଳାଙ୍କ ଲେଉଟାଣି ଉତ୍ସବ

କଣିହାଁ,୨୦।୮ (ସମିସ)




କଣିହାଁ ବ୍ଲକ ରେଙ୍ଗାଳି ପ୍ରକଳ୍ପ ଓସିସି କଲୋନୀ ନିକଟ ଆଖଣ୍ଡଳମଣି ଓ ମା' ସନ୍ତୋଷୀ ମନ୍ଦିର ପରିସରରେ ପୂଜିତ ମା' ହିଙ୍ଗୁଳା ଓ ମା' ବାଟମଙ୍ଗଳାଙ୍କ ଲେଉଟାଣି ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଛି। ପ୍ରତ୍ୟୁଷରୁ ମନ୍ଦିରରେ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ପରେ ସର୍ବସାଧାରଣ ଦର୍ଶନ ଅନୁଷ୍ଠିତ ହୋଇଥିଲା। ଗତ ୯ ତାରିଖ ଶନିବାର ସନ୍ତୋଷୀ ମା'ଙ୍କ ୩୬ତମ ଜନ୍ମ ଉତ୍ସବ ଅବସରରେ ବାପଘର ବାବାମଣି ମନ୍ଦିରକୁ ତାଳଚେରର ଅଧିଷ୍ଠାତ୍ରୀ ଦେବୀ ମା' ହିଙ୍ଗୁଳା ଓ ପ୍ରକଳ୍ପସ୍ଥିତ ମା' ବାଟମଙ୍ଗଳାଙ୍କୁ ମନ୍ଦିରର ମୁଖ୍ୟ ଉପଦେଷ୍ଟା ସେବକ ଆକୁଳ ପଣ୍ଡାଙ୍କ ପକ୍ଷରୁ ଆମନ୍ତ୍ରଣ କରି ଅଣାଯାଇଥିଲା। ବୁଧବାର ଅପରାହ୍ନରେ ଲେଉଟାଣି ଉତ୍ସବ ଅବସରରେ ମନ୍ଦିର ମୁଖ୍ୟ ଉପଦେଷ୍ଟା ସେବକ ପଣ୍ଡାଙ୍କ ପୌରୋହିତ୍ୟରେ ନାମ ସଂକୀର୍ତ୍ତନ ସହ ଦୁଇ ଦେବୀଙ୍କୁ ମନ୍ଦିର ବେଢ଼ା ପରିକ୍ରମା କରାଯାଇ ମନ୍ଦିର ବାହାରକୁ ଅଣାଯାଇଥିଲା। ସେଠାରେ ବାପଘରୁ ଝିଅବିଦା ସମୟରେ ଯେପରି ପିଠାପଣା, ଶାଢ଼ି, ଶଙ୍ଖା, ଭାର ଥୋର ସହ ପ୍ରସାଧନ ସାମଗ୍ରୀ ଦେଇ ଝିଅକୁ ବିଦା କରାଯାଇଥାଏ ସେହିପରି ସମସ୍ତ ସାମଗ୍ରୀ ଉପହାର ସ୍ୱରୂପ ଦେଇ ଦୁଇ ଦେବୀଙ୍କୁ ମହିଳା ଭକ୍ତମାନେ ବନ୍ଦାପନା କରି ବିଦାୟ ଦେଇଥିଲେ। ମନ୍ଦିରଠାରୁ ଘଣ୍ଟଘଣ୍ଟା, ବାଜାବାଣ, ନାମସଂକୀର୍ତ୍ତନ ସହ ଏକ ଶୋଭାଯାତ୍ରାରେ ଭକ୍ତମାନେ ବାହାରି ପ୍ରଥମେ ରେଙ୍ଗାଳି ପ୍ରକଳ୍ପସ୍ଥିତ କପିଳେଶ୍ୱର ମନ୍ଦିର ସମ୍ମୁଖରେ ଥିବା ମା' ବାଟମଙ୍ଗଳାଙ୍କୁ ନିଜ ଆସ୍ଥାନରେ ଛାଡ଼ିବା ପରେ ମା' ହିଙ୍ଗୁଳାଙ୍କୁ ନେଇ ତାଳଚେର ଗୋପାଳପ୍ରସାଦ ଅଭିମୁଖେ ଗସ୍ତ କରିଥିଲେ। ସେଠାରେ ମା'ଙ୍କୁ ବିଦାୟ ଦେଇ ଭକ୍ତଦଳ ରାତିରେ ରେଙ୍ଗାଳି ଫେରିଥିଲେ।

## ଜୁନିୟର ରେଡକ୍ରସ, କ୍ରୀଡ଼ା ଓ ସ୍କାଉଟ୍‌ସ ଗାଇଡସର କାର୍ଯ୍ୟକାରିଣୀ କମିଟି ବୈଠକ



ଢେଙ୍କାନାଳ,୨୦।୮ (ସମିସ): ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ସଭାଗୃହରେ ଜିଲ୍ଲା ଶିକ୍ଷା ଅଧିକାରୀ ବିନୀତା ସେନାପତିଙ୍କ ସଭାପତିତ୍ୱରେ ଜିଲ୍ଲାର ଜୁନିୟର ରେଡକ୍ରସ, କ୍ରୀଡ଼ା ଓ ସ୍କାଉଟ୍ସ ଗାଇଡ୍‌ସ କାର୍ଯ୍ୟକାରିଣୀ କମିଟି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ସମ୍ମାନିତ ଅତିଥି ଭାବେ ଜିଲ୍ଲାର ସମସ୍ତ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ, ସଦର, କାମାକ୍ଷାନଗର ଓ ପରଜଙ୍ଗ ବିଇଓ, ଜିଲ୍ଲା କ୍ରୀଡ଼ା ସଂସଦ ସମ୍ପାଦକ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ, ଜିଲ୍ଲା ଅଗ୍ନିଶମ ଅଧିକାରୀ, ଜୁନିୟର ରେଡ୍‌କ୍ରସ୍‌ର ୮ ବ୍ଲକ୍‌ର ସଂଯୋଜକ ଓ କ୍ରୀଡ଼ା ସମ୍ପାଦକ, ଭାରତ ସ୍କାଉଟ ଓ ଗାଇଡ୍‌ସର କମିଶନର, ତାଲିମ ମିଶନର ସଂଗଠକ କମିଶନର, ସ୍କାଉଟ୍ସ ଓ ଗାଇଡ୍‌ସର ୨ ଜିଲ୍ଲା ପ୍ରତିନିଧି ପ୍ରମୁଖ ଯୋଗଦେଇଥିଲେ। ସମ୍ପାଦକ ପ୍ରକାଶ ଚନ୍ଦ୍ର ବେହେରା ବାର୍ଷିକ ବିବରଣୀ ଓ ବାର୍ଷିକ ଆୟବ୍ୟୟ ଅଟକଳ ଉପସ୍ଥାପନ କରିଥିଲେ। ଜୁନିୟର ରେଡକ୍ରସ ଅଧିକାରୀ ସୁବ୍ରତ କୁମାର ମିଶ୍ର ମଞ୍ଚ ପରିଚାଳନା କରିଥିବାବେଳେ ସଦର ବ୍ଲକ୍‌ର କ୍ରୀଡ଼ା ସମ୍ପାଦକ ସୁଶୀଲ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## କାଦୁଆ ନାଏବ ସରପଞ୍ଚ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ

ଢେଙ୍କାନାଳ/କାମାକ୍ଷାନଗର, ୨୦।୮ (ସମିସ): ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ପଞ୍ଚାୟତ ସମିତି ଅନ୍ତର୍ଗତ କାଦୁଆ ପଞ୍ଚାୟତର ସରପଞ୍ଚ ଅନାସ୍ଥାରେ ପଦଚ୍ୟୁତ ହୋଇଥିବା ବେଳେ ନାଏବ ସରପଞ୍ଚ ଦାୟିତ୍ୱ ତୁଲାଉଥିଲେ। ଏବେ ନାଏବ ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ଆଗତ ହେବାରୁ ସେ ମଧ ପଦଚ୍ୟୁତ ହୋଇଥିଲେ। ବୁଧବାର ପୂର୍ବାହ୍ନ ୧୦ଟାରେ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ନାଏବ ସରପଞ୍ଚ ଉପନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏଥିରେ ଏକମାତ୍ର ପ୍ରାର୍ଥୀ ଭାବେ ଅରବିନ୍ଦ ମହାକୁଡ଼ ନାମାଙ୍କନ କରିଥିଲେ। ଅନ୍ୟ କୌଣସି ପ୍ରାର୍ଥୀ ନାମାଙ୍କନ ଦାଖଲ ନ



କରିବାରୁ ନିର୍ବାଚନ ଅଧିକାରୀ ତଥା କାମାକ୍ଷାନଗର ଉପଜିଲ୍ଲାପାଳ ଦୀନମଣି ନାୟକ ଅରବିନ୍ଦଙ୍କୁ ନାଏବ ସରପଞ୍ଚ ଭାବେ ଘୋଷଣା କରିଛନ୍ତି।

## ମାଲ୍ୟଗିରି ମହାବିଦ୍ୟାଳୟରେ ଅଭିଭାବକ-ଶିକ୍ଷକ ସମ୍ମିଳନୀ

ପାଲଲହଡ଼ା,୨୦।୮ (ସମିସ): ମାଲ୍ୟଗିରି ମହାବିଦ୍ୟାଳୟରେ ବୁଧବାର ଅଭିଭାବକ ଓ ଶିକ୍ଷକ ସମ୍ମିଳନୀ ଓ ଆସ ସ୍କୁଲ ଯିବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ଅଭିଭାବକମାନେ ଯୋଗଦେଇ ଶିକ୍ଷାଦାନକୁ କିପରି ସୁଦୃଢ଼ କରାଯାଇ ପାରିବ ସେ ସମ୍ପର୍କରେ ମତ ଉପସ୍ଥାପନ କରିଥିଲେ। ମହାବିଦ୍ୟାଳୟ ଅଧକ୍ଷା ସନ୍ଧ୍ୟାରାଣୀ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପରିଚାଳନା କମିଟି ସଭାପତି ତଥା ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପଟେଲ ଯୋଗଦେଇ ତାଙ୍କ ବକ୍ତବ୍ୟରେ ଶିକ୍ଷକ, ଅଭିଭାବକ ଏବଂ ଛାତ୍ରଛାତ୍ରୀଙ୍କ ମଧ୍ୟରେ କିପରି ସମନ୍ୱୟ ରକ୍ଷା କରାଯାଇ ପାରିବ ସେ ଉପରେ ଆଲୋକପାତ କରିଥିଲେ। ମହାବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ବିଭାଗ




ଅଧାପକ ହରେକୃଷ୍ଣ ପ୍ରଧାନ ସଭା ପରିଚାଳନା କରିଥିବା ବେଳେ ସମସ୍ତ ଅଧାପକ ଓ ଅଧାପିକା ଉପସ୍ଥିତ ଥିଲେ।

## ଦାନ୍ତର ଯତ୍ନ ନିମନ୍ତେ ବ୍ରହ୍ମାକୁମାରୀ ସଂସ୍ଥାର ସଚେତନତା

ଢେଙ୍କାନାଳ,୨୦।୮ (ସମିସ): ଢେଙ୍କାନାଳ ସଭାଗୃହରେ ପ୍ରଜାପିତା ବ୍ରାହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଦାନ୍ତର ଯତ୍ନ ଓ ଚିକିତ୍ସା ସମ୍ପର୍କରେ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ପ୍ରସିଦ୍ଧ ଦନ୍ତ ଚିକିତ୍ସକ ଓ ବିଶେଷଜ୍ଞ ଡା. ଆର୍‌କେ ମିଶ୍ର ଅଡିଓ ଭିଜୁଆଲ ମାଧ୍ୟମରେ ଦାନ୍ତର ଯତ୍ନ ଅଭାବରୁ ଅବକ୍ଷୟ, ଚିକିତ୍ସା, ଦାନ୍ତ କିଭଳି ବ୍ରସ କରାଯାଏ ଓ ରୋଗ ବିଷୟରେ ଉପସ୍ଥାପନ କରିଥିଲେ। ବର୍ତ୍ତମାନ ସୁଦ୍ଧା ଡା. ମିଶ୍ର ୨୧୦ରୁ ଅଧିକ ସଚେତନତା ଶିବିର ସ୍ୱେଚ୍ଛାକୃତ ଭାବେ ବିଭିନ୍ନ ଗ୍ରାମ ଓ ଅନୁଷ୍ଠାନରେ ଟିମ ସହଯୋଗରେ ଆୟୋଜନ କରିଛନ୍ତି। ପ୍ରାରମ୍ଭରେ ବ୍ରହ୍ମାକୁମାରୀ ସଂସ୍ଥାର ସଂଯୋଜିକା ବ୍ରହ୍ମାକୁମାରୀ ଉଷା କାର୍ଯ୍ୟକ୍ରମ ବିଷୟରେ ସୂଚନା ପ୍ରଦାନ କରିଥିଲେ। ଡା. ମିଶ୍ରଙ୍କୁ ସଂସ୍ଥା ତରଫରୁ ସମ୍ମାନିତ କରାଯାଇଥିଲା। ଭାରତୀୟ ଜନସଞ୍ଚାର ସଂସ୍ଥାନ (ଆଇଆଇଏମସି)ର ସହକାରୀ ପ୍ରଫେସର



ଡ. ବିରଞ୍ଚି ନାରାୟଣ ସେଠ ଅତିଥି ପରିଚୟ ପ୍ରଦାନ ସହ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଅଧାପକ କର୍ମଚାରୀ ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ

ଭୁବନ,୨୦।୮ (ସମିସ): ରାଜ୍ୟ ବେସରକାରୀ ଅଧାପକ ଓ କର୍ମଚାରୀ ସଂଘ ଆହ୍ୱାନ କ୍ରମେ ମହାବିଦ୍ୟାଳୟ ପରିଚାଳନା କମିଟି ଦ୍ୱାରା ନିଯୁକ୍ତ ଅଧାପକ ଓ କର୍ମଚାରୀଙ୍କ ପକ୍ଷରୁ ଭୁବନ ମହିଳା ମହାବିଦ୍ୟାଳୟ ଫାଟକ ନିକଟରେ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରହିଛି। ୨୦୦୮ ଜୁନ୍ ୧ରୁ ୨୦୧୮ ଜୁନ୍ ୧ ମଧ୍ୟରେ ନିଯୁକ୍ତି ପାଇଥିବା ସମସ୍ତ ଅଧାପକ, ଅଧାପିକା ଓ କର୍ମଚାରୀଙ୍କୁ ସରକାରୀ ଅନୁଦାନ ଅନ୍ତର୍ଭୁକ୍ତ କରିବାକୁ ଦାବି କରାଯାଇଛି। ସଂଘର ଅଭିଯୋଗ ମୁତାବକ ସାରା ରାଜ୍ୟରେ ପ୍ରାୟ ୫ ହଜାରରୁ ଅଧିକ ଅଧାପକ ଓ କର୍ମଚାରୀ ସ୍ୱଳ୍ପ ଦରମାରେ ଦୀର୍ଘବର୍ଷ ଧରି କାର୍ଯ୍ୟ କରିଆସୁଛନ୍ତି। ଏହି ଦାବି ନେଇ ଭୁବନେଶ୍ୱରସ୍ଥିତ ଲୋୟର ପିଏମ୍‌ଜି ଛକରେ ଅହୋରାତ୍ର ଧାରଣା, ଦସ୍ତଖତ ଅଭିଯାନ, ପଥପ୍ରାନ୍ତ ସଭା, ସମସ୍ତ ସାଂସଦ, ବିଧାୟକ ଏପରିକି ରାଜ୍ୟ ଶିକ୍ଷାମନ୍ତ୍ରୀଙ୍କଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲେ ବି କୌଣସି ପଦକ୍ଷେପ ଗ୍ରହଣ କରାଯାଉନି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ୧୬ ତାରିଖରୁ ଆରମ୍ଭ ହୋଇଥିବା କାର୍ଯ୍ୟବନ୍ଦ ଆନ୍ଦୋଳନ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଚାଲିବ ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି।



## 'ଆସ ଆମେ ସ୍କୁଲ୍ ଯିବା' ଅଭିଯାନ ପଦଯାତ୍ରା

ଛେଣ୍ଡିପଦା,୨୦।୮ (ସମିସ): ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକ ଟାଙ୍ଗିରି ପଞ୍ଚାୟତରେ 'ଆସ ଆମେ ସ୍କୁଲ୍ ଯିବା' ଅଭିଯାନ ପଦଯାତ୍ରା ଓ ଶିକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପାଟକମୁଣ୍ଡା ଆଞ୍ଚଳିକ ସାଧନ କେନ୍ଦ୍ରର ଦିଲୀପ କୁମାର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଅଭିଯାନରେ ଟାଙ୍ଗିରି ପଞ୍ଚାୟତର ସମସ୍ତ ଉଚ୍ଚ ବିଦ୍ୟାଳୟ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ସମିଲ ହୋଇଥିଲେ। ଅଧାର ସ୍କୁଲ ଛାଡ଼ିଥିବା ଓ କେବେ ସ୍କୁଲ ଯାଇ ନ ଥିବା ପିଲାମାନଙ୍କୁ ସ୍କୁଲକୁ ଆଣି ସେମାନଙ୍କ ଶିକ୍ଷା ଅଧିକାରକୁ ନିଶ୍ଚିତ କରାଇବା ପାଇଁ ସଚେତନ କରାଇଥିଲେ। ଛାତ୍ରଛାତ୍ରୀମାନେ ଗ୍ରାମ ପରିକ୍ରମା କରିବା ସହିତ ଆସ ଆମେ ସ୍କୁଲ ଯିବା, ପାଠ ପଢ଼ିବା ଆମେ ସମସ୍ତେ, ଆମ ଭବିଷ୍ୟତ ଆମେ ଗଢ଼ିବା, ସ୍କୁଲ ଯାଇ ଆମେ ପାଠ ପଢ଼ିବା ଆଦି ସ୍ଲୋଗାନ ଦେଇଥିଲେ। କାର୍ଯ୍ୟକ୍ରମରେ ଶିକ୍ଷକ ହୃଦୟ ରଞ୍ଜନ ଗଡ଼ନାୟକ, ସଞ୍ଜୟ କୁମାର ସାହୁ, ତ୍ରିପୁରା ପ୍ରଧାନ, ପ୍ରଦୀପ ଦେହୁରୀ, ମାନସ ରଞ୍ଜନ ସାହୁ ପ୍ରମୁଖ ଯୋଗଦେଇଥିଲେ। ସେହିପରି ଖମାର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଧ ଅନୁରୂପ ଭାବେ ଆସ ଆମେ ସ୍କୁଲ୍ ଯିବା ଅଭିଯାନ ପଦଯାତ୍ରା ଓ ଶିକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି।




# ତାଳଚେରରେ ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତି ନିର୍ମାଣ କେବେ?

ତାଳଚେର,୨୦।୮ (ସମିସ)

ବରପୁତ୍ରଙ୍କୁ ଭୁଲି ନ ଯାଇ ଉଚିତ ସମ୍ମାନ ଦେବାସହ ସେମାନଙ୍କ ପ୍ରତିମୂର୍ତ୍ତି ନିର୍ମାଣକୁ ପ୍ରାଧାନ୍ୟ ଦେଇଛି ଓଡ଼ିଆ ଭାଷା ଓ ସଂସ୍କୃତି ବିଭାଗ। ୨୦୨୫-୨୬ରେ ବିଭାଗ ମୋଟ ୩୦ ଜଣ ବରପୁତ୍ରଙ୍କ ପ୍ରତିମୂର୍ତ୍ତି ନିର୍ମାଣ ପାଇଁ ନିଷ୍ପତ୍ତି ନିଆଯାଇଛି। ଏଥିପାଇଁ ପ୍ରାୟ ୫କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି। ତେବେ ତାଳଚେର ଭଳି ଏକ ଶିଳ୍ପାଞ୍ଚଳରେ ଦେଶମାତୃକାର ସେବାକରି ସ୍ୱାଧୀନତା ସଂଗ୍ରାମୀମାନେ ପ୍ରାଣବଳି ଦେଇଥିବା ବେଳେ ବିଭାଗ ସେମାନଙ୍କ କଥାକୁ ଭୁଲିଯାଉଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ କ୍ଷୋଭ ପ୍ରକାଶ ପାଇଛି। ତାଳଚେରରେ ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତି କେବେ ନିର୍ମାଣ ହେବ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି।

ତାଳଚେର ଏକ ଗଡ଼ଜାତ ଅଞ୍ଚଳ ହୋଇଥିବା ବେଳେ ଏଠାରେ ବ୍ରିଟିଶ ସରକାର ପକ୍ଷରୁ ଆକାଶରୁ ଗୋଳାବର୍ଷଣ ସହ ସ୍ଥଳଭାଗରେ ପୁଲିସର ଲାଠି ଚାଲାଣରେ ଲହୁଲୁହାଣ ହୋଇ କେତେକ ପ୍ରାଣବଳି ଦେଇଥିଲେ। ଆଉ କେତେକ ରକ୍ତାକ୍ତ ହୋଇ ଜୀବନ ସହ ସଂଗ୍ରାମ କରିଥିଲେ। ସେହି ଅଞ୍ଚଳଟି ରକ୍ତରଞ୍ଜିତ ହୋଇପଡ଼ିଥିଲା। ସେଥିମଧ୍ୟରୁ ତାଳଚେର ଅଞ୍ଚଳର ଅର୍ଜୁନ ରଥ, ମହେଶ୍ୱର ରଥ, ଗଙ୍ଗାଧର ରଥ, ପାଣ୍ଡବ ପ୍ରଧାନ, ରଘୁନାଥ ନନ୍ଦ, ବୃନ୍ଦାବନ ମହାପାତ୍ର, ଅନନ୍ତ ପ୍ରଧାନ, ବୈକୁଣ୍ଠ ସାହୁ, ଦୁଃଖବନ୍ଧୁ ସାହୁ, କୁଶ ସାମଲ, କୃତୀବାସ ରଥ, ମଧୁମୋହନ ପ୍ରଧାନ, ମାଧବଚନ୍ଦ୍ର ପ୍ରଧାନ, ନୀଳମଣି ପ୍ରଧାନ, ନାଥ ପ୍ରଧାନ, ସାମୁ ସାହୁ, ସୁଦର୍ଶନ ପ୍ରଧାନ, ଠାକୁର ପ୍ରସାଦ ରଥ, ଯୋଗୀ ସାହୁ, ରେଣୁ ସାହୁ, ରତ୍ନାକର ପ୍ରଧାନ ଓ ଆକୁଳ ସାହୁ ପ୍ରମୁଖ ତାଳଚେର ମାଟିର ସ୍ୱାଧୀନତା ସଂଗ୍ରାମୀମାନେ ଏବେ ଆମ ଗହଣରେ ନ ଥିଲେ ମଧ ତାଙ୍କ ବଳିଦାନକୁ ମନେ ପକାଇବା ପାଇଁ ତାଳଚେର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସ୍ମୃତିସ୍ତମ୍ଭ କରି ରଖାଯାଇଛି। ତେବେ ଇଏ କି ପ୍ରକାର ସମ୍ମାନ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି। ତାଳଚେରର ବରପୁତ୍ର ତଥା ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ପବିତ୍ର ମୋହନ ପ୍ରଧାନ ଓ ସ୍ୱର୍ଗତ ଦୁଃଖବନ୍ଧୁ ସାହୁ ତାଳଚେର ବ୍ଲକ ଅଧ୍ୟକ୍ଷ ଥିବା ସମୟରେ ଏହି ସ୍ମୃତିସ୍ତମ୍ଭ ସ୍ଥାପନ କରାଯାଇଥିଲା। ମାତ୍ର ପରିତାପର ବିଷୟ ଏହି ସ୍ତମ୍ଭକୁ ନା ପ୍ରଶାସନ ନା ରାଜନେତା ଆଡ଼ ଆଖିରେ ବି ଚାହିଁନାହାନ୍ତି। ଏହି ସ୍ତମ୍ଭ ଥିବା ସ୍ଥାନ ଚାରିପାଖ ଖୋଲାମେଲା ପଡ଼ିବା ସହ ୪ଟି ଖମ୍ବ ବିଶିଷ୍ଟ ଖଣ୍ଡିଏ ଛାତ ମଧ୍ୟରେ ସୀମିତ ହୋଇ ରହିଛି। ଏହା ପରିସର ଘାସଲଟାରେ ପରିପୂର୍ଣ୍ଣ ହୋଇପଡ଼ିଛି। ଅକ୍ଷରଗୁଡ଼ିକ ଲିଭିବାକୁ ମଧ ବସିଲାଣି। ତେଣୁ ତୁରନ୍ତ ସରକାର ଏହି ମହାନ ସଂଗ୍ରାମୀମାନଙ୍କ ପ୍ରତିମୂର୍ତ୍ତି ନିର୍ମାଣ କରିବାକୁ ସାଧାରଣରେ ଦାବି ହେଉଛି।

## ଘଡ଼ିଆଳ ପାଇଁ ପ୍ରସ୍ତୁତ ଚାଲିଛି କୃତ୍ରିମ ଥଣ୍ଟ

ଅନୁଗୋଳ,୨୦।୮ (ସମିସ): ମହାନଦୀର ସାତକୋଶିଆ ଗଣ୍ଡରେ ଗତ ଜୁନ ମାସରେ ମଗର ସହ ଏକ ଅଣ୍ଡିରା ଘଡ଼ିଆଳର ଭୀଷଣ ଲଢ଼େଇ ହୋଇଥିଲା। ନିଜର ଅଞ୍ଚଳ ଦଖଲ ପାଇଁ ନଦୀରେ ହୋଇଥିବା ଏହି ଲଢ଼େଇରେ ମଗର ଆକ୍ରମଣ ଯୋଗୁଁ ଘଡ଼ିଆଳ କୁମ୍ଭୀରର ଥଣ୍ଟ ଛିଣ୍ଡିଯାଇଥିଲା। କ୍ଷତାକ୍ତ ହୋଇ ଘଡ଼ିଆଳ ନଦୀରେ ବୁଲୁଥିବା ବେଳେ ବନବିଭାଗର ଅକ୍ଲାନ୍ତ ପରିଶ୍ରମ ପରେ ତାକୁ ଉଦ୍ଧାର କରାଯାଇଥିଲା। ସେହିଦିନଠାରୁ ଘଡ଼ିଆଳକୁ ଟିକରପଡ଼ାସ୍ଥିତ ଘଡ଼ିଆଳ ଗବେଷଣା କେନ୍ଦ୍ରରେ ରଖାଯାଇ ତାହାର ନିୟମିତ ଚିକିତ୍ସା ଜାରି ରହିଛି। ସାତକୋଶିଆ ପ୍ରାଣୀ ଚିକିତ୍ସକ ଡା. କିଶୋର ସାହୁ ଏହା ଉପରେ ୨୪ ଘଣ୍ଟିଆ ନଜର ରଖିଥିବା ବେଳେ କୁମ୍ଭୀର ଧୀରେ ଧୀରେ ସୁସ୍ଥ ହେଉଥିବା ଜଣାପଡ଼ିଛି। ତା' ଥଣ୍ଟରେ ହୋଇଥିବା କ୍ଷତ ଭଲ ହୋଇଯାଇଥିବା ବେଳେ କୁମ୍ଭୀରଟି ଏବେ ନିଜେ ମାଛ ଖାଇପାରୁଛି। କିନ୍ତୁ ଉପର ପାଖର ଥଣ୍ଟ ଛିଣ୍ଡି ଯାଇଥିବାରୁ ଖାଇବାରେ ଅସୁବିଧା ହେଉଛି। ଏହି ସମସ୍ୟାକୁ ଦୃଷ୍ଟିରେ ରଖି ସାତକୋଶିଆ ବନବିଭାଗ ଏକ ଏକ କୃତ୍ରିମ ଥଣ୍ଟ ଲଗାଇବାକୁ ଯୋଜନା କରୁଛି। ଡା. ସାହୁଙ୍କ ଯୋଜନା ମୁତାବକ ଏକ ଥଣ୍ଟ ଏବେ ନିର୍ମାଣ କରାଯାଉଛି। ଯାହା ଆଗାମୀ ଦିନରେ କୁମ୍ଭୀର ମୁହଁରେ ଖଞ୍ଜାଯିବ। ଏ ନେଇ ସାତକୋଶିଆ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ଗଦାଧର ପାତ୍ରଙ୍କୁ ପଚାରିବାରୁ ସେ କହିଲେ ଯେ କୁମ୍ଭୀର ସୁସ୍ଥ ଅଛି। ଡାକ୍ତର ଏହାର ଥଣ୍ଟ ଲଗାଇବା ପାଇଁ ପ୍ରକ୍ରିୟା ଆରମ୍ଭ କରିଛନ୍ତି।

**ମଗର ସହ ଲଢ଼େଇରେ ଛିଣ୍ଡିଯାଇଥିଲା**

ସକାଳ
THE SAKALA

# ଚାପରେ ନେତାନ୍ୟାହୁ

ରୁଷ – ୟୁକ୍ରେନ ଯୁଦ୍ଧ ଓ ଗାଜାପଟିରେ ଇସ୍ରାଏଲର ନରସଂହାର ରୋକିବା ସକାଶେ ଯେଉଁ ପ୍ରୟାସ ଚାଲିଛି ତାହାର ପୃଷ୍ଠଭାଗରେ ଅଛି, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନୋବେଲ ଶାନ୍ତି ପୁରସ୍କାର ହାସଲର ମହତ ଆକାଂକ୍ଷା । ତେଣିକି ସେ ଯୁଦ୍ଧ ବିରତି ହେଉ ବା ସ୍ଥାୟୀ ଶାନ୍ତି ପ୍ରତିଷ୍ଠା । ଏଠାରେ ଆମକୁ ସ୍ୱୀକାର କରିବାକୁ ପଡ଼ିବ ଯେ ଆମେରିକାର ପ୍ରତ୍ୟକ୍ଷ ସାମରିକ ସାହାଯ୍ୟ ବିନା ନା ୟୁକ୍ରେନ ନା ଇସ୍ରାଏଲ ଅଧିକ ଦିନ ଯୁଦ୍ଧ ଜାରି ରଖିବା ସମ୍ଭବ ନୁହେଁ । ଏକଥା ସତ ଯେ ଟ୍ରମ୍ପଙ୍କ ଆଶୀର୍ବାଦ ବିନା ଏହି ଦୁଇଟି ଯୁଦ୍ଧ କ୍ଷେତ୍ରରେ ଶାନ୍ତି ପ୍ରତିଷ୍ଠା ସମ୍ଭବ ନୁହେଁ । ୨୨ ମାସ ଧରି ଇସ୍ରାଏଲ ଚଳାଇଥିବା ହମାସ ବିରୋଧୀ ନରସଂହାର ଏବଂ ଯୁଦ୍ଧର ଭୟଙ୍କର ତାଡ଼ନାରେ ମରିଯାଉଥିବା ଜନଜୀବନକୁ ସୁରକ୍ଷା ଦେବା ସକାଶେ ବିଶ୍ୱ ଜନମତ ସୃଷ୍ଟି ହୋଇଛି । ଗୋଟିଏ ପକ୍ଷରେ କ୍ଷମତାରେ ତିଷ୍ଠି ରହିବା ସକାଶେ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଯୁଦ୍ଧକୁ ଲମ୍ବା ସମୟ ଧରି ଜାରି ରଖିବାକୁ ଚାହୁଁଥିବା ବେଳେ ଇସ୍ରାଏଲରେ ଗାଜା ଯୁଦ୍ଧର ପରିସମାପ୍ତି ଦାବି କରି ପ୍ରତିବାଦର ସ୍ୱର ଦିନକୁ ଦିନ ଶାଣିତ ହେବାର ଲାଗିଛି । ଅନ୍ୟପକ୍ଷରେ ଆମେରିକାର ଯେଉଁ ୟୁରୋପୀୟ ମିତ୍ର ରାଷ୍ଟ୍ର ଇସ୍ରାଏଲକୁ ସମର୍ଥନ ଓ ସାହାଯ୍ୟ ଯୋଗାଇ ଆସୁଥିଲେ ସେମାନଙ୍କ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି । ପାଲେଷ୍ଟାଇନକୁ ସ୍ୱତନ୍ତ୍ର ରାଷ୍ଟ୍ରର ମର୍ଯ୍ୟାଦା ଦେବା ସପକ୍ଷରେ ଇଂଲଣ୍ଡ ଓ ଫ୍ରାନ୍ସ ସ୍ପଷ୍ଟ ମତ ଦେଇଥିବା ବେଳେ ଜର୍ମାନୀର ଚାନସେଲର ଇସ୍ରାଏଲକୁ ସାମରିକ ସହାୟତା ଯୋଗାଣ ବନ୍ଦ କରିବାକୁ ଘୋଷଣା କରିଛନ୍ତି । ଏଭଳି ଏକ ପ୍ରତିକୂଳ ପରିସ୍ଥିତିରେ ରୁଷ ଓ ଚୀନର ଭୂମିକା ନେଇ ନେତାନ୍ୟାହୁ ଚିନ୍ତା ପ୍ରକଟ କରିଛନ୍ତି ।

ଆମେରିକା ପ୍ରୋତ୍ସାହନରେ ମିଶରର ରାଜଧାନୀ କାଇରୋରେ କାତାର ଉପସ୍ଥିତିରେ ଆରମ୍ଭ ହୋଇଥିବା ଯୁଦ୍ଧ ବିରତି ଆଲୋଚନାରେ ହମାସ ପ୍ରତିନିଧି ପ୍ରସ୍ତାବକୁ ସମର୍ଥନ କରିଛନ୍ତି । ଅନ୍ୟପକ୍ଷରେ ପ୍ରତିକ୍ରିୟା ଶୂନ୍ୟ ଅବସ୍ଥାରେ ଇସ୍ରାଏଲ ପରିସ୍ଥିତି ଉପରେ ନଜର ରଖିଛି । ଖୁବ୍‌ଶୀଘ୍ର ଟ୍ରମ୍ପଙ୍କ ସ୍ୱତନ୍ତ୍ର ଦୂତ ୱିଟକଫ କାଇରୋରେ ଆସି ପହଞ୍ଚିଥିବାର ଖବର ମିଳିଛି । ଏଥିରୁ ସ୍ପଷ୍ଟ ଅନୁମେୟ ଯେ ଏହି ପ୍ରସ୍ତାବିତ ଅସ୍ତ୍ରବିରତି ପ୍ରତି ଟ୍ରମ୍ପଙ୍କ ସମର୍ଥନ ରହିଛି । ଗାଜାପଟିରେ ଉପୁଜିଥିବା ମାନବୀୟ ସଙ୍କଟର ଜରୁରୀ ଅବସାନ ପାଇଁ ପଡୁଥିବା ଚାପକୁ ଆମେରିକା ଆଉ ବେଶୀଦିନ ପ୍ରତିରୋଧ କରିବା ସମ୍ଭବ ନୁହେଁ । ଏହି ୨୨ ମାସ ଧରି ଚାଲିଥିବା ଯୁଦ୍ଧରେ ମହିଳା ଓ ଶିଶୁଙ୍କ ସମେତ ୬୫ ହଜାର ଲୋକଙ୍କ ଗାଜାପଟିରେ ମୃତ୍ୟୁ ଘଟିଥିବା ବେଳେ ଦେଢ଼ଲକ୍ଷରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି । ଆନ୍ତର୍ଜାତିକ ସମୁଦାୟ ପକ୍ଷରୁ ଆସୁଥିବା ରିଲିଫ ଖାଦ୍ୟ ସାମଗ୍ରୀ ଓ ଔଷଧପତ୍ରର ଗତିରୋଧ କରାଯାଇଥିବାରୁ ଭୟଙ୍କର କ୍ଷୁଧା ନିପୀଡ଼ନର ଭୟଙ୍କର ପରିସ୍ଥିତି ସୃଷ୍ଟି କରିଛି । ପ୍ରସ୍ତାବିତ ଯୁଦ୍ଧ ବିରତି ସର୍ତ୍ତ ଅନୁଯାୟୀ ୬୦ ଦିନ ମଧ୍ୟରେ ଦୁଇଟି ପର୍ଯ୍ୟାୟରେ ପଣବନ୍ଦୀଙ୍କୁ ମୁକ୍ତ କରାଯିବ । ବିନା ସଂଶୋଧନରେ ହମାସ ଏହି ପ୍ରସ୍ତାବକୁ ଗ୍ରହଣ କରିଛି । ପ୍ରଥମ ପର୍ଯ୍ୟାୟରେ ୧୦ ଇସ୍ରାଏଲ ବନ୍ଧକ ଓ କିଛି ମୃତଦେହ ପ୍ରଦାନ ସପକ୍ଷରେ ମତବ୍ୟକ୍ତ ପ୍ରକାଶ ପାଇଛି । ୨୦୨୩ ଅକ୍ଟୋବରରେ ହମାସ ୨୫୧ ପଣବନ୍ଦୀଙ୍କ ଅଟକ ରଖିବା ଘଟଣାରେ ଗାଜାପଟି ଦଖଲ ଉଦ୍ୟମ ଆରମ୍ଭ କରିଥିଲା ଇସ୍ରାଏଲ । ସମାନଙ୍କ ମଧ୍ୟରୁ ୨୭ ମୃତକଙ୍କ ସହ ୪୯ ଜଣ ଏବେ ମଧ୍ୟ ଗାଜାରେ ଅଟକ ଅଛନ୍ତି । ଏହା ଅବଶ୍ୟ ଇସ୍ରାଏଲ ସାମରିକ ବାହିନୀର ଦାବି । ଏଥିରୁ ସ୍ପଷ୍ଟ ଯେ ପଣବନ୍ଦୀଙ୍କ ମଧ୍ୟରୁ କେତେ ଜୀବିତ ଓ ମୃତ ତାହା ଏପର୍ଯ୍ୟନ୍ତ ଅସ୍ପଷ୍ଟ । ଇସ୍ରାଏଲ ପାଇଁ ବନ୍ଦୀଙ୍କ ମୁକ୍ତି ଏକ ମର୍ଯ୍ୟାଦାର ପ୍ରସଙ୍ଗ । ତେବେ ଦ୍ୱିତୀୟ ପର୍ଯ୍ୟାୟରେ ସମସ୍ତଙ୍କୁ ମୁକ୍ତ କରିବାର ପ୍ରତିଶ୍ରୁତି ଦେଇଛି ଜିହାଦୀ ସଂଗଠନ । ସମସ୍ୟାର ସାମାଧାନର ଏକ ବୃହତ୍ତର ଦିଗ ଉପରେ ଆପୋସ ଆଲୋଚନାର ପଥ ପରିଷ୍କାର ହେବା ଉଚିତ । ମିଶର ଓ କାତାରର ଏହି ପ୍ରସ୍ତାବ ପ୍ରତି ହମାସର ସବୁଗୋଷ୍ଠୀ ସମର୍ଥନ ଓ ସହଯୋଗ କରୁଥିବାର ସ୍ପଷ୍ଟ ସୂଚନା ମିଳିଛି ।

କାଇରୋ କଥାବାର୍ତ୍ତା ଆରମ୍ଭର ପ୍ରାୟ ଏକ ସପ୍ତାହ ପୂର୍ବରୁ ଇସ୍ରାଏଲ କ୍ୟାବିନେଟର ନିରପତ୍ତା କମିଟି ବୈଠକର ଗାଜାସିଟି ଓ ନିକଟସ୍ଥ ଶରଣାର୍ଥୀ ଶିବିର ଉପରେ ବ୍ୟାପକ ଆକ୍ରମଣ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । କିନ୍ତୁ ତେଲ୍ ଆଭିଭ୍, ଜେରୁଜେଲମ ଓ ଅନ୍ୟାନ୍ୟ ସହରରେ ଗାଜାଯୁଦ୍ଧ ବନ୍ଦ ଦାବିରେ ରବିବାର ବିକ୍ଷୋଭ ଓ ଧାରଣା ଦିଆଯାଇଥିଲା । ଯୁଦ୍ଧ ବଦଳରେ ପଣବନ୍ଦୀଙ୍କ ମୁକ୍ତି ପାଇଁ ହମାସ ସହ ଆପୋସ ଆଲୋଚନାରେ ଉପନୀତ ହେବାକୁ ନେତାନ୍ୟାହୁ ସରକାରଙ୍କ ଉପରେ ସେମାନେ ଚାପ ପ୍ରୟୋଗ କରିଛନ୍ତି । କ୍ୟାବିନେଟ ନିରାପତ୍ତା କମିଟି ନିଷ୍ପତ୍ତିର ତୀବ୍ର ବିରୋଧ କରିଛନ୍ତି ଏହି ବିକ୍ଷୋଭକାରୀ । ତେଲ୍‌ଆଭିଭ୍‌ର ପଣବନ୍ଦୀ ଛକରେ ବନ୍ଧକଙ୍କ ଫଟୋଚିତ୍ର ଉପରେ ଜାତୀୟ ପତାକା ଘୋଡ଼ାଇ ରଖାଯାଇଛି । ଏହି ଯୁଦ୍ଧ ଘନଘଟା ମଧ୍ୟରେ ପ୍ରତିବାଦର କେନ୍ଦ୍ରବିନ୍ଦୁ ପାଲଟିଛି ଏହି ଛକ । ସେମାନେ ଟାୟାରରେ ନିଆଁଜାଳି ପ୍ରତିବାଦ କରୁଥିବା ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଛି । ଅବଶ୍ୟ ପୁଲିସ ସେମାନଙ୍କ ମଧ୍ୟରୁ ୩୦ ଜଣଙ୍କୁ ଗିରଫ କରିଛି । କିନ୍ତୁ ନେତାନ୍ୟାହୁ କହିଛନ୍ତି ଯେ ଏହି ପ୍ରତିବାଦ ଓ ଆନ୍ଦୋଳନ ହାମାସଙ୍କୁ ସାହସ ଯୋଗାଇବ । ପଣବନ୍ଦୀଙ୍କ ମୁକ୍ତି ଅଧିକରୁ ଅଧିକ ବିଳମ୍ବିତ ହେବ । ଏତେ ବାଦ ବିବାଦ ମଧ୍ୟରେ ଇସ୍ରାଏଲ ବାହିନୀ ଦିନକୁ ଦିନ ଯୁଦ୍ଧ ସକାଶେ ନିରୁତ୍ସାହିତ ହୋଇଛନ୍ତି । ସେମାନଙ୍କ ଅନିଚ୍ଛା ସତ୍ତ୍ୱେ ସରକାରୀ ଚାପର ବଶବର୍ତ୍ତୀ ହୋଇ ଯୁଦ୍ଧରେ ଲିପ୍ତ ଅଛନ୍ତି ।

ଇସ୍ରାଏଲ ଏଥିମଧ୍ୟରେ ଇରାନ ସମର୍ଥନ କରୁଥିବା ହାଉଥି ବିଦ୍ରୋହୀଙ୍କ ଉପରେ ଆକ୍ରମଣ କରିଛି । ୟେମେନ୍ ସହରର ରାଜଧାନୀ ସାନା ସହରରେ ଅବସ୍ଥାନ କରୁଥିବା ହାଉଥି ବିଦ୍ରୋହୀଙ୍କ ଉପରେ ଆକ୍ରମଣ କରିଛି । ଏଠାରେ ସୂଚାଇ ଦିଆଯାଇପାରେ ଯେ ଗାଜା ଯୁଦ୍ଧବେଳେ ହାଉଥି ଇସ୍ରାଏଲ ଉପରେ ଘନ ଘନ ଆକ୍ରମଣ କରିଥିଲା । ଇରାନର ସହଯୋଗୀ ହୋଇଥିବାରୁ ଦୁଇ ପରସ୍ପର ବିରୋଧୀଙ୍କ ମଧ୍ୟରେ କ୍ରମାଗତ ଛକାପଞ୍ଝା ଲାଗି ରହିଥିଲା । ଏହି ଅତର୍କିତ ଆକ୍ରମଣରେ ବିଦ୍ୟୁତ୍ ସରବରାହ ବାଧାପ୍ରାପ୍ତ ହୋଇଛି ସତ କିନ୍ତୁ ପାଲଟା ପଦକ୍ଷେପ ସ୍ୱରୂପ ୭୦ କ୍ଷେପଣାସ୍ତ୍ର ମାଡ ସାଙ୍ଗକୁ ୨୨ ଡ୍ରୋନରୁ ହାଉଥିବ ମଧ୍ୟ କିଛି କମ ବିପର୍ଯ୍ୟୟ ଘଟାଇନାହିଁ ।

ୱିଟକଫ କାଇରୋରେ ପହଞ୍ଚିବା ପରେ ଯୁଦ୍ଧ ବିରାମ ଆଲୋଚନା ଗତି ନେବ ବୋଲି ଆଶା କରାଯାଇଛି । ଇସ୍ରାଏଲ ମଧ୍ୟ ଏହି ପ୍ରକ୍ରିୟାରୁ ଦୂରେଇ ରହିବା ସମ୍ଭବ ହେବ ନାହିଁ । ମଧ୍ୟପ୍ରାଚ୍ୟରେ ସ୍ଥାୟୀ ଶାନ୍ତି ପ୍ରତିଷ୍ଠାରେ ଇସ୍ରାଏଲର ଭୂମିକା ଯେ ମୁଖ୍ୟ ପ୍ରତିବନ୍ଧକ ତାହାକୁ ଆଖିବୁଜା ସମର୍ଥନ ଦେଇଥିବା ୟୁରୋପୀୟ ରାଷ୍ଟ୍ର ବୁଝିବାକୁ ଆରମ୍ଭ କଲେଣି । ପାଲେଷ୍ଟାଇନ ସମସ୍ୟାର ସ୍ଥାୟୀ ସମାଧାନ ସକାଶେ ପଥ ପରିଷ୍କାର କରିବାକୁ କୂଟନୈତିକ ସ୍ତରରେ ଆରମ୍ଭ ହୋଇଥିବା ଉଦ୍ୟମ ପଛରେ ମୁଖ୍ୟ ପ୍ରତିବନ୍ଧକ ହେଉଛି ଇସ୍ରାଏଲ । ଗାଜାପଟି ଆକ୍ରମଣ ପଛରେ ଥିବା ନେତାନ୍ୟାହୁଙ୍କ ଅହଂକାର ଓ ଷଡ଼ଯନ୍ତ୍ରମୂଳକ କାର୍ଯ୍ୟକଳାପ କ୍ରମେ ସ୍ପଷ୍ଟ ହେବାରେ ଲାଗିଛି । ବିଶେଷ କରି କ୍ରୂରତା ଓ ନୃଶଂସତାର ଶେଷସୀମାରେ ପହଞ୍ଚିଥିବା ଇହୁଦୀ ଲବିର ପ୍ରାଧାନ୍ୟ ବୃଦ୍ଧି ପାଇଁ ପାଶ୍ଚତ୍ୟ ଶକ୍ତି ମଧ୍ୟପ୍ରାଚ୍ୟରେ ଏତେ ବିପୁଳ ଅର୍ଥ ବିପର୍ଯ୍ୟୟ କରିବାର କୌଣସି ଯଥାର୍ଥତା ନାହିଁ ।

## ସମ୍ପାଦକୀୟ



ଜଣେ ବ୍ୟକ୍ତିର ପଡ଼ୋଶୀ ବେରୋଜଗାର ହେଲେ 'ପାରିପାର୍ଶ୍ୱିକ-ସ୍ଥାଣୁତା' ସୃଷ୍ଟି ହୁଏ, ନିଜେ ସେହି ପରିସ୍ଥିତିରେ ପଡ଼ିଲେ ତା' ପାଇଁ ଅବସାଦ ଜନ୍ମ ନିଏ ।
-ଏଚ୍ ଏସ୍ ଟ୍ରୁମ୍ୟାନ୍

# ବହିଃପ୍ରକୃତିର ଆହ୍ୱାନ ଓ ଅନ୍ତଃପ୍ରକୃତିର ସମ୍ବେଦନ

**ମନୋରଞ୍ଜନ ମହାନ୍ତି**

ଏକ ରେଳ ଦୁର୍ଘଟଣା ପରେ ରେଳ ଧାରଣାରୁ ଉଦ୍ଧାର କରାଯାଇଥିବା ଏକ ନୋଟବୁକ୍‌ରେ ଦେଖିବାକୁ ମିଳିଥିଲା ଅନେକ କବିତା- ପ୍ରେମର, ବିଷାଦର, ଗୋଟେ ସମ୍ପର୍କର ଉତ୍‌ଥାନ ଆଉ ପତନର । କବିତାଗୁଡ଼ିକ ସହିତ ଥିଲା ଲାଲ୍, ନୀଳ, ସବୁଜ, ବାଇଗଣୀ ରଙ୍ଗରେ ଅଙ୍କା ହୋଇଥିବା ଅନେକ ଚିତ୍ର । କବିଙ୍କର ନାଁ ଲେଖା ନ ଥିଲା । କବି ଜୀବିତ କି ନୁହଁ ଜଣାପଡୁ ନ ଥିଲା । ବଙ୍ଗଳା ଭାଷାରେ ଲିଖିତ ସେଥିମଧ୍ୟରୁ ଏକ କବିତାର ଓଡ଼ିଆ ମର୍ମାନୁବାଦ ହେଉଛି - 'ଛୋଟ ଛୋଟ ବାଦଲ ବର୍ଷା ସୃଷ୍ଟି କରେ, ଛୋଟ ଛୋଟ କାହାଣୀ ପ୍ରେମ ସୃଷ୍ଟି କରେ ।' ଏପରି ଏକ ସମ୍ବାଦ ଜାତୀୟ ଖବରକାଗଜରେ ପଢ଼ିଲା ପରେ ପାଠକମାନଙ୍କ ମନକୁ ଆସୁଛି ସବୁଯୁଗରେ କବିମାନଙ୍କ ଭାବ-ଆବେଗର କଥା, ମଣିଷର ବହିଃପ୍ରକୃତିରେ ବାଦଲରୁ ବର୍ଷା, ଅନ୍ତଃପ୍ରକୃତିରେ କାହାଣୀରୁ ପ୍ରେମର କଥା ।

ଭାରତର ମହାନ୍ ଲେଖକ କାଳିଦାସଙ୍କ ରଚିତ 'ମେଘଦୂତମ୍'ରେ ରହିଛି ମୌସୁମୀ, ହରିଣ, ମୀନ-ଚରିତ୍ର, ବାଦଲ-ଦୂତର ବର୍ଣ୍ଣନା । କାଳିଦାସଙ୍କୁ ସେଥିପାଇଁ ପ୍ରଥମ ପରିବେଶକର୍ମୀ ଭାବରେ ବିଚାର କରାଯାଇପାରେ । 'ସେଣ୍ଟ: ଏ ନ୍ୟାଚୁରାଲ୍ ହିଷ୍ଟ୍ରି ଅଫ୍ ଫ୍ରାଗ୍ରାନ୍ସ' ପୁସ୍ତକର ରଚୟିତା ପ୍ରାଣୀବିଜ୍ଞାନୀ ଏଲିସ୍ ଭର୍ଣ୍ଣନ୍ ପର୍ଲଷ୍ଟାଇନ୍‌ଙ୍କ ମତରେ ପଶ୍ଚିମ ଆମେରିକାରେ ମରୁଭୂମିରେ ବର୍ଷା ହେଲେ ଗୋଟେ ବାସ୍ନା ଖେଳିଯାଏ । ୱିଲିୟମ୍ ସେକ୍ସପିୟର୍ ବହିଃ-ପ୍ରକୃତି ଦ୍ୱାରା ଗଭୀର ପ୍ରଭାବିତ ହୋଇଥିଲେ । ଯେଉଁ ପ୍ରକୃତିର ତୋଫାନ, ଶୀତର କାହାଣୀ, ଫୋନିକ୍ସ ପକ୍ଷୀ, କବୁତର ପକ୍ଷୀ, ରମଣୀୟ ସ୍ଥଳ ଇତ୍ୟାଦି ଲଣ୍ଡନର ଥିଏଟର୍‌ରେ ସ୍ଥାନ ପାଇଥିଲା । ଯଦିଓ ସେ ଲାଭେଣ୍ଡର୍, କାର୍ନେସନ୍, ଥାଇମ୍ ଇତ୍ୟାଦି ସମ୍ପର୍କରେ ଲେଖିଥିଲେ, ତଥାପି ଗୋଲାପ ଥିଲା ତାଙ୍କର ସବୁଠାରୁ ପ୍ରିୟ ଫୁଲ । ଦୃଢ଼ତାପୂର୍ବକ ସେ ଲେଖିଥିଲେ, 'ସବୁ ଫୁଲ ମଧ୍ୟରେ, ମୁଁ ଭାବୁଛି, ଗୋଲାପ ହେଉଛି ଶ୍ରେଷ୍ଠ ।' ବିଂଶ ଶତାବ୍ଦୀର ଚିତ୍ରକାର ଫ୍ରିଡ଼ା କାହ୍‌ଲୋ ଜଣେ ମୌଳିକ କଳାକାର ଥିଲେ, ଯିଏ ମାନଦଣ୍ଡଗୁଡ଼ିକୁ ପ୍ରତ୍ୟାଖ୍ୟାନ କରିଥିଲେ, କିନ୍ତୁ ବହିଃପ୍ରକୃତି ସହିତ କଳାର ଗଭୀର ସମ୍ବନ୍ଧକୁ ବଜାୟ ରଖିଥିଲେ । ନିଜର ପରିଚୟକୁ ଗୁରୁତ୍ୱ ଦେବା ଲାଗି ମେକ୍ସିକୋରେ ତାଙ୍କ ବଗିଚାକୁ ଦେଶୀ ବନସ୍ପତିରେ ଭରି ସଜାଇଥିଲେ । ନିଜ ପଗଡ଼ିରେ ବୋଗେନ୍‌ଭିଲିଆ, ଲେଣ୍ଟାନା ଫୁଲ ଖୋସିବା ସହିତ ବନସ୍ପତି, ଫଳର ଚିତ୍ର ଆଙ୍କିଥିଲେ, ଯେଉଁଥିପାଇଁ ମୁଣ୍ଡ ଚାରିପଟେ ପତଙ୍ଗମାନେ ଗୁଞ୍ଜନ କରୁଥିଲେ ।

ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟର ଇଂରାଜୀ ଭାଷା ସାହିତ୍ୟର ପ୍ରଫେସର୍ ଫିଓନା ଷ୍ଟାଫୋର୍ଡ କହନ୍ତି, ବହିଃପ୍ରକୃତି ମାନବ ବିଚାରକୁ ପ୍ରଭାବିତ କରେ । ଆଇଜାକ୍ ନିଉଟନ୍‌ଙ୍କଠାରୁ ଷ୍ଟିଭ୍ ଜବ୍ସଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ଏହା ପ୍ରେରିତ ଓ ଉତ୍ସାହିତ କରିଛି । ୱିଲିୟମ୍ ୱାର୍ଡ୍ସୱାର୍ଥ, ରବର୍ଟ ବର୍ଣ୍ଣ୍‌ସ୍‌ଙ୍କ ଭଳି ଲେଖକମାନଙ୍କ ଲେଖାରେ ତାଙ୍କର ଖୁବ୍ ରୁଚି । ତାଙ୍କ ମତରେ ଯେଉଁ ସଂସ୍କୃତିଗୁଡ଼ିକ ଲିଖିତ ଶବ୍ଦ ଉପରେ ବିଶେଷ ନିର୍ଭର କରୁ ନ ଥିଲା, ସେଥିରେ ଗଛ, ପର୍ବତ, ନଦୀ ଭଳି ପ୍ରାକୃତିକ ବିଶେଷତା ବା ବୈଶିଷ୍ଟ୍ୟ ଲୋକମାନଙ୍କୁ ସ୍ଥାନ, ସ୍ଥିତି, ଅବସ୍ଥିତି ବୁଝିବାରେ ସାହାଯ୍ୟ କରିବା ପାଇଁ ଅତ୍ୟାବଶ୍ୟକ, ଅନିବାର୍ଯ୍ୟ ଥିଲା । ଲୋକଙ୍କ ଜୀବନକୁ ପ୍ରାକୃତିକ ଘଟଣାଗୁଡ଼ିକ ଗୋଟେ ନିର୍ଦ୍ଦିଷ୍ଟ ରୂପ, ଆକୃତି, ଆକାର ଦାନ କରିଥାଏ । ଯେଉଁ ବ୍ୟକ୍ତି ସମୁଦ୍ର କୂଳରେ ବା ପାହାଡ଼ରେ ବା ନଗରର ଏକ ପାର୍କ ନିକଟରେ ବାସ କରନ୍ତି, ତାଙ୍କର ବିଚିତ୍ର ପ୍ରାକୃତିକ ବିଶେଷତା ବା ଲକ୍ଷଣ ସହିତ ସଂଯୁକ୍ତ ବିଭିନ୍ନ ସ୍ମୃତି ନିଶ୍ଚୟ ରହିଥାଏ ।

ପାଶ୍ଚାତ୍ୟ ସଂସ୍କୃତିରେ ଆପଲ୍ ବା ସେଓ ହେଉଛି ଏକ ମୂଳଭୂତ ପ୍ରତୀକ । ବାଇବେଲ୍‌ରେ ଏଡେନ୍ ବଗିଚାରେ ଅଛି ଗୋଟେ ଜ୍ଞାନବୃକ୍ଷ, ଯାହାକୁ କଳା ଓ ସାହିତ୍ୟରେ ଆପଲ୍ ବୋଲି ବୁଝାଯାଏ । ଆମେ ମଧ୍ୟ ଏହାକୁ ଗ୍ରୀକ୍ ଓ ଅନ୍ୟାନ୍ୟ ପାଶ୍ଚାତ୍ୟ ପୁରାଣ କଥାରେ ପାଉ । ଯା'ର ମଧ୍ୟ ଆଧୁନିକ ପ୍ରାସଙ୍ଗିକତା ରହିଛି । ଆଜି ଯେତେବେଳେ କେହି ଜଣେ କହନ୍ତି, 'ଆପଲ୍', ଆମେ ଆଇଫୋନ୍ କଥା ଭାବୁ । ଷ୍ଟିଭ୍ ଜବ୍ସ ତାଙ୍କ ଅଭିନବ କମ୍ପାନୀର ପ୍ରତୀକ ଭାବରେ ଏହାକୁ ବାଛିଥିଲେ । ସେ ପ୍ରଭାବିତ ହୋଇଥିଲେ ବୈଜ୍ଞାନିକ ଆଇଜାକ୍ ନିଉଟନ୍‌ଙ୍କ ଦ୍ୱାରା, ଯିଏ ସପ୍ତଦଶ ଶତାବ୍ଦୀରେ ମାଧ୍ୟାକର୍ଷଣ ନିୟମଗୁଡ଼ିକର ଅବଧାରଣା କରିଥିଲେ ଗୋଟେ ଆପଲ୍ ଗଛ ତଳେ ବସିଥିବା ସମୟରେ । ସେ ଦେଖିଲେ ଗୋଟେ ଫଳ ତଳେ ପଡ଼ିଯାଉଛି ଓ ଆଶ୍ଚର୍ଯ୍ୟ ହେଲେ କାହିଁକି ଆପଲ୍‌ଟି ସିଧା ଭୂମି ଉପରେ ପଡୁଛି । ଏହିପରି ଭାବରେ ଆପଲ୍‌ଟି ହେଲା ବୈଜ୍ଞାନିକ ଚିନ୍ତନର ଗୋଟେ ପ୍ରତୀକ ଏବଂ ପରବର୍ତ୍ତୀ ସମୟରେ ବିଏଟଲ୍ସ ଓ ଅନ୍ୟାନ୍ୟ ସାଂସ୍କୃତିକ ପ୍ରତୀକ ଚିହ୍ନ ସହିତ ସଂଯୁକ୍ତ । ବିଏଟଲ୍ ଗୋଷ୍ଠୀ (ପଲ୍ ମ୍ୟାକ୍‌କାର୍ଟନେ, ଜର୍ଜ୍ ହ୍ୟାରିସନ୍, ରିଙ୍ଗୋ ଷ୍ଟାର୍, ଜନ୍ ଲେନନ୍ ପ୍ରମୁଖ) ପ୍ରତିଷ୍ଠା କଲେ ଆପଲ୍ କର୍ପ୍ସ, ଷ୍ଟିଭ୍ ଜବ୍ସ ପ୍ରତିଷ୍ଠା କଲେ ଆପଲ୍ କମ୍ପ୍ୟୁଟର୍ସ ।

ବହିଃପ୍ରକୃତିର ଫୁଲଫଳ କେବଳ ନୁହଁ, ପଶୁପକ୍ଷୀମାନେ ମଧ୍ୟ ମଣିଷର ଚୈତନ୍ୟକୁ ପ୍ରଭାବିତ କରନ୍ତି, ମଣିଷକୁ ଭାବବିଭୋର କରନ୍ତି । ମଣିଷ ଓ ପଶୁପକ୍ଷୀ ପରସ୍ପରର ଭାବକୁ ବୁଝିବି ପାରନ୍ତି । ଗୋଟିଏ ଦୃଷ୍ଟାନ୍ତକୁ ଲକ୍ଷ୍ୟ କରାଯାଉ । କାଟ୍ୟା ଓସ୍‌ବର୍ଣ୍ଣ ଡଗ୍‌ଲାସ୍ ଓ ତାଙ୍କ ପରିବାର ପୋଲାଣ୍ଡରୁ ତାମିଲନାଡୁକୁ ଆସିଥିଲେ । ସମସ୍ତେ ହୋଇଥିଲେ ତିରୁଭନ୍ନମଲାଇରେ ରମଣ ମହର୍ଷିଙ୍କ ଭକ୍ତ । କାଟ୍ୟା ସେଠି ବାଲ୍ୟକାଳ ଅତିବାହିତ କଲେ, ବିଦେଶ ଗଲେ, ଶିକ୍ଷା ସମାପ୍ତ କଲେ, ହଲିଉଡ୍‌ରେ ଅଭିନୟ କଲେ । ପରବର୍ତ୍ତୀ ସମୟରେ ଭାରତକୁ ଫେରିଆସିଲେ, ଯେହେତୁ ସେ ଅରୁଣାଚଳର ସନ୍ଥ ରମଣ ମହର୍ଷିଙ୍କ ବିନା ଜୀବନ କଳ୍ପନା କରିପାରୁନଥିଲେ । ସୌମ୍ୟ, ନିରବ, ଉପଚାରାତ୍ମକ ଓ ଅନିର୍ଣ୍ଣାୟକ ଉପସ୍ଥିତି ବଳରେ ରମଣ ମହର୍ଷି ଅନେକଙ୍କ ଜୀବନକୁ ପ୍ରଭାବିତ କରିଥିଲେ । ମହର୍ଷି କେବେ ଧର୍ମ, ଈଶ୍ୱର ଇତ୍ୟାଦି ସମ୍ପର୍କରେ କହୁନଥିଲେ, ତାଙ୍କ ଦୃଷ୍ଟିରେ ଭରି ରହିଥିଲା ଶ୍ରଦ୍ଧା ଓ କରୁଣାର ଭାବ, ଯେଉଁଥିପାଇଁ ଆଶ୍ରମ ଭିତର ଓ ବାହାରର ପଶୁପକ୍ଷୀମାନେ ତାଙ୍କ ନିକଟକୁ ଆସୁଥିଲେ ଦର୍ଶନ ପାଇଁ ବା କିଛି ପ୍ରଦର୍ଶନ ପାଇଁ । କାଟ୍ୟା କହନ୍ତି, ଥରେ ଗୋଟିଏ ମୟୂର ମହର୍ଷି ରହୁଥିବା କୋଠରି ଭିତରକୁ ଆସି ଉଜ୍ଜ୍ୱଳ ରଙ୍ଗ ପୁଚ୍ଛ ମେଲି କିଛି ସମୟ ପାଇଁ ସୁନ୍ଦର ଭାବରେ ନାଚିଲା ଏବଂ ସନ୍ଥଙ୍କ ଆଖିକୁ ଚାହିଁଲା । ମହର୍ଷି ତାକୁ କହିଲେ, 'ଖୁବ୍ ସୁନ୍ଦର ଥିଲା ନାଚଟି, ତୁମକୁ ଧନ୍ୟବାଦ' । ତା'ପରେ ମୟୂରଟି କୋଠରିରୁ ପ୍ରସ୍ଥାନ କଲା । ମାଙ୍କଡ଼ମାନେ ବେଳେବେଳେ ଆସୁଥିଲେ ସେମାନଙ୍କ ନବଜାତ ଶିଶୁମାନଙ୍କୁ ମହର୍ଷିଙ୍କୁ ଦେଖାଇବା ପାଇଁ । ଥରେ ଖବର ଆସିଲା ଜାଲ ବସାଇ ମାଙ୍କଡ଼ମାନଙ୍କୁ ଧରିବାବାଲା ଆସୁଛନ୍ତି । କିଛି ମାଙ୍କଡ଼ ମହର୍ଷିଙ୍କ ନିକଟକୁ ଆସିଲେ । ମହର୍ଷି ସେମାନଙ୍କୁ ସତର୍କ କରାଇ କହିଲେ, 'ଶୁଣ, ଏପରି ଏକ ଖବର ଆସିଛି । ତେଣୁ ତୁମେ ଯଦି ମାଙ୍କଡ଼ ଧରାଳିଙ୍କଠାରୁ ବଞ୍ଚିବା ପାଇଁ ଇଚ୍ଛା କରୁଛ ତେବେ ଏ ସ୍ଥାନ ଛାଡ଼ି ଅନ୍ୟତ୍ର ପଳାଇଯାଅ' । ଖୁବ୍ ଶୀଘ୍ର ମାଙ୍କଡ଼ଧରାଳିମାନେ ତିରୁଭନ୍ନ ମଲାଇରେ ପହଞ୍ଚିଲେ । କିନ୍ତୁ ସମଗ୍ର ଅଞ୍ଚଳରେ ଗୋଟିଏ ହେଲେ ମାଙ୍କଡ଼ ନଦେଖି ବିସ୍ମିତ ହୋଇଥିଲେ । କିଛିଦିନ ପରେ ମାଙ୍କଡ଼ମାନେ ଆଶ୍ରମ ଓ ତା'ର ପରିବେଶକୁ ଫେରିଆସିଲେ । ଏ କ'ଣ ଗୋଟେ ଆଶ୍ଚର୍ଯ୍ୟଜନକ ଘଟଣା ନୁହେଁ ? ମହର୍ଷି ବିଶେଷ କଥା ନକହି ଖୁବ୍ ପ୍ରଭାବୀ ଢଙ୍ଗରେ ମଣିଷ ସମେତ ସମସ୍ତ ପ୍ରାଣୀଙ୍କ ସହିତ ଭାବ ବିନିମୟ କରିପାରୁଥିଲେ । ତାହା ଥିଲା ପ୍ରେମ, ଅନୁରାଗଶୀଳ ଶକ୍ତି, ଯାହାକୁ ସେ ଧାରଣ କରିଥିଲେ, ରକ୍ଷାତ୍ମକ, ଅନେକ ସମୟରେ ବିନୋଦପୂର୍ଣ୍ଣ, ସରସ, ବିଦଗ୍ଧ, ପରିହାସଯୁକ୍ତ, ଶ୍ରଦ୍ଧା ଓ ସେବା ଭାବରେ ପୂର୍ଣ୍ଣ ।

ଲେଖକ, କଳାକାର, ପ୍ରକୃତିବାଦୀ ବୁଲ୍‌ବୁଲ୍ ଶର୍ମାଙ୍କ ଲିଖିତ ପୁସ୍ତକ 'ବିଟୁଇନ୍ ହେଭେନ୍ ଆଣ୍ଡ ଆର୍ଥ: ରାଇଟିଂ ଅନ୍ ଦି ଇଣ୍ଡିଆନ୍ ହିଲ୍ସ' ପ୍ରକାଶ ପାଇଛି, ଯାହାର ଅନ୍ତଃସ୍ୱର ହେଉଛି ବହିଃପ୍ରକୃତିର ଆହ୍ୱାନ ଓ ମଣିଷର ଅନ୍ତଃପ୍ରକୃତିର ପ୍ରତିକ୍ରିୟା । ବୁଲ୍‌ବୁଲ୍ ଶର୍ମାଙ୍କ ବାଲ୍ୟକାଳ ଅତିବାହିତ ହୋଇଥିଲା ତତ୍କାଳୀନ ଛୋଟିଆ ସହର ଭିଲାଇର ବଣ, ପାହାଡ଼, ଝରଣା ଭରା ପ୍ରକୃତିର କୋଳରେ । ସେଦିନର ସ୍ମୃତିଗୁଡ଼ିକ ତାଙ୍କ ମନ ଭିତରେ ଗଭୀର ହୋଇଥିଲା । ଯେତେବେଳେ ସେ ଚିତ୍ର ଆଙ୍କିବା ଆରମ୍ଭ କଲେ, ସେହି ଦୃଶ୍ୟଗୁଡ଼ିକୁ ଚିତ୍ରଣ କରିବାକୁ ଇଚ୍ଛା କଲେ । ପରବର୍ତ୍ତୀ ସମୟରେ ସେ ଇଚ୍ଛା କଲେ ସମାନ ଧରଣର ଅନୁଭୂତିଗୁଡ଼ିକୁ ତାଙ୍କର ପିଲାମାନେ ଉପଭୋଗ କରନ୍ତୁ । କିନ୍ତୁ ୧୯୭୦ ଦଶକର ଶେଷାର୍ଦ୍ଧରେ ଭାରତୀୟ ଶିଶୁମାନଙ୍କ ପାଇଁ ସେପରି କୌଣସି ବହି ନ ଥିଲା ଯାହା ସେମାନଙ୍କୁ ଆମ ବନସ୍ପତି, ପଶୁ, ପକ୍ଷୀଙ୍କ ସମ୍ପର୍କରେ କହିପାରିବ । ତେଣୁ ବୁଲ୍‌ବୁଲ୍ ଶର୍ମା ଭାରତୀୟ ପକ୍ଷୀମାନଙ୍କ ସମ୍ପର୍କରେ ସଚିତ୍ର ପୁସ୍ତକଟେ ରଚନା କଲେ । ସେ କହନ୍ତି ଯେ ବହିଃପ୍ରକୃତିର ସୁରଭି ଓ ସୁନ୍ଦରତା ସବୁ ସମୟରେ ତାଙ୍କ ଅନ୍ତଃକରଣକୁ ଆମୋଦିତ, ଆଲୋଡ଼ିତ କରେ ।

ସନ୍ଥ ଶିରୋମଣି ଗୋସ୍ୱାମୀ ତୁଳସୀ ଦାସ ସ୍ୱରଚିତ 'ଶ୍ରୀରାମଚରିତ ମାନସ'ରେ ବର୍ଷାଋତୁର ଯେଉଁ ବର୍ଣ୍ଣନା ଦେଇଛନ୍ତି, ସେଥିରେ ବହିଃପ୍ରକୃତି ଓ ମଣିଷର ଅନ୍ତଃପ୍ରକୃତିର ସମାନ୍ତରାଳ ଚିତ୍ର ପ୍ରକଟ ହୋଇଛି । ଆଜି ସମୟର ଆବଶ୍ୟକତା ହେଉଛି, ମଣିଷ ତା'ର ଅନ୍ତଃପ୍ରକୃତିକୁ ସ୍ୱଚ୍ଛ, ସୁନ୍ଦର, ସଂଯତ କରୁ । ବହିଃପ୍ରକୃତିକୁ ସୁରକ୍ଷିତ କରୁ । ତା'ର ଅନ୍ତଃପ୍ରକୃତି ବହିଃପ୍ରକୃତି ଦ୍ୱାରା ପ୍ରେରିତ ହେଉ । ବହିଃପ୍ରକୃତିର ଋତୁଚକ୍ର, ଫୁଲ, ଫଳ, ପଶୁ, ପକ୍ଷୀ, ଅନ୍ୟାନ୍ୟ ସକଳ ଉପାଦାନ ମଣିଷର ଅନ୍ତଃପ୍ରକୃତିର ଉତ୍ତରଣରେ ସହାୟକ ହେଉ ।

(ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ)
ଧର୍ମଶାଳା(ଯାଜପୁର),
ମୋ: ୯୮୫୩୨୮୨୯୭୨

# ବିକାଶରେ ଗବେଷଣାର ଭୂମିକା

**ଡ. ପ୍ରସନ୍ନ କୁମାର ଗନ୍ତାୟତ**

ଗବେଷଣା ଏକ ନୂତନ ଜ୍ଞାନର ସୃଷ୍ଟି କରିଥାଏ କିମ୍ବା ବିଦ୍ୟମାନ ଜ୍ଞାନର ସୃଜନଶୀଳ ଉପାୟରେ ବ୍ୟବହାର କରିବାରେ ସହାୟକ ହୁଏ । ଏହାଦ୍ୱାରା ନୂତନ ଧାରଣା ଓ ବୁଝାମଣା ସୃଷ୍ଟି ହୋଇପାରେ । ଏଥିରେ ପୂର୍ବ ଗବେଷଣାର ସଂଶ୍ଳେଷଣ ଓ ବିଶ୍ଳେଷଣ ଅନ୍ତର୍ଭୁକ୍ତ ହୋଇପାରେ । ରାଜ୍ୟ କିମ୍ବା ଜିଲ୍ଲାର ବୈଷୟିକ ସଫଳତା ହେଉ କିମ୍ବା ବୈଜ୍ଞାନିକ ସଫଳତା, ଗବେଷଣା ମାନବିକତାକୁ ସମସ୍ୟାର ସମାଧାନ କରିବାରେ ସାହାଯ୍ୟ କରିଥାଏ ।

ଗବେଷଣା ପ୍ରଗତିକୁ ଆଗେଇ ଆଣେ, ଜ୍ଞାନକୁ ବିସ୍ତାର କରେ ଏବଂ ବିଶ୍ୱ ବିଷୟରେ ଆମର ବୁଝାମଣାକୁ ଉନ୍ନତ କରେ । ଏହା ଆମକୁ ଭଲ ନିଷ୍ପତ୍ତି ନେବାରେ, ସମସ୍ୟାର ସମାଧାନ କରିବାରେ ଏବଂ ନୂତନ ପ୍ରଯୁକ୍ତିବିଦ୍ୟା ବିକଶିତ କରିବାରେ ସାହାଯ୍ୟ କରେ । ତେବେ ବିଜ୍ଞାନ, ଔଷଧ ବ୍ୟବସାୟ ଏବଂ ଅନ୍ୟାନ୍ୟ କ୍ଷେତ୍ରର ଉନ୍ନତି ପାଇଁ ଗବେଷଣା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସାମାଜିକ ଅସମାନତାକୁ ଦୂର କରି ସାମାଜିକ ନ୍ୟାୟକୁ ପ୍ରୋତ୍ସାହିତ କରିବା ଏବଂ ଉପେକ୍ଷିତ ସମ୍ପ୍ରଦାୟର ଜୀବନକୁ ଉନ୍ନତ କରିବା ପାଇଁ ଗବେଷଣାକୁ ବ୍ୟବହାର କରାଯାଇପାରିବ । ସଠିକତା ହେଉଛି ଗବେଷଣାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦିଗଗୁଡ଼ିକ ମଧ୍ୟରୁ ଗୋଟିଏ । ଗବେଷଣା ବିଶ୍ଳେଷଣାତ୍ମକ ଏବଂ ସମସ୍ତ ଉପଲବ୍ଧ ତଥ୍ୟ ବ୍ୟବହାର କରେ, ଯାହାଦ୍ୱାରା ଅନୁମାନରେ କୌଣସି ଅସ୍ପଷ୍ଟତା ନ ଥାଏ । ଆଉ ପ୍ରତ୍ୟେକ ପ୍ରଶ୍ନ ସୃଷ୍ଟି କରିବା ସହ ଏକ ନୂତନ ପାଠ ସୃଷ୍ଟି କରେ ।



ଶିକ୍ଷାଗତ ଗବେଷଣା ଦ୍ୱାରା ହିଁ ବିକାଶର ଧାରାକୁ ବୁଝିହୁଏ । ଗବେଷଣା ହିଁ ଆମକୁ ସାମାଜିକ ସମସ୍ୟା ବୁଝିବାରେ ବ୍ୟକ୍ତି ବା ସମ୍ପ୍ରଦାୟର ଜୀବନକୁ ଉନ୍ନତି କରିବାରେ ସାହାଯ୍ୟ କରିପାରିବ । ସରକାର, ବ୍ୟବସାୟ ଏବଂ ସ୍ୱାସ୍ଥ୍ୟ ସେବା ସମେତ ବିଭିନ୍ନ କ୍ଷେତ୍ରରେ ନିଷ୍ପତ୍ତି ନେବା ପାଇଁ ଗବେଷଣା ଏକ ବୈଜ୍ଞାନିକ ଆଧାର ପ୍ରଦାନ କରେ । ତେଣୁ ଗବେଷଣା ହିଁ ଅଭିବୃଦ୍ଧିର ରାସ୍ତା ଖୋଲିଥାଏ । ଗବେଷଣା ହେଉଛି ପ୍ରଯୁକ୍ତି ବିଦ୍ୟାର ଉନ୍ନତିର ମୂଳଦୁଆ, ଯାହା ନୂତନ ଉପକରଣ ଉତ୍ପାଦନ ଏବଂ ପ୍ରକ୍ରିୟା ବିକାଶ ଆଡ଼କୁ ନେଇଥାଏ । ଏହା ଆମକୁ ରୋଗ ପାଇଁ ନୂତନ ଚିକିତ୍ସା ବିକାଶ କରିବା, ସ୍ଥାୟୀ ଶକ୍ତି ସମାଧାନ ସୃଷ୍ଟି କରିବା ଏବଂ କୃଷି ପଦ୍ଧତିରେ ଉନ୍ନତି ଆଣିବା ଭଳି ଜଟିଳ ସମସ୍ୟାର ମୁକାବିଲା କରିବାକୁ ସକ୍ଷମ କରିଥାଏ । ଗବେଷଣା ଦ୍ୱାରା ନୂତନ ଶିଳ୍ପ ସୃଷ୍ଟି ଓ ଆର୍ଥିକ ଅଭିବୃଦ୍ଧି ମଧ୍ୟ ହେଇଥାଏ । ସ୍ୱାସ୍ଥ୍ୟ ସେବାରେ ଗବେଷଣା ଜୀବନ ରକ୍ଷାକାରୀ ଚିକିତ୍ସା, ଉନ୍ନତ ରୋଗ ନିର୍ଣ୍ଣୟ ଉପକରଣ ପ୍ରସ୍ତୁତିରେ ସାହାଯ୍ୟ କରିଥାଏ ।

ଏତଦ୍‌ବ୍ୟତୀତ ଗବେଷଣା ଏକ ନିଯୁକ୍ତି ସୃଷ୍ଟିକର୍ତ୍ତା ଭାବରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ଜିଲ୍ଲାର ବିକାଶ ସହ ଜଡ଼ିତ ସ୍ୱାସ୍ଥ୍ୟ, ଦାରିଦ୍ର୍ୟ ଓ ଅନ୍ୟାନ୍ୟ ସମସ୍ୟାର ସମାଧାନ କରିବାରେ ଗବେଷଣା ସାହାଯ୍ୟ କରିଥାଏ । 'ବିକାଶ ରାଜ୍ୟ ଜିଲ୍ଲା' ଏକ ଶବ୍ଦ, ଯାହା ବିଭିନ୍ନ କ୍ଷେତ୍ରକୁ ଅନ୍ତର୍ଭୁକ୍ତ କରେ, ଯେଉଁଥିରେ ସରକାର ଓ ଅନ୍ୟାନ୍ୟ ସଂଗଠନ ଅର୍ଥନୈତିକ ଏବଂ ସାମାଜିକ ବିକାଶ ଉପରେ ଧ୍ୟାନ ଦେଇ ଥା'ନ୍ତି । ଗବେଷଣା ନିର୍ଦ୍ଦିଷ୍ଟ ଭୌଗୋଳିକ କ୍ଷେତ୍ରଗୁଡ଼ିକୁ ସୂଚିତ କରିପାରେ, ଯେଉଁଠାରେ ନିର୍ଦ୍ଦିଷ୍ଟ ବିକାଶ କେନ୍ଦ୍ର ଅନ୍ତର୍ଭୁକ୍ତ । ଯାହାର ଲକ୍ଷ୍ୟ ନିର୍ଦ୍ଦିଷ୍ଟ ଅଞ୍ଚଳ ମଧ୍ୟରେ ଅଭିବୃଦ୍ଧି ଓ ଉନ୍ନତିକୁ ପ୍ରୋତ୍ସାହିତ କରେ । ବ୍ୟବସାୟ ଓ ଶିଳ୍ପର ପରିଚାଳନା ଏବଂ ବ୍ୟବସ୍ଥାପନା ସମସ୍ୟାର ଯତ୍ନ ନେବାରେ ଗବେଷଣାର ଅସାଧାରଣ କେନ୍ଦ୍ରୀକରଣ ଅଛି । ବିକାଶ ଯୋଜନା ହେଉଛି ଏକ ଦୃଷ୍ଟିକୁ ବ୍ୟାଖ୍ୟା କରିବା, ଲକ୍ଷ୍ୟ ସ୍ଥିର କରିବା ଏବଂ ଏକ ନିର୍ଦ୍ଦିଷ୍ଟ କ୍ଷେତ୍ର କିମ୍ବା ସଂଗଠନ ପାଇଁ ଇଚ୍ଛାକୃତ ଫଳାଫଳ ହାସଲ କରିବା ପାଇଁ ରଣନୀତି ବର୍ଣ୍ଣନା କରିବା । ସାମ୍ପ୍ରତିକ ପରିସ୍ଥିତିରେ ବିଶ୍ଳେଷଣ କରିବା, ସୁଯୋଗର ଚିହ୍ନଟ କରିବା ଏବଂ ଯୋଜନା ପ୍ରସ୍ତୁତି କରିବା ଇତ୍ୟାଦି ଗୁରୁତ୍ୱପୂର୍ଣ୍ଣ, ଯାହା ଗବେଷଣା ବିନା ଅଧୁରା । ଏତଦ୍‌ବ୍ୟତୀତ ଯୋଜନା ପ୍ରସ୍ତୁତ ଦ୍ୱାରା ଜିଲ୍ଲା ଜନସଂଖ୍ୟାର ସାମଗ୍ରିକ ଉନ୍ନତି ପାଇଁ ମୂଲ୍ୟାଙ୍କନ କରାଯାଇପାରେ ।

ଆଗାମୀ ଦିନରେ ବୁଦ୍ଧିଜୀବୀ ଆଉ ଯୁବପିଢ଼ି କିପରି ଆଗକୁ ଆସିବେ, ଆଉ ଓଡ଼ିଶା ଗଠନ ସଙ୍କଳ୍ପକୁ ଗବେଷଣାର ମାଧ୍ୟମରେ ଆହୁରି ତ୍ୱରାନ୍ୱିତ କରିବେ ତାହା ହିଁ ମୂଳଲକ୍ଷ୍ୟ ରହିବ ।

(ପୂର୍ବତନ ଅଧ୍ୟକ୍ଷ, ରାୟଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟ)
ରାୟଗଡ଼, ମୋ: ୮୨୪୯୪୨୫୫୫୧

# କବି ବ୍ରଜମୋହନ ପଣ୍ଡାଙ୍କ ତୀର୍ଥାଟନ

**ସାହିତ୍ୟ ସରିତ୍**

**ପ୍ରଫେସର ମଣୀନ୍ଦ୍ର କୁମାର ମେହେର**

ସାରସ୍ୱତ ପତ୍ରାବଳୀ ଯେ ହୋଇପାରେ କବିତ୍ୱର ଶ୍ରେଷ୍ଠ କୀର୍ତ୍ତି ଏକଥା ବଳିଷ୍ଠ ଭାବରେ ପ୍ରତିପାଦିତ ହୋଇଛି କବି ବ୍ରଜମୋହନ ପଣ୍ଡାଙ୍କ କ୍ଷେତ୍ରରେ । ୧୯୦୯ ମସିହାରେ କଟକସ୍ଥ ସତୀ ଚଉରାଠାରେ ରାଧାନାଥଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ପାଳନ ଓ ସମାଧି ପ୍ରତିଷ୍ଠା ସଭାରେ ଉପସ୍ଥିତ କବି, ଲେଖକ, ସୁଧୀ ସଜ୍ଜନଙ୍କ ମଧ୍ୟରେ ଯେଉଁ ପ୍ରସଙ୍ଗ ହେଲା ଆଲୋଚିତ, ତାହା ହିଁ ତରୁଣ ବ୍ରଜମୋହନ ପଣ୍ଡାଙ୍କ ହୃଦୟକୁ ତୀବ୍ର ଭାବରେ ଆଲୋଡ଼ିତ କରିଦେଲା । ଓଡ଼ିଶାର ସାରସ୍ୱତ ଜଗତରେ ରାଧାନାଥଙ୍କ ଉତ୍ତରାଧିକାରୀ କିଏ? ଏହାର ଉତ୍ତରରେ ସମବେତ ସୁଧୀମଣ୍ଡଳୀଙ୍କ କଣ୍ଠରେ ଯେଉଁ ଶବ୍ଦଟି କମ୍ପନ ଖେଳାଇ ଦେଇଥିଲା ତାହା ହେଲା: 'ଗଙ୍ଗାଧର' । ବ୍ରଜମୋହନଙ୍କ ଚେତନାରେ ଘଟିଗଲା ସେହିକ୍ଷଣି ଏକ ନୂତନ ସୂର୍ଯ୍ୟୋଦୟ । ସମ୍ବଲପୁରର କବି ହୋଇପାରନ୍ତି ଆଧୁନିକ ଓଡ଼ିଆ ସାହିତ୍ୟର ପ୍ରବର୍ତ୍ତକ କବିବରଙ୍କ ସୁଯୋଗ୍ୟ ଉତ୍ତରାଧିକାରୀ! ଏକଥା ସେ କଳ୍ପନା କରିପାରି ନଥିଲେ ଯେ ଜନ୍ମଭୂମି ଅବିଭକ୍ତ ସମ୍ବଲପୁର ଜିଲ୍ଲାର ବରପାଲିଠାରେ ଭୂମିଷ୍ଠ ଗଙ୍ଗାଧରଙ୍କ ଐଶ୍ୱରିକ ପ୍ରତିଭା ରାଧାନାଥଙ୍କୁ କରିଦେଇଥିଲା ଚକିତ । ସେହିଦିନ ହିଁ ସେ ଗଙ୍ଗାଧରଙ୍କୁ ନୂତନ ଭାବରେ କରନ୍ତି ଆବିଷ୍କାର । ଆଉ ଆବେଗସ୍ପନ୍ଦିତ ଅନ୍ତରରେ ଲେଖନ୍ତି ତାଙ୍କର ପ୍ରଥମ ପତ୍ର । ଯେତେବେଳେ ଜାଣିପାରନ୍ତି ଯେ, ନିଜ ରଚିତ କାବ୍ୟ କବିତା ପ୍ରକାଶ କରିବା ପରି ଆର୍ଥିକ ସ୍ୱଚ୍ଛଳତା ଗଙ୍ଗାଧରଙ୍କ ନାହିଁ, ସେତେବେଳେ ଆନ୍ତରିକ ଆଗ୍ରହ ପ୍ରକଟ କରନ୍ତି ସେସବୁ ନିଜେ ପ୍ରକାଶ କରିଦେବା ପାଇଁ ।

ଲରମ୍ବା ଗ୍ରାମରେ ଆବିର୍ଭୂତ ବ୍ରଜମୋହନ ଥିଲେ ଅମାପ ଭୂସମ୍ପଦର ଉତ୍ତରାଧିକାରୀ । ବ୍ରଜମୋହନଙ୍କ ତରୁଣ ଅନ୍ତରରେ ସେତେବେଳେ କବିତା ତୋଳୁଥିଲା ନବ ନବ ଝଙ୍କାର । ସ୍ୱରଚିତ କବିତା ସେ ପଠାଉଥିଲେ ଗଙ୍ଗାଧରଙ୍କ ନିକଟକୁ । ଗଙ୍ଗାଧର ତାହା ପାଠ କରି ବ୍ରଜମୋହନଙ୍କୁ ସର୍ବଦା ଶୁଣାଇଛନ୍ତି ଉତ୍ସାହର ବାଣୀ । ବ୍ରଜମୋହନଙ୍କ କବିତା ସମଗ୍ର ସଂକଳିତ ହୋଇ ରହିଛି 'ଯୌବନଗାଥା' ନାମକ ବୃହତ ଗ୍ରନ୍ଥଟିରେ । ସ୍ୱଦେଶାନୁରାଗ, ପ୍ରକୃତି ପ୍ରୀତି ଓ ପ୍ରେମାନୁରାଗର ଉଦବେଳନ ତାହାର ପ୍ରତିଟି ପୃଷ୍ଠାକୁ ପ୍ରଦାନ କରିଛି ତାରୁଣ୍ୟର ସୁକୋମଳ ଦ୍ୟୁତି । କବିତା ରଚନାରେ ବ୍ରଜମୋହନଙ୍କ ପ୍ରତିଭା ଯେପରି ସ୍ୱତନ୍ତ୍ର ସୌନ୍ଦର୍ଯ୍ୟବୋଧ ବହନ କରି ପରିସ୍ଫୁଟିତ ହୋଇଛି, ତାହା ନିଶ୍ଚୟ ଓଡ଼ିଆ ସାହିତ୍ୟ ପ୍ରତି ତାଙ୍କର ମହତ ଅବଦାନ । ତାଙ୍କ କବି-ପ୍ରତିଭାର ଯଥାର୍ଥ ମୂଲ୍ୟାୟନ ଏ ପର୍ଯ୍ୟନ୍ତ ସନ୍ତୋଷଜନକ ନୁହେଁ ।

ଯାହାଙ୍କ ହୃଦୟ କବିତ୍ୱର କମନୀୟତାରେ ସ୍ନିଗ୍ଧ, ସିଏ ଗଦ୍ୟ ଲେଖନ୍ତୁ ବା ପଦ୍ୟ, ସିଏ ରାସ୍ତା ଉପରେ ପାଦ ପକାଇ ଚାଲିଯାଉଥା'ନ୍ତୁ ବା ସୁନୀଳ ଆକାଶକୁ ରହନ୍ତୁ ଅନାଇ, ସର୍ବତ୍ର ସେହି ସମାନ ସୌକୁମାର୍ଯ୍ୟ ହୋଇଯାଏ ସୁବିକଶିତ । ବ୍ରଜମୋହନ ସ୍ୱକୀୟ ପ୍ରତିଭାଦୀପ୍ତ କବିତା ସର୍ଜନା ପାଇଁ ଯେତିକି ଆଦୃତି ଲାଭ କରିଛନ୍ତି, ତା' ଠାରୁ କାହିଁ କେତେଗୁଣରେ ଅଧିକ ସୁଖ୍ୟାତି ଲାଭ କରିଛନ୍ତି ଗଙ୍ଗାଧରଙ୍କ ସହିତ ସାରସ୍ୱତ ସମ୍ବନ୍ଧରେ ଆବଦ୍ଧ ହୋଇ । ନିଜ ଚିଠି ସବୁରେ ଗଙ୍ଗାଧରଙ୍କ ଉଦ୍ଦେଶ୍ୟରେ ସେ ଯେଉଁ ଭକ୍ତିପୂତ ଶ୍ରଦ୍ଧାର ସଜଳ ଧାରା ପ୍ରବାହିତ କରିଦେଇଛନ୍ତି, ସେଥିରେ ତାଙ୍କ କବିତ୍ୱ ହୋଇଯାଇଛି ସାର୍ଥକତା ବିମଣ୍ଡିତ । ବ୍ରଜମୋହନ ବିଗଳିତ ଭାବ ନେଇ ଲେଖିଲେ ଦିନେ ଆତ୍ମୋପଲବ୍‌ଧିର ମର୍ମସ୍ପର୍ଶୀ ଭାଷା । ତା୨୬.୧୧.୧୯୧୯ର ପତ୍ରରେ ଉଲ୍ଲିଖିତ ସେଇ ଶବ୍ଦ କେତୋଟି ତାଙ୍କ ପତ୍ରାବଳୀର ଶ୍ରେଷ୍ଠ ବାକ୍ୟ । - 'ଲୋକେ ତୀର୍ଥାଟନ କରନ୍ତି, ମାତ୍ର ମୁଁ ଆପଣଙ୍କୁ ତୀର୍ଥ ଜ୍ଞାନ କରେ । ସେହି ତୀର୍ଥରେ ମୋର ନିବାସ ସ୍ଥାପନ କରି କିପରି ନିଜକୁ ପବିତ୍ର ଓ ଚରିତାର୍ଥ କରନ୍ତି, ଏହି ମାତ୍ର ଅନ୍ତର୍ଗତ ବାସନା ।'

ବ୍ରଜମୋହନ ପଣ୍ଡାଙ୍କ ଶ୍ରେଷ୍ଠ ସାହିତ୍ୟକୃତି କ'ଣ ବୋଲି ଯଦି ପ୍ରଶ୍ନ କରାଯାଏ ତାହାର ଯଥାର୍ଥ ଉତ୍ତର ହେଉଛି ଏହି ପତ୍ରାବଳୀ । ପତ୍ର-ସାହିତ୍ୟ ହେଉଛି ରମ୍ୟରଚନାର ଏକ ଉଚ୍ଚକୋଟୀର କଳାତ୍ମକ ରୂପ । ଅନ୍ତରଙ୍ଗ ଭାବ ସମ୍ପର୍କର ଏପରି ସାରସ୍ୱତ ପତ୍ରାବଳୀ ବ୍ରଜମୋହନଙ୍କ ଶିଳ୍ପୀ ଜୀବନର ଯେ ନିଶ୍ଚିତ ଭାବେ ଉପଯୁକ୍ତ ମର୍ଯ୍ୟାଦାପୂର୍ଣ୍ଣ ସ୍ୱତନ୍ତ୍ର ପରିଚିତି, ଏହା ପ୍ରଶ୍ନାତୀତ । ଗଙ୍ଗାଧର ଥିଲେ ଗଙ୍ଗାଧାରା ପରି ସୁନିର୍ମଳ । ବ୍ରଜମୋହନ ପତ୍ର ଲେଖିବା ବେଳେ ଗଙ୍ଗାଧରଙ୍କୁ 'ପ୍ରିୟତମ ମହୋଦୟ' ବୋଲି ସମ୍ବୋଧନ କରି ଚିଠି ଲେଖିସାରି 'ଭବଦୀୟ ମମତାବଦ୍ଧ ବ୍ରଜମୋହନ' ବୋଲି ଲେଖିବା ପର୍ଯ୍ୟନ୍ତ ପ୍ରତିଟି ମୁହୂର୍ତ୍ତରେ ସେ କରୁଥିଲେ ଗଙ୍ଗାସ୍ନାନ । ଆଜି ଗଙ୍ଗାଧର-ବ୍ରଜମୋହନଙ୍କ ମଧ୍ୟରେ ହୋଇଥିବା ସେଇ ପତ୍ରାଳାପ ଯେଉଁମାନେ ପାଠ କରିବେ ଏକାଗ୍ର ଚିତ୍ତରେ, ସେମାନଙ୍କ ଆତ୍ମିକ ଉତ୍ତରଣ ଘଟିଯାଇପାରିବ ସୁନିଶ୍ଚିତ ଭାବରେ ।

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

## ଭିଜିଲାନ୍ସ ପଞ୍ଝାରେ ସମିତି ସମ୍ପାଦକ

କେନ୍ଦ୍ରାପଡ଼ା,୨୦।୮ (ସମିସ): ଚାଷୀଙ୍କୁ କୃଷି ଋଣ କରାଇ ଦେବାକୁ ସମିତି ସମ୍ପାଦକ ଲାଞ୍ଚ ନେବା ମହଙ୍ଗା ପଡ଼ିଛି। କଟକ ଭିଜିଲାନ୍ସ ପଞ୍ଝାରେ ଆଜି ବ୍ଲକ୍ ମହୁ ପ୍ରାଥମିକ କୃଷି ସମବାୟ ସମିତି ସମ୍ପାଦକ ଧୀରେନ୍ଦ୍ର ମହାନ୍ତି ପଡିଛନ୍ତି। କୃଷି ଋଣ କରାଇଦେବା ପରେ ଲୋନ୍ ପାସବୁକ୍, ଚେକ ବୁକ ମହୁ ଗ୍ରାମର ଚାଷୀ ବୀରେନ୍ଦ୍ର ନାଥଙ୍କୁ ସମ୍ପାଦକ ଧୀରେନ୍ଦ୍ର ଦେଇନଥିଲେ। ଏଥିପାଇଁ ସେ ୨୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଅଭିଯୋଗକାରୀ ଲାଞ୍ଚ ଟଙ୍କା ଦେବାକୁ ସକ୍ଷମ ହୋଇନପାରି ବାରମ୍ବାର ତାଙ୍କୁ ଅନୁରୋଧ କରିଥିଲେ। ଶେଷରେ ଧୀରେନ୍ଦ୍ର ୧୦ ହଜାର ଲାଞ୍ଚ ନେବାକୁ ଚାଷୀଙ୍କୁ ବାଧ କରିଥିଲେ। ଏ ନେଇ ବୀରେନ୍ଦ୍ର କିଛି ଉପାୟ ନପାଇ ଭିଜିଲାନ୍ସ କାର୍ଯ୍ୟାଳୟରେ ତାଙ୍କ ବିରୋଧରେ ଅଭିଯୋଗ କରିଥିଲେ। ଏହି ଅଭିଯୋଗ ଆଧାରରେ କଟକ ଭିଜିଲାନ୍ସର ଏକ ସ୍ୱତନ୍ତ୍ର ଟିମ୍ ଚାଷୀଙ୍କ ଠାରୁ ଧୀରେନ୍ଦ୍ର ୧୦ ହଜାର ଟଙ୍କା ନେବା ସମୟରେ ମାଡ଼ି ବସିଥିଲେ। ବୀରେନ୍ଦ୍ର ନାଥ ଏବଂ ତାଙ୍କ ବାପାଙ୍କୁ ୭୫ ହଜାର ଟଙ୍କା ଲେଖାଏଁ ଦେଢ଼ ଲକ୍ଷ ଟଙ୍କା କୃଷି ଋଣ କରାଇଦେବା ପାଇଁ ଏହି ଲାଞ୍ଚ ନେଉଥିଲେ। କେନ୍ଦ୍ରାପଡ଼ା ଓ କଟକର ଦୁଇଟି ଟିମ୍ ଆଜିର ମହୁ ସମବାୟ ସମିତି ସହ ପୈତୃକ ବାସଭବନ ନଅମୌଜାର ସାହୁପଡ଼ା ସହ ଦୁଇଟି ସ୍ଥାନରେ ଚଢ଼ଉ କରି ସମ୍ପାଦକ ବହୁ ଆୟ ବର୍ହିଭୂତ ସମ୍ପତ୍ତି ଠୁଳ କରିଥିବା ଜଣାପଡ଼ିଛି।



ଚାଷୀଙ୍କୁ ଋଣ ଦେବାକୁ ଲାଞ୍ଚ ନେବା ମହଙ୍ଗା ପଡ଼ିଲା

## ପଟ୍ଟାମୁଣ୍ଡାଇ ଛାତ୍ରୀ ଆତ୍ମାହୁତି ଘଟଣା: ନିଜଆଡ଼ୁ ମାମଲା ରୁଜୁ କଲେ ଏନ୍‌ଏଚ୍‌ଆର୍‌ସି

### ଦୁଇ ସପ୍ତାହରେ ରିପୋର୍ଟ ଦାଖଲ କରିବାକୁ ଡିଜିପିଙ୍କୁ ନିର୍ଦ୍ଦେଶ

ଭୁବନେଶ୍ୱର, ୨୦।୮ (ସମିସ): ପଟ୍ଟାମୁଣ୍ଡାଇ ଛାତ୍ରୀ ଆତ୍ମାହୁତି ଘଟଣାରେ ଜାତୀୟ ମାନବାଧିକାର କମିସନ (ଏନ୍‌ଏଚ୍‌ଆର୍‌ସି) ନିଜ ଆଡ଼ୁ ମାମଲା ରୁଜୁ କରିଛନ୍ତି। ଛାତ୍ରୀଙ୍କ ଅଶ୍ଳୀଳ ଫଟୋକୁ ସାମାଜିକ ଗଣମାଧ୍ୟମରେ ଭାଇରାଲ କରିବାର ଧମକ ଦେବା ପରେ ଛାତ୍ରୀ ଏପରି ଚରମ ନିଷ୍ପତ୍ତି ନେଇଥିବା ଗଣମାଧ୍ୟମରୁ ଜାଣିବା ପରେ ଏନ୍‌ଏଚ୍‌ଆର୍‌ସି ଏହି ପଦକ୍ଷେପ ନେଇ ତଦନ୍ତର ସ୍ଥିତି ସହ ଏକ ବିସ୍ତୃତ ରିପୋର୍ଟ ଦେବାକୁ ପୁଲିସ ଡିଜିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନା ଅନୁସାରେ, ପଟ୍ଟାମୁଣ୍ଡାଇ ଅଞ୍ଚଳର ଜଣେ ୧୯ ବର୍ଷୀୟା ଛାତ୍ରୀଙ୍କୁ ପୁରୁଷ ବନ୍ଧୁ ବ୍ଲାକମେଲ୍ କରି ଆସୁଥିଲା। ଯୁବତୀଙ୍କ ଅଶ୍ଳୀଳ ଫଟୋ ଓ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ କରିବାକୁ ଧମକ ଦେଇଥିଲା। ୬ ମାସ ପୂର୍ବରୁ ତାଙ୍କ ବାପା ଏନେଇ ପଟ୍ଟାମୁଣ୍ଡାଇ ଥାନାରେ ଅଭିଯୋଗ କରିଥିଲେ। ହେଲେ ପୁଲିସ ମାମଲା ରୁଜୁ କରିନଥିଲା କି ପୁରୁଷ ବନ୍ଧୁ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନେଇନଥିଲା। ଓଲଟି ଜଣେ ପୁଲିସ ଅଧିକାରୀ ତାଙ୍କୁ ମାମଲା ରୁଜୁ ନ କରି ପୁରୁଷ ବନ୍ଧୁଙ୍କ ନମ୍ବରକୁ ବ୍ଲକ୍ କରିବାକୁ ପରାମର୍ଶ ଦେଇଥିଲେ। ଶେଷରେ ନିରାଶ ହୋଇ ଗତ ୬ ତାରିଖ ଦିନ ଛାତ୍ରୀ ଆତ୍ମାହୁତି ଦେଇଥିଲେ। ଛାତ୍ରୀଙ୍କ ମୃତ୍ୟୁ ପରେ ପୁଲିସ ମାମଲା ରୁଜୁ କରିଥିଲା। ଅଗଷ୍ଟ ୧୦ ତାରିଖ ଦିନ ପୁରୁଷ ବନ୍ଧୁ ପ୍ରମୋଦ କୁମାର ବେହେରାକୁ ଗିରଫ କରିବା ସହ ମୋବାଇଲ ଜବତ କରିଥିଲା। ଜବତ ମୋବାଇଲରୁ ଛାତ୍ରୀଙ୍କ ଅଶ୍ଳୀଳ ଫଟୋ ଓ ଭିଡିଓ ଠାବ ହୋଇଥିଲା। ଏନେଇ ବିଭିନ୍ନ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଥିଲା। ସେହି ରିପୋର୍ଟ ଆଧାରରେ ଏନ୍‌ଏଚ୍‌ଆର୍‌ସି ନିଜ ଆଡ଼ୁ ମାମଲା ରୁଜୁ କରିଛନ୍ତି। ରିପୋର୍ଟର ବିଷୟବସ୍ତୁ ଯଦି ସତ୍ୟ, ତେବେ ଗମ୍ଭୀର ଭାବରେ ମାନବାଧିକାର ଉଲ୍ଲଂଘନ ହୋଇଛି ବୋଲି କମିସନ କହିଛନ୍ତି। ପୁଲିସ ମହାନିର୍ଦ୍ଦେଶକଙ୍କୁ ନୋଟିସ୍ ଜାରି କରିଛନ୍ତି। ଦୁଇ ସପ୍ତାହ ମଧ୍ୟରେ ତଦନ୍ତର ସ୍ଥିତି ଓ ଷ୍ଟାଟସ୍ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ଧର୍ମଶାଳା ବ୍ଲକ ଅଧ୍ୟକ୍ଷଙ୍କ ଇସ୍ତଫା

- ୨୨ରେ ହୋଇଥାନ୍ତା ଅନାସ୍ଥା ଆଲୋଚନା
- ଲୋକପ୍ରତିନିଧିଙ୍କ ଜୀବନ ପ୍ରତି ଭୟ ଯୋଗୁଁ ଦେଲି ଇସ୍ତଫା:ପ୍ରଭାତ

ଧର୍ମଶାଳା,୨୦।୮ (ସମିସ): ଧର୍ମଶାଳା ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ନିଜ ପଦରୁ ଇସ୍ତଫା ଦେଇଛନ୍ତି। ତାଙ୍କ ବିରୋଧରେ ବ୍ଲକର ୩୮ ଜଣ ସରପଞ୍ଚ ଓ ସମିତିସଭ୍ୟ ଅନାସ୍ଥା ଆଣିଥିଲେ। ଏ ନେଇ ଆଲୋଚନା ପାଇଁ ଆସନ୍ତା ୨୨ ତାରିଖରେ ସମୟ ଧାର୍ଯ୍ୟ କରିଥିଲେ ଉପଜିଲ୍ଲାପାଳ। ତେବେ ତାହା ପୂର୍ବରୁ ଆଜି ଅଚାନକ ସେ ବ୍ଲକକୁ ଆସି ନିଜ ଇସ୍ତଫା ପତ୍ର ବିଡିଓ ଜ୍ୟୋତିର୍ମୟ କରଙ୍କୁ ପ୍ରଦାନ କରିଥିଲେ। ନିଜ ଇସ୍ତଫାକୁ ନେଇ ସେ ଏକ ଭିଡିଓ ବାର୍ତ୍ତା ଜାରି କରିଛନ୍ତି। ଏଥିରେ ସେ କହିଛନ୍ତି, 'ରାଜ୍ୟରେ ନୂତନ ସରକାର ଆସିବା ଦିନ ଠାରୁ ଧର୍ମଶାଳାରେ କୌଣସି ବିକାଶ ହୋଇନାହିଁ। କୌଣସି ପଞ୍ଚାୟତରେ ବିକାଶ ମୂଳକ କାର୍ଯ୍ୟ ହେଉନାହିଁ। ପଞ୍ଚାୟତ ଲୋକପ୍ରତିନିଧି ମାନେ ବ୍ଲକକୁ ଯିବାକୁ ଭୟ କରୁଛନ୍ତି। ପ୍ରଶାସନକୁ ହାତବାରିସି କରି ବ୍ଲକକୁ ଅଚଳ କରାଯାଉଥିଲା। ଏଭଳି ପରିସ୍ଥିତିରେ ଲୋକ ପ୍ରତିନିଧିମାନଙ୍କ ଜୀବନର ସୁରକ୍ଷା ପାଇଁ ମୁଁ ଧର୍ମଶାଳା ବ୍ଲକ ଅଧ୍ୟକ୍ଷ ପଦବୀରୁ ଇସ୍ତଫା ଦେଇଛି।'

ସୂଚନା ଅନୁଯାୟୀ, ଧର୍ମଶାଳା ପଞ୍ଚାୟତ ସମିତିରେ ସରକାର ପରିବର୍ତ୍ତନ ହେବା ପରେ ବ୍ଲକରେ ଦୁଇଥର ପଞ୍ଚାୟତ ସମିତିର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଛି। ସ୍ଥାନୀୟ ବିଧାୟକଙ୍କ ଉପସ୍ଥିତିରେ ଆଲୋଚନା କରାଯାଇ ଦଳମତ ନିର୍ବିଶେଷରେ ସମସ୍ତଙ୍କ ପାଇଁ ବ୍ଲକ ଅନୁଦାନରେ ଉନ୍ନୟନ ମୂଳକ କାର୍ଯ୍ୟ କରାଯିବାକୁ ନିଷ୍ପତି ହୋଇଥିଲା। ହେଲେ ବ୍ଲକରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ଯାହାକୁ ନେଇ ପଞ୍ଚାୟତ ସମିତିର ଜନପ୍ରତିନିଧିମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ତେବେ ଧର୍ମଶାଳା ବ୍ଲକରେ ୪୫ ଗୋଟି ପଞ୍ଚାୟତ ରହିଥିବା ବେଳେ ଗତ ୧୦ ତାରିଖ ଦିନ ୩୮ ଜଣ ସମିତିସଭ୍ୟ ଓ ସରପଞ୍ଚ ନିଜ ଦସ୍ତଖତରେ ଯାଜପୁର ଉପଜିଲ୍ଲାପାଳଙ୍କ ନିକଟରେ ବ୍ଲକ ଅଧ୍ୟକ୍ଷଙ୍କ ବିରୁଦ୍ଧରେ ଅନାସ୍ଥା ଆଣିଥିଲେ। ଗତ ୧୪ ତାରିଖ ଦିନ ଦସ୍ତଖତ କରିଥିବା ସମସ୍ତ ୩୮ ଜଣ ସମିତିସଭ୍ୟ ଓ ସରପଞ୍ଚ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ହାଜିର ହୋଇ ନିଜ ନିଜର ସ୍ୱାକ୍ଷର ଯାଞ୍ଚ କରାଇଥିଲେ। ଏସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିବାକୁ ଯାଜପୁର ସାଂସଦ ଓ ଧର୍ମଶାଳା ବିଧାୟକଙ୍କ ସମେତ ବ୍ଲକର ସମସ୍ତ ସମିତିସଭ୍ୟ ଓ ସରପଞ୍ଚମାନଙ୍କୁ ଆସନ୍ତା ୨୨ ତାରିଖରେ ବ୍ଲକ ସଭାଗୃହରେ ଅନୁଷ୍ଠିତ ହେବାକୁ ଥିବା ଆଲୋଚନାରେ ଅଂଶଗ୍ରହଣ ପାଇଁ ଚିଠି ମାଧ୍ୟମରେ ଉପଜିଲ୍ଲାପାଳ ବିଡିଓଙ୍କୁ ଜଣାଇବା ସହ ସମସ୍ତ ସଭ୍ୟମାନଙ୍କୁ ଅନୁରୋଧ କରିଥିଲେ। ତେବେ ଏହି ଆଲୋଚନାର ଦୁଇ ଦିନ ପୂର୍ବରୁ ଆଜି ପୂର୍ବାହ୍ନରେ ହଠାତ ବ୍ଲକ୍ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ବିଡିଓ ଜ୍ୟୋତିର୍ମୟ କରଙ୍କୁ ନିଜର ଇସ୍ତଫା ପତ୍ର ଦେଇଛନ୍ତି।

## ପିସିସି ସଭାପତିଙ୍କ ଉଦ୍ଦେଶ୍ୟରେ ମତାମତ ଦେଇ ଅଡୁଆରେ ପଦ୍ମାକର

### ଶୃଙ୍ଖଳା କମିଟି ପକ୍ଷରୁ କାରଣ ଦର୍ଶାଅ ନୋଟିସ୍

ଯାଜପୁର, ୨୦।୮ (ସମିସ): ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅସୁସ୍ଥ ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ବେଳେ ତାଙ୍କୁ ସାକ୍ଷାତ କରିବାକୁ ଯାଇଥିବା ପିସିସି ସଭାପତି ଭକ୍ତଚରଣ ଦାସଙ୍କ ଉଦ୍ଦେଶ୍ୟରେ କଂଗ୍ରେସ ମିଡିଆ କମିଟି ସଦସ୍ୟ ପଦ୍ମାକର ଗୁରୁ ଦେଇଥିବା ମନ୍ତବ୍ୟ ପାଇଁ ତାଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି। ନୋଟିସରେ ସେ ପିସିସି ସଭାପତିଙ୍କୁ ସମାଲୋଚନା କରିଥିବା ଉଲ୍ଲେଖ କରାଯାଇ ଏହା ଦଳୀୟ ଶୃଙ୍ଖଳାର ଉଲ୍ଲଂଘନ ବୋଲି ଅବଗତ କରାଯାଇଛି। ତେଣୁ ଏଥିପାଇଁ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବ ବୋଲି କୈଫିୟତ ତଲବ କରାଯାଇଛି। ଶ୍ରୀ ଗୁରୁଙ୍କୁ ଏହି ନୋଟିସ୍ ପାଇବାର ୨୪ ଘଣ୍ଟା ମଧ୍ୟରେ ଜବାବ ଦେବାକୁ ପିସିସି ଶୃଙ୍ଖଳା କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପଟେ ଶ୍ରୀ ଗୁରୁ ଏହି ନୋଟିସ୍ ପାଇବାର ୨୪ ଘଣ୍ଟା ନ ପୂରୁଣୁ ସେ ଶୃଙ୍ଖଳା କମିଟିକୁ ଏହାର ଜବାବ ଦେଇଛନ୍ତି ବୋଲି 'ସକାଳ'କୁ ସୂଚନା ଦେଇଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବିଲ୍ ଚିରି ଫିଙ୍ଗିଲେ...

ବ୍ୟବସ୍ଥାକୁ ଧ୍ୱଂସ କରିବା ଲାଗି ସରକାର ପ୍ରୟାସ କରୁଛନ୍ତି ବୋଲି କଂଗ୍ରେସ ଅଭିଯୋଗ କରିଛି। ଅନ୍ୟ କେତେକ ବିରୋଧୀ ସାଂସଦ କହିଥିଲେ ଯେ ସରକାର ଦେଶକୁ ପୁଲିସ ରାଷ୍ଟ୍ର କରିବାକୁ ଚକ୍ରାନ୍ତ ଚଳାଇଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରୀ ଶାହଙ୍କୁ ଟାର୍ଗେଟ କରି କଂଗ୍ରେସ ସାଂସଦ ବେଣୁଗୋପାଳଙ୍କର ଗୋଟିଏ ପ୍ରଶ୍ନକୁ ନେଇ ପରିସ୍ଥିତି ବିଗିଡ଼ି ଯାଇଥିଲା। ବିଲକୁ ବିରୋଧ କରି ବେଣୁଗୋପାଳ କହିଲେ, 'ମୁଁ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କୁ ଗୋଟିଏ ପ୍ରଶ୍ନ ପଚାରିପାରିବି କି? ଶାହ ଗୁଜରାଟର ଗୃହମନ୍ତ୍ରୀ ଥିବା ବେଳେ ତାଙ୍କୁ ଗିରଫ କରାଯାଇଥିଲା। ସେତେବେଳେ ସେ ନୈତିକତା ରକ୍ଷା କରିଥିଲେ କି?' ଏହାର ଜବାବ ଦେବାକୁ ଯାଇ ଶାହ କହିଥିଲେ, 'ମୋ ବିରୋଧରେ ମିଥ୍ୟା ମକଦ୍ଦମା କରାଯାଇଥିଲା। ଏହାସତ୍ତ୍ୱେ ନୈତିକତା ଦୃଷ୍ଟିରୁ ମୁଁ ମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲି। କେବଳ ଏତିକି ନୁହେଁ, ମାମଲାରେ ଦୋଷମୁକ୍ତ ନହେବା ପର୍ଯ୍ୟନ୍ତ ମୁଁ କୌଣସି ସାମ୍ବିଧାନିକ ପଦବୀ ଗ୍ରହଣ କରିନଥିଲି। ଗିରଫ ହେବା ପୂର୍ବରୁ ମୁଁ ଇସ୍ତଫା ଦେଇଥିଲି। ଗିରଫ ପରେ ବି ସାମ୍ବିଧାନିକ ପଦବୀକୁ ଯାବୁଡ଼ି ଧରିବା ଭଳି ଲଜ୍ଜାଜନକ କାମ ଆମେ କରିପାରିବା ନାହିଁ।' ଏହାପରେ ହଙ୍ଗାମା ତୀବ୍ର ହୋଇଥିଲା। ଟିଏମ୍‌ସିର ଅନେକ ସାଂସଦ ଗୃହର ମଧ୍ୟଭାଗକୁ ଯାଇ ପାଟିତୁଣ୍ଡ କରିଥିଲେ। ସାଂସଦ କଲ୍ୟାଣ ବାନାର୍ଜୀ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ଆଡ଼କୁ ଯାଉଥିବାର ଦେଖାଯାଇଥିଲା। ଦଳର କିଛି ମହିଳା ସାଂସଦ ମଧ୍ୟ ଗୃହର ମଧ୍ୟଭାଗକୁ ଆସିଥିଲେ। ସେମାନଙ୍କର ମୁକାବିଲା ଲାଗି ବିଜେପିର କେତେକ ମନ୍ତ୍ରୀ ଓ ସାଂସଦ ମଧ୍ୟ ଆଗକୁ ଆସିଥିଲେ। ସେଠାରେ ସେମାନେ ମୁହାଁମୁହିଁ ହୋଇଥିଲେ। କିଛି ସମୟ ଧରି ହଟ୍ଟଗୋଳ ଜାରି ରହିବାରୁ ଗୃହର ମାର୍ଶାଲ ଅମିତ ଶାହଙ୍କୁ ସୁରକ୍ଷା ଦେବାକୁ ଯାଇ ତାଙ୍କୁ ଘେରି ରହିଥିଲେ। ଏହି ସମୟରେ ଅମିତ ଶାହ ତିନିଟି ଯାକ ବିଲ୍ ଆଗତ କରିଥିଲେ। ଜେଲରେ ରହିବାର ୩୦ ଦିନ ପରେ ମନ୍ତ୍ରୀ ପଦ ସମାପ୍ତ କରିବା ଲାଗି ଯେଉଁ ବିଲ୍ ଆଗତ କରାଯାଇଛି, ସେଗୁଡ଼ିକ ହେଲା - ସମ୍ବିଧାନ ସଂଶୋଧନ (୧୩୦ତମ) ବିଲ୍ ୨୦୨୫, କେନ୍ଦ୍ରଶାସିତ ଅଞ୍ଚଳ ସରକାର (ସଂଶୋଧନ) ବିଲ ୨୦୨୫ ଏବଂ ଜମ୍ମୁ-କଶ୍ମୀର ପୁନର୍ଗଠନ (ସଂଶୋଧନ) ବିଲ ୨୦୨୫। ୫ ବର୍ଷ ପର୍ଯ୍ୟନ୍ତ ଦଣ୍ଡର ପ୍ରାବଧାନ ଥିବା ମାମଲାରେ ଗିରଫ ହୋଇ ୩୦ ଦିନ ପର୍ଯ୍ୟନ୍ତ ଜେଲରେ ରହିଲେ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀଙ୍କ ପଦ ୩୧ତମ ଦିନରେ ସମାପ୍ତ ହୋଇଯିବ ବୋଲି ଏଥିରେ ଉଲ୍ଲେଖ ରହିଛି। ସୂଚନାଯୋଗ୍ୟ ଯେ ଗିରଫ ହୋଇ ଜେଲରେ ଥିଲେ ମଧ୍ୟ ଦିଲ୍ଲୀର ତତ୍କାଳୀନ ମୁଖ୍ୟମନ୍ତ୍ରୀ କେଜ୍ରିୱାଲ ଏବଂ ତାମିଲନାଡୁ ମନ୍ତ୍ରୀ ସେନ୍ଥିଲ ବାଲାଜୀ ସେମାନଙ୍କ ପଦରୁ ଇସ୍ତଫା ଦେଇନଥିଲେ।

### ସୁସ୍ଥ ହୋଇ ଫେରିଲେ...

ଅନ୍ୟପକ୍ଷରେ ଶୁଭକାମନା ନିମନ୍ତେ ପ୍ରଧାନମନ୍ତ୍ରୀ ମୋଦୀ ଏବଂ କଂଗ୍ରେସ ସଭାପତି ଖଡ୍‌ଗେଙ୍କୁ ଧନ୍ୟବାଦ ଜଣାଇଛନ୍ତି ନବୀନ। ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ନବୀନ ଦୁଇଟି ଭିନ୍ନ ଭିନ୍ନ ପୋଷ୍ଟରେ ସେମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ଗତ ଜୁନ ମାସରେ ମଧ୍ୟ ଯେତେବେଳେ ନବୀନ ନିଜର ସର୍ଭିକାଲ ଆଥ୍ରାଇଟିସ ଚିକିତ୍ସା ପାଇଁ ମୁମ୍ବାଇସ୍ଥିତ କୋକିଳାବେନ୍ ହସ୍‌ପିଟାଲରେ ଚିକିତ୍ସାଧୀନ ଥିଲେ, ସେତେବେଳେ ମଧ୍ୟ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ନବୀନଙ୍କ ଦ୍ରୁତ ଆରୋଗ୍ୟ କାମନା ସହ ତାଙ୍କୁ ଚିକିତ୍ସା କରୁଥିବା ଡାକ୍ତରଙ୍କୁ ନବୀନଙ୍କ ଉତ୍ତମ ଯତ୍ନ ନେବାକୁ ସେତେବଳେ ପରାମର୍ଶ ଦେଇଥିଲେ।

ଗତ ୧୭ ତାରିଖରେ ଡିହାଇଡ୍ରେସନ କାରଣରୁ ନବୀନ ସାମାନ୍ୟ ଅସୁସ୍ଥ ହୋଇ ପଡ଼ିଥିବା ବେଳେ ତାଙ୍କୁ ସମ୍‌ଅଲ୍ଟିମେଟରେ ଭର୍ତ୍ତି କରାଯାଇଥିଲା। ଏହାପରଠାରୁ ନବୀନଙ୍କ ସ୍ୱାସ୍ଥ୍ୟାବସ୍ଥାରେ ବ୍ୟାପକ ସୁଧାର ଆସିଥିବା ବେଳେ ସେ ଦ୍ରୁତ ଆରୋଗ୍ୟ ଲାଭ କରୁଛନ୍ତି। ନବୀନଙ୍କ ଅସୁସ୍ଥତା ଖବର ପାଇ ଜାତୀୟସ୍ତରର ବହୁ ବିଶିଷ୍ଟ ନେତା ତାଙ୍କର ଉତ୍ତମ ସ୍ୱାସ୍ଥ୍ୟ ଏବଂ ଆଶୁ ଆରୋଗ୍ୟ କାମନା କରୁଛନ୍ତି। ଅପରପକ୍ଷେ ଅସୁସ୍ଥତା ଖବର ପାଇ ହସ୍ପିଟାଲ୍‌ରେ ଭେଟିବାକୁ ପହଞ୍ଚିଥିବା ପିସିସି ସଭାପତି ଭକ୍ତ ଦାସ, ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଓ ମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କୁ ଫୋନ୍ କରି ଧନ୍ୟବାଦ ଜଣାଇଛନ୍ତି ନବୀନ।

### ନିଷିଦ୍ଧ ହେବ...

ଠାରୁ ଆରମ୍ଭ କରି ପୋକର, ରୁମି ଭଳି ଅନଲାଇନ୍ ଜୁଆ ଖେଳ ଏବଂ ଅନଲାଇନ ଲଟେରି ବି ନିଷିଦ୍ଧ ହୋଇଯିବ। ଏହାର ବିଜ୍ଞାପନ ସହିତ ବ୍ୟାଙ୍କ ଓ ଅନ୍ୟାନ୍ୟ ଆର୍ଥିକ ଅନୁଷ୍ଠାନ ଦ୍ୱାରା ଅର୍ଥ କାରବାର ଉପରେ ମଧ୍ୟ କଟକଣା ଲାଗିବ। ଅନ୍‌ଲାଇନ୍ ମନି ଗେମ୍ ପାଇଁ ସୁବିଧା ସୁଯୋଗ ଯୋଗାଇଲେ କିମ୍ବା ପ୍ରୋତ୍ସାହିତ କଲେ ତିନି ବର୍ଷ ଜେଲଦଣ୍ଡ ସହିତ ଏକ କୋଟି ଟଙ୍କା ପର୍ଯ୍ୟନ୍ତ ଜୋରିମାନା ଲାଗିବ। ଗେମ୍ ପାଇଁ ବିଜ୍ଞାପନ ଦେଲେ ଦୁଇ ବର୍ଷ ଜେଲ୍ ଏବଂ ୫୦ ଲକ୍ଷ ଟଙ୍କା ଜରିମାନାର ବ୍ୟବସ୍ଥା ରହିଛି। ଏହି ଗେମ୍ ସହ ସଂପୃକ୍ତ ଆର୍ଥିକ କାରବାର କରୁଥିବା ବ୍ୟାଙ୍କ ଓ ଆର୍ଥିକ ଅନୁଷ୍ଠାନର ଅଧିକାରୀଙ୍କୁ ତିନି ବର୍ଷ ଜେଲ୍ ଏବଂ ୧ କୋଟି ଟଙ୍କା ଜରିମାନା କରାଯିବ। ବାରମ୍ବାର ଉଲଂଘନ କଲେ ୫ ବର୍ଷ ଜେଲ୍ ଏବଂ ଦୁଇ କୋଟି ଟଙ୍କା ଜୋରିମାନା ଆଦାୟ କରାଯିବ।

ଏହି କଟକଣା ଯୋଗୁଁ ଆଗାମୀ ଦିନରେ ଡ୍ରୀମ୍, ପୋକର ଭଳି ଫାଣ୍ଟାସି ସ୍ପୋର୍ଟ୍ସ କମ୍ପାନୀ ସବୁ ବନ୍ଦ ହୋଇଯିବ। ଭାରତୀୟ କ୍ରିକେଟ୍ ଦଳର ପ୍ରମୁଖ ପ୍ରାୟୋଜକ ସାଜିଥିବା ଡ୍ରିମ୍-୧୧ ମଧ୍ୟ ବନ୍ଦ ହୋଇଯିବ। ଅନ୍‌ଲାଇନ୍ ଗେମିଂ ଉପରେ କଠୋର କଟକଣା ଯୋଗୁ ଗେମିଂ ଶିଳ୍ପ ସହିତ ଜଡିତ ପ୍ରାୟ ୨ ଲକ୍ଷ ଚାକିରି ହରାଇବାର ଆଶଙ୍କା ରହିଛି। ଏହି କଟକଣା ଡ୍ରିମ୍ ୧୧, ଗେମ୍ସ ୨୪x୭, ୱିଞ୍ଜୋ, ଗେମ୍ସକ୍ରାଫ୍ଟ ଭଳି ବଡ଼ କମ୍ପାନୀଗୁଡ଼ିକୁ ସମସ୍ୟାରେ ପକାଇପାରେ। ଅଲ୍ ଇଣ୍ଡିଆ ଗେମିଂ ଫେଡେରେସନ, ଇ-ଗେମିଂ ଫେଡେରେସନ ଏବଂ ଫେଡେରେସନ ଅଫ୍ ଇଣ୍ଡିଆନ୍ ଫାଣ୍ଟାସି ସ୍ପୋର୍ଟସ୍ ଭଳି ଗେମିଂ ଶିଳ୍ପ ଏବଂ ସଂଗଠନ ଏହି ବିଲ୍‌କୁ ବିରୋଧ କରୁଛନ୍ତି।

ଭାରତରେ ଅନଲାଇନ୍ ଗେମିଂ ବଜାରର ଆକାର ବର୍ତ୍ତମାନ ପ୍ରାୟ ୩୨,୦୦୦ କୋଟି ଟଙ୍କା। ଏଥିମଧ୍ୟରୁ ୮୬% ରାଜସ୍ୱ ପ୍ରକୃତ ମନି ଫର୍ମାଟରୁ ଆସିଥାଏ। ଏହି ବ୍ୟବସାୟର ଆକାର ୨୦୨୯ ସୁଦ୍ଧା ପ୍ରାୟ ୮୦ ହଜାର କୋଟି ଟଙ୍କାରେ ପହଞ୍ଚିବ ବୋଲି ଆଶା କରାଯାଉଥିଲା। ସରକାର ପ୍ରତିବର୍ଷ କୋଟି କୋଟି ଟଙ୍କାର ରାଜସ୍ୱ ମଧ୍ୟ ପାଉଥିଲେ। ସରକାରଙ୍କ କହିବାନୁଯାୟୀ, ଅନଲାଇନ୍ ଗେମ୍ ଯୋଗୁ ଲୋକମାନେ ମାନସିକ ଏବଂ ଆର୍ଥିକ କ୍ଷତି ସହୁଛନ୍ତି। କିଛି ଲୋକ ଗେମିଂ ପ୍ରତି ଏତେ ନିଶାଗ୍ରସ୍ତ ହୋଇଯାଉଛନ୍ତି ଯେ ସେମାନେ ସେମାନଙ୍କର ଜୀବନର ସବୁ ସଞ୍ଚିତ ଅର୍ଥ ହରାଇଥିବା ବେଳେ କେତେକ ଆତ୍ମହତ୍ୟା ମଧ୍ୟ କରୁଛନ୍ତି। ଏକ ସରକାରୀ ଆକଳନ ଅନୁଯାୟୀ, ପ୍ରତିବର୍ଷ ପ୍ରାୟ ୪୫ କୋଟି ଲୋକ ଅନଲାଇନ୍ ରିଅଲ୍ ମନି ଗେମିଂରେ ପ୍ରାୟ ୨୦,୦୦୦ କୋଟି ଟଙ୍କା ହରାଉଛନ୍ତି। ସରକାର ସ୍ୱୀକାର କରିଛନ୍ତି ଯେ ଅନଲାଇନ୍ ରିଅଲ୍ ମନି ଗେମିଂ ସମାଜ ପାଇଁ ଏକ ବଡ଼ ସମସ୍ୟା ପାଲଟିଛି, ତେଣୁ ରାଜସ୍ୱ କ୍ଷତି ସତ୍ତ୍ୱେ ଲୋକଙ୍କ କଲ୍ୟାଣକୁ ପ୍ରାଥମିକତା ଦେବାକୁ ନିଷ୍ପତ୍ତି ନିଆଯାଇଛି।

ଲୋକସଭାରେ ଗୃହୀତ ପ୍ରମୋସନ୍ ଆଣ୍ଡ ରେଗୁଲେସନ୍ ଅଫ୍ ଅନ୍‌ଲାଇନ୍ ଗେମିଂ ବିଲ୍‌ରେ ଫ୍ରି-ଟୁ-ପ୍ଲେ ଏବଂ ସବସ୍କ୍ରିପସନ୍-ଆଧାରିତ ଖେଳଗୁଡ଼ିକୁ କଟକଣାରୁ ବାଦ୍ ଦିଆଯାଇଛି। କାରଣ ଏଥିରେ ଟଙ୍କା ବାଜି ଲାଗେନାହିଁ। ବିଲ୍‌ରେ ଏକ ସ୍ୱତନ୍ତ୍ର ପ୍ରାଧିକରଣ ଗଠନର ବ୍ୟବସ୍ଥା ରହିଛି, ଯାହା ଗେମିଂ ଶିଳ୍ପକୁ ନିୟନ୍ତ୍ରଣ କରିବା ସହ ଖେଳର ପଞ୍ଜୀକରଣ କରିବ ଏବଂ କେଉଁ ଖେଳ ପ୍ରକୃତ ଟଙ୍କା ଖେଳ ତାହା ନିଷ୍ପତ୍ତି ନେବ। ହେଲେ ଇ-ସ୍ପୋର୍ଟସ୍‌କୁ ପ୍ରୋତ୍ସାହନ ଦିଆଯିବ, ପବ୍‌ଜୀ ଏବଂ ଫ୍ରି ଫାୟାର ଭଳି ଇ-ସ୍ପୋର୍ଟସ୍ ଏବଂ ସୋସିଆଲ୍ ଗେମ୍‌କୁ ସରକାର ସମର୍ଥନ କରିବେ। କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହି ବିଲ୍ ଆଗତ କରିଥିଲେ।

### ନବୀନଙ୍କ ଦାବି...

ନିକଟରେ ଦୋହରାଇ ଆସୁଥିଲା। ଏମତିକି ବାତ୍ୟା ୟସ୍ ସମୟରେ ରାଜ୍ୟ ପାଇଁ କୌଣସି ତତ୍କାଳ ଆର୍ଥିକ ସହାୟତା ଦାବି ନ କରି ରାଜ୍ୟ ପାଇଁ ଏକ ଦୀର୍ଘ ମିଆଦି ଯୋଜନା ପ୍ରସ୍ତୁତ କରିବା ଓ ଏଥିପାଇଁ ଅନୁଦାନ ଦେବାକୁ ନିଜେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଧାନମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ସେହି ସମୟରେ କୋଭିଡ୍ ସଙ୍କଟ ଉତ୍କଟ ହୋଇଥିବାରୁ କେନ୍ଦ୍ର ସରକାରଙ୍କ ଉପରେ ଚାପ ନ ପକାଇ ଓଡ଼ିଶା ନିଜସ୍ୱ ସମ୍ବଳରେ ଏହି ବିପର୍ଯ୍ୟୟ ସ୍ଥିତିର ମୁକାବିଲା କରିବ ବୋଲି ନବୀନ କହିଥିଲେ। ଏଥିସହିତ ଓଡ଼ିଶାକୁ ବିପର୍ଯ୍ୟୟ ନିରୋଧୀ ରାଜ୍ୟ ଭାବେ ପ୍ରସ୍ତୁତ କରିବା ପାଇଁ ଦୀର୍ଘମିଆଦି ସହାୟତା ଯୋଗାଇ ଦେବାକୁ ସେ ଦାବି କରିଥିଲେ। ଏଥିରେ ମୁଖ୍ୟତଃ ବିପର୍ଯ୍ୟୟ ପ୍ରତିରୋଧୀ ବିଦ୍ୟୁତ୍ ଭିତ୍ତିଭୂମି, ସମୁଦ୍ରକୂଳ ପଥର ପ୍ୟାକିଂ, ଲୁଣା ପାଣିରୁ ଚାଷ ଜମିର ସୁରକ୍ଷା, ବାତ୍ୟା ଆଶ୍ରୟସ୍ଥଳୀ ଆଦି ପାଇଁ ସେ ପ୍ରସ୍ତାବ ଦେଇଥିଲେ।

### 'ଅଗ୍ନି-୫'ର...

ପୁଣି ବାୟୁମଣ୍ଡଳକୁ ପ୍ରବେଶ କରିଥାଏ। ସେହିଠାରୁ ଏକାଧିକ ଟାର୍ଗେଟ୍ ଧ୍ୱଂସ କରିପାରିବା କ୍ଷମତା ଅଗ୍ନୀ-୫ ରଖିଛି। ବାୟୁମଣ୍ଡଳରୁ ଉପରକୁ ଉଠି ଯାଉଥିବାରୁ ଶତ୍ରୁପକ୍ଷର ସାଟେଲାଇଟ୍ ଏହି କ୍ଷେପଣାସ୍ତ୍ରକୁ ଟ୍ରାକ୍ କରିବାରେ ବିଫଳ ହୋଇଥାଏ। ଷ୍ଟ୍ରାଟେଜିକ୍ ଫୋର୍ସ କମାଣ୍ଡ ଦ୍ୱାରା ହୋଇଥିବା ଏହି ସଫଳ ପରୀକ୍ଷଣକୁ ନେଇ ଡିଆରଡିଓ ଏକ ମାଇଲଖୁଣ୍ଟ ପ୍ରତିଷ୍ଠା କରିପାରିଥିବା କୁହାଯାଇଛି। ଅନ୍ୟପକ୍ଷରେ ସନ୍ଧ୍ୟା ସମୟରେ ପ୍ରଥମ ଥର ଅଗ୍ନୀ - ୫ କ୍ଷେପଣାସ୍ତ୍ରର ପରୀକ୍ଷଣ ହୋଇଥିବାରୁ ଓଡ଼ିଶା ସମେତ ପଶ୍ଚିମବଙ୍ଗର ବିଭିନ୍ନ ଅଞ୍ଚଳରେ ଲୋକେ ଏହା ଦେଖିବାକୁ ପାଇଥିଲେ। ଅନ୍ଧାର ଆକାଶରେ ହଠାତ୍ ଉଜ୍ଜ୍ୱଳ ଆଲୋକ ଦେଖି ଲୋକେ ଚମତ୍କୃତ ହୋଇଥିଲେ। ସ୍ୱଦେଶରେ ବିକଶିତ ନୂତନ ଜ୍ଞାନକୌଶଳ ଯୁକ୍ତ ଅଗ୍ନି-୫ର ସଫଳର ପରୀକ୍ଷଣ ପାଇଁ ପ୍ରତିରକ୍ଷା ଗବେଷଣା ଉନ୍ନୟନ ସଂସ୍ଥାନ (ଡିଆରଡିଓ)ର ବୈଜ୍ଞାନିକଙ୍କ ଦକ୍ଷତାର ଉଚ୍ଚ ପ୍ରଶଂସା ସହିତ ଏହା ଦେଶ ପାଇଁ ଗୌରବର ବିଷୟ ବୋଲି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ସାମାଜିକ ଗଣମାଧ୍ୟମରେ ଉଲ୍ଲେଖ କରିଛନ୍ତି।

### ଦୁଇ ବାଇକ୍...

ସମୟରେ ଲାସେରି ଗାଁ ନିକଟରେ ଦୁଇ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଘଟଣା ସ୍ଥଳରେ ବ୍ୟବସାୟୀ ସନ୍ତୋଷ ସାହୁ ଓ ବାଇକ ଚଳାଉଥିବା କଲେଜ ଛାତ୍ର ଅନନ୍ଦଙ୍କ ମୃତ୍ୟୁ ହେଇଥିବା ବେଳେ ଜଣେ ଛାତ୍ର ଗୁରୁତର ଆହତ ହୋଇଥିଲେ। ଆହତ ଛାତ୍ରଙ୍କ ନାମ ଜଣାପଡି ନଥିବା ବେଳେ ଅନ୍ୟ ଜଣେ ଛାତ୍ର ରକ୍ଷା ପାଇଯାଇଛନ୍ତି। ଘଟଣା ସ୍ଥଳରେ କୋଟଗଡ଼ ପୁଲିସ ପହଞ୍ଚି ମୃତଦେହ ଉଦ୍ଧାର କରିଥିବା ବେଳେ ଗୁରୁତର ଥିବା ଛାତ୍ରକୁ ପ୍ରଥମେ କୋଟଗଡ଼ ଡାକ୍ତରଖାନା ଓ ପରେ ବାଲିଗୁଡା ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ଜିଲ୍ଲା ଚିକିତ୍ସାଳୟ ଫୁଲବାଣୀକୁ ସ୍ଥାନାନ୍ତର କରାଯାଇଛି। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ତୁମୁଡିବନ୍ଧ ପଠାଇଛି।

### କୋଦଳା ଜେଲ୍‌ରେ...

ଏଏସ୍‌ଆଇ ଇପିଲି ଲକ୍ଷ୍ମଣ ରାଓ ଅବକାରୀ ଟିମ ସହ ବେଗୁନିଆପଡ଼ା ଥାନା ଅଞ୍ଚଳରୁ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ଏନେଇ ଅବକାରୀ ଥାନାରେ ନଂ.୬୬/୨୦୨୫ ଅନୁଯାୟୀ ଏକ ମାମଲା ରୁଜୁ କରାଯିବା ସହ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ ପୂର୍ବରୁ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ସେତେବେଳେ ସ୍ୱାସ୍ଥ୍ୟାବସ୍ଥା ଠିକ ଥିବା ଡାକ୍ତର ରିପୋର୍ଟ ଦେଇଥିଲେ ବୋଲି ଖଲ୍ଲିକୋଟ ଆଦର୍ଶ ଅବକାରୀ ଥାନା ଅଧିକାରୀ ତେଜସ୍ୱିନୀ ପ୍ରଧାନ କହିଛନ୍ତି। ଏହାପରେ ଅଭିଯୁକ୍ତକୁ କୋର୍ଟଚାଲାଣ କରାଯାଇଥିଲା ଏବଂ କୋର୍ଟ ତାକୁ ଜେଲ୍ ହାଜତକୁ ପଠାଇ ଦେଇଥିଲେ।


**OFFICE OF THE EXECUTIVE ENGINEER, RWS&S DIVISION, KENDRAPARA** O-623

At- Icchapur, Po- Shree Baladevjew, Email: eerwsskendrapara@gmail.com

**INVITATIONS FOR BIDS (IFB) [e-Procurement]**

Bid Identification No. RWS/42/2025-26

Letter No.5211/Dated 19.08.2025

1 The Executive Engineer, RWS&S Division, Kendrapara on behalf of Governor of Odisha invites percentage bid in **SINGLE** cover system in **ONLINE MODE** from eligible **Electrical** contractors for **External electrification** works of different Rural Piped Water Supply Schemes in Kendrapara District.

| | | |
|---|---|---|
| 2 | Name of the work | : External electrification works for different RPWS Scheme in Kendrapara district. |
| 3 | No. of Work | : **02 Nos. (Two) only** |
| 4 | Value of the Work | : ₹ 6.21 to 8.80 Lakhs |
| 5 | Concerned tender inviting authority | : **Executive Engineer, RWS&S Division, Kendrapara** |
| 6 | Cost of Bid documents (Rs.) (Online) | : ₹ 4000/- |
| 7 | Cost of EMD @ 1% (Online) | : ₹ 6300/- to 8900/- |
| 8 | Class of Bidder | : **" HT"** |
| 9 | Period of Completion | : **30 days** |
| 10 | Availability of bid documents in the website | : **From date. 25.08.2025 at 10.00 A.M to date. 06.09.2025 till 5.30 P.M** |
| 11 | Last Date & Time of seeking tender clarification | Up to **29.08.2025 up to 5.30 P.M** |
| 12 | Date of Opening of Bid | : **08.09.2025 at 11.00 A.M onwards** |

The bidders have to participate in the tender through **ONLINE** bidding only. Further details can be had from the website i.e http://tendersodisha.gov.in. The bid shall be accompanied with valid Contractor Registration Certificate, PAN, GST, No relation certificate in Schedule-A, Affidavit in support of authenticity of documents in Schedule-F and information regarding current litigation in Schedule-E.
Subsequent corrigendum / addendum if required shall only be appeared in the above website.

OIPR-25004/11/0044/2526

**Executive Engineer**
**RWS&S Division, Kendrapara**

**AFFIDAVIT**

By virtue of an affidavit No.635, dtd.08.08.2025 before the Notary Public, Bhubaneswar. I , Barsa Sahoo, W/o- Trinath Sahoo, At- Plot No.1713, Lingaraj Nagar, Mahatab road, Bhubaneswar hereby declare that I have changed my name from Rinki Sahoo (Old Name) to Barsa Sahoo (New Name). Henceforth , I shall be known as **Barsa Sahoo** for all Purposes.

**Sd/- Barsa Sahoo**

**AFFIDAVIT**

By virtue of an affidavit No.636, dtd.08.08.2025 before the Notary Public, Bhubaneswar. I , Hureman Bibi, W/o- Aigul, At- Arad Bazar, Po- Baleswar, Dist.- Baleswar hereby declare that I have changed my name from Hurmana Bibi (Old Name) to Hureman Bibi (New Name). Henceforth , I shall be known as **Hureman Bibi** for all Purposes.

**Sd/- Hureman Bibi**

**AFFIDAVIT**

By virtue of an affidavit before the Notary Public, Bhubaneswar on dtd. 19.08.2025, I, Harapriya Malik, W/o- Laksmidhar Malik, At-Baripada, P.O. Aruhabad, P.S. Khantapara, Dist.: Baleswar, Odisha-756044 hereby declare that I have changed my minor son's name from Sai Malik to Sahil Malik. Henceforth, he shall be known as **Sahil Malik** for all purposes.

**Harapriya Malik**

**AFFIDAVIT**

By virtue of an affidavit sworn before Notary Public, Salipur, Cuttack dated 18.08.25, I, Jhillimayee Bal, address At-Kalajati, Po-Chayanpal, P.S.-Mahanga, Dist-Cuttack, Odisha, do hereby declare that I have changed my name from Parimayee Bal to Jhillimayee Bal. Henceforth, I shall be known as Jhillimayee Bal for all purposes.

**Jhillimayee Bal**

**AFFIDAVIT**

I, Bijay Kumar Patra, aged about 64 years, S/O. Late Mohan Patra, resident of Heragohari Sahi, near Chaulia Math, P.O.: Kundhaibenta sahi, P.S.: Kumbharpada, Dist. Puri declare by this affidavit no.21 dated 16.08.2025. That now onwards I shall be known as **BIJAYA KUMAR PATRA** for all future purposes.

**AFFIDAVIT**

By virtue of an Affidavit before Notary Public, Malkangiri, I, **Amati Mahato,** aged about 51 years, W/o.: Asim Sikdar, At: M.V-06, PO.: Tamasa, PS/Dist.: Malkangiri, PIN-764045, declare by this Affidavit No.: 1136/2025, Dated: 20/08/2025 that I have changed my name from Amati Mahane to Amati Mahato and my husband name Asim Mahane to Asim Sikdar. Henceforth I shall be known as "**Amati Mahato**" and my husband shall be known as **"Asim Sikdar"** for all future purposes.

**AFFIDAVIT**

By virtue of an affidavit, I Murali Jena, aged 76 years, S/o- Gobinda Jena, Resident of Vill-Urumukhi, P.o-Bhusandapur, Ps-Tangi, Dist- Khordha ,Odisha declared that my actual/real name is Muralidhar Jena which was wrongly mentioned in my Aadhar card bearing No-329495763965.Henceforth, I shall be known as **MURALIDHAR JENA** for all purpose.

**AFFIDAVIT**

By virtue of an affidavit before the Notary Public, Bhubaneswar on dtd. 19.08.2025, I, Jitan Sahoo, S/o- Nilakantha Sahoo, At/P.O. Talabasta, P.S. Banki, Dist. Cuttack, Odisha - 754007 hereby declare that I have changed my name from Jitendra Kumar Sahoo to Jitan Sahoo, Henceforth, I shall be known as Jitan Sahoo for all purposes.

**Jitan Sahoo**

**AFFIDAVIT**

By virtue of an affidavit before the Notary Public, Bhubaneswar on dtd. 18.08.2025, I, Bijay Khillo, S/o- Parmesh Khillo, At-Maliguda, P.O.- Pukali, P.S. Pottangi, Dist. Koraput, Odisha - 764039 hereby declare that I have changed my name from Biju Khila to Bijay Khillo. Henceforth, I shall be known as **Bijay Khillo** for all purposes.

**Bijay Khillo**

**Notice (for Minor)**

By virtue of an affidavit sworn before Executive Magistrate, Puri, dated 12.08.2025 I, Sanjay Kumar Khatei, Address: At/Po: Sasan Damodarpur, Ps: Puri Sadar, Dist: Puri, Odisha, Pin: 752002, declare that I have changed the name of my son from Sai deep Khatei (old name) to Shrehansu Khatei (new name). Henceforth, he shall be known as Shrehansu Khatei (new name) for all purposes.

**Sanjay Kumar Khatei**

**AFFIDAVIT**

By virtue of an affidavit before the Executive Magistrate, karlamunda, I, Kasturi Bagarty, At- Putigaon, Po- S. Malpada, Ps.- M. Rampur, Dist.- Kalahandi hereby declare that I have changed my minor son's name from Kapaleswar Bagarty to Kapileswar Bagarty. Henceforth he shall be known as **Kapileswar Bagarty** for all purposes.

**Sd/- Kasturi Bagarty**

**AFFIDAVIT**

By virtue of an affidavit No. 1616 before the Tahasildar & Executive Magistrate, Khaprakhol on dtd.20.08.2025, I, SAJAMBAR MAJHI, S/o- Ravi Majhi, resident of Chancharabhata, PS-Lathor, Dist.- Balangir, PIN - 767028, Odisha, hereby declare that I have changed my name from SAJAMBAR MAJHI to SAYAMBAR MAJHI. Henceforth I shall be known as **SAYAMBAR MAJHI** for all purposes.

**AFFIDAVIT**

I, **AMIYA PRASAD SAMANTRAY**, S/o- Bauribandhu Samantaray resident of Vill/PO- Panchagaon, via-Jatni, P.S- Airfield, Dist.- Khordha. Bhubaneswar-752050, Odisha declare by affidavit No-27, Dtd.- 25/03/2025 that now onwards I shall be known as **AMIYA PRASAD SAMANTARAY** for all future purposes.

**SALE**

1 Number of ICV – ITLSONALIKA SOLISYAN DI 740 TRACTOR, Registration No.- OD-22-Z-5329, Model- 2024, ENGINE NO – 3100MN44F1440459F31, CHASSIS NO - HZESP14 56618S3, For Details, Contact – 8895995989, 9437355692, Second floor, Plot No- 353/2585,Building No- 723/1793,At-Bypass Chhaka, Above Punjab National Bank, Po- Salandi Bypass, Via-Kuansa, BHADRAK-756100, PH. NO- 06784-250703

**AFFIDAVIT**

By virtue of an Affidavit before Notary Public, Malkangiri, I, **Uthara Pangi,** aged about 49 years, S/o.: Sadan Pangi, Village: Kurumpalli, PO.: Biralaxmanpur, PS/Dist.: Malkangiri, declare by this Affidavit No.: 8309, Dated: 20/08/2025 that I have changed my name from Uttara Pangi to Uthara Pangi. Henceforth I shall be known as "**Uthara Pangi**" for all future purposes.

**AFFIDAVIT**

By virtue of an affidavit sworn before the Executive Magistrate, Pattamundai, on date- 23/06/2025 affidavit No-22. I, **Bijaya Kumar Patra,** S/o- Jagabandhu Patra, resident of Village- Tanupur, Po/P.S- Pattamundai, Dist- Kendrapada, Odisha. Formely called as **Patra BijayKetan Jagbandhu,** S/o- Jagabandhu Patra and now my new name is Bijay Kumar Patra, S/o- Jagabandhu Patra. I declare that my self **Bijaya Kumar Patra** and **Patra Bijayketan Jagbandhu** is one and same person for all purposes.

**Bijay Kumar Patra**

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar, Affidavit No- 112 dated 19.08.2025, I Pratap Digal resident At- Shakti Vihar, Salia Sahi, Jayadev Vihar, Po-RRL, Ps-Nayapalli, Bhubaneswar, Dist- Khordha, Odisha, PIN-751013, declare that I have changed the name of my daughter from Gladys Digal to Gladys Pauline. Henceforth she shall be known as **GLADYS PAULINE** for all purposes.

**(Pratap Digal)**

**AFFIDAVIT**

I, Snihalai Kar, W/o - Panchanan Kar, resident of Village- Jaleswar Pur, Po- Kuan Pal, Po-Kuanpal, Dist- Cuttack, PIN- 754204, Odisha declare by this affidavit No.73 dtd- 19/08/2025 that now onwards I shall be known as **SNEHALATA KAR** for all future purposes.

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar, Affidavit No-111 dated 19.08.2025, I Pratap Digal resident At- Shakti Vihar, Salia Sahi, Jayadev Vihar, Po-RRL, Ps-Nayapalli, Bhubaneswar, Dist- Khordha, Odisha, PIN-751013, declare that I have changed the name of my daughter from Bhalesia Digal to D Valacia. Henceforth she shall be known as **D VALACIA** for all purposes.

(Pratap Digal)

**AFFIDAVIT**

By virtue of an affidavit No-3314 sworn before the Executive Magistrate, Binjharpur on dtd- 16/08/2025. I, **Mrs Nandini Barik,** resident of At/Po- Haladidiha, Ps- Alakunda, Dist- Jajpur, Pin- 755016, Odisha, I have changed my son name from **Prasannjit Barik** (old name) to **Prasannajit Barik** (new name). Henceforth, both name **Prasannajit Barik** and **Prasannjit Barik** is one & same person he will be known as **Prasannajit Barik** for all future purposes.

**Nandini Barik**

ସକାଳ THE SAKALA



## ଚନ୍ଦନନଗର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଅବହେଳିତ

# ନିର୍ମାଣର ବର୍ଷେ ପରେ ବି ଖୋଲୁନି ନୂଆ ବିଲ୍‌ଡିଂ

ମାଳିପୁର,୨୦।୮ (ସମିସ)



ପଟ୍ଟାମୁଣ୍ଡାଇ ବ୍ଲକ୍ ଚନ୍ଦନ ନଗର ପଞ୍ଚାୟତର ଅଡ଼ାଯୋରୀ ଗ୍ରାମରେ ରହିଛି ବ୍ରିଟିଶ ଅମଳରସର୍ବ ପୁରାତନ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର। ପ୍ରାଥମିକ ଚିକିତ୍ସା ପାଇଁ ପ୍ରାୟ ୫୦ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ଏହି ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ନିର୍ଭର କରିଥାଆନ୍ତି। ପ୍ରତ୍ୟେକ ଦିନ ପ୍ରାଥମିକ ଚିକିତ୍ସା ପାଇଁ ଉତ୍ତିକଣ ଅଞ୍ଚଳର ପ୍ରାୟ ଦୁଇ ଶହରୁ ତିନି ଶହ ରୋଗୀ ଆସିଥାନ୍ତି। ଦୀର୍ଘ ଦିନରୁ ସେବା ଯୋଗାଇ ଆସୁଥିବା ପୁରୁଣା ଗୃହ ଏବେ ଧୀରେ ଧୀରେ ଦୁର୍ବଳ ହୋଇ ପଡ଼ିଲାଣି। ଉକ୍ତ ଗୃହର ଛାତ ଦୁର୍ବଳ ହୋଇ ପଡ଼ିଥିବାରୁ ଅନେକ ସ୍ଥାନରେ ଛାତରୁ ପାଣି ଗଳୁଛି। ତଳ ଚଟାଣ ମଧ୍ୟ ଅନେକ ସ୍ଥାନରେ ଫାଟି ଗଲାଣି। ରୋଗୀଙ୍କ ପ୍ରତୀକ୍ଷା ସ୍ଥଳୀରେ ପଡ଼ିଥିବା ଚୌକିଗୁଡ଼ିକ ଉପରେ ପାଣି ପଡୁଥିବାରୁ ରୋଗୀମାନେ ବାରଣ୍ଡାରେ ଦୀର୍ଘ ସମୟ ପର୍ଯ୍ୟନ୍ତ ଠିଆ ହୋଇ ବର୍ଷା ଦିନେ ହଇରାଣ ହରକତ ହେଉଛନ୍ତି। ଅନେକ ଦିନ ପୂର୍ବରୁ ନିର୍ମିତ ଗୃହର ଝରକା, କବାଟ ଏବଂ ଗ୍ରିଲ ଭାଙ୍ଗି ଯାଇଥିବାରୁ ଏବଂ ନିକଟରେ ଅନାବନା ଗଛର ଜଙ୍ଗଲ ହେଲାଣି। ଯାହା ଫଳରେ ସ୍ୱାସ୍ଥ୍ୟ କେନ୍ଦ୍ର ମଧ୍ୟକୁ ବିଷାକ୍ତ ସାପ ମଧ୍ୟ ପଶି ଆସୁଛନ୍ତି। ଏହି ଦୃଷ୍ଟିରୁ ନୂତନ ଗୃହର ଆବଶ୍ୟକତା ପଡ଼ିବାରୁ ଆଉ ଗୋଟିଏ ନୂଆ ବିଲଡିଂର ନିର୍ମାଣ କରାଯାଇଥିଲା। ଅଧା କାମ ସରିବା ପରେ କାମ କରୁଥିବା ଦୁଇ ଠିକାଦାରଙ୍କ ମଧ୍ୟରେ ମନୋମାଳିନ୍ୟ ଘଟିବାରୁ ଉଭୟ ଅଧାରୁ ନିର୍ମାଣ କାମ ଛାଡି ଚାଲି ଯାଇଥିଲେ। ଅନେକ ଦିନ ପରିତ୍ୟକ୍ତ ଅବସ୍ଥାରେ ଅର୍ଦ୍ଧନିର୍ମିତ କୋଠା ପଡ଼ି ରହିବା ପରେ ସ୍ଥାନୀୟ ବାସିନ୍ଦାଙ୍କ ବାରମ୍ବାର ଅଭିଯୋଗ ପରେ ଅର୍ଦ୍ଧ ନିର୍ମିତ କୋଠାର ପୁନଃନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ନୂତନ କୋଠାର ନିର୍ମାଣ କାର୍ଯ୍ୟ ସାରିବାର ପ୍ରାୟ ଏକ ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତିଗଲାଣି। ନୂତନ କୋଠାକୁ ପାନୀୟ ଜଳ ଯୋଗାଣ ସହିତ ବିଦ୍ୟୁତ ଲାଇନ ବିଛାଇବା କାର୍ଯ୍ୟ ସରି ଯାଇଥିଲେବି ନୂତନ ଗୃହକୁ ପ୍ରବେଶ ପାଇଁ ଉପରିସ୍ଥ ଅଧିକାରୀଙ୍କ ନିକଟରୁ କୌଣସି ଅନୁମତି ଏପର୍ଯ୍ୟନ୍ତ ମିଳି ପାରିନାହିଁ। ଦୀର୍ଘ ଦିନରୁ ସେବା ଯୋଗାଇ ଆସୁଥିବା ଏହି

### ସାପ ଭୟ ସାଙ୍ଗକୁ ବର୍ଷା ପାଣିରେ ଭିଜୁଛି ସରଞ୍ଜାମ

ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପରିଣତ କରିବାକୁ ସ୍ଥାନୀୟ ବାସିନ୍ଦା ଅନେକ ଦିନ ହେଲା ଦାବି କରି ଆସୁଛନ୍ତି। ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପରିଣତ ପାଇଁ ସମସ୍ତ ଆବଶ୍ୟକତା ପୂରଣ କରୁଥିବା ସତ୍ତ୍ୱେ ବି ସରକାରୀ ଅବହେଳାର ଶିକାର ହୋଇ ଏ ପର୍ଯ୍ୟନ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମାନ୍ୟତା ପାଇ ପାରିନାହିଁ। ନୂଆ ବିଲ୍ଡିଂର ନିର୍ମାଣ ପରେ ସ୍ଥାନୀୟ ବାସିନ୍ଦାଙ୍କ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପାଇଁ ଥିବା ଦୀର୍ଘଦିନର ସ୍ୱପ୍ନ ସ୍ୱପ୍ନରେ ହିଁ ରହି ଯାଇଛି। ନୂଆ ବିଲଡିଂ ନିର୍ମାଣର ଦୀର୍ଘ ଦିନ ବିତି ଯାଇଥିବାରୁ ବିଲଡିଂର ରଙ୍ଗ ବି ଧୀରେ ଧୀରେ ମଳିନ ପଡ଼ିଲାଣି। ନୂଆ ବିଲଡିଂର ଅଗଣା ଏବଂ ପ୍ରବେଶ ଦ୍ୱାର ବୁଲା ଗାଈ, ଷଣ୍ଢ ଏବଂ ବୁଲା କୁକୁରଙ୍କ ଆଶ୍ରୟସ୍ଥଳୀ ପାଲଟିଛି। ଅଗଣାରେ ଗୋବର ଏବଂ ବିଲଡିଂ ଆଗରେ ପାଣି ଜମି ପୂତିଗନ୍ଧମୟ ପରିବେଶ ସୃଷ୍ଟି ହେଲାଣି। ନିର୍ମାଣ ସାରିବାର ଦୀର୍ଘ ଦିନ ପରେ ତାଲା କାହିଁକି ଖୋଲା ଯାଉନାହିଁ ତାହା ବୁଦ୍ଧିଜୀବୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏଣୁ ଯଥା ଶୀଘ୍ର ପୁରୁଣା ବିଲଡିଂରୁ ନୂଆ ବିଲଡିଂ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ଥାନାନ୍ତର କରି ଜନସାଧାରଣଙ୍କୁ ଉତ୍ତମ ସେବା ଯୋଗାଇ ଦେବା ସହିତ ଉକ୍ତ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମାନ୍ୟତା ଦେବା ପାଇଁ ଉତ୍ତିକଣ ସଂଗ୍ରାମ ପରିଷଦର ରବୀନ୍ଦ୍ର ମହାନ୍ତି, ବୁଟୁନା ପଣ୍ଡା, ପ୍ରଦୀପ ପଣ୍ଡା, ରମାକାନ୍ତ ଦାଶ, ଅର୍ଜୁନ ସାହୁ, ଆଶିଷ ମଲିକ, ଦେବାଶିଷ ରାଉଳ, ସଂଗ୍ରାମ ମହାନ୍ତି, ସର୍ବେଶ୍ୱର ସେଠୀ, ଗଣେଶ ଦାସ, ରଶ୍ମୀକାନ୍ତ କୁଣ୍ଡ, ପ୍ରିୟଙ୍କା ଶତପଥୀ, ଗୋପୀନାଥ ପଣ୍ଡା, ଈଶ୍ୱର ମଲିକ, ବାସୁଦେବ ପାତ୍ର, ମିଥୁନ ମଲିକ, ବିଶ୍ୱଜିତ ପରିଡ଼ା ପ୍ରମୁଖ ଦାବି କରିଛନ୍ତି।

## ● ପାଠପଢ଼ା ବ୍ୟତୀତ ଅନ୍ୟ କାର୍ଯ୍ୟରେ ବ୍ୟସ୍ତ

# ୫ ଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ୍

କେନ୍ଦ୍ରାପଡ଼ା,୨୦।୮ (ସମିସ): ଶିକ୍ଷା ବିଭାଗର ନିର୍ଦ୍ଦେଶକୁ ବେଖାତିର କରିବା, ମାର୍ଗଦର୍ଶିକାକୁ ଶିକ୍ଷକ/ଶିକ୍ଷୟିତ୍ରୀ ନ ମାନିବା ଓ ଅନୁଶାସନକୁ ଅନୁପାଳନ ନ କରିବା ଅଭିଯୋଗରେ ୫ ଜଣ ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ କେନ୍ଦ୍ରାପଡ଼ା ବ୍ଲକ୍ ଶିକ୍ଷାଧିକାରୀ ନାରାୟଣ ମନ୍ତ୍ରୀ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। କାରଣ ଦର୍ଶାଅ ନୋଟି ଜାରି ହୋଇଥିବା ଶିକ୍ଷକମାନେ ହେଉଛନ୍ତି କେନ୍ଦ୍ରାପଡା ବ୍ଲକ୍ ଅଧୀନ ଗୋବିନ୍ଦଜୀଉ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ଏସ୍.କେ. ଖତିବ, ସହକାରୀ ଶିକ୍ଷକ ଦାଶରଥୀ ନାୟକ, ସହକାରୀ ଶିକ୍ଷକ ଅଭୟ ମଲ୍ଲିକ, ସହକାରୀ ଶିକ୍ଷକ ସେକ୍ ମହମ୍ମଦ୍ ଅୟାସୁଦ୍ଦିନ ଓ ସହକାରୀ ଶିକ୍ଷୟିତ୍ରୀ ରଶ୍ମିତା ମହାନ୍ତି। ଏହି ନୋଟିସରେ ଉଲ୍ଲେଖ ରହିଛି ଯେ ଗତ ୬ ତାରିଖରେ ବ୍ଲକ ଶିକ୍ଷାଧିକାରୀ ଏହି ବିଦ୍ୟାଳୟକୁ ଅଚାନକ ପରିଦର୍ଶନରେ ଯାଇଥିଲେ। ଏହି ସମୟରେ ସେ ଦେଖିବାକୁ ପାଇଥିଲେ ଯେ ଉପରୋକ୍ତ ଶିକ୍ଷକ/ଶିକ୍ଷୟିତ୍ରୀମାନେ ଲେସନ୍ ଡାଏରୀ, ଲେସନ ନୋଟ୍ ଆଦି ପ୍ରସ୍ତୁତ କରିନାହାନ୍ତି। ଶ୍ରେଣୀରେ ପ୍ରବେଶ କରିବା ପୂର୍ବରୁ ଏହି କାର୍ଯ୍ୟ କରିବା କଥା। ହେଲେ ସେମାନେ ଦୀର୍ଘଦିନ ଧରି ଏହି କାର୍ଯ୍ୟ କରି ନାହାନ୍ତି। ଶିକ୍ଷାବିଭାଗ ମାର୍ଗଦର୍ଶିକା ଅନୁଯାୟୀ ଏହି ସବୁ କାର୍ଯ୍ୟ ଶିକ୍ଷକ/ଶିକ୍ଷୟିତ୍ରୀ ପ୍ରତିଦିନ କରିବା ବାଧ୍ୟତାମୂଳକ। ହେଲେ ଏହି ମାର୍ଗଦର୍ଶିକାକୁ ଅଣଦେଖା କରିବା ଏବେ ମହଙ୍ଗା ପଡ଼ିଛି। ସେମାନଙ୍କ ବିରୋଧରେ କାହିଁକି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବ ସେ ନେଇ ୨ ଦିନ ମଧ୍ୟରେ କାରଣ ଦର୍ଶାଅ ନୋଟିସର ଜବାବ ରଖିବାକୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଏହି ଶିକ୍ଷକମାନଙ୍କ ମଧ୍ୟରୁ କିଏ ଜନସେବା କେନ୍ଦ୍ର ଖୋଲିଛନ୍ତି ତ ଆଉ କିଏ ବ୍ୟକ୍ତିଗତ କାମରେ ସମୟ ଦେଉଥିବା ଅଭିଯୋଗ ହେଉଥିଲା। ନୂଆ ବ୍ଲକ ଶିକ୍ଷାଧିକାରୀ ନାରାୟଣ ମନ୍ତ୍ରୀ କାର୍ଯ୍ୟରେ ଯୋଗଦେବା ପରେ ସଂପୃକ୍ତ ଶିକ୍ଷକଙ୍କ ବିରୋଧରେ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି ବୋଲି ବ୍ଲକ ଶିକ୍ଷା କାର୍ଯ୍ୟାଳୟର ଜଣେ କର୍ମଚାରୀ କହିଛନ୍ତି।

# ପଞ୍ଚାୟତିରାଜ ମନ୍ତ୍ରୀଙ୍କ କେନ୍ଦ୍ରାପଡ଼ା ଗସ୍ତ, ବିଭିନ୍ନ ପ୍ରକଳ୍ପର ସମୀକ୍ଷା

କେନ୍ଦ୍ରାପଡ଼ା,୨୦/୮ (ସମିସ): ଓଡ଼ିଶା ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ଏବଂ ପଞ୍ଚାୟତରାଜ ଓ ପାନୀୟଜଳ ବିଭାଗର ମନ୍ତ୍ରୀ ରବି ନାରାୟଣ ନାୟକ କେନ୍ଦ୍ରାପଡ଼ା ଗସ୍ତ କରିଥିଲେ। ସ୍ଥାନୀୟ ସର୍କିଟ ହାଉସଠାରେ ସନ୍ଧ୍ୟାରେ ଆୟୋଜିତ ସମୀକ୍ଷା ବୈଠକରେ ମନ୍ତ୍ରୀ ପାନୀୟ ଜଳ ପ୍ରକଳ୍ପ, ଗ୍ରାମ୍ୟ ଗୃହ, ମହାତ୍ମାଗାନ୍ଧୀ ଜାତୀୟ



ଗ୍ରାମୀଣ ନିଯୁକ୍ତି ନିଶ୍ଚିତ ଯୋଜନା, ବିକଶିତ ଗାଁ ବିକଶିତ ଓଡିଶା, ସ୍ୱଚ୍ଛ ଭାରତ ମିଶନ ବ୍ୟତୀତ ଲେବର କାର୍ଡ, ଜବ କାର୍ଡ, ପାନୀୟ ଜଳ ଯୋଗାଣକୁ ସୁଗମ କରିବା, ମେଗା ପ୍ରକଳ୍ପ ଇତ୍ୟାଦି ଯୋଜନାରେ ଚାଲିଥିବା କାର୍ଯ୍ୟ ଉପରେ ମନ୍ତ୍ରୀ ଶ୍ରୀ ନାୟକ ସମୀକ୍ଷା କରିଥିଲେ। ଗ୍ରାମ୍ୟ ଉନ୍ନୟନ ରାସ୍ତା ସ୍ଥିତି ସହିତ ସମାଜର ଗରିବ ସହିତ ଯୋଗ୍ୟ ହିତାଧିକାରୀ ଯେପରି ଯୋଜନାର ସୁଫଳ ପାଇବେ ସେଥିପ୍ରତି ଅଧିକାରୀମାନେ ଯତ୍ନବାନ ହୋଇ କାର୍ଯ୍ୟ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ମହାକାଳପଡ଼ା ବିଧାୟକ ଦୁର୍ଗା ପ୍ରସନ ନାୟକ, କେନ୍ଦ୍ରାପଡ଼ା ସାଂସଦଙ୍କ ପ୍ରତିନିଧି ଶଶାଙ୍କ ଶେଖର ସେଠୀ, ଜିଲ୍ଲାପାଳ ରଘୁରାମ ଆର ଆୟାର, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା, ଓ ରବୀନ୍ଦ୍ର କୁମାର ମଲ୍ଲିକ, ଉପଜିଲ୍ଲାପାଳ ଅରୁଣ କୁମାର ନାୟକଙ୍କ ସମେତ ସମସ୍ତ ଇଂଜିନିୟର ବିଭାଗର ଅଧିକାରୀ, ଜିଲ୍ଲା ସ୍ତରୀୟ ଅଧିକାରୀ ସହିତ ସମସ୍ତ ବିଡିଓ ଉପସ୍ଥିତ ଥିଲେ।

# ଚୋରା ମଦ ଜବତ; ୫ କୋର୍ଟ ଚାଲାଣ

କେନ୍ଦ୍ରାପଡ଼ା,୨୦।୮ (ସମିସ): ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ କେନ୍ଦ୍ରାପଡ଼ା ଅବକାରୀ ବିଭାଗ ପକ୍ଷରୁ ପଟ୍ଟାମୁଣ୍ଡାଇ ରୁରାଲ ଓ ଜମ୍ବୁ ମେରାଇନ ଥାନା ଅଧୀନ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇ ମାଳିପୁର ଗ୍ରାମର ପ୍ରଶାନ୍ତ ମଳିକ(୩୭)ଙ୍କ ଠାରୁ ୧୯ ଲିଟର ଦେଶୀ ମଦ, ଡାମରପୁର ଗ୍ରାମର କହେଁଇ ସେଠୀ(୪୧)ଙ୍କ ଠାରୁ ୨୩ ଲିଟର ବିଦେଶୀ ମଦ, ଜମ୍ବୁ ଗ୍ରାମର ନୀଳମାଧବ ମଣ୍ଡଳ(୪୬) ଙ୍କ ଠାରୁ ୪୬୯ ଲିଟର ଦେଶୀ ରନ୍ଧା ମଦ, ଶିବାନୀ ମଣ୍ଡଳ(୪୫)ଙ୍କ ଠାରୁ ୭୬୮ ଲିଟର ଦେଶୀ ରନ୍ଧା ମଦ ଓ କାଜଲ ମଣ୍ଡଳ (୫୭) ଙ୍କ ଠାରୁ ୮୯୧ ଲିଟର ଦେଶୀ ରନ୍ଧା ମଦ ଜବତ କରାଯାଇ ସେମାନଙ୍କୁ ଗିରଫ କରାଯାଇଛି। ସେମାନଙ୍କ ପାଖରୁ ସମୁଦାୟ ୨୧୭୦ ଲିଟର, ଦେଶୀ, ଦେଶୀ ରନ୍ଧା ମଦ ଓ ବିଦେଶୀ ମଦ ଜବତ କରାଯାଇ ୨ ମହିଳାଙ୍କ ସମେତ ୫ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ଅବକାରୀ ଅଧୀକ୍ଷକ ବିପ୍ର ଚରଣ ମଣ୍ଡଳ ସୂଚନା ଦେଇଛନ୍ତି। ଆଗାମୀ ଦିନରେ ଏହି ଚ?ାଉ ବ୍ୟାପକ ଭାବରେ ଜାରି ରହିବ ବୋଲି ଅବକାରୀ ନିରୀକ୍ଷକ ହିତାଂଶୁ ଶେଖର ମଳିକ କହିଛନ୍ତି। ଏହି ଚଢ଼ଉରେ ଅବକାରୀ ନିରୀକ୍ଷକ ପଦ୍ମଲୋଚନ ନାୟକ, ଅବକାରୀ ଉପ ନିରିକ୍ଷକ କଳ୍ପନା ରାଉତ ଏବଂ ଅନ୍ୟ କର୍ମଚାରୀମାନେ ସାମିଲ ଥିଲେ।

# କୁଇଜ୍, ବକ୍ତୃତା ଓ ନୃତ୍ୟ ପ୍ରତିଯୋଗିତା

ଏରସମା,୨୦।୮ (ସମିସ): କ୍ଲବ୍ ଫାଇଭ ଷ୍ଟାର ଓ ସୋମପୁର ଉଚ୍ଚ ବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ କୁଇଜ୍, ବକ୍ତୃତା ଓ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତା କ୍ଲବ୍‌ର ପ୍ରମୁଖ ସଭ୍ୟ ଓ ବିଦ୍ୟାଳୟର ଶିକ୍ଷକଙ୍କ ଦ୍ୱାରା ପରିଚାଳନା କରାଯାଇଥିଲା। କ୍ଲବ ତରଫରୁ ଅତୁଲି ରାଉତ, ରମେଶ ଚନ୍ଦ୍ର ପଣ୍ଡା, ପ୍ରକାଶ ପଲାଇ, ବିଶ୍ୱଜିତ ସେଠୀ, ରାକେଶ ପରିଡ଼ା, ବିଭୁପ୍ରସାଦ ସାହୁ,



ବିକ୍ରମ ପଟ୍ଟନାୟକ, ସମିତାପ ସାହୁ ଓ ବିଦ୍ୟାଳୟ ତରଫରୁ ପ୍ରଧାନ ଶିକ୍ଷକ ମନୋରଞ୍ଜନ ମହାନ୍ତି, ଅଭିଜିତ ତ୍ରିପାଠୀ, ସଞ୍ଜୀବ ଦଳବେହେରା, ସୁଭାସମିତ ନାୟକ, ଚନ୍ଦନ କୁମାର ବେହେରା, କବିତା ସ୍ୱାଇଁ, ସପ୍ନେଶ୍ୱର ବେହେରା, ମୋନାଲିସା କୁଅଁର ପ୍ରମୁଖ ଉପସ୍ଥିତ ଥିଲେ। ଏହି ପ୍ରତିଯୋଗିତାରେ ୧୦୦ ଜଣ ଛାତ୍ର ଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ଏଥି ମଧ୍ୟରୁ ବକ୍ତୃତାରେ ପ୍ରଥମ ସ୍ଥାନ ପ୍ରୀତି ପ୍ରଜ୍ଞା ମୁଦୁଲି, ଦିତୀୟ ସ୍ଥାନ ଶ୍ରୁତି ସୁହାନି ପରିଡ଼ା, ତୃତୀୟ ସ୍ଥାନ ପ୍ରିୟା ହାତୀ ଓ ସଙ୍ଗୀତରେ ପ୍ରଥମ ସ୍ଥାନ ପ୍ରୀତି ପ୍ରଜ୍ଞା ମୁଦୁଲି, ଦିତୀୟ ସ୍ଥାନ ଅଭିଲିପ୍‌ସା ସାହୁ, ତୃତୀୟ ସ୍ଥାନ ସ୍ମିତାଞ୍ଜଳି ସାହୁ ଓ ସାଧାରଣ ଜ୍ଞାନରେ ପ୍ରତମ ପ୍ରିୟଦର୍ଶିନୀ ତରାଇ, ୨ୟ ଶ୍ରୀଜିତ୍ ମଲ୍ଲିକ୍, ୩ୟ ଆଦ୍ୟପ୍ରତ୍ୟାଶାଙ୍କୁ ଘୋଷଣା କରାଯିବା ସହ କ୍ଲବ ତରଫରୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

# ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ମେଡିକାଲ ପରୀକ୍ଷା ଶିବିର

ରାଜନଗର,୨୦।୮ (ସମିସ) : ରାଜନଗର ବ୍ଲକ୍ ମଣ୍ଡଳ ଦିବ୍ୟାଙ୍ଗ ସାଧନ କେନ୍ଦ୍ର ପରିସରରେ ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କ ସାମାଜିକ ବିକାଶ ପାଇଁ ଆୟୋଜିତ ଦିନିକିଆ ମେଡିକାଲ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ପରୀକ୍ଷା ଶିବିରରେ ଶ୍ରବଣ, ମସ୍ତିଷ୍କ ପକ୍ଷାଘାତ, ଚଳନ ବାଧିତ, ବୌଦ୍ଧିକ ବାଧିତ ଛାତ୍ରଛାତ୍ରୀଙ୍କ ପରୀକ୍ଷା କରାଯାଇଛି। ବିଆରଟି ରଶ୍ମୀରଞ୍ଜନ ଜେନା ଓ ହେମନ୍ତ କୁମାର ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡାକ୍ତର ଟିମ ୫୮ ଜଣ ଛାତ୍ରଛାତ୍ରୀଙ୍କୁ ପରୀକ୍ଷା କରିଥିଲେ। ଏହି ଅବସରରେ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ଉପକରଣ ପ୍ରଦାନ କରାଯାଇଥିଲା। ଏହି ଶିବିରକୁ ଗଦାଧର ରାଉତ, ରାଜୀବଲୋଚନ ସ୍ୱାଇଁ, କୁଞ୍ଜନ କୁମାର ନାୟକ, ଗଣେଶ୍ୱର ପଲାଇ, ଅଭିରାମ ପାତ୍ର ପ୍ରମୁଖ ପରିଚାଳନା କରିଥିଲେ।

# ଅନଲାଇନ୍ ପଞ୍ଜୀକରଣ ଅବଧି ବୃଦ୍ଧି, ଖୋଲୁନି ସାଇଟ୍

ରାଜକନିକା,୨୦।୮ (ସମିସ): ରାଜ୍ୟରେ ଚାଷୀ ସ୍ୱାର୍ଥରେ ଖରିଫ ଧାନ ସଂଗ୍ରହର ଅନଲାଇନ ପଞ୍ଜୀକରଣ ସହ ବୀମା କରିବାର ସମୟ ସୀମା ବେଳକୁ ବେଳ ବଢ଼ି ଚାଲିଥିବା ବେଳେ ମୂଳ ସମସ୍ୟାର ଅନ୍ତ ହେଇନାହିଁ। ଫଳରେ ଏହି ସବୁ ଅନଲାଇନ କାମ ପାଇଁ ଦୈନିକ ରାଜକନିକାର ସମସ୍ତ ପାକ୍ସରେ ଚାଷୀ ଡେରା ପକାଇ ଦିନ ଦିନ ରହୁଛନ୍ତି। କେତେବେଳେ ଓଟିପି ଜେନେରେଟ ହେଉନି ତ ଆଉ କେତେବେଳେ ସାଇଟ ଖୋଲୁନି। ଫଳରେ ଦୈନିକ ୨୦ ରୁ ଅଧିକ ଚାଷୀଙ୍କ ପଞ୍ଜୀକରଣ କରିବାକୁ ଚାହୁଁଥିବା ପାକ୍ସ କର୍ମଚାରୀ ଦିନକୁ ୨ ରୁ ୩ ଟି ପଞ୍ଜୀକରଣ କରିବାରୁ ଚାଷୀଙ୍କ ମଧ୍ୟରେ ହତାଶ ଭାବ ଦେଖାଦେଇଛି। ଧାନ ସଂଗ୍ରହ ହେବା ପୂର୍ବରୁ ଚାଷୀ ପାକ୍ସକୁ ଯାଇ ଯାଇ ଥକି ଯାଇଥିବା ବେଳେ କର୍ମଚାରୀ ମଧ୍ୟ ଅନ୍ୟ ଉପାୟ ନ ପାଇ ଚାଷୀ ଆକ୍ରୋଶର ଶିକାର ହେଉଛି। ତେବେ ଚାଷୀଙ୍କ ସୁବିଧା ପାଇଁ ସମୟ ବଢ଼ାଇ ଚାଲିଥିବା ବ୍ୟବସ୍ଥାରେ ସାଇଟ୍ ଖୋଲିବା ସହ ଅନ୍ୟ ସମସ୍ତ ସମସ୍ୟାର ସମାଧାନ ପାଇଁ ରାଜକନିକା ବ୍ଲକ ସମବାୟ ସମ୍ପାଦକ ସମୂହ ଦାବି କରିଛନ୍ତି।

# ଅବସରକାଳୀନ ସମ୍ବର୍ଦ୍ଧନା

ଡେରାବିଶ,୨୦।୮ (ସମିସ): ଡେରାବିଶ ଶିକ୍ଷା ସର୍କଲ ମୁକୁନ୍ଦପୁର ସାଧନ କେନ୍ଦ୍ର ଅଧୀନ ଅର୍ତାମୂଳସ୍ଥିତ ଜେନାମଣି ସରକାରୀ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ମନୋରଞ୍ଜନ ଦାଶଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ପ୍ରଧାନ ଶିକ୍ଷକ ଅଭିରାମ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ମୁକୁନ୍ଦପୁର ସାଧନକେନ୍ଦ୍ର ସଂଯୋଜକ ବିଶ୍ୱଜିତ




ମୁଦୁଲି, ସମ୍ମାନିତ ଅତିଥି ଭାବେ ସିଆରସିସି ପଶା" ଶତପଥି, ସନ୍ତୋଷ ମଲିକ ଓ ପ୍ରମୋଦ କୁମାର ମଲ୍ଲ ଯୋଗଦେଇ ବିଦାୟୀ ଶିକ୍ଷକ ଶ୍ରୀ ଦାସଙ୍କ କର୍ମମୟ ଜୀବନରେ ଛାତ୍ରବତ୍ସଳତା, ସମୟାନୁବର୍ତ୍ତିତା ଓ ଶିକ୍ଷାନୁଷ୍ଠାନ ପ୍ରତି ତାଙ୍କର ଅବଦାନ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଏହାର ପ୍ରତ୍ୟୁତରରେ ଶ୍ରୀ ଦାଶ ତାଙ୍କ ଚାକିରୀ କାଳର ବିଭିନ୍ନ ତିକ୍ତ ଓ ମଧୁର ଅନୁଭୂତି ବଖାଣିଥିଲେ। ପରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଶିକ୍ଷକ ଶ୍ରୀ ଦାଶଙ୍କ ଅବସରଗ୍ରହଣ ପରେ ବିଦ୍ୟାଳୟକୁ ଆସି ପୂର୍ବପରି ସେମାନଙ୍କୁ ଶିକ୍ଷାଦାନ କରିବା ପାଇଁ ଅନୁରୋଧ କରିଥିଲେ। ଏହା ଉଭୟ ଛାତ୍ରଛାତ୍ରୀ ଓ ବିଦାୟୀ ଶିକ୍ଷକଙ୍କ ମଧ୍ୟରେ ଏକ ଭାବବିହ୍ୱଳ ପରିବେଶ ସୃଷ୍ଟି କରିଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସହାକରୀ ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ଦେବୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶେଷରେ ପୁରାତନ ଛାତ୍ର ସଂସଦ ସଭାପତି ପ୍ରମୋଦ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପରିଚାଳନାରେ ବିଦ୍ୟାଳୟ ପରିଚାଳନା ସଭାପତି ଦେବଜାନୀ ମଳିକଙ୍କ ସମେତ ଛାତ୍ର ଅଭିଭାବକମାନେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶିକ୍ଷକ ଦିଲ୍ଲିପ ଦାଶ, ମନୋରନ ନାୟକ, ବିଶ୍ୱବିଜୟ ଦାସ, ଜୟାନନ୍ଦ ନାୟକ, ରମେଶ ଚନ୍ଦ୍ର ବଳ, ପ୍ରତାପ ଶତପଥି ପ୍ରମୁଖ ଉପସ୍ଥିତ ରହିଥିଲେ।

# ମତ୍ସ୍ୟ ଯାଆଁଳ ଉତ୍ପାଦନ ପ୍ରଶିକ୍ଷଣ ଶିବିର

ଡେରାବିଶ,୨୦।୮ (ସମିସ): ଭଗବାନପୁର ସ୍ଥିତ ମା ବୁଢ଼ୀଜାଗୁଳାଇ ମତ୍ସ୍ୟ ଯାଆଁଳ ଉତ୍ପାଦନ କେନ୍ଦ୍ର ପରିସରରେ ଆଜି 'ସିଫା' ପକ୍ଷରୁ ଉନ୍ନତ ପ୍ରଣାଳୀରେ ମତ୍ସ୍ୟ ଯାଆଁଳ ଉତ୍ପାଦନ ଓ ମତ୍ସ୍ୟ ଚାଷ ସମ୍ବନ୍ଧୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଅନୁଷ୍ଠିତ ସଭାରେ କେନ୍ଦ୍ରର ମୁଖ୍ୟ ଝିନା ପରିଡ଼ାଙ୍କ ସଭାପତିତ୍ୱ କରିଥିଲେ। ଏହି ସଭାରେ ମୁଖ୍ୟ ଅତିଥିଭାବେ 'ସିଫା'ର ମୁଖ୍ୟ ବୈଜ୍ଞାନିକ ଡକ୍ଟର ଝୁଟିଆ ମୁର୍ମୁ, ସମ୍ମାନିତ ଅତିଥିଭାବେ ସିଫାର ବୈଜ୍ଞାନିକ ଅବିନାଶ ରାସାଲ, କେନ୍ଦ୍ରାପଡ଼ା ଜିଲ୍ଲା ମତ୍ସ୍ୟ ଅଧିକାରୀ ଶଶାଙ୍କ ଶେଖର ସାହୁ ପ୍ରମୁଖ ଯୋଗଦେଇ ଉନ୍ନତ କିସମର ମତ୍ସ୍ୟ ଯାଆଁଳ ଉତ୍ପାଦନ ଓ ମାଛ ଚାଷ ସମ୍ବନ୍ଧରେ ବିଭିନ୍ନ ଉପାଦେୟ ତଥ୍ୟ ଶିବିରାର୍ଥୀମାନଙ୍କୁ ପ୍ରଦାନ କରିଥିଲେ। ଏହି ତାଲିମ ଶିବିରରେ ଓଡ଼ିଶା ସମେତ ଆନ୍ଧ୍ରପ୍ରଦେଶ, ପଶ୍ଚିମବଙ୍ଗ, ବିହାର, ଆସାମ, ମହାରାଷ୍ଟ୍ର, ତେଲେଙ୍ଗାନା ଆଦି ରାଜ୍ୟରୁ ଆସିଥିବା ଛାତ୍ରଛାତ୍ରୀ ଏହି ମତ୍ସ୍ୟଚାଷ କେନ୍ଦ୍ରରେ କିପରି ସଫଳ ଭାବେ ଉନ୍ନତ ମାନର ଓ ଅଧିକ ଅମଳକ୍ଷମ



ଅମୁରକାର୍ପ, ଜୟନ୍ତୀ ରୋହୁ, କାଟଲାକାର୍ପ ଯାଆଁଳ ଉତ୍ପାଦନ ଏବଂ ମାଛ ଚାଷ କରାଯାଉଛି ତାହା ବୁଲି ଦେଖିଥିଲେ। ଏହି କାର୍ଯ୍ୟକ୍ରମରେ ଯାଜପୁର, ବାଲେଶ୍ୱର, କଳାହାଣ୍ଡି, କନ୍ଧମାଳ, ସମ୍ବଲପୁର, କେନ୍ଦ୍ରାପଡ଼ା, ପୁରୀ, ଜଗତସିଂହପୁର, କଟକ, ନୂଆପଡ଼ା, ଖୋର୍ଦ୍ଧା, ଗାମ, କୋରାପୁଟ ଆଦି ଜିଲ୍ଲାରୁ ମତ୍ସ୍ୟଚାଷୀ ମାନେ ଏହି ଶିବିରରେ ଉପସ୍ଥିତ ରହି ପ୍ରଶିକ୍ଷିତ ହୋଇଥିଲେ। ଏଥିସହିତ ଏହି ଯାଆଁଳ କେନ୍ଦ୍ରର ପରିଚାଳିକା ଲିଲିମା ପ୍ରିୟଦର୍ଶୀନୀ ଏହି ଛାତ୍ରମାନଙ୍କୁ ତାଙ୍କ ବ୍ୟବସାୟର ସଫଳତା ଓ କାର୍ଯ୍ୟଶୈଳୀ ସମ୍ପର୍କରେ ବୁଝାଇଥିଲେ। ସୂଚନାଯୋଗ୍ୟ ମା' ବୁଢ଼ୀଜାଗୁଳାଇ ମତ୍ସ୍ୟ ଯାଆଁଳ ଉତ୍ପାଦନ କେନ୍ଦ୍ର ଓଡ଼ିଶା ସମେତ ଓଡ଼ିଶା ବାହାରର ବିଭିନ୍ନ ଜିଲ୍ଲାର ହଜାର ହାଜର ମତ୍ସ୍ୟ ଚାଷୀମାନଙ୍କୁ ଉନ୍ନତମାନର ଓ ଅଧିକ ଅମଳକ୍ଷମ ମାଛ ଯାଆଁଳ ଯୋଗାଇ ଦେବା ସହିତ ସେମାନଙ୍କୁ ବୈଷୟିକ ପରାମର୍ଶ ଓ ଅତ୍ୟାଧୁନିକ ପରୀକ୍ଷାଗାର ଦ୍ୱାରା ପାଣି ପରୀକ୍ଷା, ମାଛ ରୋଗ ନିରୁପଣ ଓ ଆବଶ୍ୟକ ମତେ ମତ୍ସ୍ୟ ଖାଦ୍ୟ ଓ ଔଷଧମାନ ଯୋଗାଇ ଦେଇ ଆସୁଛି। ଯାହା ଫଳରେ ଏହି ଯାଆଁଳ କେନ୍ଦ୍ରରୁ ମାଛ ଯାଆଁଳ ନେଇ ମତ୍ସ୍ୟଚାଷୀମାନେ ବହୁ ଲାଭବାନ ହୋଇପାରୁଥିବା ଉପସ୍ଥିତ ବହୁ ଚାଷୀ ସେମାନଙ୍କ ବକ୍ତବ୍ୟରେ କହିଥିଲେ। ଏହି ପ୍ରଶିକ୍ଷଣ ଶିବିରକୁ କମଳାକାନ୍ତ ଲେଙ୍କା, ରଘୁନାଥ ପ୍ରସାଦ ପ୍ରମୁଖ ପରିଚାଳନା କରିଥିଲେ।

# ଜିଲ୍ଲା ଯୁବ ରେଡ୍‌କ୍ରସ୍‌ର କାର୍ଯ୍ୟକାରିଣୀ ବୈଠକ

କେନ୍ଦ୍ରାପଡ଼ା,୨୦।୮ (ସମିସ): କେନ୍ଦ୍ରାପଡା ଜିଲ୍ଲା ଯୁବ ରେଡକ୍ରସର କାର୍ଯ୍ୟକାରିଣୀ ବୈଠକ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ତଥା ଜିଲ୍ଲା ଯୁବରେଡକ୍ରସର ସଭାପତି ପ୍ରାଧ୍ୟାପକ ଶାନ୍ତନୁ କୁମାର ଜେନାଙ୍କ ପୌରୋହିତ୍ୟରେ ବୁଧବାର ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକାରିଣୀ ବୈଠକରେ ଜିଲ୍ଲାର ୩୦ଟି ମହାବିଦ୍ୟାଳୟ ଓ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଯୁବରେଡକ୍ରସର ପରାମର୍ଶଦାତା ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଯୁବରେଡକ୍ରସର ଜିଲ୍ଲା ଆବାହକ ତଥା ସମ୍ପାଦକ ଅଧ୍ୟାପକ ବିକାଶ କୁମାର ନାୟକ କାର୍ଯ୍ୟକାରିଣୀର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଜିଲ୍ଲା ସଂଯୋଜକ ରତ୍ନାକର ସେଠୀ ଜିଲ୍ଲା ଯୁବରେଡକ୍ରସ ପକ୍ଷରୁ ୨୦୨୪-୨୫ବର୍ଷରେ ହୋଇଥିବା କାର୍ଯ୍ୟକ୍ରମର ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ।



"ଦାନା' ବାତ୍ୟା ସମୟରେ ଜିଲ୍ଲା ପ୍ରଶାସନର ସହଯୋଗରେ କେନ୍ଦ୍ରାପଡା ଯୁବରେଡକ୍ରସ ଦ୍ୱାରା ରାଜନଗରରେ ରିଲିଫ ପ୍ରଦାନ କାର୍ଯ୍ୟ ପରିଚାଳନାକୁ ସମସ୍ତେ ଉଚ୍ଚ ପ୍ରଶଂସା କରିଥିଲେ। ୨୦୨୫-୨୬ ବର୍ଷରେ ଜିଲ୍ଲା ଯୁବରେଡକ୍ରସ ପକ୍ଷରୁ ରକ୍ତଦାନ ଶିବିର, ବୃକ୍ଷରୋପଣ, ସ୍ୱାସ୍ଥ୍ୟ ଶିବିର, ସଡକ ସୁରକ୍ଷା ଓ ନିଶାମୁକ୍ତି ଅଭିଯାନ ପ୍ରମୁଖ ୧୨ଟି କାର୍ଯ୍ୟକ୍ରମ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଚଳିତବର୍ଷ ମାର୍ଶାଘାଇ ମହାବିଦ୍ୟାଳୟରେ ଜିଲ୍ଲା ସ୍ତରୀୟ ଜ୍ଞାନ ଆହରଣ ଓ ପ୍ରଶିକ୍ଷଣ ଶିବିର, ଚାନ୍ଦୋଳସ୍ଥିତ ହୃଦାନନ୍ଦ ସ୍ମାରକୀ ମହାବିଦ୍ୟାଳୟରେ ଜିଲ୍ଲା ସ୍ତରୀୟ ବିପର୍ଯ୍ୟୟ ପରିଚାଳନା ତାଲିମ ଶିବିର ଅନୁଷ୍ଠିତ ହେବାକୁ ସର୍ବସମ୍ମତିକ୍ରମେ ସ୍ଥିର କରାଯାଇଛି। ଶେଷରେ ଡ. ହିମାଂଶୁ ଭୂଷଣ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ। ଯୁବରେଡକ୍ରସର ସ୍ୱେଚ୍ଛାସେବୀ ତଥା କେନ୍ଦ୍ରାପଡା ମହାବିଦ୍ୟାଳୟର ଛାତ୍ରଛାତ୍ରୀ ମନୋଜ କୁମାର ଲେଙ୍କା, ଉମେଶ ଆଚାର୍ଯ୍ୟ, ଭବାନୀଶଙ୍କର ପ୍ରଧାନ, ସ୍ମୃତିସଂଜିବନୀ ନାୟକ, ପି.ସି.ଶୁଭମଶେଖର, ଅର୍ପିତା ମାଟି, ଅନିତା ପ୍ରଧାନ, ସୌମ୍ୟରଞ୍ଜନ ପରିଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଚାନ୍ଦୋଳ ରାଜସ୍ୱ ସର୍କଲରେ 'ଆମ ଗାଁରେ ତହସିଲ' କାର୍ଯ୍ୟକ୍ରମ

ଡେରାବିଶ,୨୦।୮ (ସମିସ): ଡେରାବିଶ ତହସିଲ ଅଧୀନ ଚାନ୍ଦୋଳ ରାଜସ୍ୱ ସର୍କଲରେ ଆଜି 'ଆମ ଗାଁରେ ତହସିଲ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜସ୍ୱ ଓ ବିପର୍ଯ୍ୟୟପରିଚାଳନା ବିଭାଗ ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ମାଧ୍ୟମରେ




ତହସିଲ ପ୍ରଶାସନ ଗ୍ରାମାଞ୍ଚଳରେ ପହଞ୍ଚି ତହସିଲର ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦେଇଛନ୍ତି। ଏହି ଉପଲକ୍ଷେ ଚାନ୍ଦୋଳ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସରପଞ୍ଚ ସୁରେନ୍ଦ୍ର ମଳିକଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଡେରାବିଶ ବିଡ଼ିଓ ନମିତା ବାରିକ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ସମିତିସଭ୍ୟା ମୁଲତା ମିଶ୍ର, ଡେରାବିଶ ତହସିଲଦାର ସରୋଜକାନ୍ତ ନାୟକ, ଏବିଡିଓ ମୃଣ୍ମୟ ରାଉତ, ଅତିରିକ୍ତ ତହସିଲଦାର ଭାସ୍କର ବେହେରା, ରାଜସ୍ୱ ପରିଦର୍ଶକ ମାନସ ରନ ନାଥ ଓ ଚାନ୍ଦୋଳ ରାଜସ୍ୱ ନିରୀକ୍ଷକ ସ୍ମୃତିରଞ୍ଜନ ନାୟକ ଉପସ୍ଥିତ ରହି ୧୮ ଜଣ ହିତାଧିକାରୀଙ୍କୁ ମ୍ୟୁଟେସନ୍ ପଟ୍ଟା, ୧୨ ଜଣଙ୍କୁ ଓଏଲଆର ପଟ୍ଟା, ୧୬୫ ଜଣଙ୍କୁ ୱାରସ ସଂଶୋଧନ ହୋଇଥିବା ପଟ୍ଟା, ୭ ଜଣଙ୍କୁ ବେବନ୍ଦୋବସ୍ତ ପଟ୍ଟା ଓ ଜଣେ ହିତାଧିକାରୀଙ୍କୁ ବସୁନ୍ଧରା ଯୋଜନାରେ ପଟ୍ଟା ପ୍ରଦାନ କରିଥିଲେ। ଏଥିସହ ୨୪ ଜଣ ହିତାଧିକାରୀଙ୍କୁ ତତ୍କାଳ ବିଭିନ୍ନ ବିଭିନ୍ନ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ବ୍ୟକ୍ତି ସେମାନଙ୍କ ଜମିବାଡ଼ି ବିବାଦର ସମାଧାନ ଇତ୍ୟାଦି ନିମନ୍ତେ ଆବେଦନ କରିଥିଲେ। ତହସିଲଦାର ଶ୍ରୀ ନାୟକ ଏମାନଙ୍କ ଅଭିଯୋଗର ତ୍ୱରିତ ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେବା ସହ କିଛି ଅଭିଯୋଗର ତୁରନ୍ତ ସମାଧାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ତହସିଲ ଅଧିନସ୍ଥ ସମସ୍ତ ରାଜସ୍ୱ ନିରୀକ୍ଷକ ଓ ତହସିଲ କର୍ମଚାରୀ ନିରନ ବେହେରା, ମୟଙ୍କ ମରୀ ସୋରେନ୍, ଉମାକାନ୍ତ ବେହେରା, ଅନାମ ଚରଣ ଗୋଛାୟତ, ପ୍ରଶାନ୍ତ ବାରିକ, ପୀତାମ୍ବର ମଳିକ, ଏସ୍.କେ. ଆବିଦ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସେବା ସମବାୟ ସମିତିରେ ମିଳୁନି ସାର

ରାଜନଗର,୨୦।୮ (ସମିସ)



### ଖୋଲା ବଜାରରେ ଚଢ଼ା ଦର

ଏବେ ଖରିଫ ଧାନ ଚାଷ ପାଇଁ ରୁଆ ବେଉଷଣ କାମ ଚାଲିଛି। ଖରିଫ ଋତୁ ଆମ୍ଭ ସମୟରେ ଅଧିକ ଲଗାଣ ବର୍ଷା ଯୋଗୁଁ ଧାନ ତଳି ନଷ୍ଟ ହୋଇଥିଲା। ଚାଷୀ ସରକାରୀ ବିହନ ନପାଇ ଖୋଲା ବଜାରରୁ ଚଢ଼ା ଦରରେ ବିହନ କିଣି ଦ୍ୱିତୀୟବାର ତଳି ପ୍ରସ୍ତୁତ କରି ରୁଆ ବେଉଷଣ କାମ ଆରମ୍ଭ କରିଛନ୍ତି। ତେବେ ଏହି ସମୟରେ ସାରର ଆବଶ୍ୟକତା ଥିବାବେଳେ ସେବା ସମବାୟ ସମିତିଗୁଡ଼ିକରେ ସାର ମିଳୁନଥିବା ଜଣାପଡ଼ିଛି। ଫଳରେ ଚାଷୀ ବାଧ୍ୟ ହୋଇ କଳା ବଜାରରେ ଦୁଇ ଗୁଣା ଦର ଦେଇ ସାର କିଣୁଛନ୍ତି। ରାଜନଗର ବ୍ଲକର ୧୪ଟି ସେବା ସମବାୟ ସମିତି ରହିଛି। ସେଥିରୁ କୋଇଲିପୁର ସେବା ସମବାୟ ସମିତି ୨୫୦ ବସ୍ତା, ଚାନ୍ଦିବାଉଁଶମୂଳ ୬୬୬ ବସ୍ତା, ବାଲିସାହିପାଟଣା ୭୦୦ ବସ୍ତା, ତାଳଚୁଆ ୧୦୦୦ ବସ୍ତା, ନୋଦାବସନ୍ତ ୨୨୦୦ ବସ୍ତା, ଓସ୍ତିଆ ୭୬୦ ବସ୍ତା, ଭାଟପଡ଼ା ସେବା ସମବାୟ ସମିତି ୯୪୪ ବସ୍ତା ୟୁରିଆ ଓ ଗ୍ରୋମୋର ସାର ଆଣିଛନ୍ତି। ଏହି ବ୍ଲକ୍‌ର ରାଜନଗର, କୁରୁଣ୍ଟି, ବଡ଼ନାଉକଣା, ଡେରା, ଗୋପାଳପୁର, ଫିରିକିଦାଣ୍ଡି, ଡାଙ୍ଗମାଳ ପ୍ରଭୃତି ସେବା ସମବାୟ ସମିତି ଆଜି ଯାଏଁ ସାର ଉଠାଇ ନାହାନ୍ତି। ୟୁରିଆର ସରକାରୀ ମୂଲ୍ୟ ୨୬୬ ଟଙ୍କା ୫୦ ପଇସା ଆଉ ଡିଏପିର ମୂଲ୍ୟ ୧୩୦୦ ଟଙ୍କା ରହିଛି। ମାତ୍ର ସବୁ ସେବା ସମବାୟ ସମିତି ସାର ଉଠାଇନଥିବାରୁ ଏହା କଳାବଜାରୀଙ୍କ ପାଇଁ ପୁଷମାସ ହୋଇଛି। କଳାବଜାରରେ ୟୁରିଆ ୫୦୦ ରୁ ୬୦୦ ଟଙ୍କାରେ ବିକ୍ରି ହେଉଥିବା ବେଳେ ଡିଏପି ୧୯୦୦ ରୁ ୨୦୦୦ ଟଙ୍କାରେ ବିକ୍ରି ହେଉଛି। କଳାବଜାରରେ ଦୁଇଗୁଣା ଦରରେ ସାର ବିକ୍ରି ହେଉଥିଲେ ମଧ୍ୟ ସରକାରୀ ସ୍ତରରେ କୌଣସି ପଦକ୍ଷେପ ନିଆଯାଉ ନଥିବା ଚାଷୀ ଅଭିଯୋଗ କରିଛନ୍ତି।

## ଜିଲ୍ଲା କଂଗ୍ରେସ ପକ୍ଷରୁ ରାଜୀବ ଗାନ୍ଧୀ ଜୟନ୍ତୀ



ଜଗତସିଂହପୁର,୨୦।୮ (ସମିସ): ମହାନ ଜନନାୟକ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତ ରତ୍ନ ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କ ୮୧ତମ ଜୟନ୍ତୀ ଜଗତସିଂହପୁର ଜିଲ୍ଲା କଂଗ୍ରେସ ପକ୍ଷରୁ ପାଳିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟଠାରେ ରାଜୀବ ଗାନ୍ଧୀଙ୍କ ତୈଳଚିତ୍ର ଓ ସ୍ଥାନୀୟ ଚର୍ଚ୍ଚିକା ବଜାର ନିକଟସ୍ଥ ରାଜୀବ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ସହ ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଥିଲା। ପରେ ଜିଲ୍ଲା କଂଗ୍ରେସ ସଭାପତି ନଟବର ବାରିକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ପୂର୍ବତନ ପୌରାଧ୍ୟକ୍ଷ ବିପ୍ଳବ ଚୌଧୁରୀ, ପୂର୍ବତନ ବ୍ଲକ୍ କଂଗ୍ରେସ ସଭାପତି ଲକ୍ଷ୍ମୀ ନାରାୟଣ ସାମନ୍ତରାୟ, ବ୍ଲକ କଂଗ୍ରେସ ସଭାପତି ମାନସ କୁମାର ରଥ, ନଗର କଂଗ୍ରେସ ସଭାପତି ଅଭୟ କୁମାର ମହାନ୍ତି, ନିଖିଳ ଉତ୍କଳ ଗ୍ରାମୀଣ ଚାଷୀ ମୂଲିଆ ସଂଘ ସଭାପତି ଇଂ ବେଦଦ୍ୟୁତି ପୃଷ୍ଟି, ଜିଲ୍ଲା କଂଗ୍ରେସ ସେବା ଦଳ ଅଧ୍ୟକ୍ଷ ଡାକ୍ତର ଜଗଦାନନ୍ଦ ବେହେରା, ଜିଲ୍ଲା କଂଗ୍ରେସ ସଂଖ୍ୟାଲଘୁ ବିଭାଗ ଅଧ୍ୟକ୍ଷ ଇମତିୟାଜ ଅହମ୍ମଦ, ଯୁବ ନେତା ପ୍ରବୀର ପରିଜା, ଦାଶରଥି ସ୍ୱାଇଁ, ସେଖ୍ ଅମିନୁସ ସାଜେଦିନ, ତ୍ରିପୁରେଶ୍ୱର ମଲ୍ଲିକ, ସୌଭାଗ୍ୟ ରଞ୍ଜନ ବିଶ୍ୱାଳ, ସାଫି ଆଜମ୍, ଈଶ୍ୱର ସ୍ୱାଇଁ, ରାଜେନ୍ଦ୍ର ସ୍ୱାଇଁ, ପଞ୍ଚାନନ ପ୍ରଧାନ, ଉମେଶ ସ୍ୱାଇଁ, ଉଦ୍ଧବ ବାରିକ, ଶୁଶାନ୍ତ ରାୟ, ରାଜେନ୍ଦ୍ର ବାରିକ, ଧର୍ମାନନ୍ଦ ବିଶ୍ୱାଳ, ବିଜୟ ପଲାଉରୀ, ଧର୍ମାନନ୍ଦ ବିଶ୍ୱାଳ, ଅଜୟ କୁମାର ମହାପାତ୍ର, ସୁକାନ୍ତ କୁମାର ମହାପାତ୍ର, ରବୀନ୍ଦ୍ର କୁମାର ମଲ୍ଲିକ, ଅତୁଲ୍ୟ କୁମାର ବିଶ୍ୱାଳ, ରମେଶ କୁମାର ବିଶ୍ୱାଳ, ଆର୍ତ୍ତତ୍ରାଣ ଖଟେଇ ପ୍ରମୁଖ ଥିଲେ।

## ସୋମନାଥ ସରକାରୀ ଉଚ୍ଚ ବିଦ୍ୟାଳୟରେ ଚାରା ରୋପଣ




ଜଗତସିଂହପୁର,୨୦।୮ (ସମିସ): ଜଗତସିଂହପୁର ସଦର ବ୍ଲକ୍ ମଣ୍ଡାସାହି ପଞ୍ଚାୟତସ୍ଥିତ ସୋମନାଥ ସରକାରୀ ଉଚ୍ଚ ବିଦ୍ୟାଳୟ, ଜାହାନପୁର ପରିସରରେ ଓଡ଼ିଶା ପରିବେଶ ସମିତି, ଭୁବନେଶ୍ୱର ଓ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ପାରାଦ୍ୱୀପ ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ବିଭିନ୍ନ ଫଳ ଚାରା ରୋପଣ କରାଯାଇଛି। ସମିତିର ଆଜୀବନ ସଦସ୍ୟ ପରିବେଶବିତ୍ ଉତ୍କଳ ରଞ୍ଜନ ମହାନ୍ତିଙ୍କ ମାର୍ଗଦର୍ଶନରେ ମଣ୍ଡାସାହି ଷ୍ଟେଟ୍ ବ୍ୟାଙ୍କର ପରିଚାଳକ ପ୍ରଶାନ୍ତ କୁମାର ମୁଦୁଲି ଚାରାରୋପଣ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅତୁଲ ବିକ୍ରମ ପ୍ରଧାନ, ବିଦ୍ୟାଳୟର ପ୍ରଧାନଶିକ୍ଷକ ନିର୍ମଳ କୁମାର ଜେନା, ଶିକ୍ଷୟିତ୍ରୀ ମୌସୁମୀ ପଟ୍ଟନାୟକ, ଅଞ୍ଜଳି ନାଥ, ମିତାଲି ପ୍ରିୟଦର୍ଶିନୀ ବେହେରା, ସସ୍ମିତା ଦାସ, ପିଙ୍କି ମହାକୁଡ଼, ଶିକ୍ଷକ ସନ୍ତୋଷ କୁମାର ବେହେରା, ପ୍ରମୋଦ କୁମାର ସାହୁ, ବିଶ୍ୱନାଥ ପରିଡ଼ା ଏବଂ ବ୍ୟାଙ୍କ କର୍ମଚାରୀ ପ୍ରଶାନ୍ତ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। 'ମାଆ ପାଇଁ ଗଛଟିଏ' ଅଭିଯାନ ମାଧ୍ୟମରେ ପ୍ରତ୍ୟେକ ଛାତ୍ରଛାତ୍ରୀ ନିଜସ୍ୱ ବାଡ଼ିବଗିଚାରେ ବୃକ୍ଷଟିଏ ଲଗାଇ ତା'ର ଉପଯୁକ୍ତ ଯତ୍ନ ନେବାକୁ କାର୍ଯ୍ୟକ୍ରମରେ ପରାମର୍ଶ ଦିଆଯାଇଥିଲା।

## ସରୋଜିନୀ ମହାପାତ୍ରଙ୍କ ପରଲୋକ



ଜଗତସିଂହପୁର,୨୦।୮ (ସମିସ): ଜଗତସିଂହପୁର ସହରର ଚାଟରା ଗ୍ରାମର ଜମିଦାର ପରିବାରର ବୋହୂ ତଥା ଧର୍ମପରାୟଣ ମହିଳା ପ୍ରାକ୍ତନ ଜିଲ୍ଲା ବିଜେପି ସଭାପତି ସତ୍ୟବ୍ରତ ମହାପାତ୍ର(ଗୁଣ୍ଡା ବାବୁ)ଙ୍କ ମାତା ସରୋଜିନୀ ମହାପାତ୍ରଙ୍କ ୯୫ ବର୍ଷ ବୟସରେ ନିଜ ବାସଭବନରେ ପରଲୋକ ହୋଇଯାଇଛି। ସେ ଦୀର୍ଘ ଦିନ ହେବ ଅସୁସ୍ଥ ଥିଲେ। ମନ୍ତ୍ରୀ ସମ୍ପଦ ସ୍ୱାଇଁ, ବିଧାୟକ ଅମରେନ୍ଦ୍ର ଦାସ, ସାଂସଦ ଡ. ବିଭୁ ପ୍ରସାଦ ତରାଇ, ସତ୍ୟସାରଥି ମହାନ୍ତି, ରାଜକିଶୋର ବେହେରା, ନଟବର ବାରିକ, ପୌରାଧ୍ୟକ୍ଷା ଅର୍ଚ୍ଚନା ସିଂହ, ଉପାଧ୍ୟକ୍ଷ ରାଜେନ୍ଦ୍ର କୁମାର ବିଷୋୟୀ, ଜିଲ୍ଲା ବିଜେପି ସଭାପତି ପ୍ରତାପ କୁମାର ମିଶ୍ର, ମିଡିଆ ସେଲ୍ ଅଧ୍ୟକ୍ଷ ଗଣେଶ ପ୍ରସାଦ ମହାନ୍ତି, ପ୍ରମୁଖ ସରୋଜିନୀଙ୍କ ପରଲୋକରେ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ପାର୍ଥିବ ଶରୀରକୁ ଏକ ଶୋଭାଯାତ୍ରାରେ ସ୍ଥାନୀୟ ଶ୍ରୀମା ଶ୍ରୀ ଅରବିନ୍ଦ ଆଶ୍ରମ ନିକଟକୁ ନିଆଯାଇଥିଲା। ଶେଷ ଦର୍ଶନ ପରେ ଏକ ବିରାଟ ପଟୁଆର ସହ ସୋନନାଥ ହାଟ ନିକଟସ୍ଥ କଞ୍ଚ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଥିଲା।

## ମଙ୍ଗରାଜପୁରରୁ ୨ ସାପ ଉଦ୍ଧାର

ପାରାଦୀପ,୨୦।୮ (ସମିସ) : ପାରାଦୀପ ଉପକଣ୍ଠ କୁଜଙ୍ଗ ବ୍ଲକ୍ ମଙ୍ଗରାଜପୁର ଗ୍ରାମର ସାଇ ଅର୍ପିତା ପଣ୍ଡାଙ୍କ ବାସଭବନରୁ ଏକ ୫ ଫୁଟ ଲମ୍ବର ନାଗ ସାପକୁ ଉଦ୍ଧାର କରାଯାଇଛି। ସେହିପରି ଅନ୍ୟ ଏକ ସ୍ଥାନରୁ ଆଉ ଏକ ବିଷଧର ସାପ ଉଦ୍ଧାର ହୋଇଛି। ସାପଟି ଘର ଭିତରକୁ ପଶି ଯାଇଥିବା ସାଇ ଅର୍ପିତା ଦେଖି ଭୟରେ ସାଇ ପଡ଼ିଶା ଲୋକଙ୍କୁ ଡାକ ପକାଇ ଥିଲେ। ଲୋକେ ଏତେବଡ଼ ସାପକୁ ଦେଖି ତା' ଉପରେ ଜାଲ ପକାଇ ରଖିବା ପରେ କୁଜଙ୍ଗ ଅଞ୍ଚଳର ସାପ ଧରାଳି ପ୍ରଭାତ ବେହେରାଙ୍କୁ ଫୋନ୍ କରିଥିଲେ। ସେ ତୁରନ୍ତ ପହଞ୍ଚି ସାପକୁ ଉଦ୍ଧାର କରି ଜଙ୍ଗଲରେ ଛାଡ଼ି ଦେଇଥିଲେ। ପ୍ରଭାତ ଏବଂ ତାଙ୍କ ସହଯୋଗୀଙ୍କୁ ମଙ୍ଗରାଜପୁର ଗ୍ରାମବାସୀ ଓ ବୁଦ୍ଧିଜୀବୀ ପ୍ରଶଂସା କରିଛନ୍ତି।



# ନାବାଳିକାଙ୍କୁ ଧୋକା; ପୁଲିସ ବାବୁ ଗିରଫ



ଜଗତସିଂହପୁର,୨୦।୮ (ସମିସ): ଜଗତସିଂହପୁର ସଦର ଥାନା ଅଞ୍ଚଳର ଜଣେ ନାବାଳିକାକୁ ସାମାଜିକ ଗଣମାଧ୍ୟମ ଜରିଆରେ ପ୍ରେମ କରିବା ପରେ ବିବାହ କରି ଶାରୀରିକ ସମ୍ପର୍କ ସ୍ଥାପନ କଲେ। ପରେ ଧୋକା ଦେଇ ଖସିଯିବାକୁ ବସିଥିଲେ। ହେଲେ ତାଙ୍କର ଏହି କାରନାମା ମହଙ୍ଗା ପଡ଼ିଛି। ତାଙ୍କୁ ପୁଲିସ ଗିରଫ କରିଛି। ବାଲେଶ୍ୱର ଥାନା ବାଲିଆପାଳ ଥାନା ରଡେଇ ଗ୍ରାମର ପୁଲିସ ଏସ୍‌ଆଇ ଅମିତ ପାତ୍ରୀ ଜଗତସିଂହପୁର ସଦର ଥାନା ଅଞ୍ଚଳର ଜଣେ ନାବାଳିକାଙ୍କ ସହିତ ୨୦୨୩ ମସିହାରେ ସାମାଜିକ ଗଣମାଧ୍ୟମ ଜରିଆରେ ସମ୍ପର୍କ ସ୍ଥାପନ କରିଥିଲେ। ପରେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଅମିତଙ୍କ ଉପରେ ଭରସା କରି ନାବାଳିକା ଜଣକ ଘରଛାଡ଼ି ଅମିତଙ୍କ ପାଖକୁ ପଳାଇଥିଲେ। ପରେ ଉଭୟ ମନ୍ଦିରରେ ବିବାହବନ୍ଧ କରିଥିଲେ। ତେବେ ମାଟ୍ରିକ ପରୀକ୍ଷା ଥିବାରୁ ନାବାଳିକା ଜଣକ ଅମିତଙ୍କ ପରାମର୍ଶକ୍ରମେ ଘରକୁ ଫେରିଥିଲେ। ପରୀକ୍ଷା ସରିବା ପରେ ପୁନର୍ବାର ଘର ଲୋକଙ୍କୁ ନଜଣାଇ ଅମିତଙ୍କ ପାଖକୁ ଯାଇଥିଲେ ନାବାଳିକା। ଅମିତ ଚାକିରି କରିଥିବା ମୟୂରଭଞ୍ଜ ଏବଂ ରାୟଗଡ଼ା ଜିଲ୍ଲା ଗୁଣୁପୁରରେ ଉଭୟ କିଛି ଦିନ ରହିଥିଲେ। ପରେ ଅମିତ ନାବାଳିକାଙ୍କୁ ନିଜ ଘର ବାଲେଶ୍ୱର ନେଇ ପରିବାର ଲୋକଙ୍କ ଉପସ୍ଥିତିରେ ବୈଦିକ ରୀତିରେ ବିବାହ କରିଥିଲେ। ତେବେ କୌଣସି କାରଣରୁ ସମ୍ପର୍କରେ ଫାଟ ସୃଷ୍ଟି ହେବାରୁ ଉକ୍ତ ନାବାଳିକାଙ୍କୁ ଜଗତସିଂହପୁର ପଠାଇ ଦେଇଥିଲେ ଅମିତ। ଝିଅ ଠାରୁ ସମସ୍ତ ବିଷୟରେ ଅବଗତ ହେବାପରେ ଜଗତସିଂହପୁର ସଦର ଥାନାରେ ଅଭିଯୋଗ କରିଥିଲେ ପରିବାର ଲୋକେ। ଅଭିଯୁକ୍ତ ପୁରୀ ଜିଲ୍ଲାରେ କାର୍ଯ୍ୟରତ ଥିବାରୁ ସେଠାରେ ତାଙ୍କୁ ନିଲମ୍ବିତ କରାଯାଇଥିଲା। ସେ ଜଣେ ପୁଲିସ ଅଧିକାରୀ ହୋଇଥିବାରୁ ପୁଲିସ କାର୍ଯ୍ୟାନୁଷ୍ଠାନ ହେଉନଥିବା ଅଭିଯୋଗ ଉଠାଇଥିଲେ ପୀଡ଼ିତାଙ୍କ ମା'। ତେବେ ଏସ୍‌ପି ଭବାନୀ ଶଙ୍କର ଉଦ୍‌ଗାତାଙ୍କ ନିର୍ଦ୍ଦେଶକ୍ରମେ ଗଠିତ ସ୍ପେଶାଲ ସ୍କ୍ୱାର୍ଡ ଗତକାଲି ବିଶାଖାପାଟଣାରୁ ଅଭିଯୁକ୍ତ ଅମିତ ପାତ୍ରୀଙ୍କୁ ଗିରଫ କରିବାରେ ସଫଳ ହୋଇଥିଲା। ଅମିତ ବାରମ୍ବାର ସ୍ଥାନ ପରିବର୍ତ୍ତନ କରୁଥିବାରୁ ଗିରଫରେ ବିଳମ୍ବ ହେଲା ବୋଲି ଏସ୍‌ପି କହିଛନ୍ତି। ଆଜି ଡାକ୍ତରୀ ପରୀକ୍ଷା ପରେ ଅମିତଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ମୃତ ଦେହ ରଖି ରାସ୍ତା ଅବରୋଧ, ୨୪ଜଣଙ୍କ ନାମରେ ମାମଲା ରୁଜୁ

କୁଜଙ୍ଗ,୨୦।୮ (ସମିସ): ଗତ ୧୮ ତାରିଖ ରେ କୁଜଙ୍ଗ ବଳରାମପୁର ଗ୍ରାମ ଯୁବକ ଗୁଗୁଲ କୁମାର ଦାସ ଦୁର୍ଘଟଣାରେ ଆହତ ହୋଇ ଚିକିତ୍ସାଧୀନ ଅବସ୍ଥାରେ ପ୍ରାଣ ହରାଇଛନ୍ତି। ତାଙ୍କ ଶବକୁ କଟକ ପାରାଦୀପ ରାଜ୍ୟ ରାଜପଥ ୧୨ ରେ ରଖି ସ୍ଥାନୀୟ ବଳରାମପୁର ଓ ଆଖ ପାଖ ଗ୍ରାମର ଯୁବକ କ୍ଷତି ପୂରଣ ଦାବି କରି ରାସ୍ତା ରୋକ କରିଥିଲେ। ରାସ୍ତା ରୋକ ଖବର ପାଇ କୁଜଙ୍ଗ ଥାନା ସବ୍ ଇନିସପେକ୍ଟର୍ ରଶ୍ମୀ ରଞ୍ଜନ ସାହୁ ଅନ୍ୟ ୧୫ଜଣ ସହଯୋଗୀଙ୍କ ସହ ଘଟଣାସ୍ଥଳରେ ପହଞ୍ଚି ଥିଲେ। ମାତ୍ର ଲୋକେ ସେମାନଙ୍କ ଜିଦ୍‌ରେ ଅଟଳ ରହିଥିଲେ। ଫଳରେ ୬ଘଣ୍ଟା ଧରି ରାସ୍ତା ବନ୍ଦ ରହିଥିଲା। ଏଥିଯୋଗୁଁ ସାଧାରଣ ଲୋକେ ନାନା ସମସ୍ୟା ଭୋଗିଥିଲେ।

## ଭାଜପାର ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ଗଣ୍ଡଗୋଳ, ଥାନାରେ ପୃଥକ୍ ଏତଲା

ରଘୁନାଥପୁର,୨୦।୮ (ସମିସ): ରଘୁନାଥପୁର ଥାନା ତାରପୁର ବାଇପାସ ଠାରେ ଭାଜପାର ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ମାରପିଟ ହୋଇ ଥାନାରେ ୨ଟି ପୃଥକ ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ କି ବୁଧବାର କିଶନନଗର ଥାନା ମଣିଜଙ୍ଗ ପଞ୍ଚାୟତରେ କଟକ ସଦର ବିଧାୟକ ପ୍ରକାଶ ସେଠୀଙ୍କ ଏକ ଜନଶୁଣାଣି କାର୍ଯ୍ୟକ୍ରମ ଥିଲା। ଏଥିରେ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଉକ୍ତ ପଞ୍ଚାୟତର ଭାଜପା କର୍ମୀ ଧାରିବିଲି ଗ୍ରାମର ପ୍ରିୟବ୍ରତ ମହାନ୍ତି ଓ ମଣିଜଙ୍ଗ ବଙ୍ଗାଳିପାଟଣାର ଶରତ କୁମାର ବେହେରା ବିଧାୟକ ଓ ଅଧିକାରୀଙ୍କ ପାଇଁ ତାରପୁର ବାଇପାସକୁ ଖାଦ୍ୟ ନେବାକୁ ଆସିଥିଲେ। ଏହି ସମୟରେ ପୂର୍ବରୁ ଛକି ରହିଥିବା କିଶନନଗର ଥାନା ସାହାସପୁର ଗ୍ରାମର ଅକ୍ଷୟ କୁମାର ପରିଡ଼ା, ମଣିଜଙ୍ଗର ଭାନୁପ୍ରକାଶ ସାହୁ ଓ ଦଳିତହୁଡ଼ାର ବିନୋଦ କୁମାର ବେହେରା ଉଭୟ ପ୍ରିୟବ୍ରତ ଓ ଶରତଙ୍କୁ ଗାଳି ଗୁଲଜ କରି ମାଡ଼ ମାରି ଆହତ କରିଥିବା ସମ୍ପର୍କରେ ଥାନାରେ ଅଭିଯୋଗ ହୋଇଛି। ସେହିପରି ବିନୋଦଙ୍କ ପକ୍ଷରୁ ମଧ୍ୟ ଥାନାରେ ପାଲଟା ଅଭିଯୋଗ କରାଯାଇଛି। ପ୍ରିୟବ୍ରତ ଓ ଶରତ ଉଭୟତାଙ୍କୁ ତାରପୁର ବାଇପାସ ଠାରେ ଅଟକାଇ ଜାତିଆଣ ମନ୍ତବ୍ୟ ଦେଇ ଗାଳି ଗୁଲଜ କରିବା ସହ ତାଙ୍କୁ ମାଡ଼ ମାରି ଆହତ କରିଥିବାର ବିନୋଦ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତାଙ୍କୁ ମାଡ଼ ମାରିବା ସମୟରେ ସେ ଅଚେତ ହୋଇପଡ଼ିଥିବା ଏବଂ ଦୁଇଜଣଙ୍କ ସହାୟତାରେ ସେ ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସିତ ହେବାକୁ ଆସିଥିବାର ବିନୋଦ ଅଭିଯୋଗରେ ଦର୍ଶାଇଛନ୍ତି। ତେବେ ଏ ସମ୍ପର୍କରେ ଦୁଇଟି ଏତଲା ହୋଇଥିବା ଏବଂ ଘଟଣାର ତଦନ୍ତ ଜାରି ରହିଥିବାର ଆଇଆଇସି ସୁଶାନ୍ତ କୁମାର ସେଠୀ ପ୍ରକାଶ କରିଛନ୍ତି।

## ଶିକ୍ଷୟିତ୍ରୀଙ୍କୁ ରାଜୀବ ଗାନ୍ଧୀ ସେବାସମ୍ମାନ



ପାରାଦୀପ,୨୦।୮ (ସମିସ) : ଆଜି ଭୁବନେଶ୍ୱରସ୍ଥିତ ଜୟଦେବଭବନ ଠାରେ ୨୦୨୫ ମସିହାର ରାଜ୍ୟସ୍ତରୀୟ ରାଜୀବ ଗାନ୍ଧୀ ସେବାସମ୍ମାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ରାଜୀବଗାନ୍ଧୀ ଷ୍ଟୁଡେଣ୍ଟସ ଫୋରମର ସଭାପତି ସତ୍ୟବ୍ରତ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ଓଡ଼ିଶା କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ କଂଗ୍ରେସ ନେତା ନିରଞ୍ଜନ ପଟ୍ଟନାୟକ୍ ସୁର ରାଉତରାୟ, ରାମଚନ୍ଦ୍ର ଖୁଣ୍ଟିଆ ପର୍ଯ୍ୟବେକ୍ଷକର ମୁଖ୍ୟ ସମ୍ପାଦକ ପବିତ୍ର ମୋହନ ସାମନ୍ତରାୟ ଭାରତୀୟ ବାୟୁ ସେନାର ଅବସର ପ୍ରାପ୍ତ ମାର୍ଶାଲ ମହାରାଜା ମହନ୍ତ ପ୍ରମୁଖ-ଅତିଥି ଭାବରେ ଯୋଗ ଦେଇ ଉତ୍ସବର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା କୃତିତ୍ୱ ଅର୍ଜନ କରିଥିବା ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ଓଡ଼ିଶା ରାଜ୍ୟ ଭାରତ ସ୍କାଉଟସ ଏବଂ ଗାଇଡ଼ସର ମୁଖ୍ୟ କମିସନର ଡ.କାଳି ପ୍ରସାଦ ମିଶ୍ର ଏବଂ ମୁଖ୍ୟ ପ୍ରଶାସନିକ ଅଧିକାରୀ ଅନାମିକା ଦାସଙ୍କ ମଞ୍ଜୁରକ୍ରମେ ପିପିଏଲ ପାରାଦ୍ୱୀପ ଡିଏଭି ସ୍କୁଲର ଶିକ୍ଷୟିତ୍ରୀ ତଥା ହିମାଳୟନ ଉଡ୍ ବ୍ୟାଚ ଫ୍ଲକ୍ ଲିଡର ପ୍ରଣତି ଜେନାଙ୍କୁ ସମ୍ମାନିତ କରାଯାଇଥିଲା। ବିଦ୍ୟାଳୟର ଅଧ୍ୟକ୍ଷ ସଂଜୀବ କୁମାର ସାହୁ, ଜଗତସିଂହପୁର ଜିଲ୍ଲା ଶିକ୍ଷାଧିକାରୀଙ୍କ ସହିତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ନୟାଗଡ଼ ଜିଲ୍ଲା କବ ବୁଲବୁଲ ସଂଯୋଜକ ତଥା ପୂର୍ବତନ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ରବୀନ୍ଦ୍ର କୁମାର ନାୟକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

## ପାରାଦୀପ କଲେଜ ଇତିହାସ ବିଭାଗର ସ୍ୱାଗତ ଉତ୍ସବ



ପାରାଦୀପ,୨୦।୮ (ସମିସ): ପାରାଦୀପ ମହାବିଦ୍ୟାଳୟ ଇତିହାସ ବିଭାଗ ପକ୍ଷରୁ ନୂତନ ଛାତ୍ରଛାତ୍ରୀଙ୍କ ପାଇଁ ବୁଧବାର ସ୍ୱାଗତ ପର୍ବ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ.ସସ୍ମିତା ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ତମ ଚରିତ୍ର ଗଠନ, ମୂଲ୍ୟବୋଧ ତଥା କର୍ତ୍ତବ୍ୟ ପରାୟଣ ଉପରେ ଗୁରୁତ୍ୱ ଦେବାପାଇଁ କହିଥିଲେ। ବିଭାଗୀୟ ମୁଖ୍ୟ ଲେଫ୍ଟନାଣ୍ଟ କମାଣ୍ଡର ଅକ୍ଷୟ ଚନ୍ଦ୍ର ମିଶ୍ର ସଭା କାର୍ଯ୍ୟକୁ ପରିଚାଳନା କରିଥିଲେ। ବିଭାଗର ଅଧ୍ୟାପକ ସନ୍ତୋଷ କୁମାର ମିଶ୍ର, ପ୍ରତୀକ କୁମାର ପଣ୍ଡା, ଅଧ୍ୟାପିକା ସଂଘମିତ୍ରା ପ୍ରଧାନ ପ୍ରମୁଖ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ପ୍ରକାରର ପ୍ରତିଯୋଗିତା ତଥା ସଙ୍ଗୀତ କାର୍ଯ୍ୟକ୍ରମ କରାଯାଇଥିଲା।

## ଯୁବ ସାମାଜିକ କର୍ମୀ ସମ୍ବର୍ଦ୍ଧିତ




ଜଗତସିଂହପୁର/ଏରସମା,୨୦।୮ (ସମିସ): ଭାରତରତ୍ନ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବଗାନ୍ଧୀଙ୍କ ୮୧ତମ ଜନ୍ମବାର୍ଷିକ ପାଳନ ଉପଲକ୍ଷେ ଓଡ଼ିଶା ରାଜୀବ ଗାନ୍ଧୀ ଛାତ୍ର ଫୋରମ୍ ଓ ଷ୍ଟଡି ସର୍କଲ ଦ୍ୱାରା ସେବା କ୍ଷେତ୍ରରେ ଅନେକ ବିଭାଗରେ କାର୍ଯ୍ୟରତ ବ୍ୟକ୍ତିତ୍ୱଙ୍କୁ ସମ୍ମାନିତ କରାଯାଇଛି। ତନ୍ମଧ୍ୟରୁ ଜଗତସିଂହପୁର ଜିଲ୍ଲା ଅଧୀନ ଗୋଡ଼ା ଗ୍ରାମପଞ୍ଚାୟତର କୁଅଁରବେଦୀ ଗ୍ରାମର ସଂଜୟ କୁମାର ପ୍ରଧାନଙ୍କୁ ରେଡକ୍ରସ୍ ଓଡ଼ିଶାର ଜଣେ ସଫଳ କାଉନସିଲର ତଥା ସେବା କ୍ଷେତ୍ରରେ ପାରଦର୍ଶିତା ନିମନ୍ତେ ଭୁବନେଶ୍ୱର ଜୟଦେବ ଭବନରେ ଆୟୋଜିତ ସଭାରେ ସମ୍ବର୍ଦ୍ଧିତ କରାଯାଇଛି। ସେ ଏହି ପୁରସ୍କାର ଓ ମାନପତ୍ର ଓଡ଼ିଶା ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସଙ୍କ ଠାରୁ ଗ୍ରହଣ କରିଛନ୍ତି।

## କୋଠିରେ ସଂସ୍କୃତ ସପ୍ତାହ ପାଳିତ

କୁଜଙ୍ଗ,୨୦।୮ (ସମିସ): କୁଜଙ୍ଗ ବ୍ଲକ୍ କୋଠିସ୍ଥିତ ରଘୁନାଥ ସରକାରୀ ଉଚ୍ଚ ବିଦ୍ୟାଳୟରେ ସଂସ୍କୃତ ସପ୍ତାହ ପାଳିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସଞ୍ଜୟ ପରିଡ଼ାଙ୍କ ସଭାପତିତ୍ୱରେ ସମ୍ମାନିତ ଅତିଥି ରୂପେ ପରିଚାଳନା କମିଟି ସଭାପତି ଅରକ୍ଷିତ ଦାସ ଯୋଗଦେଇଥିଲେ। ଏହି ଅବସରରେ ଭାରତ ତା'ର ସଂସ୍କୃତି ଓ ସଂସ୍କୃତ ପାଇଁ ବିଶ୍ୱ ବିଦିତ ବୋଲି କହିବା ସହ କଣାଦ, ପାଣିନୀ, ଭର୍ତ୍ତୃହରି, ଆର୍ଯ୍ୟଭଟ୍ଟ, କାଳିଦାସଙ୍କ ପରି ଯୋଗଜନ୍ମମାନେ ବିଶ୍ୱକୁ ସାହିତ୍ୟ ଧର୍ମ ଦର୍ଶନ ବିଜ୍ଞାନ ଆଦି ଆଦି ଭାଷା ସଂସ୍କୃତରେ ଦେଉଥିଲେ। ଯାହା ଆଜି ସାରା ବିଶ୍ୱ ପାଇଁ ଗବେଷଣା ବିଷୟ ପାଲଟିଛି। ତେଣୁ ସଂସ୍କୃତ ଦିବସରେ ମୃତବତ୍ ଏହି ଭାଷା କେବଳ କିଛି ନମ୍ବର ପାଇଁ ତୃତୀୟ ଭାଷା ରୂପେ ନ ପଢ଼ି ଏହାର ସୁରକ୍ଷା ଓ ସମୃଦ୍ଧି ପାଇଁ ସଭିଙ୍କ ଗୁରୁ ଦାୟିତ୍ୱ ଅଛି ବୋଲି କହିଥିଲେ।

ସଂସ୍କୃତ ଶିକ୍ଷକ ବିକାଶ ଦାସ ସଭା ସଭାପରିଚାଳନା କରିଥିବା ବେଳେ ରମାକାନ୍ତ ନାୟକ, ଅଶୋକ ମଲ୍ଲିକ, ଆଲୋକ କୁମାର, ରାମଚନ୍ଦ୍ର ରାଇତା, ରୋଜିନା ଘଡ଼ାଇ, କଲ୍ୟାଣୀ ବେହେରା, ଶୁଭଶ୍ରୀ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସର ରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।






## ଆଥ୍‌ଲେଟିକରେ ଦିବ୍ୟାଙ୍ଗ ପାଇଲେ ସ୍ୱର୍ଣ୍ଣ ପଦକ

ପାରାଦୀପ/କୁଜଙ୍ଗ,୨୦।୮ (ସମିସ): ଓଡ଼ିଶା ରାଜ୍ୟ କନିଷ୍ଠ ଓ ଉପ କନିଷ୍ଠ ଆଥ୍‌ଲେଟିକ୍ ପ୍ରତିଯୋଗିତା ୨୦୨୫-୨୬ ରେ ସତ୍ୟଶିବ ପରିଡ଼ାଙ୍କୁ ଗୋଟିଏ ସ୍ୱର୍ଣ୍ଣ ସହ ଗୋଟିଏ କାଂସ୍ୟ ପଦକ ମିଳିଛି। ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ରେ ଆୟୋଜିତ ରାଜ୍ୟସ୍ତରୀୟ କନିଷ୍ଠ ଓ ଉପ କନିଷ୍ଠ ପାରା ଆଥଲେଟିକ୍ ପ୍ରତିଯୋଗିତାରେ ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ୍ ବିଶ୍ୱାଳି ଗ୍ରାମର ଟୁକୁନା ପରିଡ଼ାଙ୍କ ପୁଅ ସତ୍ୟଶିବ ପରିଡ଼ାଙ୍କୁ ଏଫ୍ ୫୫ କେଜି କାଟାଗୋରୀ ଜାଭେଲିନ୍ ଥ୍ରୋରେ ସ୍ୱର୍ଣ୍ଣ ପଦକ ମିଳିଛି। ସେହିପରି ସଟ୍‌ପୁଟ ଥ୍ରୋ ରେ କାଂସ୍ୟ ପଦକ ହାସଲ କରିଛନ୍ତି। ଏହି ଆଥଲେଟିକ୍‌ରେ ୨୯ ଟି ଜିଲ୍ଲାର ଦିବ୍ୟାଙ୍ଗ ଖେଳାଳି ଭାଗ ନେଇଥିଲେ। ସେଥିମଧ୍ୟରୁ ସତ୍ୟଶିବଙ୍କ ଏହି କୃତିତ୍ୱ ଜଗତସିଂହପୁର ଜିଲ୍ଲାର ଗୌରବ ବୃଦ୍ଧି କରିଛି। ନିଜର ପାଠପଢ଼ା ଚାଲୁଥିବା ସମୟରେ ଏକ ଦୁର୍ଘଟଣାରେ ତାଙ୍କ ମେରୁଦଣ୍ଡ ଆଘାତ ପରେ ଦିବ୍ୟାଙ୍ଗ ହୋଇଯାଇଛନ୍ତି। କିନ୍ତୁ ମାନସିକ ସ୍ତରରେ ସମ୍ପୂର୍ଣ୍ଣ ଭଲ ଥିବା ସେ କହିଛନ୍ତି। ଚଳିତ ମାସ ଗ୍ୱାଲିୟର, ମଧ୍ୟ ପ୍ରଦେଶରେ ହେବାକୁ ଥିବା ଜାତୀୟ କନିଷ୍ଠ ଓ ଉପ କନିଷ୍ଠ ପାରା ଆଥଲେଟିକ୍‌ରେ ସାମିଲ ହେବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଜିଲ୍ଲାପାଳଙ୍କ ସହାୟତା ମିଳିଲେ ସେ ଜାତୀୟସ୍ତରରେ ନିଜର ନାଁ ରଖିବା ସହ ଓଡ଼ିଶା ପାଇଁ ଗୌରବ ଆଣିପାରିବେ ବୋଲି ଆଶା ରଖିଛନ୍ତି। ଏହି ସଫଳତା ପାଇଁ ସମାଜସେବୀ ରାଜକିଶୋର ପତି, ସରପଞ୍ଚ ମନରୋମା ମଲ୍ଲ, ସମିତି ସଭ୍ୟା ସତ୍ୟଭାମା ସାମଲ, ସାମ୍ବାଦିକ ସତ୍ୟଶିବ ପରିଡ଼ା ଓ ସମାଜସେବୀ ରମେଶ ସାମଲ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

## ଔପନ୍ୟାସିକ ଗୋପୀନାଥ ମହାନ୍ତିଙ୍କ ଶ୍ରାଦ୍ଧୋତ୍ସବ

ଜଗତସିଂହପୁର,୨୦।୮ (ସମିସ): ଜଗତସିଂହପୁର ସାରସ୍ୱତ ପରିଷଦ ପକ୍ଷରୁ କାଳଜୟୀ ଔପନ୍ୟାସିକ ଗୋପୀନାଥ ମହାନ୍ତିଙ୍କ ୩୪ତମ ଶ୍ରାଦ୍ଧବାର୍ଷିକୀ ତିର୍ତ୍ତୋଲ ବ୍ଲକ୍ ମୁଳିସିଂହଠାରେ ଥିବା ସେଣ୍ଟ ଜାଭିୟର୍ସ ପବ୍ଲିକ୍ ସ୍କୁଲ ପରିସରରେ ପାଳିତ ହୋଇଯାଇଛି। ଏହି ସଭାରେ ପରିଷଦର ସଭାପତି ସ୍ତମ୍ଭକାର ହିମାଂଶୁ ଆଚାର୍ଯ୍ୟ ଅଧ୍ୟକ୍ଷତା କରି ସ୍ୱର୍ଗତ ଗୋପୀନାଥ ମହାନ୍ତି ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ ବୋଲି କହିଥିଲେ। ସଭାରେ ଅଧ୍ୟାପକ ରାକେଶ ସେଠୀ, ଅଭିଭାବକ ଅଭୟ ସ୍ୱାଇଁ, ଅନୁଷ୍ଠାନର ନିର୍ଦ୍ଦେଶକ ବିକ୍ରମ କୁମାର ଜେନା ପ୍ରମୁଖ ଯୋଗଦେଇ ଗୋପୀନାଥ ମହାନ୍ତି ୨୪ଟି ଉପନ୍ୟାସ, ୧୧ଟି କ୍ଷୁଦ୍ରଗଳ୍ପ, ୩ଟି ନାଟକ ଓ ୨ଟି ଆତ୍ମଜୀବନୀ ରଚନା କରି ଓଡ଼ିଶାର ବାଣୀ ଭଣ୍ଡାରକୁ ଋଦ୍ଧିମନ୍ତ କରିଯାଇଛନ୍ତି ବୋଲି କହିଥିଲେ। ଅନୁଷ୍ଠାନ ଅଧ୍ୟକ୍ଷା ଜ୍ୟୋତିର୍ମୟୀ ମହାରଣା, ବରିଷ୍ଠ ଶିକ୍ଷକ ପ୍ରଭାତ ଗୁଇଁ, ଶିକ୍ଷୟିତ୍ରୀ ସୁଦେଷ୍ଣା ଦାସ, ମୋନାଲିସା ଭଟ୍ଟ, ପ୍ରିୟଙ୍କା ମଣ୍ଡଳ, ସୋନାଲି ମହାରଣା ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇ ଥିଲେ। ଶିକ୍ଷୟିତ୍ରୀ ପ୍ରିୟଙ୍କା ସେଠୀ ଧନ୍ୟବାଦ ଦେଇଥିଲେ।








# ୬ ହଜାର ଛାତ୍ରଛାତ୍ରୀଙ୍କ ଭିସା ରଦ୍ଦ କଲା ଆମେରିକା

## ଅପରାଧ ଓ ଆତଙ୍କବାଦରେ ସାମିଲ ଥିଲେ ୪୦୦୦

ୱାସିଂଟନ, ୨୦।୮ (ଏଜେନ୍ସି): ଆମେରିକା ୬, ୦୦୦ ଛାତ୍ରଛାତ୍ରୀଙ୍କ ଭିସା ରଦ୍ଦ କରିଦେଇଛି। ଏମାନେ କିଛି ନା କିଛି ଅପରାଧ କରିଛନ୍ତି କିମ୍ବା ଆଇନ୍‌ର ଉଲ୍ଲଂଘନ କରିଛନ୍ତି। ଆଉ କେତେଜଣଙ୍କ ଭିସା ଅବଧି ଶେଷ ହୋଇଥିଲେ ମଧ୍ୟ ସେମାନେ ଆମେରିକାରେ ରହୁଥିଲେ। ଅନ୍ୟ କିଛି ଛାତ୍ରଛାତ୍ରୀ ଗମ୍ଭୀର ଅପରାଧରେ ସାମିଲ ରହିଥିଲେ। ରଦ୍ଦ ହୋଇଥିବା ୬୦୦୦ ଭିସାରୁ ୪୦୦୦ ଭିସା ଧାରକ ଅପରାଧରେ ସାମିଲ ଥିଲେ। ଏମାନେ ମାରପିଟ୍, ଚୋରି ଓ ନିଶା ସେବନ କରି ଗାଡି ଚାଳାଉଥିବା ଅଭିଯୋଗ ଲାଗିଛି। କେତେକ ଛାତ୍ରଛାତ୍ରୀ ଆତଙ୍କବାଦରେ ମଧ୍ୟ ସାମିଲ ରହିଥିଲେ ବୋଲି ଆମେରିକା ବିଦେଶ ମନ୍ତ୍ରଣାଳୟ ସୂଚନା ଦେଇଛି। ୨୦୨୩-୨୪ରେ ଆମେରିକାର ବିଭିନ୍ନ କଲେଜରେ ୧୧ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। କେତେକ ଛାତ୍ରଛାତ୍ରୀ ଶିକ୍ଷାଭିତ୍ତିକ ଭିସାର ବେଆଇନ୍ ବ୍ୟବହାର କରୁଥିବା ସରକାରଙ୍କ ପକ୍ଷରୁ କୁହାଯାଇଛି। ଖାସ୍ ଏଥିପାଇଁ ଭିସା ନିୟମକୁ ଯାଞ୍ଚ୍ ଓ କଡ଼ା କରିବାକୁ ନିଷ୍ପତ୍ତି ନିଆଯାଇଛି ।

ଆମେରିକାର ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୨୯ ପ୍ରତିଶତ ଭାରତୀୟ। ଆମେରିକାରେ ମୋଟ୍ ୧୧.୨୬ ଲକ୍ଷ ବିଦେଶୀ ଛାତ୍ରଛାତ୍ରୀ ରହିଥିବା ବେଳେ ଏମାନଙ୍କ ମଧ୍ୟରୁ ୩.୩୧ ଲକ୍ଷ ଛାତ୍ରଛାତ୍ରୀ ଭରାତୀୟ ଅଛନ୍ତି। ୨୦୦ରୁ ୩୦୦ ଭିସା ଧାରକ ଛାତ୍ରଛାତ୍ରୀ ଆତଙ୍କବାଦ ସହ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ଜଡିତ ରହିଛନ୍ତି। ଏହି ଭିସାଗୁଡିକୁ ପ୍ରବାସନ ଓ ଜାତୀୟତା ଆକ୍ଟର ଧାରା ଅନୁସାରେ ରଦ୍ଦ କରାଯାଇଛି। ତେବେ ଏହି ମାମଲାରେ ସବିଶେଷ ତଥ୍ୟ ସାର୍ବଜନୀନ କରାଯାଇ ନାହିଁ। ଏହି ଛାତ୍ରଛାତ୍ରୀମାନେ ଆମେରିକା ଆଇନକୁ ଉଲ୍ଲଂଘନ କରିବା ସହ କଲେଜ କ୍ୟାମ୍ପସ ଓ ନାଗରିକଙ୍କ ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରିଥିଲେ। ଏହି କାରଣରୁ ଆମେରିକା ବିଦେଶୀ ଛାତ୍ରଛାତ୍ରୀଙ୍କ ଭିସା ପ୍ରକ୍ରିୟାକୁ ଦିନକୁ ଦିନ କଡ଼ା କରିବାରେ ଲାଗିଛି। ଆମେରିକାର ସେପ୍ଟେମ୍ବର ୨ରୁ ଇଣ୍ଟରଭ୍ୟୁ ୱେଭର ପ୍ରୋଗ୍ରାମ୍ (ଆଇଡବ୍ଲ୍ୟୁପି)କୁ ବନ୍ଦ କରିବାକୁ ଘୋଷଣା କରିଛି। ଏବେ ଏଚ୍-୧ବି, ଏଲ୍୧ ଓ ଏଫ୍୧ ଭଳି ଅଣ ପ୍ରବାସୀ ଭିସା ପାଇଁ ଆମେରିକା ଦୂତାବାସକୁ ଯାଇ ସାକ୍ଷାତକାର ଦେବାକୁ ହେବ।

# ଗାଜା ସିଟି ଅକ୍ତିଆର କରିବ ଇସ୍ରାଏଲ



ତେଲ ଅଭିଭ୍, ୨୦।୮ (ଏଜେନ୍ସି): ଗାଜା ସିଟିକୁ ଅକ୍ତିଆର ଯୋଜନାକୁ ଇସ୍ରାଏଲ ପ୍ରତିରକ୍ଷା ମନ୍ତ୍ରୀ ଇସ୍ରାଏଲ୍ କାଜ ମଞ୍ଜୁରି ଦେଇଛନ୍ତି। ସେ ୬୦ ହଜାର ଅତିରିକ୍ତ ସୈନିକ ତଥା ରିଜର୍ଭ ଫୋର୍ସ ନିୟୋଜିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଇସ୍ରାଏଲ ପ୍ରତିରକ୍ଷା ମନ୍ତ୍ରଣାଳୟ ତରଫରୁ ବୁଧବାର ଏ ନେଇ ସୂଚନା ଦିଆଯାଇଛି। ହମାସ ଉପରେ ଚାପ ପ୍ରୟୋଗ କରିବାକୁ ଇସ୍ରାଏଲ ଏହି ନିଷ୍ପତ୍ତି ନେଇଛି। ଗାଜା ସିଟିକୁ ଅକ୍ତିଆର କରିବା ପାଇଁ ଇସ୍ରାଏଲ ମୋଟ ଉପରେ ଏକ ଲକ୍ଷ ୩୦ ହଜାର ସୈନିକଙ୍କୁ ନିୟୋଜିତ କରିବାକୁ ନିଷ୍ପତ୍ତି ନେଇଛି। ଡ୍ୟୁଟିରେ ଯୋଗ ଦେବାପାଇଁ ଅତିକମ୍‌ରେ ଦୁଇ ସପ୍ତାହ ପୂର୍ବରୁ ସୈନିକମାନଙ୍କୁ ନୋଟିସ ଦିଆଯିବ ବୋଲି କୁହାଯାଇଛି। ସେପ୍ଟେମ୍ବର ୨ରେ ପ୍ରଥମ ପର୍ଯ୍ୟାୟରେ ୪୦ରୁ ୫୦ ହଜାର ସୈନିକଙ୍କୁ ଡକାଯିବ। ଏହାପରେ ନଭେମ୍ବର- ଡିସେମ୍ବରରେ ଦ୍ୱିତୀୟ ପର୍ଯ୍ୟାୟରେ ଓ ଫେବୃଆରୀ-ମାର୍ଚ୍ଚରେ ତୃତୀୟ ପର୍ଯ୍ୟାୟରେ ସୈନିକମାନଙ୍କୁ ଡକାଯିବ ବୋଲି କୁହାଯାଇଛି। ଗାଜା ସିଟି ଅକ୍ତିଆର ପ୍ରକ୍ରିୟାକୁ 'ଜିଡେଓନ୍ସ ଚାରଅଟ୍ସ' ନାମ ଦିଆଯାଇଛି। ଏହି ଅବସରରେ ପ୍ରଥମରୁ ସେଠାରେ ନିୟୋଜିତ ଥିବା ହଜାର ହଜାର ସୈନିକଙ୍କ ଡ୍ୟୁଟିକୁ ୩୦-୪୦ ଦିନ ଆହୁରି ବଢ଼ାଇ ଦିଆଯିବ। ଏହି ସମ୍ପୂର୍ଣ୍ଣ ପ୍ରକ୍ରିୟାରେ ମୋଟ ଉପରେ ସେନାର ୫ଟି ଡିଭିଜନ ସାମିଲ ହେବ। ଉଲ୍ଲେଖଥାଉ କି, ଗାଜାର ୭୫ ପ୍ରତିଶତ ଅଞ୍ଚଳ ଏବେ ଇସ୍ରାଏଲ ନିୟନ୍ତ୍ରଣରେ ରହିଛି। ଏଥିରେ ୧୨ ବ୍ରିଗେଡ୍ ସ୍ତରର ଦଳ ସାମିଲ ରହିବ। ଏଥିରେ ପଦାତିକ ସୈନିକ, ଟ୍ୟାଙ୍କ, ତୋପ, ଇଞ୍ଜିନିୟରିଂ ଓ ସପୋର୍ଟ ୟୁନିଟ୍ ସାମିଲ ରହିବ। ଏହାକୁ ବାଦ୍ ଦେଲେ ଗାଜା ଡିଭିଜନର ଉତ୍ତର ଓ ଦକ୍ଷିଣ ବ୍ରିଗେଡ୍ ମଧ୍ୟ ଅଂଶଗ୍ରହଣ କରିବେ। ଗାଜାର ୭୫ ପ୍ରତିଶତ ଅଞ୍ଚଳ ଏବେ ଇସ୍ରାଏଲ ନିୟନ୍ତ୍ରଣରେ ରହିଛି।

■ ଏନ୍‌ଏଚଏଆଇକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

## ଖରାପ ରାସ୍ତାରୁ ଟୋଲ୍ ଆଦାୟ ହେବନି

ନୂଆଦିଲ୍ଲୀ, ୨୦।୮ (ଏଜେନ୍ସି): ନ୍ୟାସନାଲ ହାଇୱେ ଅଥରିଟି ଅଫ ଇଣ୍ଡିଆ (ଏନଏଚଆଇ)କୁ ସୁପ୍ରିମକୋର୍ଟ ତୀବ୍ର ଭର୍ତ୍ସନା କରିଛନ୍ତି। ରାସ୍ତା ଖରାପ ଥିଲେ ଏବଂ ତା' ଉପରେ ଖାଲଖମା ପରିପୂର୍ଣ୍ଣ ଥିଲେ ନାଗରିକଙ୍କୁ ଟୋଲ୍ ଟ୍ୟାକ୍ସ ଦେବାକୁ ବାଧ କରାଯାଇପାରିବ ନାହିଁ। ଏହା ଲୋକଙ୍କ ପର୍ସ ଏବଂ ଧୈର୍ଯ୍ୟ ଉପରେ ବୋଝ ପାଲଟି ଯାଉଛି। ପୂର୍ବରୁ ଲୋକେ ଗାଡ଼ି ଟ୍ୟାକ୍ସ ମଧ୍ୟ ଦେଇଛନ୍ତି। ଏଭଳି ରାସ୍ତା ପାଇଁ ଲୋକଙ୍କୁ ଦଣ୍ଡ ଭୋଗିବାକୁ ପଡୁଛି। ଏହା ପରିବେଶ ପାଇଁ ମଧ୍ୟ ବିପଜ୍ଜନକ। କାରଣ ଅଧିକ ଇନ୍ଧନ ଅପଚୟ ହେଉଛି ବୋଲି ପ୍ରଧାନ ବିଚାରପତି ବିଆର ଗଭାଇଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ କହିଛନ୍ତି। ଏଥିସହିତ କେରଳ ଥ୍ରିସୁର ଜିଲ୍ଲାର ଏନ୍‌ଏଚ୍-୫୪୪ରେ ଟୋଲ ଆଦାୟ ନ କରିବା ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ ବିରୋଧରେ ଏନ୍‌ଏଚ୍‌ଆଇ କରିଥିବା ଆବେଦନକୁ ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି। ସୁପ୍ରିମକୋର୍ଟ ଗତ ସୋମବାର ଏହି ରାୟ ଦେଇଥିବାବେଳେ ବୁଧବାର ଏହା ସାମ୍ନାକୁ ଆସିଛି।

## ଥମୁନି ମୁମ୍ବାଇ ବର୍ଷା; ବଢୁଛି ଯନ୍ତ୍ରଣା

ମୁମ୍ବାଇ, ୨୦।୮ (ଏଜେନ୍ସି): ମୁମ୍ବାଇରେ କ୍ରମାଗତ ତିନି ଦିନ ଧରି ବର୍ଷା ଲାଗି ରହିଛି। ଗତ ୨୪ ଘଣ୍ଟାରେ ୩୦୦ ମିମି ବର୍ଷା ରେକର୍ଡ କରାଯାଇଛି। ଫଳରେ ସ୍କୁଲ, କଲେଜ, ସରକାର ଓ ଅର୍ଦ୍ଧ ସରକାରୀ ଅଫିସଗୁଡିକ ବନ୍ଦ ରହିଛି। ୩୪ଟି ଲୋକାଲ ଟ୍ରେନ୍ ବାତିଲ ହୋଇଛି। ୨୫୦ରୁ ଅଧିକ ବିମାନ ଉଡାଣ ପ୍ରଭାବିତ ହୋଇଛି। ସ୍ଥାନୀୟ ମୋନୋରେଲ ନିକଟସ୍ଥ ସ୍ଥାନରେ ୮୦୦ ଲୋକଙ୍କୁ ଉଦ୍ଧାର କରାଯାଇଛି। ସେହିପରି ଉତ୍ତରପ୍ରଦେଶର ଫରୁଖାବାଦରେ ଗଙ୍ଗାନଦୀ ବିପଦ ସଂକେତ ଉପରେ ବହୁଛି ଓ ଏହାର ପ୍ରଭାବରେ ୧୦୦ରୁ ଊର୍ଦ୍ଧ୍ୱ ଗାଁ ବନ୍ୟା ଘେରରେ ରହିଛି।

## ରାଜନୈତିକ ଦଳ ବନ୍ଦ କରିବେ ମସ୍କ

ୱାସିଂଟନ, ୨୦।୮ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପୂର୍ବତନ ସହଯୋଗୀ ତଥା ବ୍ୟବସାୟୀ ଏଲନ ମସ୍କ ନିଜ ଦଳ 'ଆମେରିକା ପାର୍ଟି' ବନ୍ଦ କରିବାକୁ ଯାଉଛନ୍ତି। ସେ ନିଜ ସହଯୋଗୀଙ୍କୁ ଏ ନେଇ ନିର୍ଦ୍ଦେଶ ଦେଇଛନ୍ତି। ମସ୍କ ୪୫ ଦିନ ତଳେ ଏହି ଦଳ ଗଠନ କରିଥିଲେ। ସୂଚନା ଅନୁଯାୟୀ ମସ୍କ ରାଜନୀତି ବଦଳରେ ନିଜ କମ୍ପାନୀକୁ ଅଧିକ ଧ୍ୟାନ ଦେବାକୁ ଚାହୁଁଛନ୍ତି। ଏହା ବ୍ୟତୀତ ସେ ଆମେରିକା ଉପ-ରାଷ୍ଟ୍ରପତି ପ୍ରାର୍ଥୀ ଜେଡି ଭାନ୍ସଙ୍କ ସହ ନିଜ ସମ୍ପର୍କକୁ ଖରାପ କରିବାକୁ ଚାହୁଁ ନାହାନ୍ତି। ଯଦି ଉପ-ରାଷ୍ଟ୍ରପତି ଭେନ୍ସ ୨୦୨୮ରେ ଆମେରିକା ରାଷ୍ଟ୍ରପତି ନିର୍ବାଚନ ଲଢିବେ ତେବେ ମସ୍କ ତାଙ୍କୁ ଆର୍ଥିକ ସହାୟତା ଦେବାକୁ ମଧ୍ୟ ଚାହୁଁଛନ୍ତି।

## ୧୦ମ ଶ୍ରେଣୀ ଛାତ୍ରଙ୍କୁ ହତ୍ୟାକଲା ୮ମ ଶ୍ରେଣୀ ଛାତ୍ର

ଅହମଦାବାଦ୍, ୨୦।୮ (ଏଜେନ୍ସି): ସ୍ଥାନୀୟ ସେଭେନ୍‌ଥ ଡେ ସ୍କୁଲ୍‌ରେ ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ୮ମ ଶ୍ରେଣୀ ଛାତ୍ର ୧୦ମ ଶ୍ରେଣୀର ଜଣେ ଛାତ୍ରଙ୍କୁ ଛୁରି ମାରି ନିର୍ମମ ଭାବେ ହତ୍ୟା କରିଛି। ମଙ୍ଗଳବାର ଦ୍ୱିପହରରେ ଏହି ଘଟଣା ଘଟିଥିଲା। ଆହତ ଛାତ୍ରଜଣକ ସନ୍ଧ୍ୟାରେ ହସ୍ପିଟାଲରେ ମୃତ୍ୟୁବରଣ କରିଥିଲେ। ଏହି ଘଟଣାରେ ଉତ୍ୟକ୍ତ ହୋଇ ୨ ହଜାର ଲୋକ ବୁଧବାର ସ୍କୁଲ ଘେରଉ କରିବା ସହ ଭଙ୍ଗାରୁଜା କରିଥିଲେ ଓ ସ୍କୁଲ ଅଧକ୍ଷଙ୍କ ସହ ଅନ୍ୟ କର୍ମଚାରୀମାନଙ୍କୁ ମଧ୍ୟ ମାଡ ମାରିଥିଲେ। ଏହାର ସୂଚନା ପାଇ ପୁଲିସ ପହଞ୍ଚିଥିଲେ ମଧ୍ୟ ଲୋକଙ୍କ ରାଗ ଥମି ନଥିଲା। ଅଭିଯୁକ୍ତି ଓ ମୃତ ଛାତ୍ରଙ୍କ ମଧ୍ୟରେ କୌଣସି କାରଣରୁ ଯୁକ୍ତିତର୍କ ହୋଇଥିଲା। ପୁରୁଣା ଶତ୍ରୁତା ପାଇଁ ଅଭିଯୁକ୍ତ ଲୁଚାଇ ଛୁରି ଆଣିଥିଲା।

## ମାଲେସିଆରେ ନମାଜ ନ କଲେ ଜେଲ୍

କୁଆଲାଲମ୍ପୁର,୨୦।୮ (ଏଜେନ୍ସି): ମାଲେସିଆର ତେରେଙ୍ଗାନୁ ରାଜ୍ୟରେ ଏବେ ଏକ ନୂଆ ଆଇନ୍ ଲାଗୁ ହେବାକୁ ଯାଉଛି। ଶୁକ୍ରବାର ପ୍ରାର୍ଥନାରେ ଯୋଗ ନ ଦେଲେ ଏହି ରାଜ୍ୟରେ ମୁସଲମାନ ପୁରୁଷଙ୍କୁ ଜରିମାନ ସହ ୨ ବର୍ଷ ଜେଲ ଦଣ୍ଡ ଭୋଗିବାକୁ ହେବ। ସେଭଳି କୌଣସି ଠୋସ୍ କାରଣ ବିନା ପ୍ରାର୍ଥନାରେ ଯୋଗ ନଦେଲେ ଜରିମାନା ବାବଦରେ ୩,୦୦୦ ମୋଲସିଆନ୍ ରିଙ୍ଗିତ୍ ଅର୍ଥାତ ୪୨,୦୦୦ ଟଙ୍କା ଜରିମାନା ଆକାରରେ ଦେବାକୁ ହେବ ବୋଲି କୁହାଯାଇଛି। ଶାସକ ପାନ- ମାଲେସିଆନ ଇସ୍‌ଲାମିକ ପାର୍ଟି (ପିଏଏସ୍) ସୋମବାର ଏ ନେଇ ଘୋଷଣା କରିଛି ଓ ଏହି ନୂଆ ଆଇନ୍ ସିରିଆ ଅପରାଧିକ ଅପରାଧ (ତକଜୀର) ଅଧିନିୟମ ଅନୁସାରେ ଲାଗୁ ହେବ ବୋଲି କୁହାଯାଇଛି। ଏହି ନୂଆ ନିୟମ ଚଳିତ ସପ୍ତାହରୁ ଲାଗୁ ହେବ।

# ବିବାଦ ବଢ଼ାଉଛନ୍ତି ଆତ୍ମଘୋଷିତ 'ଶାନ୍ତି ଦୂତ' ଟ୍ରମ୍ପ

## ଭେନେଜୁଏଲା ନିକଟରେ ୩ ଯୁଦ୍ଧ ଜାହାଜ ମୁତୟନ

## ଜବାବରେ ୪୫ ଲକ୍ଷ ଯବାନ ମୁତୟନ କଲା ଭେନେଜୁଏଲା

ୱାସିଂଟନ, ୨୦।୮ (ଏଜେନ୍ସି): ବିଶ୍ୱରେ ନିଜକୁ ଶାନ୍ତିଦୂତ ଭାବେ ଉପସ୍ଥାପନ କରି ନୋବେଲ ଶାନ୍ତି ପୁରସ୍କାର ଚାହୁଁଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବେ ଆଉ ଏକ ବିବାଦ ସୃଷ୍ଟି କରିଛନ୍ତି। ନିଜକୁ ସବୁଠୁ ବଡ଼ ମଧ୍ୟସ୍ଥି କହୁଥିବା ଟ୍ରମ୍ପ ଭେନେଜୁଏଲା ସହ ଉତ୍ତେଜନା ବଢ଼ାଇଛନ୍ତି। ସେ ଏହି ଦେଶର ଉପକୂଳ ନିକଟରେ ତିନି ଯୁଦ୍ଧ ଜାହାଜ ମୁତୟନ କରିଛନ୍ତି। ରିପୋର୍ଟ ଅନୁଯାୟୀ ଟ୍ରମ୍ପ ପ୍ରଶାସନ ଏହି ପଦକ୍ଷେପକୁ ନିଶା ମାଫିଆଙ୍କ ସହ ମୁକାବିଲା ଭାବେ ଦର୍ଶାଉଛି। ଏ ସମ୍ବନ୍ଧିତ ହିଂସାକୁ ରୋକିବା ପାଇଁ ଏପରି କରାଯାଉଥିବା କୁହାଯାଇଛି। ଭେନେଜୁଏଲା ସରକାର ନିଶା ଚୋରାଚାଲାଣକୁ ପ୍ରୋତ୍ସାହନ ଦେଉଥିବା ଆମେରିକା ସରକାର ଅଭିଯୋଗ କରିଛନ୍ତି। ତେବେ ଭେନେଜୁଏଲା ପକ୍ଷରୁ ଏଭଳି ଅଭିଯୋଗ ଖାରଜ କରିଦିଆଯାଇଛି। ରାଷ୍ଟ୍ରପତି ନିକୋଲାସ ମାଦୁରୋ ଆମେରିକା ଏହି ପଦକ୍ଷେପକୁ ବିରୋଧ କରି ୪୫ ଲକ୍ଷ ସୈନିକ ମୁତୟନ ପାଇଁ ଘୋଷଣା କରିଛନ୍ତି।



ମାଦୁରୋ କହିଛନ୍ତି ଯେ ଆମେରିକା ପାଗଳ ହୋଇଯାଇଛି। ଦେଶର ଶାନ୍ତି ଭାଙ୍ଗିବାକୁ ଏହି ଦେଶ ପ୍ରୟାସ କରୁଛି। ଏଥିପାଇଁ ବାରମ୍ବାର ଧମକ ଦେଇ ଚାଲିଛି। କିନ୍ତୁ ଭେନେଜୁଏଲା ଯେକୌଣସି ସ୍ଥିତିରେ ବି ନିଜର ସୁରକ୍ଷା କରିବ। ସେହିପରି ଭେନଜୁଏଲା ବିଦେଶମନ୍ତ୍ରୀ ଯବାନ ଗିଲ ମଙ୍ଗଳବାର କହିଥିଲେ ଯେ ଆମେରିକା ପାଖରେ ବିଶ୍ୱସନୀୟତାର ଅଭାବ ରହିଛି। ସେଥିପାଇଁ ଏହି ଦେଶ ନିଶା ଚୋରା ଚାଲାଣର ଅଭିଯୋଗ ଲଗାଇଛି। ଭେନେଜୁଏଲା ଶାନ୍ତି ଏବଂ ସାର୍ବଭୌମ ସହ ଆଗକୁ ବଢୁଛି। ଆମେରିକା ଏକ ସ୍ୱାଧୀନ ଏବଂ ସ୍ୱତନ୍ତ୍ର ଦେଶକୁ ନୁଆଁଇ ପାରିବ ନାହିଁ। ବାରମ୍ବାର ଧମକ ଦେଇ ଆମେରିକା ଏହା ସାବ୍ୟସ୍ତ କରିଛି।

ଆମେରିକା ପ୍ରତିରକ୍ଷା ମନ୍ତ୍ରାଳୟର ଜଣେ ଅଧିକାରୀ କହିଛନ୍ତି ଯେ ୟୁଏସଏସ ଗ୍ରେଭଲି, ୟୁଏସଏସ ଜେସନ ଡନ୍‌ହମ୍ ଏବଂ ୟୁଏସଏସ ସାମ୍ପସନ୍‌ର ତିନି ଏଜିସ ଗାଇଡେଡ-ମିସାଇଲ ଡ୍ରେଷ୍ଟୟର ଯୁଦ୍ଧ ଜାହାଜ ଭେନେଜୁଏଲା ନିକଟରେ ପହଞ୍ଚି ଯାଇଛି। ଏହି ତିନି ଯୁଦ୍ଧ ଜାହାଜ ସ୍ଥଳ, ଜଳ ଏବଂ ଆକାଶ ସୀମାକୁ ସୁରକ୍ଷା ଦେବାରେ ସକ୍ଷମ। ଏହା ସହିତ ୪୦୦୦ ଯବାନ, ପି-୮ଏ ପୋସାଇଡନ ବିମାନ ଏବଂ ଗୋଟିଏ ବିଧ୍ୱଂସକ ବୁଡ଼ାଜାହାଜ ମଧ୍ୟ ସାମିଲ ରହିଛି। ଏହା ଆଗାମୀ କିଛି ମାସ ପର୍ଯ୍ୟନ୍ତ କ୍ଷେତ୍ରରେ ନିଶା ଚୋରାଚାଲାଣ ବିରୋଧୀ ଅଭିଯାନରେ ସାମିଲ ରହିବ। ଟ୍ରମ୍ପ ପ୍ରଶାସନ ଅନୁଯାୟୀ ସବୁଠାରୁ ବଡ଼ ନିଶା ଚୋରାଚାଲାଣକାରୀଙ୍କ ମଧ୍ୟରେ ମାଦୁରୋ ଅନ୍ୟତମ। ସେ ନିଶା ଚୋରାଚାଲାଣକାରୀଙ୍କ ସହ ମିଶି ଆମେରିକାକୁ କୋକେନ ଚାଲାଣ କରୁଛନ୍ତି। ଗତ ୮ ତାରିଖରେ ଆମେରିକା ତାଙ୍କ ବିରୋଧରେ ଲଗାଯାଇଥିବା ପୁରସ୍କାର ରାଶିକୁ ଦୁଇ ଗୁଣା କରି ୪୩୫ କୋଟି ଟଙ୍କା କରିଦେଇଥିଲା। ଏହା ପୂର୍ବରୁ ମାଦୁରୋଙ୍କ ଉପରେ ୨୧୭ କୋଟି ଟଙ୍କା ପୁରସ୍କାର ରଖାଯାଇଥିଲା। ତାଙ୍କର ୬ ହଜାର କୋଟିରୁ ଅଧିକ ସମ୍ପତ୍ତି ମଧ୍ୟ ଆମେରିକା ଜବତ କରିଛି। ୨୦୨୦ରେ ନ୍ୟୁୟର୍କର ଏକ ଅଦାଲତ ମାଦୁରୋଙ୍କୁ ନାର୍କୋ-ଆତଙ୍କବାଦ ଏବଂ କୋକେନ ଚାଲାଣ ଅଭିଯୋଗରେ ମାମଲା ରୁଜୁ କରିଥିଲେ। ଆମେରିକା ଜୋରିମାନା ରାଶିକୁ ନେଇ ଗତ ୧୨ ତାରିଖରେ ମାଦୁରୋ ଆମେରିକାକୁ ଖୋଲା ଆହ୍ୱାନ ଦେଇଥିଲେ। ଯଦି ସାହସ ଅଛି ଗିରଫ କରି ଦେଖାଅ ବୋଲି କହିଥିଲେ।

## ରୁଷ୍-ୟୁକ୍ରେନ ଚୁକ୍ତି ଦ୍ୱାରା ସ୍ୱର୍ଗ ଯିବା ସମ୍ଭାବନା ବଢ଼ିବ: ଟ୍ରମ୍ପ

ୱାସିଂଟନ, ୨୦।୮ (ଏଜେନ୍ସି): ନୋବେଲ ଶାନ୍ତି ଚାହୁଁଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମୃତ୍ୟୁପରେ ସ୍ୱର୍ଗ ଯିବାକୁ ଚାହୁଁଛନ୍ତି। ରୁଷ୍-ୟୁକ୍ରେନ ଶାନ୍ତି ଚୁକ୍ତି ଦ୍ୱାରା ତାଙ୍କର ସ୍ୱର୍ଗ ଯିବା ସମ୍ଭାବନା ବୃଦ୍ଧି ପାଇବ। କିନ୍ତୁ ଏବେ ତାଙ୍କର ସ୍ୱର୍ଗ ଯିବାର ସମ୍ଭାବନା ବହୁତ କମ୍ ବୋଲି ଏକ ସାକ୍ଷାତକାର ଅବସରରେ ଟ୍ରମ୍ପ ମଜାଳିଆ ଢଙ୍ଗରେ କହିଛନ୍ତି। ଆମେରିକା ରାଷ୍ଟ୍ରପତି ଉଲ୍ଲେଖ କରିଛନ୍ତି ଯେ ସେ ସ୍ୱର୍ଗ ଯିବା ପାଇଁ ପ୍ରୟାସ କରିବାକୁ ଚାହୁଁଛି। ଲାଗୁଛି ମୋ ସ୍ଥିତି ଭଲ ନାହିଁ। କିନ୍ତୁ ରୁଷ୍-ୟୁକ୍ରେନ ଯୁଦ୍ଧ ବନ୍ଦ କରାଇବା ଦ୍ୱାରା ସ୍ୱର୍ଗ ଯିବାର ମାର୍ଗ ବାହାରିପାରେ। ୟୁକ୍ରେନର ସୁରକ୍ଷାକୁ ନେଇ ମଧ୍ୟ ସେ ଟିପ୍ପଣୀ ଦେଇଛନ୍ତି। ୟୁକ୍ରେନ ବାୟୁସୀମାକୁ ସୁରକ୍ଷା ପ୍ରଦାନ କରିପାରନ୍ତି। ମାତ୍ର ଆମେରିକା ସୈନିକ କେବେ ସେଠାରେ ମୁତୟନ ହେବେ ନାହିଁ। ଆଉ ୟୁକ୍ରେନକୁ ମଧ୍ୟ ନାଟୋରେ ସାମିଲ କରିବା ଅସମ୍ଭବ। ଫ୍ରାନ୍ସ, ଜର୍ମାନୀ ଏବଂ ବ୍ରିଟେନ ଭଳି ୟୁରୋପୀୟ ରାଷ୍ଟ୍ର ୟୁକ୍ରେନକୁ ସେନା ପଠାଇବାକୁ ପ୍ରସ୍ତୁତ ଅଛନ୍ତି। ଆମେରିକା ଆକାଶ ମାର୍ଗରେ ସହାୟତା ଦେଇପାରିବ। କାରଣ ଏହି ଜ୍ଞାନକୌଶଳରେ ଦେଶ ସବୁଠୁ ଆଗରେ ରହିଛି। ୟୁରୋପୀୟ ନେତାଙ୍କ ସହ ଟ୍ରମ୍ପ କଥା ହୋଇଥିବା ମଧ୍ୟ ଉଲ୍ଲେଖ କରିଛନ୍ତି। ସେ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଏବଂ ତାଙ୍କ ୟୁକ୍ରେନ ସମକକ୍ଷ ଭୋଲଡାମିର ଜେଲେଁସ୍କିଙ୍କ ସହ ଦ୍ୱିପାକ୍ଷିକ ବୈଠକ କରାଇବାକୁ ପ୍ରୟାସ କରୁଛନ୍ତି। ଯଦି ଏହା ସଫଳ ହୁଏ ତେବେ ତ୍ରିପାକ୍ଷିକ ବୈଠକରେ ଟ୍ରମ୍ପ ସାମିଲ ହେବେ ବୋଲି କହିଛନ୍ତି। ଯଦି ପୁଟିନ ଏହି ବୈଠକରୁ ଓହରି ଯାଆନ୍ତି ତେବେ ସ୍ଥିତି ଅଧିକ ଜଟିଳ ହୋଇଯିବ। ଜେଲେଁସ୍କିଙ୍କୁ ନରମ ଆଭିମୁଖ୍ୟ ଗ୍ରହଣ କରିବା ପାଇଁ ମଧ୍ୟ ଟ୍ରମ୍ପ ପରାମର୍ଶ ଦେଇଛନ୍ତି। ଡୋନାବାସର ୭୯ ପ୍ରତିଶତ ଅଞ୍ଚଳ ରୁଷ୍ କବ୍‌ଜାରେ ରହିଛି। ଏହି ଅଞ୍ଚଳକୁ ୟୁକ୍ରେନ କେବେ ବି ଫେରେଇ ନେଇପାରିବନି ବୋଲି ମାନିବାକୁ ହେବ। ରୁଷ୍ ଏକ ଶକ୍ତିଶାଳୀ ସାମରିକ ଶକ୍ତି। ଶାନ୍ତି ପାଇଁ ୟୁକ୍ରେନକୁ କିଛି ଅଞ୍ଚଳ ଛାଡ଼ିବାକୁ ପଡ଼ିବ।

# ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କ ଉପରେ ଆକ୍ରମଣ

ନୂଆଦିଲ୍ଲୀ, ୨୦।୮ (ଏଜେନ୍ସି): ମୁଖ୍ୟମନ୍ତ୍ରୀଙ୍କ ବାସଭବନରେ ଅଭିଯୋଗ ଶୁଣାଣି ଚାଲିଥିବାବେଳେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତାଙ୍କ ଉପରେ ବୁଧବାର ସକାଳେ ଆକ୍ରମଣ ହୋଇଛି। ଆକ୍ରମଣକାରୀ ରାଜେଶ ସକରିଆକୁ ଗିରଫ କରାଯାଇଛି। ସେ ଗୁଜରାଟ ରାଜକୋଟର ବାସିନ୍ଦା। ମୁଖ୍ୟମନ୍ତ୍ରୀ ଲୋକଙ୍କ ଅଭିଯୋଗ ଶୁଣୁଥିବାବେଳେ ଅଭିଯୁକ୍ତ ତାଙ୍କ ହାତ ଟାଣି ଦେଇଥିଲା ଏବଂ ଟେବୁଲରେ ମୁଣ୍ଡ ମାଡ଼ କରିଦେଇଥିଲା। ଫଳରେ ତାଙ୍କର ମୁଣ୍ଡ ଏବଂ ହାତରେ ଆଘାତ ଲାଗିଥିଲା। ରେଖାଙ୍କୁ ଚାପୁଡ଼ା ମାରିଥିବା ଏବଂ ଚୁଟି ଭିଡ଼ିଥିବା ନେଇ ମଧ୍ୟ ରିପୋର୍ଟ ପ୍ରକାଶ ପାଇଛି। ମୁଖ୍ୟମନ୍ତ୍ରୀଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଛି। ସେ ସନ୍ଧ୍ୟାରେ ଟ୍ୱିଟ କରି ଏହାକୁ ଭୀରୁତାପୂର୍ଣ୍ଣ କାର୍ଯ୍ୟ କହିଛନ୍ତି। ଦିଲ୍ଲୀର ସେବା ଏବଂ ଜନତାଙ୍କ ମଙ୍ଗଳର ସଙ୍କଳ୍ପ ଉପରେ ଏହି ଆକ୍ରମଣ ହୋଇଛି। ଖୁବଶୀଘ୍ର କାର୍ଯ୍ୟରେ ଯୋଗଦେବେ ବୋଲି ସେ କହିଛନ୍ତି। ଅଭିଯୁକ୍ତକୁ ପୁଲିସ ଜେରା କରୁଛି। ମାତ୍ର ଏ ପର୍ଯ୍ୟନ୍ତ ଆକ୍ରମଣର ପ୍ରକୃତ କାରଣ ସାମ୍ନାକୁ ଆସିନାହିଁ।

ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି ଯେ ଏହି ଆକ୍ରମଣ ସୁଚିନ୍ତିତ ଥିଲା। ଆକ୍ରମଣ ପୂର୍ବରୁ ସକରିଆ ମୁଖ୍ୟମନ୍ତ୍ରୀଙ୍କ ପୈତୃକ ବାସଭବନ ରେକି କରୁଥିବା ସିସିଟିଭି ଫୁଟେଜରୁ ଦେଖିବାକୁ ମିଳିଛି। ଅନ୍ୟ କିଛି ରିପୋର୍ଟରେ ଜଣେ ସମ୍ପର୍କୀୟଙ୍କୁ ଜେଲ୍‌ରେ ଭର୍ତ୍ତି କରିବା ନେଇ ଅଭିଯୁକ୍ତ ଚିନ୍ତିତ ଥିଲା ବୋଲି କୁହଯାଇଛି। କିନ୍ତୁ



### ଆପ୍‌କୁ ଦାୟୀ କଲା ବିଜେପି

ତାର' ମାଆ କହିଛନ୍ତି ଯେ ପୁଅ କୁକୁରଙ୍କୁ ଭଲ ପାଉଥିଲା। ଦିଲ୍ଲୀ-ଏନ୍‌ସିଆରରୁ କୁକୁରଙ୍କୁ ହଟାଇବାକୁ ସୁପ୍ରିମକୋର୍ଟ ଦେଇଥିବା ନିର୍ଦ୍ଦେଶକୁ ନେଇ ସେ ବିଚଳିତ ଥିଲା। ଅନ୍ୟପକ୍ଷରେ ବିଜେପି ବିଧାୟକ ହରିଶ ଖୁରନା ଏହି ଘଟଣା ପାଇଁ ଆମ ଆଦମୀ ପାର୍ଟି (ଆପ୍)କୁ ଦାୟୀ କରିଛନ୍ତି। ଗୁଜରାଟର ଆପ୍ ବିଧାୟକ ଗୋପାଳ ଇଟାଲିଆଙ୍କ ସହ ସେ ଅଭିଯୁକ୍ତର ଫଟୋ ସେୟାର କରିଛନ୍ତି।

# ଉପରାଷ୍ଟ୍ରପତି ନିର୍ବାଚନ: ପ୍ରାର୍ଥିପତ୍ର ଦାଖଲ କଲେ ରାଧାକ୍ରିଷ୍ଣନ୍



ନୂଆଦିଲ୍ଲୀ, ୨୦।୮ (ଏଜେନ୍ସି): ବିଜେପି ନେତୃତ୍ୱାଧୀନ ଏନ୍‌ଡିଏର ଉପରାଷ୍ଟ୍ରପତି ପ୍ରାର୍ଥୀ ସିପି ରାଧାକ୍ରିଷ୍ଣନ ବୁଧବାର ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଅନ୍ୟ କେନ୍ଦ୍ରମନ୍ତ୍ରୀଙ୍କ ଉପସ୍ଥିତିରେ ସେ ରିଟର୍ଣ୍ଣିଂ ଅଫିସରଙ୍କ ନିକଟରେ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ସେପ୍ଟେମ୍ବର ୯ରେ ଉପରାଷ୍ଟ୍ରପତି ନିର୍ବାଚନ ହେବ। ନାମାଙ୍କନ ଦାଖଲ କରିବା ସହ ଏନ୍‌ଡିଏ ପରୋକ୍ଷରେ ତା'ର ଶକ୍ତି ଓ ଏକତା ପ୍ରଦର୍ଶନ କରିଛି।

ଏହି ଅବସରରେ ମୋଦୀଙ୍କ ସହ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, ବିଜେପି ଅଧ୍ୟକ୍ଷ ଜେପି ନଡ୍ଡା, ପରିବହନ ମନ୍ତ୍ରୀ ନିତିନ ଗଡ଼କାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ମୋଦୀ ରାଧାକ୍ରିଷ୍ଣନଙ୍କ ପ୍ରସ୍ତାବକ ହୋଇଥିଲେ। ରାଧାକ୍ରିଷ୍ଣନ ଏବେ ମହାରାଷ୍ଟ୍ରର ରାଜ୍ୟପାଳ ଦାୟିତ୍ୱ ତୁଲାଉଛନ୍ତି। ନାମାଙ୍କନ ଦାଖଲ କରିବା ପୂର୍ବରୁ ରାଧାକ୍ରିଷ୍ଣନ ସଂସଦ ପରିସରରେ ଥିବା ଗାନ୍ଧୀ ମୂର୍ତ୍ତିରେ ଫୁଲ ହାର ପିନ୍ଧାଇଥିଲେ। ଅଗଷ୍ଟ ୧୭ରେ ବିଜେପି ସଂସଦୀୟ ଦଳ ବୈଠକରେ ଉପରାଷ୍ଟ୍ରପତି ପ୍ରାର୍ଥୀ ପାଇଁ ରାଧାକ୍ରିଷ୍ଣନଙ୍କ ନାମ ସର୍ବସମ୍ମତିକ୍ରମେ ଚୂଡାନ୍ତ କରାଯାଇଥିଲା। ବିଜେପି ଅଧ୍ୟକ୍ଷ ନଡ୍ଡା ସାମ୍ବାଦିକ ସମ୍ମିଳନୀରେ ରାଧାକ୍ରିଷ୍ଣନଙ୍କ ନାମ ଘୋଷଣା କରିଥିଲେ। ରାଧାକ୍ରିଷ୍ଣନ ଏବେ ବିରୋଧୀ ଇଣ୍ଡି ମେଣ୍ଟ ପ୍ରାର୍ଥୀ ତଥା ସୁପ୍ରିମକୋର୍ଟର ଅବସରପ୍ରାପ୍ତ ବିଚାରପତି ବି ସୁଦର୍ଶନ ରେଡ୍ଡୀଙ୍କ ସହ ମୁକାବିଲା କରିବେ।

# ୩୨ କୋଟି ଟଙ୍କାର ହୀରା ଚୋରି ପଛରେ ନିଜେ ମାଲିକ

## ବୀମା ଦାବି କରିବାକୁ ରଚିଥିଲେ ଷଡ଼ଯନ୍ତ୍ର

ସୁରତ, ୨୦।୮ (ଏଜେନ୍ସି): ଗୁଜରାଟର ସୁରତରେ ଡିକେ ଆଣ୍ଡ ସନ୍ସ ଡାଇମଣ୍ଡ କମ୍ପାନୀରୁ ୩୨ କୋଟି ଟଙ୍କାର ହୀରା ଚୋରି ମାମଲାର ପର୍ଦ୍ଦାଫାସ ହୋଇଛି। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ହେଉଛନ୍ତି ସେହି କମ୍ପାନୀର ମାଲିକ ଦେବେନ୍ଦ୍ର କୁମାର ଚୌଧୁରୀ। ସେ ବୀମା ଅର୍ଥ ହଡପ କରିବାକୁ ଏହି ଷଡ଼ଯନ୍ତ୍ର ରଚିଥିଲେ। ଏହି ଘଟଣାକୁ ନେଇ ଏବେ ସାରା ସୁରତରେ ଚର୍ଚ୍ଚା ଚାଲିଛି। ଏହି ଷଡ଼ଯନ୍ତ୍ରରେ ଦେବେନ୍ଦ୍ର ନିଜର ଦୁଇ ପୁଅ, ଡ୍ରାଇଭର ଓ ତାଙ୍କ ଦୁଇ ସାଥିଙ୍କୁ ସାମିଲ କରିଥିଲେ। କାପୋଡ୍ରା ପୁଲିସ ଓ ସୁରତ କ୍ରାଇମବ୍ରାଞ୍ଚ୍ ମିଳିତ ଭାବେ ଏହି ଷଡ଼ଯନ୍ତ୍ର ଓ ଠକାମିର ପର୍ଦ୍ଦାଫାସ କରିବାକୁ ସକ୍ଷମ ହୋଇଛନ୍ତି। ଋଣଭାର ବହୁତ ବଢ଼ିଯିବା କାରଣରୁ ଡିକେ ଆଣ୍ଡ ସନ୍ସ କମ୍ପାନୀ ମାଲିକ ଦେବେନ୍ଦ୍ର ଏହି ଷଡ଼ଯନ୍ତ୍ର ରଚିଥିବା କଥା କହିଛନ୍ତି। ଏହାକୁ କାର୍ଯ୍ୟକାରୀ କରିବାକୁ ଡ୍ରାଇଭର ଓ ତା'ର ଦୁଇ ସାଥିଙ୍କୁ ୧୦ ଲକ୍ଷ ଟଙ୍କା ଦେବାକୁ ସେ ପ୍ରତିଶ୍ରୁତି ଦେଇଥିଲେ। ଆଡଭାନ୍ସ ହିସାବରେ ୫ ଲକ୍ଷ ଟଙ୍କା ଦିଆଯାଇଥିଲା। ଅଗଷ୍ଟ ୧୫ରୁ ୧୭ ତାରିଖ ମଧ୍ୟରେ ଏହି ଚୋରି ହୋଇଥିଲା। ଅଗଷ୍ଟ ୧୫, ଜନ୍ମାଷ୍ଟମୀ ଓ ରବିବାର ଥିବାରୁ ୩ ଦିନ ବଜାର ଛୁଟିଥିଲା। ଏହାର ଫାଇଦା ଉଠାଇ ଚୋରମାନେ ଚୋରି କରିଥିଲେ ବୋଲି ଦେବେନ୍ଦ୍ର କୋପାଡ୍ରା ଥାନାରେ ଅଭିଯୋଗ କରିଥିଲେ। ତଦନ୍ତ ଅବସରରେ ବିଭିନ୍ନ କାରଣର ନେଇ ପୁଲିସର ସନ୍ଦେହ ବଢ଼ିଥିଲା। କିନ୍ତୁ ଦେବେନ୍ଦ୍ର ଅଧିକ ସମୟ ପର୍ଯ୍ୟନ୍ତ ନିଜରେ କରିଥଇବା ଷଡ଼ଯନ୍ତ୍ରକୁ ଛୁପାଇ ପାରି ନ ଥିଲେ। ତାଙ୍କ କମ୍ପାନୀର ବାର୍ଷିକ କାରବାର ୩୦୦ କୋଟି ଟଙ୍କା ଥିଲା। ଦେବେନ୍ଦ୍ରଙ୍କୁ ଗିରଫ କରାଯାଇ ଅଧିକ ଯାଞ୍ଚ୍ ଓ ତଦନ୍ତ କରାଯାଉଛି ବୋଲି ପୁଲିସ କହିଛି।



ସାକ୍ଷାତକାର



# ‘ସଫଳତା ପାଇବାକୁ ସଂଘର୍ଷ ଜାରି ରଖିବା ଉଚିତ’

**ସମ୍ବିତ କୁମାର ରାୟ, ଅଭିନେତା**

ଆର୍ମି ଚାକିରି କରିବେ, ଦେଶ ସେବା କରିବେ । ଏମିତି ଏକ ଲକ୍ଷ୍ୟ ରଖି ସେ ତାଲିମ ନେଉଥିଲେ । ହେଲେ ତାଙ୍କ ଭାଗ୍ୟରେ ଲେଖାଥିଲା କିଛି ଅଲଗା । ଏକ ଶୋ’ରେ ମଡେଲିଂ କରି ପୁରସ୍କୃତ ହେବା ପରେ ମଡେଲିଂ ପ୍ରତି ଆକର୍ଷଣ ବଢ଼ିବାରେ ଲାଗିଲା । ତେବେ ମଡେଲିଂରେ ଅଧିକ ସଫଳତା ନ ମିଳିବାରୁ ସେ ଅଭିନୟକୁ ଆଦରି ନେଇଥିଲେ । ସେ ହେଉଛନ୍ତି, କଟକ ଜିଲ୍ଲା ନିଆଳି ବ୍ଲକ୍ ଅନ୍ତର୍ଗତ ବଗଲଗଡ଼ର ସମ୍ବିତ କୁମାର ରାୟ । ସେ ମିଷ୍ଟର ଇଣ୍ଡିଆ ୨୦୨୨ ଟାଇଟଲ୍ ହାସଲ କରିଛନ୍ତି । ‘ରାଜଯୋଗ’ ତାଙ୍କର ପ୍ରଥମ ଧାରାବାହିକ । ବର୍ତ୍ତମାନ ସେ ‘ସାଥି ସାତ ଜନ୍ମର’ ଧାରାବାହିକରେ ଅଭିନୟ କରୁଛନ୍ତି । ତେବେ ଲାଇଭ୍ ଷ୍ଟେଜ୍‌ରୁ କ୍ୟାମେରାକୁ ସାମ୍ନା କରି ସମ୍ବିତଙ୍କ ଅଭିନୟ ଜୀବନ କେମିତି ଆଗକୁ ବଢ଼ୁଛି ତାହାକୁ ନେଇ ଏଇ ସ୍ୱତନ୍ତ୍ର ସାକ୍ଷାତକାର ।

**ମଡେଲିଂରୁ ଅଭିନୟ ପ୍ରତି କିପରି ରୁଚି ଆସିଲା?**

- ଦଶମରୁ ଯୁକ୍ତ ତିନି ପଢ଼ିବା ଯାଏଁ ମୁଁ ଆର୍ମି ଚାକିରି କରିବାକୁ ବହୁତ ପରିଶ୍ରମ କରୁଥିଲି । ହଠାତ୍ ଏକ ମଞ୍ଚରେ ସାଧାରଣ ଯୁବକଙ୍କୁ ମଡେଲ୍ ପରି ଚାଲିବାକୁ ସୁଯୋଗ ମିଳୁଥିଲା । ସେଠାରେ ମୁଁ ଚାଲିଥିଲି । ମୋ ନୀରବତା ଆଉ ମଡେଲ ପରି ଚାଲିକୁ ବହୁତ ପ୍ରଶଂସା ମିଳିଥିଲା । ସମସ୍ତେ ମୁଁ ମଡେଲିଂ ଲାଇନ୍‌ରେ ଯାଏଁ ବୋଲି ଚାହିଁଥିଲେ । ତେଣୁ ସାହିଲ୍ ସାର୍‌ଙ୍କ ମାର୍ଗଦର୍ଶନରେ ମଡେଲିଂକୁ ଆଦରି ନେଇଥିଲି । ଖୁବ୍ ସଂଘର୍ଷ କରିବାକୁ ପଡ଼ିଛି । ମଡେଲିଂ ପାଇଁ ଓଡ଼ିଶାରେ ସେମିତି କିଛି ସୁଯୋଗ ନ ମିଳିବାରୁ ଧାରାବାହିକ ଜରିଆରେ ଦର୍ଶକଙ୍କ ମନୋରଞ୍ଜନ କରିବାକୁ ଉଚିତ ମଣିଥିଲି । ଏଥିପାଇଁ ଅଡିସନ୍ ଦେବା ଆରମ୍ଭ କରିଦେଇଥିଲି । ପ୍ରଥମେ ‘ରାଜଯୋଗ’ରେ ଅଭିନୟ କରିବାକୁ ସୁଯୋଗ ପାଇଥିଲି । ପରେ ଦୀପୁ ଭାଇଙ୍କ ଦିଗ୍‌ଦର୍ଶନରେ ‘ସନ୍ଧ୍ୟା ରାଗିଣୀ’ ଧାରାବାହିକରେ ଅଭିନୟ କରିଥିଲି । ଏବେ ‘ସାଥି ସାତ ଜନ୍ମର’ ଧାରାବାହିକରେ ଦର୍ଶକଙ୍କ ହୃଦୟରେ ରହିବା ପାଇଁ ଭଲ ଅଭିନୟ କରିବାକୁ ପ୍ରାଧାନ୍ୟ ଦେଉଛି ।

**କ୍ୟାମେରା ସାମ୍ନାରେ ପ୍ରଥମ ଦିନ କେମିତି ଥିଲା?**

- ଅଭିନୟ କ’ଣ ମୋତେ ଜଣାନଥିଲା । ପ୍ରଥମ ଧାରାବାହିକ ସୁଟିଂ ପୂର୍ବରୁ କ୍ୟାମେରାକୁ ସାମ୍ନା କରିବା ପାଇଁ ଦର୍ପଣ ଆଗେ ସଂଳାପ ଅଭ୍ୟାସ କରିଥିଲି । ତେବେ ପୂରା ଟିମ୍ କ୍ୟାମେରା ସାମ୍ନାରେ ଭଲ ଅଭନୟ କରିବାକୁ ଭରପୂର ସାହସ ଓ ଉତ୍ସାହ ଯୋଗାଇ ମୋ ମନୋବଳ ବଢ଼ାଇଥିଲେ । ଫଳରେ ମୁଁ ଖୁବ୍ ସହଜରେ କ୍ୟାମେରାକୁ ସାମ୍ନା କରିଥିଲି ।

**ପ୍ରଥମେ ପଜିଟିଭ ଏବଂ ପରେ ନେଗେଟିଭ୍ ଚରିତ୍ରରେ କାମ କରିବାକୁ ସମସ୍ୟା ହୋଇନଥିଲା?**

- ଜଣେ ଭଲ କଳାକାର ହେବା ମୋର ଉଦ୍ଦେଶ୍ୟ । ମୋତେ ଯେଉଁ ଚରିତ୍ର ମିଳିବ ତାହାକୁ ମୁଁ କରିବି । ତେଣୁ ସମୟ ଓ ସୁଯୋଗକୁ ଉପଯୋଗ କରି ମୋର ପ୍ରତିଭାକୁ ପ୍ରମାଣିତ କରିବାକୁ ଚାହିଁଛି । ନାୟକ କି ଖଳନାୟକ ଉଭୟ ଚରିତ୍ରକୁ ବେଶ୍ ନିଖୁଣ ଭାବେ ଫୁଟାଇବାକୁ ଚେଷ୍ଟା କରିଛି । ଗୋଟିଏ କଥା କହିବି, ଅଭିନୟ ହିଁ ମୋତେ ପରିଚୟ ଦେଇଛି ।

**‘ସାଥି ସାତ ଜନ୍ମର’ରେ ଅଭି ଚରିତ୍ର ସମ୍ପର୍କରେ କ’ଣ କହିବେ?**

- ଏହି ଧାରାବାହିକରେ ମୁଁ ନାୟିକାଙ୍କ ମଝିଆ ଭଉଣୀ ଉପାସନାର ବସ୍ ଅଭିଜିତ୍ ଚରିତ୍ରରେ ଅଭିନୟ କରୁଛି । ଅଫିସ୍‌କୁ ବାଦ୍ ଦେଲେ ଆମ ଭିତର ସମ୍ପର୍କକୁ ନେଇ ତାଙ୍କ ଘରେ ତୁମ୍ବି ତୋଫାନ ହେଉଛି । ତେବେ ବର୍ତ୍ତମାନ ଯାଏଁ ମୋର ଚରିତ୍ର ସକାରାତ୍ମକ ଥିବାବେଳେ ଆଗାମୀ ଦିନରେ କ’ଣ ଟ୍ୱିଷ୍ଟ ଆସିବ ତାହା ଦର୍ଶକ ଜାଣିବେ ।

**ମଡେଲିଂ, ଅଭିନୟକୁ ବାଦ୍ ଦେଲେ, କ’ଣ କରନ୍ତି?**

- କ୍ରିକେଟ ଖେଳିବାକୁ ବହୁତ ଭଲଲାଗେ । ବିଭିନ୍ନ ଶୋ’ର ନୂଆ ନୂଆ ଚରିତ୍ରକୁ ଦେଖି ଅନୁକରଣ କରୁଥାଏ । ଫଟୋସୁଟ୍ କରିଥାଏ ।

**ସୁଟିଂ ନଥିଲେ କ’ଣ କରନ୍ତି?**

- ସୁଟିଂ ପାଇଁ ବହୁତ ସମୟ ଦେବାକୁ ପଡ଼େ । ଏଥିରୁ ଫୁରସତ୍ ମିଳିଲେ ମୁଁ ମୋ ପରିବାର ଓ ବନ୍ଧୁମାନଙ୍କ ସହିତ ସମୟ ଅତିବାହିତ କରିଥାଏ ।

**ଫିଟ୍ ରହିବାର ମୂଳମନ୍ତ୍ର?**

- ଜଣେ କଳାକାର ସବୁବେଳେ ଫିଟ୍ ରହିବା ଦରକାର । ୧୨ ଘଣ୍ଟା ସୁଟିଂ କରି ସୁସ୍ଥ ରହିବା ଆମ ପାଇଁ ଚ୍ୟାଲେଞ୍ଜିଂ ହୋଇଥାଏ । ତେଣୁ ଶାରୀରିକ ବ୍ୟାୟାମ ସହିତ କମ୍ ତେଲ ମସଲା ଯୁକ୍ତ ଖାଦ୍ୟ ଖାଇଥାଏ । ଚର୍ମର ମଧ ବିଶେଷ ଦେଖାରଖା କରିବାକୁ ହୋଇଥାଏ ।

**ଧାରାବାହିକରୁ ପ୍ରଶଂସା ପାଇବା ପରେ ସିନେମା ଆଡ଼କୁ ମନ ବଳୁଛି କି?**

- ବର୍ତ୍ତମାନ ମୋ ଚରିତ୍ରରେ ମୁଁ ବୁଡ଼ି ରହିବାକୁ ପ୍ରାଧାନ୍ୟ ଦେଉଛି । କିନ୍ତୁ ହଁ ଆଗାମୀ ଦିନରେ ମୁଁ ନିଶ୍ଚୟ ଫିଲ୍ମ କରିବି ।

**ଆପଣଙ୍କ ଡ୍ରିମ୍ ରୋଲ୍ କ’ଣ?**

- ସ୍ୱାଏ ଟାଇପ୍‌ର ଚରିତ୍ର କରିବାକୁ ଇଚ୍ଛା ରହିଛି ।

**ଅଭିନୟ ଜଗତରେ ତିଷ୍ଠି ରହିବାକୁ କ’ଣ କରିବା ଆବଶ୍ୟକ?**

- ଯେଉଁମାନେ ଅଭିନୟ ଜଗତକୁ ଆସୁଛନ୍ତି ସେମାନଙ୍କର ଅସୀମ ଧୈର୍ଯ୍ୟ ଥିବା ଦରକାର । ନାଁ କରିବାକୁ ଆଶା ରଖିଲେ କଠିନ ପରିଶ୍ରମ କରିବାକୁ ହେବ । ଦ୍ୱିତୀୟରେ ବଡ଼ି ଲାଙ୍ଗୁଏଜ୍ ଓ ଅଭିନୟ । ତେଣୁ ସଫଳତା ପାଇବା ପାଇଁ ସଂଘର୍ଷ ଜାରି ରଖିବା ଦ୍ୱାରା ସ୍ୱପ୍ନ ସାକାର ହୋଇଥାଏ ।



# ଡେଲିଭରି ଗାର୍ଲ ଚରିତ୍ରରେ ଅର୍ଚ୍ଚିତା

ଅଗଷ୍ଟ ୨୭ ତାରିଖ ଗଣେଶ ପୂଜାରେ ମୁକ୍ତିଲାଭ କରିବ ନୂଆ ଓଡ଼ିଆ ସିନେମା ‘ଡେଲିଭରି ବୟ-୨’ । ଏଥିରେ ଡେଲିଭରି ଗାର୍ଲ ଭୂମିକାରେ ନଜର ଆସିବେ ଚୁଲ୍‌ବୁଲି ଅଭିନେତ୍ରୀ ଅର୍ଚ୍ଚିତା । ସେ ନିଜର ବଳିଷ୍ଠ ଅଭିନୟ ସାଙ୍ଗକୁ ନୃତ୍ୟ ପାଇଁ ପ୍ରତିଟି ଓଡ଼ିଆ ଦର୍ଶକଙ୍କ ମନରେ ଘର କରିଛନ୍ତି । ଜ୍ୟୋତି ରଞ୍ଜନ ମହାନ୍ତି ପ୍ରଯୋଜିତ ଏବଂ ଅଶ୍ୱିନ ତ୍ରିପାଠୀ ନିର୍ଦ୍ଦେଶିତ ଏହି ସିନେମାରେ ଅର୍ଚ୍ଚିତାଙ୍କର ବଳିଷ୍ଠ ଅଭିନୟର ଯାଦୁ ଦର୍ଶକ ଦେଖିବାକୁ ପାଇବେ । ଅନେକ ନିଷ୍ଠାର ସହ ନିଜର ନିଖୁଣ ଅଭିନୟର ପରାକାଷ୍ଠା ଦେଖାଇଥିବା ଅନେକ ସାକ୍ଷାତକାରରେ କହିଛନ୍ତି । ମଲ୍ଟି ଷ୍ଟାର୍‌ଙ୍କୁ ନେଇ ନିର୍ମାଣ ହୋଇଥିବା ଡେଲିଭରି ବୟ-୨ ଏକ ସସ୍‌ପେନ୍ସ ତଥା ଥ୍ରୀଲର ଚଳଚ୍ଚିତ୍ର । ସଙ୍ଗୀତ ନିର୍ଦ୍ଦେଶନା ବୈଦ୍ୟନାଥ ଦାଶ, କ୍ୟାମେରାରେ ଅଛନ୍ତି ଈଶ୍ୱର ବାରିକ । ପ୍ରଥମଥର ପାଇଁ ଡେଲିଭରି ବୟ ୨ ମାଧ୍ୟମରେ ଶୈଳେନ୍ଦ୍ର, ପ୍ରିୟମ୍ବଦା, ବୁଦ୍ଧାଦିତ୍ୟଙ୍କ ସମେତ ଶ୍ରୀତମ ଦାସ, ପୁପିନ୍ଦର ସିଂ, ସୁଶାନ୍ତ ଦାସ ମହାପାତ୍ର, ସନ୍ତୁ ପ୍ରମୁଖଙ୍କୁ ଦେଖିବାକୁ ମିଳିବ । ନିକଟରେ ଲୋକାଲ୍ ମାଧୁରୀ ଗୀତ ରିଲିଜ୍ ହୋଇ ରେକର୍ଡ ସୃଷ୍ଟି କରିଛି । ସେଇ ପ୍ରମୋସନାଲ୍ ଗୀତର ନୃତ୍ୟରେ ନାୟିକା ଭୂମିକା ଦାଶ ଯୁବପିଢ଼ିଙ୍କୁ ବେହୋସ କରିସାରିଲେଣି । ସିନେମାଟି ନିଶ୍ଚିତ ଭାବେ ଓଡ଼ିଆ ଦର୍ଶକଙ୍କ ମନକୁ ଛୁଇଁବ ଏବଂ ବ୍ୟବସାୟିକ ସଫଳତା ଦେବା ଆଶା କରାଯାଉଛି ।

# ‘ଓଡ଼ିଶାର ବେଷ୍ଟ ସିନେ ଷ୍ଟାର୍‌ର ଖୋଜ୍’ରେ ହିମାନୀ

ଅଗଷ୍ଟ ୯ ତାରିଖରୁ ଜୀ ସାର୍ଥକରେ ଆରମ୍ଭ ହୋଇଛି ନୂଆ ରିଆଲିଟି ଶୋ’ ‘ଓଡ଼ିଶାର ବେଷ୍ଟ ସିନେ ଷ୍ଟାର୍‌ର ଖୋଜ୍’ । ଏହି ଶୋ’ରେ ମୁମ୍ବାଇର ବରିଷ୍ଠ ଅଭିନେତ୍ରୀ ହିମାନୀ ଶିବପୁରୀ ଅତିଥି ବିଚାରକ ଭାବେ ଯୋଗ ଦେଇଥିଲେ । ‘ଓଡ଼ିଶାର ବେଷ୍ଟ ସିନେଷ୍ଟାର୍‌ର ଖୋଜ’ ହେଉଛି ଏକ ଅନନ୍ୟ ପ୍ରତିଭା ଖୋଜିବାର ପ୍ରୟାସ । ବିଭିନ୍ନ ପର୍ଯ୍ୟାୟରେ ପ୍ରତିଯୋଗୀ ନିଜର କଳା ପ୍ରଦର୍ଶନ କରିବେ ଓ ଗ୍ରାଣ୍ଡ ଫିନାଲେରେ ଜଣେ ଅଭିନେତା ଓ ଅଭିନେତ୍ରୀ ଭାବେ ବିଜୟୀ ମୁକୁଟ ପିନ୍ଧିବେ । ବିଜେତାଙ୍କୁ ଆଗାମୀ ଜୀ ସାର୍ଥକ ଫିଲ୍ମସ୍ ଓ ମ୍ୟୁଜିକ ଭିଡିଓରେ ମୁଖ୍ୟ କଳାକାର ଭାବରେ ଲଞ୍ଚ କରାଯିବ । ଏହି ରିୟାଲିଟି ଶୋ’ ରେ ବିଚାରକ ଭାବରେ ଶ୍ରୀତମ, ଲିପି ଏବଂ ନମ୍ରତା ଥାପ୍ପା ଅଛନ୍ତି । ଅନନ୍ୟା ଏବଂ ରଞ୍ଜନ ଶୋ’ ସଂଚାଳନ କରୁଛନ୍ତି ।





# ଅଭିନେତ୍ରୀରୁ ଫିଲ୍ମ ନିର୍ମାତା

ବଲିଉଡ୍‌ର ଲୋକପ୍ରିୟ ଅଭିନେତ୍ରୀ ହୁମା କ୍ୟୁରେସି ଫିଲ୍ମ ନିର୍ମାତା ଭାବେ ନୂଆ ଇନିଂସ୍ ଆରମ୍ଭ କରିବାକୁ ଯାଉଛନ୍ତି । ସେ ଓ ତାଙ୍କ ଭାଇ ସାକିବ୍ ସଲିମ୍ ଖୁବ୍‌ଶୀଘ୍ର ନିଜର ପ୍ରଥମ ପ୍ରଡକ୍ସନ୍ ଫିଲ୍ମ ‘ବେବି ଡୁ ଡାଇ ଡୁ’ ରିଲିଜ୍ କରିବେ । ତେବେ ନିର୍ମାତା ହେବା ପଛର କାରଣ ସମ୍ପର୍କରେ ସେ କହିଛନ୍ତି । ହୁମାଙ୍କ ମତରେ ନିର୍ମାତା ହେବା ଦ୍ୱାରା ଭଲ କାହାଣୀ ନିଜେ ବାଛି ଦର୍ଶକଙ୍କ ପାଖରେ ପହଞ୍ଚାଇ ପାରିବେ । ଅଭିନେତ୍ରୀ ଭାବେ ହୁମାଙ୍କୁ ଅନ୍ୟମାନେ ମନୋନୀତ କରୁଥିବା ଚରିତ୍ରରେ ନିର୍ଭର କରିବାକୁ ପଡ଼ିଥାଏ । ତେଣୁ ଏହାକୁ ନେଇ ତାଙ୍କ ମନରେ ନିରାଶା ରହୁଥିଲା । ସେଥିପାଇଁ ସେ ଓ ସାକିବ ନିଜେ କାହାଣୀ ତିଆରି କରିବା ନିଷ୍ପତ୍ତି ନେଇଛନ୍ତି ।

# ପ୍ୟାଣ୍ଟ ପିନ୍ଧିବାରେ ସମସ୍ୟା ଚିନ୍ତାରେ ଅମିତାଭ




ବଲିଉଡ୍‌ର ବର୍ଷୀୟାନ ଅଭିନେତା ଅମିତାଭ ବଚ୍ଚନ ଏବେ ୮୩ ବର୍ଷ ବୟସ ଦେଇ ଅତିକ୍ରମ କରିବାକୁ ଯାଉଛନ୍ତି । ହେଲେ ବଢ଼ୁଥିବା ବୟସକୁ ନେଇ ତାଙ୍କୁ ସମସ୍ୟା ସାମ୍ନା କରିବାକୁ ପଡୁଥିବା କହିଛନ୍ତି । ଏପରିକି ନିତିଦିନର କିଛି କାମରେ ତାଙ୍କୁ ସମସ୍ୟାର ସାମ୍ନା କରିବାକୁ ପଡୁଛି । ଅମିତାଭ ତାଙ୍କ ବ୍ଲଗ୍‌ରେ ପ୍ରଶଂସକଙ୍କ ସହ ନିଜ ମନକଥା ସେୟାର୍ କରିଥାନ୍ତି । ନିକଟରେ ସେ ଏକ ଭାବୁକ ବ୍ଲଗ୍ ସେୟାର୍ କରିଛନ୍ତି । ଏଥିରେ ସାଧାରଣ କାମ କିଭଳି ଆହ୍ୱାନ ସୃଷ୍ଟି କରୁଛି, ସେ କଥା କହିଛନ୍ତି । ପ୍ରତ୍ୟେକ ରବିବାର ସେ ତାଙ୍କ ଘର ଜଲସା ବାହାରେ ନିଜ ପ୍ରଶଂସକଙ୍କୁ ଆଖିରେ ନ ଦେଖିବା ପର୍ଯ୍ୟନ୍ତ ଏତେ ଲୋକ ତାଙ୍କୁ କେବଳ ଦେଖିବା ପାଇଁ ଆସୁଥିବା ବିଶ୍ୱାସ କରି ନ ଥାନ୍ତି । ସେମାନଙ୍କର ଏହି ଚିୟରିଂ ତାଙ୍କୁ ଶକ୍ତି ଯୋଗାଏ । ସେହିପରି ଏବେ ତାଙ୍କ ଦିନଚର୍ଯ୍ୟା ଔଷଧ ଏବଂ ଏକ୍ସରସାଇଜ୍‌ରୁ ସ୍ଥିର ହେଉଛି । ଚଲାବୁଲା କରିବାରେ ଯେଭଳି କୌଣସି ସମସ୍ୟା ନ ହେବ, ନିତିଦିନ ସେ ଜିମ୍‌ରେ ମୋବିଲିଟି ଏକ୍ସରସାଇଜ୍ କରନ୍ତି । କେବଳ ସେତିକି ନୁହେଁ, ବିଗ୍ ବିଙ୍କୁ ଏବେ ପ୍ୟାଣ୍ଟ ପିନ୍ଧିବା, ତଳେ ପଡ଼ିଥିବା କାଗଜକୁ ଉଠାଇବା ଭଳି ସାଧାରଣ କାମରେ ସମସ୍ୟା ହେଉଥିବା କହିଛନ୍ତି । ତେଣୁ ଡାକ୍ତର ତାଙ୍କୁ ବସିକି ପ୍ୟାଣ୍ଟ ପିନ୍ଧିବାକୁ ପରାମର୍ଶ ଦେଇଛନ୍ତି । ଏପରିକି ଛିଡ଼ା ହୋଇ ପ୍ୟାଣ୍ଟ ପିନ୍ଧିବା ଦ୍ୱାରା ଅମିତାଭଙ୍କ ବାଲାନ୍ସ ବିଗିଡ଼ିବା ନେଇ ଡାକ୍ତର ତାଙ୍କୁ ଚେତାଇ ଦେଇଛନ୍ତି । ଅନ୍ୟପଟେ ଚଲାବୁଲା ସମୟରେ ଯେମିତି ତାଙ୍କୁ ସାହାରା ମିଳିବ, ତାଙ୍କ ଘରର ପ୍ରତି ସ୍ଥାନରେ ସ୍ପୋର୍ଟସ ରୋଲିଂ ଲଗାଯାଇଛି । ଅବଶ୍ୟ ପ୍ରଥମେ ଏହିସବୁ କାମ ତାଙ୍କୁ ସହଜ ଲାଗୁଥିଲା । ହେଲେ ଏବେ ଏହା ବଡ଼ କାମ ବୋଲି ସେ ବୁଝିଥିବା କହିଛନ୍ତି । ତେବେ ତାଙ୍କ ପ୍ରଶଂସକଙ୍କୁ ଏଭଳି ସ୍ଥିତି ସାମ୍ନା ନ କରିବାକୁ ପଡୁ ବୋଲି କହନ୍ତି । ଏହାବାଦ୍ ଏଭଳି ବାସ୍ତବିକତା ପ୍ରତ୍ୟେକ ମଣିଷ ଜୀବନରେ ଆସିଥାଏ ବୋଲି ଅମିତାଭ ନିଜ ପୋଷ୍ଟ ଶେଷରେ କହିଛନ୍ତି ।

ପରଦା ପଛର କାହାଣୀ

# ଝୁମ୍ପୁଡ଼ିରେ ନେଉଥିଲେ ମେକ୍‌ଅପ୍

୧୯୭୫ ମସିହାରେ ରିଲିଜ୍ ହୋଇଥିବା ଫିଲ୍ମ ‘ସୋଲେ’ ଏକ କଲ୍ଟ୍ କ୍ଲାସିକ୍ ଫିଲ୍ମ ଭାବେ ଜଣାଯାଏ । ଏହି ଫିଲ୍ମରେ ଧର୍ମେନ୍ଦ୍ର, ହେମାମାଳିନୀ, ଅମିତାଭ ବଚ୍ଚନ, ସଞ୍ଜୀବ କପୁରଙ୍କ ଭଳି ଲୋକପ୍ରିୟ ଅଭିନେତା ଅଭିନେତ୍ରୀ ଚମତ୍କାର ଅଭିନୟ କରିଛନ୍ତି । ଫିଲ୍ମରେ ନିର୍ଦ୍ଦେଶନା ଦେଇଥିଲେ ରମେଶ ସିପି । ନିକଟରେ ଏହି ଫିଲ୍ମକୁ ୫୦ ବର୍ଷ ପୂରିଛି । ଏହାକୁ ଦୃଷ୍ଟିରେ ରଖି ଫିଲ୍ମ ନିର୍ଦ୍ଦେଶକ ସଚିନ ପିଲଗାଁବକର ନିକଟରେ ଫିଲ୍ମ ସୋଲେ ସେଟ୍‌କୁ ନେଇ ଏକ ରୋଚକୀୟ କଥା ଖୁଲାସା କରିଛନ୍ତି । ସେ ସମୟରେ ସେଟ୍‌ରେ ଭାନିଟି ଭ୍ୟାନ ନ ଥିଲା, ତେଣୁ କଳାକାରମାନଙ୍କୁ ଝୁମ୍ପୁଡ଼ିରେ ସୁସଜ୍ଜିତ ଏୟାର୍ କଣ୍ଡିସନ୍‌ରେ ମେକ୍‌ଅପ୍ ଦିଆଯାଇଥିଲା । ସେହିପରି ତାଙ୍କ କହିବାନୁଯାୟୀ ଫିଲ୍ମରେ ଦେଖାଯାଇଥିବା ଗାଁ ରାମନଗରମ୍ ବାସ୍ତବରେ ଅସଲି ଗାଁ ନ ଥିଲା । ଏହା ଏକ ସେଟ୍ ଥିଲା । ଏହା ବାହାରୁ ଝୁମ୍ପୁଡ଼ି ଭଳି ଦିଶୁଥିଲା । କିନ୍ତୁ ଭିତରେ ଆଧୁନିକ ଶୈଳୀରେ ସୁସଜ୍ଜିତ ପରିବେଶ ଅନୁକୂଳ ମେକ୍‌ଅପ୍ ରୁମ୍ ଥିଲା । ଏହି ଝୁମ୍ପୁଡ଼ିରେ ଶୌଚାଳୟ ରହିଥିଲା । ଏଥିସହ ଗୋଟିଏ ପଞ୍ଚତାରକା ହୋଟେଲ ଭଳି ଏଠାରେ ସମସ୍ତ ସୁବିଧା ଥିଲା । ସେଥିମଧ୍ୟରୁ ଗୋଟିଏ ଝୁମ୍ପୁଡ଼ି ମେକ୍‌ଅପ୍ ରୁମ୍ ତାଙ୍କୁ ଅର୍ଥାତ୍ ସଚିନଙ୍କୁ ମିଳିଥିଲା । ଏଥିପାଇଁ ସେ ବେଶ୍ ଖୁସି ଅନୁଭବ କରିଥିଲେ । ସଚିନ୍ ଏହି ଫିଲ୍ମରେ ରହିମ୍ ଚାଚାଙ୍କ ପୁଅର ଚରିତ୍ର ନିର୍ବାହ କରିଥିଲେ । ଏହି ଫିଲ୍ମ ନିଜର ଭବ୍ୟତା , ଅଭିନୟ, କୌଶଳ, ଆକ୍ସନ, ସଂଗୀତ ଆଦି ପାଇଁ ହିନ୍ଦୀ ସିନେମାର ଏକ ଲୋକପ୍ରିୟ ଫିଲ୍ମ ମଧ୍ୟରୁ ଗୋଟିଏ ଥିଲା । ଏହି ଫିଲ୍ମର କାହାଣୀ ସଲୀମ –ଜାବେଦ ଲେଖିଥିଲେ । ଏହା ଭାରତୀୟ ସିନେମାରେ ସବୁଠୁ ଦୀର୍ଘ ସମୟ ଚାଲିଥିବା ଫିଲ୍ମ ମଧ୍ୟରୁ ଗୋଟିଏ ଥିଲା ।



■ ସର୍ବାଧିକ ଫୁଟବଲ ମ୍ୟାଚ୍

# ଫାବିଓଙ୍କ ବିଶ୍ୱରେକର୍ଡ



ରିଓ ଡି ଜାନେଇରୋ,୨୦।୮ (ଏଜେନ୍ସି): ବ୍ରାଜିଲର ୪୪ ବର୍ଷୀୟ ଗୋଲରକ୍ଷକ ଫାବିଓ ସର୍ବାଧିକ ଫୁଟବଲ ମ୍ୟାଚ୍ ଖେଳିବାର ବିଶ୍ୱରେକର୍ଡ କରିଛନ୍ତି। ମଙ୍ଗଳବାର ମାରାକାନାରେ ଖେଳାଯାଇଥିବା କଲମ୍ବିଆର ଆମେରିକା ଡି କାଲି ବିପକ୍ଷ ମ୍ୟାଚ୍‌ରେ ଫ୍ଲୁମିନେନ୍ସ ପକ୍ଷରୁ ଖେଳି ପ୍ରତିଯୋଗିତାମୂଳକ ଫୁଟବଲ ଖେଳରେ ଏହି ବିଶ୍ୱରେକର୍ଡ କରିଛନ୍ତି। ଫ୍ଲୁମିନେନ୍ସ କ୍ଲବ୍ ପକ୍ଷରୁ ଏହା ଥିଲା ଫାବିଓଙ୍କର ୨୩୫ତମ ତଥା ତାଙ୍କ କ୍ୟାରିୟରର ୧୩୯୧ତମ ମ୍ୟାଚ୍। ଏହି ମ୍ୟାଚ୍‌ରେ ଫ୍ଲୁମିନେନ୍ସ ୨-୦ ଗୋଲରେ ବିଜୟୀ ହୋଇଥିଲା। ଏହା ଫଳରେ ସେ ଇଂଲଣ୍ଡର ଗୋଲରକ୍ଷକ ପିଟର ସିଲଟନଙ୍କ ବିଶ୍ୱରେକର୍ଡକୁ ଭାଙ୍ଗିଦେଇଥିଲେ। ୧୯୯୭ରେ ସିଲଟନ ଅବସର ନେବା ପୂର୍ବରୁ ୧୩୯୦ତମ ମ୍ୟାଚ୍ ଖେଳିଥିଲେ। ବ୍ରାଜିଲୀୟ ଫାବିଓ ୨୦୦୫ରୁ ୨୦୨୨ ମଧ୍ୟରେ କ୍ରୁଜେଇରୋ ପକ୍ଷରୁ ୯୭୬ଟି ମ୍ୟାଚ୍, ଭାସ୍କୋ ଡା ଗାମା ପକ୍ଷରୁ ୧୫୦, ୟୁନାଇଓ ବାନ୍ଦେରେଟ ପକ୍ଷରୁ ୩୦ଟି ଏବଂ ଫ୍ଲୁମିନେନ୍ସ ପକ୍ଷରୁ ୨୩୫ଟି ମ୍ୟାଚ୍ ଖେଳିଛନ୍ତି।

# ଡୁରାଣ୍ଡ କପ୍: ଇଷ୍ଟ ବେଙ୍ଗଲକୁ ହରାଇ ଫାଇନାଲରେ ଡାଏମଣ୍ଡ ହବର୍

କୋଲକାତା, ୨୦।୮ (ଏଜେନ୍ସି): ପଦାର୍ପଣକାରୀ ଡାଏମଣ୍ଡ ହବର୍ ଦଳ ଚଳିତ ଡୁରାଣ୍ଡ କପ୍‌ର ୧୩୪ତମ ସଂସ୍କରଣର ଫାଇନାଲରେ ପ୍ରବେଶ କରିଛି। ବୁଧବାର ସ୍ଥାନୀୟ ବିବେକାନନ୍ଦ ଯୁବ ଭାରତୀ କ୍ରୀଡ଼ାଙ୍ଗନରେ ଅନୁଷ୍ଠିତ ସେମିଫାଇନାଲରେ ଦୁଇ ଘରୋଇ ଦଳ ଡାଏମଣ୍ଡ ହବର୍ ଓ ଇଷ୍ଟ ବେଙ୍ଗଲ ଏଫ୍‌ସି ସାମ୍ନାସାମ୍ନି ହୋଇଥିଲେ। କଡ଼ା ସଂଘର୍ଷପୂର୍ଣ୍ଣ ଏହି ମୁକାବିଲାରେ ୧୬ଥରର ଚାମ୍ପିଅନ ଇଷ୍ଟ ବେଙ୍ଗଲକୁ ୨-୧ ଗୋଲରେ ହରାଇ ଡାଏମଣ୍ଡ ହବର୍ ଫାଇନାଲରେ ପହଞ୍ଚିଯାଇଛି। ଅଗଷ୍ଟ ୨୩ରେ ଡିଫେଣ୍ଡିଂ ଚାମ୍ପିଅନ ନର୍ଥଇଷ୍ଟ ୟୁନାଇଟେଡ ଓ ଇଷ୍ଟ ବେଙ୍ଗଲ ମଧ୍ୟରେ ମ୍ୟାଚ୍ ଖେଳାଯିବ। ପୂର୍ବରୁ ପ୍ରଥମ ସେମିରେ ନର୍ଥଇଷ୍ଟ ୧-୦ ଗୋଲରେ ସିଲଂ ଲାଜଂ ଦଳକୁ ପରାସ୍ତ କରିଥିଲା। ଉଲ୍ଲେଖଯୋଗ୍ୟ, କୋଲକାତାଭିତ୍ତିକ ଦଳ ଡାଏମଣ୍ଡ ହବର୍ ୨୦୨୦ରେ ସ୍ଥାପନ ହୋଇଥିଲା। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ପୁତୁରା ଅଭିଷେକ ବାନାର୍ଜୀ ଏହାର ସଭାପତି ରହିଛନ୍ତି। ଦଳ ପ୍ରଥମଥର ଡୁରାଣ୍ଡ କପ୍‌ରେ ପାଦ ଥାପି ଫାଇନାଲରେ ପହଞ୍ଚିଛି।

# ଭାରତୀୟ ଦଳରେ ଅମିତ୍, ଶିଳାନନ୍ଦ

ଏସିଆ କପ୍ ହକି



ବେଙ୍ଗାଲୁରୁ, ୨୦।୮ (ଏଜେନ୍ସି):

ଆଗାମୀ ଏସିଆ କପ୍ ପୁରୁଷ ହକି ଟୁର୍ଣ୍ଣାମେଣ୍ଟ ଲାଗି ବୁଧବାର ୧୮ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି। ଅଭିଜ୍ଞ ଡ୍ରାଗ୍‌ଫ୍ଲିକର ହର୍‌ମନପ୍ରୀତ୍ ସିଂହ ଅଧିନାୟକ ପଦ ବଜାୟ ରଖିଛନ୍ତି। ଘୋଷିତ ଦଳରେ ଓଡ଼ିଶାର ଦୁଇଜଣ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ଡିଫେଣ୍ଡର ଅମିତ୍ ରୋହିଦାସ ଓ ଫରୱାର୍ଡ ଶିଳାନନ୍ଦ ଲାକ୍ରା। ସେହିଭଳି ଦୁଇଜଣିଆ ରିଜର୍ଭ ଖେଳାଳି ତାଲିକାରେ ଓଡ଼ିଶାର ନୀଲମ ସଞ୍ଜୀପ ଖେସଙ୍କୁ ମଧ୍ୟ ରଖାଯାଇଛି।

ଭାରତୀୟ ଦଳର ମୁଖ୍ୟ ପ୍ରଶିକ୍ଷକ କ୍ରେଗ ଫୁଲଟନ୍ ଏହି ମହାଦେଶୀୟ ଟୁର୍ଣ୍ଣାମେଣ୍ଟ ଲାଗି ଏକ ଅଭିଜ୍ଞ ଓ ସନ୍ତୁଳିତ ଦଳ ଘୋଷଣା କରିଛନ୍ତି। 'ଆମେ ଅଭିଜ୍ଞ ଖେଳାଳିଙ୍କୁ ନେଇ ଦଳ ଗଠନ କରିଛୁ। ଯେଉଁମାନେ କି ଚାପର ପରିସ୍ଥିତିରେ କେଉଁଭଳି ପ୍ରଦର୍ଶନ ଆବଶ୍ୟକ ତାହା ଭଲ ଭାବରେ ଜାଣିଛନ୍ତି। ଏସିଆ କପ୍ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରତିଯୋଗିତା। ୨୦୨୬ ବିଶ୍ୱକପ୍ ଲାଗି ଏଥିରୁ ସିଧାସଳଖ ଯୋଗ୍ୟତା ବ୍ୟବସ୍ଥା ରହିଛି। ତେଣୁ ଏହି ଦଳ ଦୃଢ଼ ଭାବରେ ମୁକାବିଲା କରି ଆମର ମୁଖ୍ୟ ଲକ୍ଷ୍ୟକୁ ହାସଲ କରିବା ନେଇ ଆଶାବାଦୀ ରହିଛି ବୋଲି ଫୁଲଟନ୍ କହିଛନ୍ତି। ଘୋଷିତ ଦଳରେ କିଷନ ବାହାଦୂର ପାଠକ ଓ ସୂରଜ କେରକେଟ୍ଟା ଗୋଲ୍‌ରକ୍ଷଣ ଭାର ସମ୍ଭାଳିବେ।

ବିହାରର ରାଜଗିରିରେ ଅଗଷ୍ଟ ୨୯ରୁ ଆରମ୍ଭ ହେବାକୁ ଥିବା ଏହି ମେଗା ଟୁର୍ଣ୍ଣାମେଣ୍ଟରେ ଆୟୋଜକ ଭାରତୀୟ ହକି ଦଳ ପୁଲ୍-ଏ'ରେ ସ୍ଥାନ ପାଇଛି। ଭାରତ ସହ ଜାପାନ, ଚାଇନା ଓ କାଜଖସ୍ତାନ ଏହି ପୁଲ୍‌ରେ ରହିଛନ୍ତି। ଉଦ୍‌ଘାଟନୀ ଦିବସରେ ଚାଇନା ସହ ଖେଳି ଭାରତ ଟୁର୍ଣ୍ଣାମେଣ୍ଟରେ ଅଭିଯାନ ଆରମ୍ଭ କରିବ। ଏହାପରେ ଅଗଷ୍ଟ ୩୧ରେ ଜାପାନ ଓ ସେପ୍ଟେମ୍ବର ୧ରେ କାଜାଖସ୍ତାନ ସହ ଶେଷ ପୁଲ୍ ମ୍ୟାଚ୍ ଖେଳିବାର କାର୍ଯ୍ୟସୂଚୀ ରହିଛି। ସେହିଭଳି ସର୍ବାଧିକ ୫ଥରର ବିଜେତା କୋରିଆ ସହ ମାଲେସିଆ, ବାଂଲାଦେଶ, ଚାଇନିଜ ତାଇପେଇ ପୁଲ୍-ବି'ରେ ରହିଛନ୍ତି। ସୁରକ୍ଷାଜନିତ କାରଣ ଲାଗି ପାକିସ୍ତାନ ଟୁର୍ଣ୍ଣାମେଣ୍ଟରୁ ଓହରିଯିବା ପରେ ବାଂଲାଦେଶକୁ ସାମିଲ କରାଯାଇଥିଲା। ଉଲ୍ଲେଖଯୋଗ୍ୟ, ଏସିଆ କପ୍‌ର ବିଜେତା ଆସନ୍ତା ବର୍ଷ ଖେଳାଯିବାକୁ ଥିବା ଏଫ୍‌ଆଇଏଚ୍ ବିଶ୍ୱକପ୍‌କୁ ସିଧାସଳଖ ଯୋଗ୍ୟତା ଅର୍ଜନ କରିବ। ଏସିଆ କପ୍ ଇତିହାସରେ କୋରିଆ ୫ଥର ଟାଇଟଲ୍ ଜିତି ସବୁଠୁ ଶ୍ରେଷ୍ଠ ଦଳ ରହିଛି। ସେହିଭଳି ଭାରତ ଓ ପାକିସ୍ତାନ ୩ଥର ଲେଖାଏ ଟ୍ରଫି ଜିତିଛନ୍ତି। ଭାରତ ଶେଷଥର ଲାଗି ୨୦୧୭ ସଂସ୍କରଣରେ ଚାମ୍ପିଅନ ହୋଇଥିଲା।

### ଘୋଷିତ ଭାରତୀୟ ଦଳ

**ଗୋଲ୍‌କିପର:** କିଷନ ବାହାଦୂର ପାଠକ, ସୂରଜ କେରକେଟ୍ଟା
**ଡିଫେଣ୍ଡର:** ସୁମିତ, ଜରମନପ୍ରୀତ୍ ସିଂହ, ସଞ୍ଜୟ, ହରମନପ୍ରୀତ୍ ସିଂହ (ଅଧିନାୟକ), ଅମିତ୍ ରୋହିଦାସ ଓ ଯୁବରାଜ ସିଂହ
**ମିଡ୍‌ଫିଲ୍ଡର:** ରାଜିନ୍ଦର ସିଂହ, ରାଜକୁମାର ପାଲ୍, ହାର୍ଦ୍ଦିକ ସିଂହ, ମନପ୍ରୀତ୍ ସିଂହ ଓ ବିବେକ ସାଗର ପ୍ରସାଦ
**ଫର୍‌ୱାର୍ଡ:** ମନଦୀପ୍ ସିଂହ, ଶିଳାନନ୍ଦ ଲାକ୍ରା, ଅଭିଷେକ, ସୁଖଜିତ୍ ସିଂହ ଓ ଦିଲ୍‌ପ୍ରୀତ୍ ସିଂହ
**ରିଜର୍ଭ ଖେଳାଳି:** ନୀଲମ ସଞ୍ଜୀପ ଖେସ ଓ ସେଲଭାମ କାର୍ତ୍ତି

### କାର୍ଯ୍ୟସୂଚୀ

| ତାରିଖ | ମ୍ୟାଚ୍ | ସମୟ |
|---|---|---|
| ୨୯।୮ | ମାଲେସିଆ-ବାଂଲାଦେଶ | ସକାଳ ୯ଟା |
| ୨୯।୮ | ଦ. କୋରିଆ-ଚାଇନିଜ ତାଇପେଇ | ପୂର୍ବାହ୍ଣ ୧୧ଟା |
| ୨୯।୮ | ଜାପାନ-କାଜାଖସ୍ତାନ | ଅପରାହ୍ଣ ୧ଟା |
| ୨୯।୮ | ଭାରତ-ଚାଇନା | ଅପରାହ୍ଣ ୩ଟା |
| ୩୦।୮ | ବାଂଲାଦେଶ-ଚାଇନିଜ ତାଇପେଇ | ଅପରାହ୍ଣ ୧ଟା |
| ୩୦।୮ | ଦ.କୋରିଆ-ମାଲେସିଆ | ଅପରାହ୍ଣ ୩ଟା |
| ୩୧।୮ | ଚାଇନା-କାଜାଖସ୍ତାନ | ଅପରାହ୍ଣ ୧ଟା |
| ୩୧।୮ | ଭାରତ-ଜାପାନ | ଅପରାହ୍ଣ ୩ଟା |
| ୧।୯ | ବାଂଲାଦେଶ-ଦ.କୋରିଆ | ଅପରାହ୍ଣ ୧ଟା ୩୦ |
| ୧।୯ | ମାଲେସିଆ-ଚାଇନିଜ ତାଇପେଇ | ଅପରାହ୍ଣ ୩ଟା ୩୦ |
| ୧।୯ | ଚାଇନା-ଜାପାନ | ସନ୍ଧ୍ୟା ୫ଟା ୩୦ |
| ୧।୯ | ଭାରତ-କାଜାଖସ୍ତାନ | ରାତି ୭ଟା ୩୦ |
| ୩।୯ | ସୁପର୍-୪ ପର୍ଯ୍ୟାୟ ଆରମ୍ଭ | |
| ୭।୯ | ଫାଇନାଲ | |

ପୁଲ୍-ଏ: ଭାରତ, ଚାଇନା, ଜାପାନ, କାଜାଖସ୍ତାନ
ପୁଲ୍-ବି: ଦକ୍ଷିଣ କୋରିଆ, ମାଲେସିଆ, ଚାଇନିଜ ତାଇପେଇ, ବାଂଲାଦେଶ

# ଜାତୀୟ ଜୁନିଅର ହକି ସେମିରେ ଓଡ଼ିଶା

ଭୁବନେଶ୍ୱର, ୨୦।୮ (ସମିସ): ପଞ୍ଜାବରେ ହକି ଇଣ୍ଡିଆ ଆନୁକୂଲ୍ୟରେ ଚାଲିଥିବା ଜାତୀୟ ଜୁନିଅର ପୁରୁଷ ହକି ଚାମ୍ପିଅନସିପ୍‌ରେ ଓଡ଼ିଶା ଦଳ ସେମିଫାଇନାଲରେ ପ୍ରବେଶ କରିଛି। ବୁଧବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲ ଲଢ଼େଇରେ ଓଡ଼ିଶା ଦଳ ଏକପାଖିଆ ଭାବେ ୯-୦ ଗୋଲ୍‌ରେ ମଣିପୁରକୁ ପରାସ୍ତ କରିଥିଲା। ବିଜୟୀ ଓଡ଼ିଶା ପକ୍ଷରୁ ହାରୁନ ମିଞ୍ଜ, ନୀତେଶ ମିଞ୍ଜ, ଅଭିଷେକ ଟପ୍ପୋ, କରନ ଲାକ୍ରା, ଯୋଜିନ ମିଞ୍ଜ, ଦୀପକ ପ୍ରଧାନ, ବିଲ୍‌କାନ ଓରାମ ଓ ରିତିକ ଲାକ୍ରା ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ। ଅନ୍ୟ କ୍ୱାର୍ଟରଫାଇନାଲରେ ହରିୟାଣା ୩-୨ରେ କର୍ଣ୍ଣାଟକକୁ, ଉତ୍ତର ପ୍ରଦେଶ ୨-୧ରେ ମଧ୍ୟ ପ୍ରଦେଶକୁ ଓ ପଞ୍ଜାବ ୪-୧ ଗୋଲରେ ଝାଡ଼ଖଣ୍ଡକୁ ପରାସ୍ତ କରି ସେମିଫାଇନାଲରେ ପହଞ୍ଚିଛନ୍ତି। ଗୁରୁବାର ସେମିଫାଇନାଲ ଖେଳାଯିବ। ଏଥିରେ ଓଡ଼ିଶା ଓ ପଞ୍ଜାବ ସାମ୍ନାସାମ୍ନି ହେବେ।

■ ବୁଚି ବାବୁ ଆମନ୍ତ୍ରଣୀୟ କ୍ରିକେଟ

# ବରୋଦାଠୁ ୧୧୩ ରନରେ ହାରିଲା ଓଡ଼ିଶା

କଟକ,୨୦।୮ (ସମିସ): ବେଙ୍ଗାଲୁରୁର ଖେଳାଯାଉଥିବା ବୁଚି ବାବୁ ଆମନ୍ତ୍ରଣୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ଦଳ ପରାଜୟରୁ ଅଭିଯାନ ଆରମ୍ଭ କରିଛି। ଓଡ଼ିଶା ଦଳ ୧୧୩ ରନରେ ବରୋଦାଠାରୁ ପରାସ୍ତ ହୋଇଛି। ୨୮୬ ରନର ଟାର୍ଗେଟ୍‌କୁ ପିଛା କରିଥିବା ଓଡ଼ିଶା ଦ୍ୱିତୀୟ ପାଳିରେ ୧୭୨ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଶୁକ୍ରବାର ଭାରତୀୟ ରେଳବାଇ ବିପକ୍ଷରେ ଓଡ଼ିଶା ଦ୍ୱିତୀୟ ଲିଗ୍ ମ୍ୟାଚ୍ ଖେଳିବ।

ବରୋଦାର ପ୍ରଥମ ପାଳି ୩୮୧ ରନ ଜବାବରେ ଓଡ଼ିଶା ୩୫୨ ରନ ସଂଗ୍ରହ କରିଥିଲା। ୨୯ ରନରେ ଅଗ୍ରଣୀ ସହ ବୁଧବାର ବରୋଦା ଖେଳ ଆରମ୍ଭ କରିଥିଲା। ୪୫ ଓଭର ବିଶିଷ୍ଟ ଦ୍ୱିତୀୟ ଇନିଂସ୍‌ରେ ବରୋଦା ସମସ୍ତ ୱିକେଟ ହରାଇ ୨୫୬ ରନ କରିଥିଲା। ହର୍ଶ ଦେଶାଇ ୮୧ ରନର ଦ୍ରୁତ ପାଳି ଖେଳିଥିଲେ। ଓପନର ନିତ୍ୟ ପାଣ୍ଡ୍ୟା ୫୪ ଏବଂ ମୋହିତ ମୋଙ୍ଗିଆ ୫୮ ରନ କରିଥିଲେ। ଓଡ଼ିଶା ତରଫରୁ ବାମହାତୀ ସ୍ପିନର ସୁମିତ ଶର୍ମା ୫୫ ରନ ବିନିମୟରେ ୬ଟି ୱିକେଟ ଦଖଲ କରିଥିଲେ। ବାଦଲ ବିଶ୍ୱାଳ ୨ଟି, ଗୋବିନ୍ଦ ପୋଦ୍ଦାର ଏବଂ ସୁନୀଲ ରାଉଳଙ୍କୁ ଗୋଟିଏ ଲେଖାଏ ୱିକେଟ ମିଳିଥିଲା। ଜବାବରେ ୪୫ ଓଭରରେ ୨୮୬ ରନର ଟାର୍ଗେଟ୍‌କୁ ପିଛା କରିଥିବା ଓଡ଼ିଶା ପ୍ରାରମ୍ଭିକ ବିପର୍ଯ୍ୟୟ ସହ ୧୭୨ ରନରେ ସୀମିତ ରହିଥିଲା। ସମ୍ବିତ ବରାଳ ସର୍ବାଧିକ ୪୬ ରନ କରିଥିଲେ। ସୁନୀଲ ୩୮, ଅଧିନାୟକ ସ୍ୱସ୍ତିକ ସାମଲ ୩୪ ରନର ପାଳି ଖେଳିଥିଲେ। ଅଭିଜ୍ଞ ଶୁଭ୍ରାଂଶୁ ସେନାପତି ୧୦ ଏବଂ ଗୋବିନ୍ଦ ପୋଦ୍ଦାର ମାତ୍ର ୧ ରନରେ ଆଉଟ ହୋଇଥିଲେ। ବରୋଦାର ବାମହାତୀ ଆର୍ଯ୍ୟନ ଚାଭଡାଙ୍କୁ ୫ଟି ଓ ଡାହାଣହାତୀ ଅଫସ୍ପିନର ପ୍ରଦୀପ ଯାଦବ ୪ଟି ୱିକେଟ ଦଖଲ କରିଥିଲେ।

ଦୃଷ୍ଟିହୀନ ମହିଳା ଟି-୨୦

# ପୂର୍ବାଞ୍ଚଳର କ୍ରମାଗତ ବିଜୟ



ଭୁବନେଶ୍ୱର, ୨୦।୮ (ସମିସ): ବେଙ୍ଗାଲୁରୁରେ ଚାଲିଥିବା ଆନ୍ତଃଜୋନାଲ ଦୃଷ୍ଟିହୀନ ମହିଳା ଟି-୨୦ କ୍ରିକେଟ୍‌ରେ ପୂର୍ବାଞ୍ଚଳ ଦଳ କ୍ରମାଗତ ୨ୟ ବିଜୟ ହାସଲ କରିଛି। ବୁଧବାର ପୂର୍ବାଞ୍ଚଳ ଦଳ ୬ ରନରେ ଦକ୍ଷିଣାଞ୍ଚଳକୁ ପରାସ୍ତ କରିଛି। ଓଡ଼ିଶାର ଫୁଲ ସୋରେନଙ୍କ ନେତୃତ୍ୱାଧୀନ ପୂର୍ବାଞ୍ଚଳ ଦଳ ୬ ୱିକେଟରେ ୧୫୨ ରନ କରିଥିଲା। ଦଳ ପକ୍ଷରୁ ପାର୍ବତୀ ମାରାଣ୍ଡି ୪୨, ଫୁଲ ୨୭, ରଚନା ଜେନା ୧୭ ଓ ମେହେକ ଲାକ୍ରା ୧୪ ରନ କରିଥିଲେ। ଜବାବରେ ଦକ୍ଷିଣାଞ୍ଚଳ ୮ ୱିକେଟରେ ୧୪୫ ରନ କରି ପରାସ୍ତ ହୋଇଥିଲା। ଦକ୍ଷିଣାଞ୍ଚଳର ୱିକେଟ୍ ଯାଇଥିବା ସମସ୍ତ ୮ଜଣ ବ୍ୟାଟର୍ ରନଆଉଟ୍ ହୋଇଥିଲେ। ଫୁଲଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ପୂର୍ବରୁ ପୂର୍ବାଞ୍ଚଳ ଦଳ ୧୦ ୱିକେଟରେ ଉତ୍ତରାଞ୍ଚଳକୁ ପରାସ୍ତ କରିଥିଲା।

ଜାତୀୟ ସବ୍‌ଜୁନିଅର ବାଳିକା ଫୁଟବଲ୍

# ମହାରାଷ୍ଟ୍ରଠାରୁ ହାରିଲା ଓଡ଼ିଶା

କଟକ,୨୦।୮ (ସମିସ): ଆସାମରେ ସବ୍‌ଜୁନିଅର ବାଳିକା ଜାତୀୟ ଫୁଟବଲ ଚାମ୍ପିଅନସିପ୍ ଆରମ୍ଭ ହୋଇଛି। ପ୍ରଥମ ମ୍ୟାଚ୍‌ରେ ଓଡ଼ିଶା ୦-୪ ଗୋଲରେ ମହାରାଷ୍ଟ୍ର ଠାରୁ ପରାସ୍ତ ହୋଇଛି। ଏହି ମ୍ୟାଚ୍‌ର ଦ୍ୱିତୀୟ ମିନିଟରେ ମହାରାଷ୍ଟ୍ରର ଫରୱାର୍ଡ ସାନଭୀ ଚୌବେ ପ୍ରଥମ ଗୋଲ ଦେଇଥିଲେ। ଏହି ଗୋଲ ସହ ମହାରାଷ୍ଟ୍ର ପ୍ରଥମାର୍ଦ୍ଧରେ ଆଗୁଆ ରହିଥିଲା। ଦ୍ୱିତୀୟାର୍ଦ୍ଧରେ ମହାରାଷ୍ଟ୍ର ୩ଟି ଗୋଲ ସ୍କୋର କରି ସହଜ ବିଜୟ ହାସଲ କରିଥିଲା। ୫୪ତମ ମିନିଟରେ ସାନଭୀ ଦ୍ୱିତୀୟ ଗୋଲ ଦେଇଥିଲେ। ୭୯ତମ ଓ ୮୪ତମ ମିନିଟରେ ହିମାନୀ ହେମନ୍ତ ରାୱତ ଅବଶିଷ୍ଟ ଦୁଇଟି ଗୋଲ ସ୍କୋର କରିଥିଲେ। ଶୁକ୍ରବାର ପଶ୍ଚିମବଙ୍ଗ ବିପକ୍ଷରେ ଓଡ଼ିଶା ଦ୍ୱିତୀୟ ମ୍ୟାଚ୍ ଖେଳିବ।

ଜାତୀୟ ବରିଷ୍ଠ ଆଥଲେଟିକ ଚାମ୍ପିଅନସିପ

# ଦିବ୍ୟା ଶାଣ୍ଡିଲ୍ୟଙ୍କୁ ରୌପ୍ୟ



କଟକ,୨୦।୮ (ସମିସ): ଚେନ୍ନାଇରେ ୬୪ତମ ଜାତୀୟ ଆନ୍ତଃରାଜ୍ୟ ବରିଷ୍ଠ ଆଥଲେଟିକ ଚାମ୍ପିଅନସିପ୍ ଆଜିଠାରୁ ଆରମ୍ଭ ହୋଇଛି। ଉଦ୍‌ଘାଟନୀ ଦିବସରେ ଓଡ଼ିଶାକୁ ଗୋଟିଏ ରୌପ୍ୟ ପଦକ ମିଳିଛି। ମହିଳା ହାମର୍ ଥ୍ରୋ ଇଭେଣ୍ଟରେ ଓଡ଼ିଆ ଆଥଲେଟ ଦିବ୍ୟା ଶାଣ୍ଡିଲ୍ୟ ୫୯.୫୮ ମିଟର ସଫଳତା ସହ ରୌପ୍ୟ ବିଜୟୀ ହୋଇଛନ୍ତି। ଏହି ଇଭେଣ୍ଟରେ ଉତ୍ତରପ୍ରଦେଶର ତାନ୍ୟା ଚୌଧୁରୀ ( ୬୩.୯୧ ମିଟର) ସ୍ୱର୍ଣ୍ଣ ଏବଂ ରାଜସ୍ଥାନର ମାୟା (୫୭.୫୭ ମିଟର) କାଂସ୍ୟ ପଦକ ଜିତିଛନ୍ତି। ସେହିପରି ପୁରୁଷ ୪୦୦ମିଟର ଦୌଡ଼ରେ ଆସ୍ତିକ ପ୍ରଧାନ ଫାଇନାଲ ରାଉଣ୍ଡରେ ପ୍ରବେଶ କରିଛନ୍ତି। ୧୦୦ମିଟର ଉଭୟ ପୁରୁଷ ଏବଂ ମହିଳା ଇଭେଣ୍ଟରେ ଓଡ଼ିଶା ନିରାଶ ହୋଇଛି। ଶ୍ରାବଣୀ ନନ୍ଦ ୮ମ ସ୍ଥାନରେ ରହି ହିଟ୍ ଶେଷ କରିଥିବା ବେଳେ ଡିଏମ ଜୟରାମ ୬ଷ୍ଠ ଓ ଶରୁଣ ପାୟାସିଂହ ୭ମ ସ୍ଥାନରେ ରହିଥିଲେ। ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି ଚାମ୍ପିଅନସିପ୍‌ରେ ଓଡ଼ିଶାର ମୋଟ ୨୩ଜଣ ଆଥଲେଟ ଭାଗ ନେଇଥିବା ବେଳେ ଏମାନଙ୍କ ମଧ୍ୟରେ ୧୪ଜଣ ପୁରୁଷ ଏବଂ ୯ଜଣ ମହିଳା ଖେଳାଳି ରହିଥିବା ଓଡ଼ିଶା ଆଥଲେଟିକ ଆସୋସିଏସନ ପକ୍ଷରୁ ସୂଚନା ଦିଆଯାଇଛି।

# 'ଆୟର, ସୁନ୍ଦରଙ୍କ ରାସ୍ତା ଶେଷ ହୋଇନାହିଁ'



ମୁମ୍ବଇ,୨୦।୮ (ଏଜେନ୍ସି):

ଏସିଆ କପ୍ ଟି-୨୦ ଟୁର୍ଣ୍ଣାମେଣ୍ଟ ଲାଗି ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱରେ ଗତକାଲି ବରିଷ୍ଠ ଚୟନ କମିଟି ୧୫ ଜଣିଆ ଦଳ ଘୋଷଣା କରିଛି। ଏହି ଦଳରେ କିଛି ତାରକା ଏବଂ ଫର୍ମରେ ଥିବା ଖେଳାଳି ଯଥା ଓପନର ଯଶସ୍ୱୀ ଜୟସ୍ୱାଲ, ଶ୍ରେୟସ ଆୟର, ୱାଶିଂଟନ ସୁନ୍ଦର ଓ ପ୍ରସିଦ୍ଧ କ୍ରିଷ୍ଣାଙ୍କୁ ସାମିଲ କରାଯାଇ ନ ଥିବାରୁ ଚୟନ କମିଟିକୁ ବିରୋଧ ଓ ସମାଲୋଚନା କରାଯାଉଛି। ବିଶେଷ କରି ଆଇପିଏଲ୍‌ର ୨୦୨୪ରେ କୋଲକାତାକୁ ଚାମ୍ପିଅନ ଓ ୨୦୨୫ରେ ପଞ୍ଜାବ କିଙ୍ଗ୍‌ସକୁ ରନର୍ସ ଅପ୍ କରାଇଥିବା ଶ୍ରେୟସ ଆୟରଙ୍କୁ ସାମିଲ କରାଯାଇ ନ ଥିବାରୁ ଚୟନ ପ୍ରକ୍ରିୟାକୁ ନେଇ ସନ୍ଦେହ ପ୍ରକଟ କରାଯାଇଛି। କେଉଁ ଆଧାରରେ ଆୟରଙ୍କୁ ବାଦ୍ ଦିଆଯିବ ତାହାକୁ ନେଇ ସବୁଆଡେ ଚର୍ଚ୍ଚା। ଫର୍ମ ହେଉ ଅବା ଫିଟ୍‌ନେସ୍, ଟି-୨୦ ହେଉ ଅବା ଡେଜ୍ ଗେମ୍‌ରେ ଆୟର ଗତ କିଛି ଦିନ ଧରି ବେଶ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ଏସିଆ କପ୍ ଟି-୨୦ ଫର୍ମାଟରେ ଖେଳାଯାଉଥିବାରୁ ଆୟର ଏହି ଫର୍ମାଟରେ ସବୁଠାରୁ ଭଲ ଫର୍ମରେ ଅଛନ୍ତି। ଏପରିକି ଦଳରେ ସ୍ଥାନ ପାଇଥିବା ଓପନର ଅଭିଷେକ ଶର୍ମା, ସଞ୍ଜୁ ସାମସନ ଓ ତିଳକ ବର୍ମାଙ୍କ ଅପେକ୍ଷା ଆୟର ଆଇପିଏଲ୍‌ରେ ଅଧିକ ରନ୍ କରିଛନ୍ତି ଓ ଅଧିକ ଗୁରୁତ୍ୱପୂର୍ଣ୍ଣ ଇନିଂସ ଖେଳିଛନ୍ତି। ଏଭଳି ଖେଳୁଥିବା ଜଣେ ଖେଳାଳିଙ୍କୁ ଦଳରେ ସ୍ଥାନ ନ ମିଳିବା, ଏପରିକି ଶ୍ରେଷ୍ଠ ୨୦ଜଣଙ୍କ ମଧ୍ୟରେ ସ୍ଥାନ ନ ଦେବା କେବଳ ଆୟର ନୁହେଁ ବରଂ ନିରପେକ୍ଷ ଭାରତୀୟ କ୍ରିକେଟ ସମର୍ଥକଙ୍କୁ ନିରାଶ କରିଛି। ଅନେକ ସମାଲୋଚକ ରିଙ୍କୁ ସିଂଙ୍କ ସାମିଲକୁ ନେଇ ପ୍ରଶ୍ନ ଉଠାଇଛନ୍ତି। କିନ୍ତୁ ରିଙ୍କୁଙ୍କ ସ୍ଥାନରେ ଆୟର ଫିଟ୍ ହେବେ ନାହିଁ ବୋଲି ଚୟନ କମିଟି ମୁଖ୍ୟ ଅଜିତ ଅଗରକର କହିଛନ୍ତି।

ତୀବ୍ର ଆଲୋଚନା ଓ ସମାଲୋଚନା ପରେ ଅଗରକର ଆଜି ପୁଣିଥରେ ତାଙ୍କ ପୁରୁଣା କଥା ଦୋହରାଇବା ସହ ଏହି ଦଳ କେବଳ ଗୋଟିଏ ଟୁର୍ଣ୍ଣାମେଣ୍ଟ ଲାଗି ଘୋଷଣା କରାଯାଇଛି। ଆମର ଲକ୍ଷ୍ୟ ରହିଛି ଘରୋଇ ମାଟିରେ ଖେଳାଯିବାକୁ ଥିବା ୨୦୨୬ ଟି-୨୦ ବିଶ୍ୱକପ୍ ଉପରେ। ଏହି ଟୁର୍ଣ୍ଣାମେଣ୍ଟ ଲାଗି ଆମକୁ ଶ୍ରେଷ୍ଠ ୨୦ଜଣ ଖେଳାଳିଙ୍କୁ ପ୍ରସ୍ତୁତ କରିବାକୁ ପଡ଼ିବ। ବିଶ୍ୱକପ୍ ଆରମ୍ଭ ପୂର୍ବରୁ ଆମକୁ ୨୦ରୁ ୨୨ଟି ଟି-୨୦ ଖେଳିବାର କାର୍ଯ୍ୟକ୍ରମ ରହିଛି। ୱେଷ୍ଟଇଣ୍ଡିଜ୍, ଅଷ୍ଟ୍ରେଲିଆ, ଦକ୍ଷିଣ ଆଫ୍ରିକା, ନ୍ୟୁଜିଲାଣ୍ଡ ଓ ଇଂଲଣ୍ଡ ଭଳି ଶକ୍ତିଶାଳୀ ଦଳ ବିପକ୍ଷରେ ଖେଳିବାର କାର୍ଯ୍ୟକ୍ରମ ରହିଛି। ଏହା ମଧ୍ୟରେ ଅନେକ କିଛି ପରିବର୍ତ୍ତନ ହେବ। ଦଳର କୋର ଖେଳାଳି ତିଷ୍ଠି ରହିବେ। କିନ୍ତୁ କିଛି ଖେଳାଳି ନିଶ୍ଚିତ ପରିବର୍ତ୍ତିତ ହେବେ। ବିଶ୍ୱକପ୍ ଲାଗି ଆମକୁ ଏହି ଟୁର୍ଣ୍ଣାମେଣ୍ଟରୁ ପ୍ରସ୍ତୁତି ହୋଇଛି। ସମସ୍ତ ଖେଳାଳିଙ୍କୁ ସୁଯୋଗ ମିଳିବ ଓ ସେମାନଙ୍କ ପ୍ରଦର୍ଶନ ଉପରେ ନଜର ରହିବ। ଏହା ବ୍ୟତୀତ ଆହତ ସମସ୍ୟା ମଧ୍ୟ ରହିଛି। ଫର୍ମ ଓ ଇଞ୍ଜୁରୀକୁ ମୁକାବିଲା କରିବା ପରେ ଯେଉଁ ଖେଳାଳିମାନେ ତିଷ୍ଠି ରହିବେ ସେମାନଙ୍କୁ ନିଶ୍ଚିତଭାବେ ଦଳରେ ସ୍ଥାନ ମିଳିବ ବୋଲି ଅଗରକର କହିଛନ୍ତି। ଏବେ ଆମେ ଦଳରେ ୩ଜଣ ଓପନରଙ୍କୁ ସାମିଲ କରିଛୁ। ଏଣୁ ଯଶସ୍ୱୀ ଜୟସ୍ୱାଲଙ୍କୁ ସ୍ଥାନ ଦେଇ ପାରିନୁ। ମିଡିଲ ଅର୍ଡରରେ ଲମ୍ବା ଲାଇନ୍। ଆୟରଙ୍କ ଲାଗି ଏଠାରେ ସ୍ଥାନ ନାହିଁ। ସେହିପରି ଏବେ ଦଳରେ କାମଚଳା ଅଭିଷେକ ଶର୍ମାଙ୍କ ସହ ୪ ଜଣ ସ୍ପିନର ରହିଛନ୍ତି। ଏଣୁ ସୁନ୍ଦରଙ୍କୁ ନେଇପାରିନୁ। ସେ ଯାହା ହେଉ ପ୍ରତିଭାରେ ଭରପୁର ଭାରତୀୟ ଖେଳାଳିମାନଙ୍କୁ ୧୫ଜଣଙ୍କ ମଧ୍ୟରେ ସୀମିତ ରଖିବା କଷ୍ଟକର। ଏହି ଦଳ ନିଶ୍ଚିତ ବଦଳିବ ଓ ସମସ୍ତ ଖେଳାଳି ସୁଯୋଗ ପାଇବେ ବୋଲି ଅଗରକର କହିଛନ୍ତି।

ରାଜ୍ୟ ପୁଲିସ୍ ଫୁଟବଲ ଉଦ୍‌ଘାଟିତ

# ସୁନ୍ଦରଗଡ଼, ଝାରସୁଗୁଡ଼ା, ବ୍ରହ୍ମପୁର ଜିଲ୍ଲା ବିଜୟୀ



ସୁନ୍ଦରଗଡ଼/ରାଉରକେଲା,୨୦।୮ (ସମିସ): ସୁନ୍ଦରଗଡ଼ ଷ୍ଟାଡିୟମ୍‌ରେ ବୁଧବାର ୮୦ତମ ରାଜ୍ୟ ପୁଲିସ୍ ଫୁଟବଲ ଟୁର୍ଣ୍ଣାମେଣ୍ଟକୁ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ରାଜେଶ କୁମାର ଆନୁଷ୍ଠାନିକ ଉଦ୍‌ଘାଟନ କରିଛନ୍ତି। ସେପ୍ଟେମ୍ବର ୩ ତାରିଖଯାଏ ଦୁଇଟି ପର୍ଯ୍ୟାୟରେ ଖେଳାଯିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ପୁଲିସ୍‌ର ୪୭ଟି ଦଳ ଭାଗନେଇଛନ୍ତି। ପ୍ରଥମ ପର୍ଯ୍ୟାୟରେ ୨୪ଟି ଦଳ ଅଗଷ୍ଟ ୨୦ରୁ ୨୪ ଯାଏ ଖେଳିବେ। ସେହିପରି ଅଗଷ୍ଟ ୨୬ରୁ ସେପ୍ଟେମ୍ବର ୩ ତାରିଖଯାଏ ହେବାକୁ ଥିବା ଦ୍ୱିତୀୟ ପର୍ଯ୍ୟାୟରେ ଆଉ ୨୩ଟି ଦଳ ଭାଗନେବେ।

ବୁଧବାର ଉଦ୍‌ଘାଟନୀ ଦିବସରେ ୫ଟି ମ୍ୟାଚ୍ ଖେଳାଯାଇଥିଲା। ଏହା ମଧ୍ୟରୁ ସୁନ୍ଦରଗଡ଼ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଉଦ୍‌ଘାଟନୀ ମ୍ୟାଚ୍‌ରେ ସୁନ୍ଦରଗଡ଼ ଜିଲ୍ଲା ପୁଲିସ୍ ୬-୦ ଗୋଲରେ ଭଞ୍ଜନଗରରେ ଥିବା ଅଷ୍ଟମ ସ୍ୱତନ୍ତ୍ର ଆଇଆର୍‌ବିଏନ୍‌କୁ ହରାଇଥିଲା। ଦ୍ୱିତୀୟ ମ୍ୟାଚ୍‌ରେ ଝାରସୁଗୁଡ଼ାର ଓଏସ୍‌ଏପି ଦ୍ୱିତୀୟ ବାଟାଲିୟନ ୪-୦ ଗୋଲରେ ଶକ୍ତିଶାଳୀ କମିଶନରେଟ ପୁଲିସ୍‌କୁ ହରାଇଛି। ଭବାନୀପୁର ଖେଳପଡ଼ିଆରେ ଅନୁଷ୍ଠିତ ତୃତୀୟ ମ୍ୟାଚ୍‌ରେ କୋରାପୁଟର ପ୍ରଥମ ଆଇଆର୍‌ବିଏନ୍ ୬-୦ ଗୋଲରେ ଢେଙ୍କାନାଳ ଜିଲ୍ଲା ପୁଲିସ୍‌କୁ ହରାଇଦେଇଛି। ଏଠାରେ ଖେଳାଯାଇଥିବା ଅନ୍ୟଏକ ମ୍ୟାଚ୍‌ରେ ଝାରସୁଗୁଡା ଜିଲ୍ଲା ପୁଲିସ୍ ୪-୧ ଗୋଲରେ ଦେବଗଡ଼ରେ ଥିବା ଚତୁର୍ଥ ଆଇଆର୍‌ବିଏନ୍‌କୁ ପରାସ୍ତ କରିଛି। ପଞ୍ଚମ ତଥା ପ୍ରଥମ ଦିନ ଖେଳାଯାଇଥିବା ଶେଷ ମ୍ୟାଚ୍‌ରେ ବ୍ରହ୍ମପୁର ଜିଲ୍ଲା ପୁଲିସ୍ ୨-୦ ଗୋଲରେ ଗଜପତିରେ ଥିବା ତୃତୀୟ ଏସ୍‌ଏସ୍‌ବିଏନ୍‌କୁ ପରାସ୍ତ କରିଛି।

ଉଦ୍‌ଘାଟନୀ ଉତ୍ସବରେ ଅନ୍ୟ ଅତିଥିମାନଙ୍କ ମଧ୍ୟରେ ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ କୁମାର ରାୟ, ସୁନ୍ଦରଗଡ ଜିଲ୍ଲାପାଳ ଡଃ ଶୁଭଙ୍କର ମହାପାତ୍ର, ସୁନ୍ଦରଗଡ଼ ଏସ୍‌ପି ପ୍ରତ୍ୟୁଷ ଦିବାକର, କେନ୍ଦୁଝର ଏସ୍‌ପି କୁଶଲକର ନିତିନ ଦାଗୁଡ୍ଡ, ରାଉରକେଲା ଏସ୍‌ପି ନିତେଶ ୱାଧାୱାନିଙ୍କ ସମେତ ଅନେକ ବରିଷ୍ଠ ପୁଲିସ୍ ଅଧିକାରୀ, ଖେଳାଳି ଓ ଅଫିସିଆଲ ଉପସ୍ଥିତ ଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS